# ଧରିତ୍ରୀ DHARITRI

50 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୦/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 20/2024 Page 16 ₹ 7.00

୫୦ଶ ଭାଗ ୩୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 325 ମୂଲ୍ୟ₹୭/-




## ସର୍ଫରାଜଙ୍କ ପ୍ରଥମ ଟେଷ୍ଟ ଶତକ

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ସର୍ଫରାଜ ଖାନ୍।

୧୬

୧୨

## 'ସ୍ତ୍ରୀ ୨': ଟିମ୍ ୱାର୍କକୁ ସଫଳତା

'ସ୍ତ୍ରୀ ୨' ଫିଲ୍ମର ସଫଳତା ପାଇଁ ଅଭିନେତ୍ରୀ ଶ୍ରଦ୍ଧା କପୁର ଏକ ସାକ୍ଷାତ୍କାରରେ ପୂରା ଟିମ୍‌କୁ ଶ୍ରେୟ ଦେଇଛନ୍ତି।



# ୧୨ ଘଣ୍ଟାରେ ୩୦ ବିମାନକୁ ବୋମା ଧମକ

**ଭାରତୀୟ ଏୟାରଲାଇନ୍ସଗୁଡ଼ିକୁ ସପ୍ତାହେ ହେଲା ବୋମା ଧମକ ମିଳିଆସୁଛି। ଶନିବାର ସବୁଠୁ ଅଧିକ ୧୨ ଘଣ୍ଟାରେ ୩୦ ବିମାନକୁ ବିସ୍ଫୋରଣ କରି ଉଡ଼ାଇ ଦେବାକୁ ଧମକ ମିଳିଛି। ଫଳରେ ବିମାନଗୁଡ଼ିକୁ ଜରୁରୀ ଅବତରଣ ଭଳି ସମସ୍ୟା ଭୋଗିବାକୁ ପଡୁଛି। ସମ୍ପ୍ରତି ପାର୍ବଣ ସମୟରେ ବିମାନ ଯାତ୍ରୀ ସଂଖ୍ୟା ପ୍ରାୟ ୬୦ ପ୍ରତିଶତ ବୃଦ୍ଧି ପାଇଛି। ଏଭଳି ଧମକ ଯୋଗୁ ଯାତ୍ରୀମାନେ ଭୟଭୀତ ହେବା ସହ ଯାତ୍ରାରେ ବିଳମ୍ବ ଘଟୁଛି। ଅନେକେ ସେମାନଙ୍କ ଯାତ୍ରା ବାତିଲ କରୁଛନ୍ତି। ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ ଏହି କ୍ଷତି ସହ ଫ୍ଲାଇଟ୍ ଜରୁରୀ ଅବତରଣଜନିତ ଖର୍ଚ୍ଚ ବୋଝ ବହନ କରିବାକୁ ପଡୁଛି। ଲଗାତର ଏଭଳି ବୋମା ଧମକ ମିଳିବା ପଛରେ ବିଦେଶରେ ରହିଥିବା ଭାରତ ବିରୋଧୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ହାତ ଥିବା ନେଇ ସୁରକ୍ଷା ଏଜେନ୍ସିଗୁଡ଼ିକ ତଦନ୍ତ ଚଳାଇଛନ୍ତି। ଭାରତର ଯୋଗାଯୋଗ, ପରିବହନ ବ୍ୟବସ୍ଥା ଏବଂ ଅର୍ଥନୀତିକୁ ଦୋହଲାଇଦେବାକୁ ଚାଲିଥିବା ଷଡ଼ଯନ୍ତ୍ର ବର୍ତ୍ତମାନ ଦେଶର ସୁରକ୍ଷା ଏଜେନ୍ସି ପାଇଁ ଚ୍ୟାଲେଞ୍ଜ ପାଲଟିଛି।**



**ନୂଆଦିଲ୍ଲୀ/ମୁମ୍ବାଇ,୧୯।୧୦**

ଏୟାର ଇଣ୍ଡିଆ, ଭିସ୍ତାରା, ଇଣ୍ଡିଗୋ ସମେତ ଭାରତୀୟ ଏୟାରଲାଇନ୍ସର ୩୦ରୁ ଊର୍ଦ୍ଧ୍ୱ ବିମାନକୁ ଶନିବାର ବୋମା ଧମକ ମିଳିଛି। ଏହାକୁ ମିଶାଇ ଚଳିତ ସପ୍ତାହରେ ବର୍ତ୍ତମାନ ସୁଦ୍ଧା ଅନ୍ୟୂନ ୭୦ ଭାରତୀୟ ବିମାନକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଥିବାବେଳେ ସେଗୁଡ଼ିକ ମିଛ ଧମକ ବା ହୋକ୍ସ କଲ୍ ବୋଲି ଯାଞ୍ଚରୁ ଜଣାପଡ଼ିଛି। ଶନିବାର ସକାଳଠାରୁ ୧୨ ଘଣ୍ଟା ମଧ୍ୟରେ ଇଣ୍ଡିଆନ୍ ଏୟାରଲାଇନ୍ସ ପରିଚାଳିତ ୩୦ରୁ ଊର୍ଦ୍ଧ୍ୱ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନକୁ ସୋସିଆଲ ମିଡିଆ ଯୋଗେ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିବାରୁ ଏହା ଉଭୟ ସରକାର ଏବଂ ବିମାନ କମ୍ପାନୀଗୁଡ଼ିକର ଚିନ୍ତା ବଢ଼ାଇ ଦେଇଥିବାବେଳେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ତେବେ କେଉଁଠୁ ଏଭଳି ବାର୍ତ୍ତା ଆସୁଛି ଏବଂ କିଏ ଏହାକୁ ପଠାଉଛନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ।

ଶନିବାର ଭିସ୍ତାରାର ଅନ୍ତର୍ଜାତୀୟ ରୁଟ୍‌ରେ ଚଳାଚଳ କରୁଥିବା ୫ଟି ବିମାନକୁ ସୋସିଆଲ ମିଡିଆରେ ଧମକ ମିଳିଥିବାବେଳେ ଇଣ୍ଡିଗୋର ୪ଟି ବିମାନ ଅନୁରୂପ ବାର୍ତ୍ତା ପାଇଛନ୍ତି। ☞ପୃଷ୍ଠା-୪

## ପ୍ରତି ଧମକପୂର୍ଣ୍ଣ କଲ୍ ପାଇଁ ୩ କୋଟି କ୍ଷତି

**ନୂଆଦିଲ୍ଲୀ,୧୯।୧୦**

ଇଣ୍ଡିଆନ୍ ଏୟାରଲାଇନ୍ସର ବିମାନଗୁଡ଼ିକୁ ବାରମ୍ବାର ବୋମା ଧମକ ମିଳୁଥିବାବେଳେ ପ୍ରତ୍ୟେକ ହୋକ୍ସ କଲ୍ ପାଇଁ ଏୟାରଲାଇନ୍ସଗୁଡ଼ିକୁ ୩ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ବୋମା ଧମକ ଯୋଗୁ ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୭୭କୁ ଦିଲ୍ଲୀରେ ଜରୁରୀ ଅବତରଣ କରାଯାଇଥିଲା। ଏଥିପାଇଁ କମ୍ପାନୀକୁ ୩ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ୫ ଦିନ ମଧ୍ୟରେ ହୋଇଥିବା ଧମକପୂର୍ଣ୍ଣ କଲ୍ ଯୋଗୁ ବିଭିନ୍ନ ଏୟାରଲାଇନ୍ସ ୮୦ କୋଟି ଟଙ୍କା ଆର୍ଥିକ କ୍ଷତି ସହିଲେଣି। ଏଭଳି ଧମକପୂର୍ଣ୍ଣ ବାର୍ତ୍ତା ପଠାଉଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଗତ ୧୪ ତାରିଖରେ ଏୟାର ଇଣ୍ଡିଆର ବୋଇଂ ୭୭୭ ମୁମ୍ବାଇରୁ ନ୍ୟୁୟର୍କ ଯିବା ପାଇଁ ସେଥିରେ ୧୩୦ ଟନ୍ ଜେଟ୍ ଇନ୍ଧନ ଭରାଯାଇଥିଲା। ଏହା ଉଡ଼ାଣ କରିବା ପରେ ବୋମା ☞ପୃଷ୍ଠା-୪

# ବାପପୁଅଙ୍କୁ ଏସିଡ୍ ମାଡ଼

**ତୁମୁଡିବନ୍ଧ,୧୯।୧୦**
**(ଦୀପକ କୁମାର ପରାସେଠ)**

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତ ବୁଢ଼ା କୁନ୍ଦେଲ ଗ୍ରାମରେ ଶୁକ୍ରବାର ରାତିରେ ଘରେ ଶୋଇଥିବା ବାପପୁଅଙ୍କୁ ଏସିଡ୍ ମାଡ଼ ହୋଇଛି। ସେମାନେ ହେଲେ ମୋହନ ପନ୍ଦର (୫୦) ଓ ପୁଅ ଅନୁଜ ପନ୍ଦର(୧୨)। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲିଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି। ପରିବାରର କାହାରି ସହିତ ଶତ୍ରୁତା ନ ଥିବା ବେଳେ କିଏ ଓ କାହିଁକି ଏପରି କଲେ ଜଣାପଡିନାହିଁ। ପୋଲିସ ଏହାର ତଦନ୍ତ କରୁଛି। ପୃଷ୍ଠା-୪

**ଜାନୁଆରୀ ୮ରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହ**
ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ଭୋଗିବାକୁ ବାଧ୍ୟ









# ୫ ବର୍ଷରେ ୫ ଲକ୍ଷ କୋଟି ନିବେଶ ଲକ୍ଷ୍ୟ



ମୁମ୍ବାଇଠାରେ ଶନିବାର ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା।

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

ପ୍ରଥମ କରି ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆସନ୍ତା ୨୦୨୫ରେ 'ଉତ୍କର୍ଷ ଓଡ଼ିଶା', 'ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ' ଆୟୋଜନ କରିବାକୁ ଯାଉଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ମୁମ୍ବାଇଠାରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଦେଶର ବଡ଼ ବଡ଼ ଶିଳ୍ପପତିମାନଙ୍କ ସହିତ ୱାନ

- **ୟୁରୋପ, ସିଙ୍ଗାପୁରରେ ହେବ ରୋଡ୍ ଶୋ**
- **ଅନୁକୂଳ ବାତାବରଣ ଯୋଗାଇ ଦେବାକୁ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି**

ଟୁ ୱାନ ଆଲୋଚନା କରି ଖଣିଜ ସମ୍ପଦଭରା ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଦେଶବିଦେଶର ବଡ଼ବଡ଼ ପୁଞ୍ଜିପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବ୍ୟବସାୟ ଅନୁକୂଳ ବାତାବରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଦିଲ୍ଲୀରେ ଆମ୍ବାସାଡର୍ସ ମିଟ୍‌ରେ ବିଭିନ୍ନ ଦେଶର ରାଜଦୂତ ଓ ଶିଳ୍ପପତିମାନଙ୍କ ସହିତ ଆଲୋଚନା କରିବା ପରେ ମୁମ୍ବାଇରେ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ଶିଳ୍ପପ୍ରତିଷ୍ଠା ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ☞ପୃଷ୍ଠା-୪

## ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାଫଳ ପ୍ରକାଶ

# ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର

**ଭୁବନେଶ୍ୱର,୧୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ୨୦୨୨ର ଫଳ ଶନିବାର ପ୍ରକାଶ ପାଇଛି। ମୋଟ ୬୮୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ପ୍ରିଙ୍କିଲ ପରବୀନ ପରିଡ଼ା, ତୃତୀୟ ସ୍ଥାନରେ ଦୀପ୍ତିରଞ୍ଜନ ପତି, ଚତୁର୍ଥ ସ୍ଥାନରେ ପ୍ରଜ୍ଞା ପାରଙ୍ଗମ, ପଞ୍ଚମ ସ୍ଥାନରେ ଆଜାଦ ସାହୁ, ଷଷ୍ଠ ସ୍ଥାନରେ ଦୀପମ୍ ରାଉତ, ସପ୍ତମ ସ୍ଥାନରେ ଦେବବ୍ରତ ଗୌଡ଼, ଅଷ୍ଟମ ସ୍ଥାନରେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ନବମ ସ୍ଥାନରେ କପିଳ କୁମାର ମହାନ୍ତି ଓ ଦଶମ ସ୍ଥାନରେ ଅମ୍ରିତା ସାହୁ ରହିଛନ୍ତି। ଟପ୍ ଟେନ୍‌ରେ ୫ ମହିଳା ଓ ୫ ପୁରୁଷ ରହିଛନ୍ତି। କୃତିତ୍ୱ ହାସଲ ☞ପୃଷ୍ଠା-୪

## 'ପ୍ରଥମ ଚେଷ୍ଟାରେ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି'



ପ୍ରଥମ ଚେଷ୍ଟାରେ ଓସିଏସ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବହୁତ ଖୁସି ଲାଗୁଛି। ମୋତେ ଜଣେ ଫୋନ୍ କରି ଏହି ଖୁସି ଖବର ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂ ପରେ ମୁଁ କର୍ପୋରେଟ୍ ସେକ୍ଟରରେ କାମ କରୁଥିଲି। ୩ବର୍ଷ ପରେ ଅର୍ଥାତ୍ ୨୦୨୨ରୁ ଚାକିରି ଛାଡ଼ି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲି। ପ୍ରତ୍ୟେକ ଦିନ ପ୍ରାୟ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲି। ମାତ୍ର ଭାବି ନ ଥିଲି ଯେ, ପ୍ରଥମ ସ୍ଥାନ ଅଧିକାର କରିବି। ମୋ ସଫଳତାର ଶ୍ରେୟ ପରିବାର ଲୋକଙ୍କ ସହ ସମସ୍ତ ଗୁରୁଜନଙ୍କୁ ଦେବି। ଆଗକୁ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଲକ୍ଷ୍ୟ ରଖିଛି। ଯେଉଁମାନେ ବି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି, ସେମାନେ ପରିଶ୍ରମ କରନ୍ତୁ। ବିନା ପରିଶ୍ରମରେ କିଛି ହେବ ନାହିଁ। ପରୀକ୍ଷାକୁ ମୁଖ୍ୟ ଲକ୍ଷ୍ୟ ଭାବି ପ୍ରସ୍ତୁତ ହୁଅନ୍ତୁ।

**-ଶ୍ୱେତାଶ୍ରୀ ମହାପାତ୍ର, ଓସିଏସ୍ ଟପ୍ପର, ଭଦ୍ରକ ଟାଉନସ୍ଥିତ ନ୍ୟୁ କଲୋନି**




## ସଂକ୍ଷେପରେ

### ୫ବର୍ଷୀୟ ବାଳିକାଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ,୧୯।୧୦

ଉତ୍ତରପ୍ରଦେଶର ବାଲିଆ ଜିଲାରେ ୫ ବର୍ଷର ବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ୩ ନାବାଳକଙ୍କୁ ପୋଲିସ ଅଟକ ରଖିଛି। ଅଭିଯୁକ୍ତମାନଙ୍କ ବୟସ ୬, ୧୩ ଏବଂ ୧୬ ବର୍ଷ ବୋଲି ପୋଲିସ କହିଛି। ଗତ ବୁଧବାର ସନ୍ଧ୍ୟାରେ କୋଟ୍ୱାଲି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୩ ନାବାଳକ ପୀଡ଼ିତାଙ୍କୁ ତାଙ୍କ ଘରର ଛାତ ଉପରେ ବଳାତ୍କାର କରିଥିଲେ। ସେମାନେ ଉକ୍ତ ଘରେ ଭଡ଼ାରେ ରହୁଥିଲେ। ପୀଡ଼ିତାଙ୍କ ମାଆ ଆଣିଥିବା ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଏବଂ ପୋକ୍‌ସୋ (ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା) ଆଇନ ଅନୁଯାୟୀ ମାମଲା ରୁଜୁ କରିଛି।

### ପ୍ରିୟଙ୍କାଙ୍କ ବିରୋଧରେ ଭାଜପାରୁ ଲଢ଼ିବେ ନଭ୍ୟା ହରିଦାସ

ୱାୟନାଡ୍ ଉପନିର୍ବାଚନ



ନୂଆଦିଲ୍ଲୀ,୧୯।୧୦

କେରଳର ୱାୟନାଡ୍ ଲୋକ ସଭା ଆସନ ପାଇଁ ନଭେମ୍ବର ୧୩ରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ ଭାଜପା ସେଠାରୁ ନଭ୍ୟା ହରିଦାସଙ୍କୁ ପ୍ରାର୍ଥୀ କରିଛି। ସେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବିରୋଧରେ ଲଢ଼ିବେ। ନଭ୍ୟା ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦିକା ଅଛନ୍ତି। ସେ କୋଝିକୋଡ୍ କର୍ପୋରେଶନରୁ ଦୁଇଥର କାଉନ୍‌ସିଲର ଥିଲେ ଏବଂ ୨୦୨୧ ବିଧାନସଭା ନିର୍ବାଚନରେ କୋଝିକୋଡ୍ ସାଉଥ୍ ଆସନରୁ ପ୍ରାର୍ଥୀ ହୋଇଥିଲେ। ରାହୁଲ ଗାନ୍ଧୀ ରାଏବରେଲିକୁ ରଖି ୱାୟନାଡ୍ ଆସନ ଛାଡ଼ିବାରୁ ସେଠାରେ ଉପନିର୍ବାଚନ ଆବଶ୍ୟକ ପଡ଼ିଥିଲା।

### ଏକନାଥଙ୍କ ଶିବସେନାରେ ଯୋଗଦେଲେ ଗୌରୀ ଲଙ୍କେଶ ହତ୍ୟା ଅଭିଯୁକ୍ତ

ଜାଲ୍‌ନା,୧୯।୧୦

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ସାମ୍ବାଦିକା ଗୌରୀ ଲଙ୍କେଶ ହତ୍ୟା ମାମଲାର ଅଭିଯୁକ୍ତ ଶ୍ରୀକାନ୍ତ ପଙ୍ଗରକର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନାରେ ସାମିଲ ହୋଇଛନ୍ତି।



୨୦୧୭ ସେପ୍ଟେମ୍ବର ୫ରେ ଗୌରୀ ଲଙ୍କେଶଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପଙ୍ଗରକରଙ୍କୁ ୨୦୧୮ ଅଗଷ୍ଟରେ ଗିରଫ କରାଯାଇଥିଲା। ଗତ ସେପ୍ଟେମ୍ବର ୪ରେ କର୍ନାଟକ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ୨୦୧୧ରେ ଶିବସେନାରୁ ଟିକେଟ ନ ମିଳିବାରୁ ସେ ଦଳ ଛାଡ଼ି ହିନ୍ଦୁ ଜନଜାଗୃତି ସମିତିରେ ଯୋଗ ଦେଇଥିଲେ। ସେ ଶୁକ୍ରବାର ପୂର୍ବତନ ମନ୍ତ୍ରୀ ଅର୍ଜୁନ ଖୋଟ୍‌କରଙ୍କ ଉପସ୍ଥିତିରେ ଶିବସେନାରେ ସାମିଲ ହୋଇଛନ୍ତି।



ଶ୍ରୀଲଙ୍କାର ମିନ୍ନେରିୟାରେ ଶନିବାର ଏକ ଇନ୍ଧନ ତୈଳ ବୋଝେଇ ଟ୍ରେନ୍ ହାତୀପଲକୁ ଧକ୍କାଦେଇ ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ୨ ହାତୀଙ୍କ ମୃତ୍ୟୁ ଘଟିଛି। ଆକାଶମାର୍ଗରୁ ଉତ୍ତୋଳିତ ଏକ ଭିଡିଓ ଫୁଟେଜ୍‌ରୁ ଏହି ଫଟୋ ନିଆଯାଇଛି।

### ଅପହରଣ ମାମଲାରେ ଗତବର୍ଷ ଦିଲ୍ଲୀରୁ ଗିରଫ ହୋଇଥିଲେ ବିକାଶ ଯାଦବ

ନୂଆଦିଲ୍ଲୀ,୧୯।୧୦



ଆମେରିକାରେ ଖଲିସ୍ତାନୀ ନେତା ଗୁରପତ୍‌ୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତି ନେଇ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ୱାଣ୍ଟେଡ୍ ତାଲିକାରେ ଥିବା ଭାରତର ପୂର୍ବତନ ଗୋଇନ୍ଦା ଅଧିକାରୀ ବିକାଶ ଯାଦବଙ୍କୁ ଏକ ଅପହରଣ ମାମଲାରେ ଗତବର୍ଷ ଦିଲ୍ଲୀରୁ ଗିରଫ କରାଯାଇଥିଲା। ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍‌ର ପୂର୍ବତନ ଅଧିକାରୀ ବିକାଶଙ୍କ ନାଁରେ ଆମେରିକାର ନ୍ୟାୟ ବିଭାଗ ହତ୍ୟା ପାଇଁ ସୁପାରି ନେବା ଏବଂ ମନିଲଣ୍ଡରିଂ ମାମଲା ରୁଜୁ କରିଛି। ପଶ୍ଚିମ ଦିଲ୍ଲୀ ରୋହିଣୀ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ଗତବର୍ଷ ଡିସେମ୍ବରରେ ଦିଲ୍ଲୀ ପୋଲିସ ବିକାଶଙ୍କୁ ଗିରଫ କରିଥିଲା। ଏପ୍ରିଲରେ ସେ ଜାମିନ ପାଇଥିଲେ। ୨୦୨୩ ଡିସେମ୍ବର ୧୧ରେ ବିକାଶ ବ୍ୟବସାୟୀଙ୍କୁ କୌଣସି ବିଷୟରେ ଆଲୋଚନା ପାଇଁ ଲୋଧି ରୋଡ୍‌କୁ ଡାକି ସେଠାରୁ ଅପହରଣ କରିନେଇଥିଲେ। ବ୍ୟବସାୟୀଙ୍କୁ ହତ୍ୟା କରିବା ପାଇଁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ତାଙ୍କୁ ଦାୟିତ୍ୱ ଦେଇଥିବା ବିକାଶ କହିଥିଲେ। ବିକାଶଙ୍କ ସହଯୋଗୀ ବ୍ୟବସାୟୀଙ୍କୁ ମାଡ଼ ମାରିବା ସହ ତାଙ୍କ ସୁନାଚେନ୍ ଓ ମୁଦି ନେଇଯିବା ସହ ତାଙ୍କ କାଫେରୁ ଟଙ୍କା ନେଇଯାଇଥିଲେ। ବ୍ୟବସାୟୀଙ୍କ ଏତଲାକ୍ରମେ ଡିସେମ୍ବର ୧୮ରେ ଦିଲ୍ଲୀ ପୋଲିସ ବିକାଶଙ୍କୁ ଗିରଫ କରିଥିଲା।

# ନିର୍ଣ୍ଣାୟକ ମୋଡ଼ରେ ମଧ୍ୟପ୍ରାଚ୍ୟ ଯୁଦ୍ଧ

**୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ପକ୍ଷରୁ ଇସ୍ରାଏଲ୍ ଉପରେ ଅତର୍କିତ ରକେଟ ମାଡ଼ କରାଯିବା ପରଠୁ ମଧ୍ୟପ୍ରାଚ୍ୟ ଜଳୁଛି। ପ୍ରତିଶୋଧପରାୟଣ ଇସ୍ରାଏଲ୍ ହମାସ୍ ସମେତ ଏହାର ସହଯୋଗୀ ସଙ୍ଗଠନ ହେଜ୍‌ବୋଲ୍ଲା ଓ ହୁତିର ଆତଙ୍କବାଦୀମାନଙ୍କୁ ନିପାତ କରିବାରେ ଲାଗିଛି। ଇତିମଧ୍ୟରେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ଅନେକ ଶୀର୍ଷ ନେତା ନିହତ ହେଲେଣି। ଦ୍ୱିତୀୟ ବର୍ଷ ଧରି ଯୁଦ୍ଧ ଜାରି ରହିଥିବାବେଳେ ହମାସ୍ ଅସ୍ତ୍ରତ୍ୟାଗ କରି ୧୦୧ ପଣବନ୍ଦୀଙ୍କୁ ଛାଡ଼ିଦେଲେ ୨୪ ଘଣ୍ଟା ଭିତରେ ଯୁଦ୍ଧ ବନ୍ଦ ହୋଇଯିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜାବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି। ଏହି ପ୍ରତିଶ୍ରୁତିର କିଛି ଘଣ୍ଟା ପରେ ଲେବାନନ୍‌ରୁ ହେଜ୍‌ବୋଲ୍ଲା ପକ୍ଷରୁ ନେତାନ୍ୟାହୁଙ୍କ ଘରକୁ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଆତଙ୍କବାଦୀଙ୍କ ମନୋବଳ ଯେ ଭାଙ୍ଗିନାହିଁ, ତାହା ଏହି ଡ୍ରୋନ୍ ମାଡ଼ରୁ ସ୍ପଷ୍ଟ ହୋଇଛି। ଇତିମଧ୍ୟରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ 'ହମାସ୍ ବଞ୍ଚିଛି ଏବଂ ତିଷ୍ଠି ରହିବ' ମନ୍ତବ୍ୟରୁ ଯୁଦ୍ଧାବସାନର ଆଶା ମଉଳିଯାଇଛି। ସମ୍ପ୍ରତି ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ଭୂମିକାକୁ ନେଇ ପ୍ରଶ୍ନ ଉଠିବା ସହ ମଧ୍ୟପ୍ରାଚ୍ୟ ଯୁଦ୍ଧ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି।**

## ନେତାନ୍ୟାହୁଙ୍କ ଘରେ ଡ୍ରୋନ୍ ଆକ୍ରମଣ

ଜେରୁଜେଲମ୍/ଗାଜା,୧୯।୧୦



ଲେବାନନ୍‌ର ଏକ ଡ୍ରୋନ୍ ଶନିବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ଘର ଉପରେ ମାଡ଼ କରିଛି। ଉତ୍ତର ଇସ୍ରାଏଲ୍‌ରେ ଥିବା ନେତାନ୍ୟାହୁଙ୍କ ହଲିଡେ' ହୋମ୍ ଡ୍ରୋନ୍ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବାବେଳେ କେହି ମୃତାହତ ହୋଇ ନାହାନ୍ତି। ଆକ୍ରମଣ ସମୟରେ ଉକ୍ତ ଘରେ ନେତାନ୍ୟାହୁ କିମ୍ବା ତାଙ୍କ ସ୍ତ୍ରୀ ନ ଥିଲେ। ଡ୍ରୋନ୍ ଆକ୍ରମଣ ପରେ ତେଲ୍ ଆଭିଭ୍ ସମେତ ସମଗ୍ର ଇସ୍ରାଏଲ୍‌ରେ ଏୟାର ରେଡ୍ ସାଇରନ୍ ବାଜିଥିଲା।

ନେତାନ୍ୟାହୁଙ୍କ ଜଣେ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ଲେବାନନ୍ ଛାଡ଼ିଥିବା ୩ଟି ଡ୍ରୋନ୍ ମଧ୍ୟରୁ ଗୋଟିଏ କାସାରିଆ ସହରରେ ଥିବା ନେତାନ୍ୟାହୁଙ୍କ ଘରେ ମାଡ଼ କରିଥିଲା। ଅନ୍ୟ ୨ଟି ଡ୍ରୋନ୍‌କୁ ଇସ୍ରାଏଲୀ ସେନା ପ୍ରତିହତ କରିଥିଲା। ଲେବାନନ୍‌ର ହେଜ୍‌ବୋଲ୍ଲା ଆତଙ୍କବାଦୀମାନେ ଶନିବାର ଉତ୍ତର ଇସ୍ରାଏଲ୍ ଉପରେ ଶତାଧିକ ରକେଟ ମାଡ଼ କରିଛନ୍ତି। ଏଥିରେ ଜଣକର ମୃତ୍ୟୁ ଘଟିବା ସହ ୧୩ ଜଣ ଆହତ ହୋଇଛନ୍ତି। ଗତବର୍ଷ ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ ହମାସ୍ ନେତା ୟାହୟା ସିନ୍‌ୱରଙ୍କୁ ଇସ୍ରାଏଲ୍ ହତ୍ୟା କରିବା ପରେ ହମାସ୍ ଅସ୍ତ୍ର ତ୍ୟାଗକଲେ ଯୁଦ୍ଧ ବନ୍ଦ ହେବ ବୋଲି ନେତାନ୍ୟାହୁ କହିଥିଲେ। ଏହାର ଦିନକ ପରେ ହେଜ୍‌ବୋଲ୍ଲ ପକ୍ଷରୁ ତାଙ୍କ ଘରକୁ ଟାର୍ଗେଟ କରାଯାଇଛି। ହମାସ୍ ଆକ୍ରମଣ ଜାରି ରଖିବ ବୋଲି ଇରାନର ସୁପ୍ରିମ୍ ଲିଡର ଆୟାତୋଲା ଅଲି ଖାମେନେଇ କହିଛନ୍ତି।

ଅନ୍ୟପକ୍ଷରେ ଗାଜାର ଉତ୍ତର ଭାଗରେ ଥିବା କେତେକ ହସ୍ପିଟାଲ ଓ ବିସ୍ଥାପିତ ଆଶ୍ରୟ ନେଇଥିବା ସ୍କୁଲ୍ ଉପରେ ଇସ୍ରାଏଲୀ ସେନା ଆକ୍ରମଣ କରିବାରୁ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍)ର କହିବା ଅନୁଯାୟୀ ଗାଜା ଷ୍ଟ୍ରିପ୍‌ରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି। ଯୁଦ୍ଧରେ ସମ୍ପୃକ୍ତ ନ ଥିବା ଲୋକେ ଉକ୍ତ ଅଞ୍ଚଳ ଖାଲି କରିବାକୁ କୁହାଯାଇଥିଲା। ହମାସ୍ ଆତଙ୍କବାଦୀମାନେ ସୁରକ୍ଷା ପାଇଁ ଉକ୍ତ ହସ୍ପିଟାଲ ଓ ସ୍କୁଲ୍‌କୁ ବ୍ୟବହାର କରୁଥିବାରୁ ନିରୀହ ଲୋକେ ଆକ୍ରମଣର ଶିକାର ହେଉଛନ୍ତି। ଗାଜାରେ ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ଦିନରୁ ହମାସ୍‌ର ସହଯୋଗୀ ତଥା ଇରାନ ସମର୍ଥିତ ହେଜ୍‌ବୋଲ୍ଲା ଏହାକୁ ଟାର୍ଗେଟ କରି ଚାଲିଛି। ଇସ୍ରାଏଲ୍‌କୁ ଅଧିକ ସଂଖ୍ୟାରେ ଗାଇଡେଡ୍ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯିବ ବୋଲି ହେଜ୍‌ବୋଲ୍ଲା ଶୁକ୍ରବାର କହିଥିଲା।

## ଗାଜା ବାହାରୁ ନେତା ବାଛିବ ହମାସ୍

ହମାସ୍ ୟହୟା ସିନ୍‌ୱାରଙ୍କ ମୃତ୍ୟୁ ପରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ଗାଜା ବାହାରୁ ତାଙ୍କର ଉତ୍ତରାଧିକାରୀ ଭାବେ ଜଣେ ନୂଆ ରାଜନୈତିକ ନେତାଙ୍କୁ ବାଛିପାରେ। ହମାସ୍ ନେତା ଚୟନ ବେଳେ ଏହାର ମୁଖ୍ୟ ସମର୍ଥକ ଇରାନକୁ ଅଣଦେଖା କରିବ ନାହିଁ। କିନ୍ତୁ ଉପସାଗରୀୟ ଆରବ ରାଷ୍ଟ୍ର କାତାରର ସ୍ୱାର୍ଥକୁ ମଧ୍ୟ ଗୁରୁତ୍ୱ ଦେବ। ଗାଜାରେ ବର୍ଷାଧିକ ସମୟ ଧରି ଚାଲିଥିବା ଇସ୍ରାଏଲ ବିରୋଧୀ ଯୁଦ୍ଧରେ ୟହୟାଙ୍କ ଭାଇ ମହମ୍ମଦ ସିନ୍‌ୱାର ବଡ଼ ଭୂମିକା ନେଇପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ସିନ୍‌ୱାର ଇସ୍ରାଏଲ୍ ସହ ଯୁଦ୍ଧବେଳେ ଗତ ବୁଧବାର ନିହତ ହୋଇଥିଲେ। ଏହା ପୂର୍ବରୁ ଜୁଲାଇରେ ତତ୍କାଳୀନ ହମାସ୍ ମୁଖ୍ୟ ଇସ୍‌ମାଇଲ ହାନିୟେଙ୍କୁ ଇସ୍ରାଏଲ୍ ନିପାତ କରିଥିଲା।

## ଇସ୍ରାଏଲ୍ ଆକ୍ରମଣରେ ଆଉ ୫୦ ନିହତ

ପାଲେଷ୍ଟିନୀୟ ଏନ୍‌କ୍ଲେଭ୍‌ରେ ଇସ୍ରାଏଲୀ ସୈନ୍ୟ ଓ ଗାଜା ଫାଇଟରଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଶନିବାର ୨୪ ଘଣ୍ଟାରୁ କମ୍ ସମୟ ଭିତରେ ୫୦ରୁ ଊର୍ଦ୍ଧ୍ୱ ଗାଜାବାସୀ ନିହତ ହୋଇଛନ୍ତି। ସିନ୍‌ୱାରଙ୍କ ସମ୍ଭାବ୍ୟ ଉତ୍ତରାଧିକାରୀ କୁହାଯାଉଥିବା ତାଙ୍କ ଡେପୁଟି ଖଲିଲ୍ ଅଲ୍-ହୟୟା କହିଛନ୍ତି, ଇସ୍ରାଏଲ୍ ପ୍ରଥମେ ଗାଜାରେ ଯୁଦ୍ଧ ଶେଷକରି ସେନା ପ୍ରତ୍ୟାହାର କରୁ। ନଚେତ୍ ପଣବନ୍ଦୀମାନଙ୍କୁ ଛଡ଼ାଯିବ ନାହିଁ।

## ଯୁଦ୍ଧ ଜାରି ରହିବ: ଖାମେନେଇ



ଆୟାତୋଲ୍ଲା ଅଲୀ ଖାମେନେଇ

ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଶନିବାର ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ୍‌କୁ ପୁଣି ଧମକ ଦେଇଛନ୍ତି। ଖାମେନେଇ ଏକ୍ସ'ରେ କହିଛନ୍ତି, ହମାସ୍ ନେତା ୟହୟା ସିନ୍‌ୱାରଙ୍କ ମୃତ୍ୟୁ ଆମ ପାଇଁ ଯନ୍ତ୍ରଣାଦାୟକ। କିନ୍ତୁ ଏହା ସଙ୍ଗଠନର ପ୍ରତିରୋଧୀ ମେରୁଦଣ୍ଡକୁ ଦୋହଲାଇପାରିନାହିଁ। ହମାସ୍ ବଞ୍ଚିଛି ଏବଂ ବଞ୍ଚି ରହିବ।

### ମଣିପୁରରେ ପୁଣି ହିଂସା ଭିଆଇଲେ ଉଗ୍ରବାଦୀ

ଇମ୍ଫାଲ, ୧୯।୧୦

ମଣିପୁରରେ ହିଂସା ଥମିବାର ନାଁ ନେଉନାହିଁ। ଶନିବାର ଉଗ୍ରବାଦୀମାନେ ରାଜ୍ୟର ଜିରିବାମ ଜିଲାର ଏକ ଗ୍ରାମକୁ ଆକ୍ରମଣ କରିଛନ୍ତି। ବିଭିନ୍ନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରକୁ ବ୍ୟବହାର କରି ଉଗ୍ରବାଦୀମାନେ ଜିରିଗାମ ସହରଠାରୁ ୩୦ କି.ମି. ଦୂର ବୋରୋବେକରା ଥାନା ଅନ୍ତର୍ଗତ ଏକ ଗ୍ରାମକୁ ଟାର୍ଗେଟ କରି ଗୁଳି ଚଳାଇଥିଲେ। ସେହିପରି ଉଗ୍ରବାଦୀମାନେ ବୋମା ମଧ୍ୟ ଫିଙ୍ଗିଥିବା ନେଇ ସ୍ଥାନୀୟ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ଉଗ୍ରବାଦୀ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ(ସିଆର୍‌ପିଏଫ୍)ର କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ତେବେ ଏହି ହିଂସାରେ କେହି ମୃତାହତ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ଜିରିଗାମ ଜିଲାରେ ଅତିରିକ୍ତ ସୁରକ୍ଷା ବାହିନୀଙ୍କୁ ନିୟୋଜିତ କରାଯାଇଛି। ହିଂସା ବଢ଼ିବା ପରେ ପୋଲିସ ଉକ୍ତ ଗ୍ରାମରୁ ମହିଳା, ଶିଶୁ ଓ ବୃଦ୍ଧମାନଙ୍କୁ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଛି।

### ବିଜୟା କିଶୋର ରହାଟ୍‌କର ନୂତନ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା



ନୂଆଦିଲ୍ଲୀ, ୧୯।୧୦

କେନ୍ଦ୍ର ସରକାର ଶନିବାର ବିଜୟା କିଶୋର ରହାଟ୍‌କରଙ୍କୁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ)ର ଅଧ୍ୟକ୍ଷା ନିଯୁକ୍ତ କରିଛନ୍ତି। ବିଜୟା ପୂର୍ବତନ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମାଙ୍କର ସ୍ଥାନ ନେବେ। ଏନେଇ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜୟା ବର୍ତ୍ତମାନ ଭାଜପାର ରାଷ୍ଟ୍ରୀୟ ସମ୍ପାଦକ ଅଛନ୍ତି। ସେ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନଙ୍କ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ବିଜୟା ଛତ୍ରପତି ସଂଭାଜୀ ନଗରର ମେୟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେହିପରି ଡକ୍ଟର ଅର୍ଚ୍ଚନା ମଜୁମଦାରଙ୍କୁ ୩ ବର୍ଷ ପାଇଁ ଏନ୍‌ସିଡବ୍ଲ୍ୟୁର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି।

## କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଭାଇ, ପୁତୁରା ଅଟକ

ବେଙ୍ଗାଲୁରୁ,୧୯।୧୦

**ଭାଜପା ଟିକେଟ କରାଇଦେବା ନାଁରେ ୨ କୋଟି ଠକେଇ**

୨ କୋଟି ଟଙ୍କା ଠକେଇ ମାମଲାରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଭାଇ ଗୋପାଳ ଜୋଷୀ ଏବଂ ପୁତୁରା ଅଜୟ ଜୋଷୀଙ୍କୁ ବେଙ୍ଗାଲୁରୁ ପୋଲିସ ଶନିବାର ଅଟକ ରଖିଛି। ସେମାନଙ୍କ ବିରୋଧରେ ନାଗଥାନ୍‌ର ପୂର୍ବତନ ଜେଡିଏସ୍ ବିଧାୟକ ଦେବାନନ୍ଦ ଫୁଲସିଂ ଚଭନଙ୍କ ସ୍ତ୍ରୀ ସୁନୀତା ଚଭନ ଅଭିଯୋଗ ଦାଏର କରିଥିଲେ। ଗତ ମେ'ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନ ପାଇଁ ଭାଜପା ଟିକେଟ କରାଇଦେବାକୁ ସେମାନେ ସୁନୀତାଙ୍କଠାରୁ ୨ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଗୋପାଳ ଜୋଷୀଙ୍କୁ ମହାରାଷ୍ଟ୍ରର କୋହ୍ଲାପୁରରେ ଏବଂ ଅଜୟଙ୍କୁ ପୁଣେରେ ଅଟକ ରଖାଯାଇଛି। ମହାରାଷ୍ଟ୍ରରେ ଆଇନଗତ ପ୍ରକ୍ରିୟା ଶେଷ ପରେ ସେମାନଙ୍କୁ ବାସବେଶ୍ୱରନଗର ପୋଲିସ ବେଙ୍ଗାଲୁରୁ ଆଣିବ। ଠକେଇ ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଗୋପାଳଙ୍କୁ ଖୋଜା ଚାଲିଛି ବୋଲି ଶୁକ୍ରବାର କର୍ନାଟକ ଗୃହମନ୍ତ୍ରୀ କହିଥିଲେ।

## ଦଳିତଙ୍କୁ ଆକ୍ରମଣ: ୭ ଜଣଙ୍କ ନାଁରେ ମାମଲା

ଭାଦୋହି,୧୯।୧୦

ମନ୍ଦିର ପାଖ ହ୍ୟାଣ୍ଡପମ୍ପରୁ ପାଣି ନେବାରୁ ଜଣେ ଦଳିତ ଯୁବକଙ୍କୁ ମାଡ଼ ମାରିଥିବା ୭ ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଛି। ଜୁଲାଇ ୨୬ରେ ଅଭିଷେକ ଗୌତମ(୨୪) ନାମକ ଦଳିତ ଟ୍ୟୁବ୍‌ୱେଲ୍‌ରୁ ପାଣି ନେଉଥିବାବେଳେ ସବର୍ଣ୍ଣ ସମ୍ପ୍ରଦାୟର ୭ ଜଣ ତାଙ୍କ ଜାତିକୁ ନେଇ ଗାଳିଦେବା ସହ ମାଡ଼ ମାରି ତାଙ୍କ ବେକ ଉପରେ ଚଢ଼ିଯାଇଥିଲେ। ଟ୍ୟୁବ୍‌ୱେଲ୍‌ରୁ ପାଣି ନ ନେବା ଏବଂ ମନ୍ଦିରରେ ନ ବସିବାକୁ ତାଙ୍କୁ ପୂର୍ବରୁ ଧମକ ଦିଆଯାଇଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଗୌତମ ସ୍ୱତନ୍ତ୍ର ଅଦାଲତରେ ପିଟିଶନ ଦାଏର କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଶୁଟରଙ୍କ ମୋବାଇଲରେ ଜିସାନ ସିଦ୍ଦିକିଙ୍କ ଫଟୋ

ମୁମ୍ବାଇ, ୧୯।୧୦



ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପିର ବରିଷ୍ଠ ନେତା ବାବା ସିଦ୍ଦିକିଙ୍କୁ ଗତ ୧୨ ତାରିଖରେ ଗୁଳିକରି ହତ୍ୟା କରାଯାଇଥିଲା। ପୁଅ ତଥା ବିଧାୟକ ଜିସାନ ସିଦ୍ଦିକିଙ୍କର ମୁମ୍ବାଇର ବାନ୍ଦ୍ରାସ୍ଥିତ ଅଫିସ୍ ସମ୍ମୁଖରେ ୩ ଜଣ ଶୁଟର ବାବା ସିଦ୍ଦିକିଙ୍କୁ ଗୁଳି କରିଥିଲେ। ଗିରଫ ଶୁଟରଙ୍କ ଫୋନରୁ ଜିସାନ ସିଦ୍ଦିକିଙ୍କର ଫଟୋ ମିଳିଛି। ମେସେଜିଂ ଆପ୍ ସ୍ନାପଚାଟ ମାଧ୍ୟମରେ ବାବା ସିଦ୍ଦିକିଙ୍କ ହତ୍ୟାର ଷଡ଼ଯନ୍ତ୍ରକାରୀ ଜିସାନଙ୍କ ଫଟୋକୁ ଶୁଟରମାନଙ୍କୁ ଶେୟାର କରିଥିବା ପୋଲିସ କହିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ସ୍ନାପଚାଟ ମାଧ୍ୟମରେ ଶୁଟରମାନଙ୍କ ସମ୍ପର୍କରେ ରହୁଥିବା ନେଇ ପୋଲିସ ଜାଣିବାକୁ ପାଇଛି। ମାମଲାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡସ୍ଥଳରେ ଥିବା ୩ ଶୁଟରଙ୍କ ମଧ୍ୟରୁ ୨ ଜଣଙ୍କୁ ବର୍ତ୍ତମାନ ସୁଦ୍ଧା ଗିରଫ କରାଯାଇଛି। ଗୁରମୈଲ ବଲଜିତ ସିଂ(୨୩)ଙ୍କୁ ହରିୟାଣାରୁ ଗିରଫ କରାଯାଇଥିବାବେଳେ ଧର୍ମରାଜ କଶ୍ୟପ(୧୯)ଙ୍କୁ ୟୁପିରୁ ଗିରଫ କରାଯାଇଛି। ତେବେ ଶୁଟର ଶିବକୁମାର ଏବେ ମଧ୍ୟ ଫେରାର ଅଛନ୍ତି। ଶୁଟରଙ୍କ ମୋବାଇଲରୁ ଜିସାନଙ୍କ ଫଟୋ ମିଳିଥିବାରୁ ତାଙ୍କ ସୁରକ୍ଷାକୁ ବୃଦ୍ଧି କରାଯାଇଛି।

### ମଥୁରାରେ ୩ ପୋଲିସ ନିଲମ୍ବିତ

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଶୁଟର ଯୋଗେଶ୍ ଓରଫ୍ ରାଜୁଙ୍କ ଏକ ଭିଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମଥୁରାର ବରିଷ୍ଠ ଆରକ୍ଷୀ ଅଧୀକ୍ଷକ(ଏସ୍‌ଏସ୍‌ପି) ଶୈଳେଶ ପାଣ୍ଡେ ଶନିବାର ୩ ଜଣ ପୋଲିସ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରିଛନ୍ତି। ପୋଲିସ ହେପାଜତରେ ଥିବା ସମୟରେ ଯୋଗେଶ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥା ହୋଇ କହିଥିଲେ, ବାବା ସିଦ୍ଦିକିଙ୍କୁ ଗୁଳି କରାଯାଇ ଠିକ୍ କରାଯାଇଛି। ସେ ଭଲ ଲୋକ ନ ଥିଲେ। ତାଙ୍କର ବହୁଚର୍ଚ୍ଚିତ ଅପରାଧୀ ଦାଉଦ ଇବ୍ରାହିମଙ୍କ ସହ ସମ୍ପର୍କ ଥିଲା।



ମୁମ୍ବାଇରେ ଶନିବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭେଟିଛନ୍ତି। (ଫଟୋ: ପି.ଟି.)

# ବଦଳିବ ଆମ ଓଡ଼ିଶା, ନବୀନ ଓଡ଼ିଶା ନାଁ

## ଖୁବ୍‌ଶୀଘ୍ର ଆସିବ ଗାଇଡ୍‌ଲାଇନ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାର ନାମ ବଦଳିବ। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ନାଁରେ ପରିଚିତ ହେବ। ଆସନ୍ତା ଦୁଇ ତିନି ଦିନ ଭିତରେ ରାଜ୍ୟ ସରକାର ଏ ନେଇ ଗାଇଡ୍‌ଲାଇନ ଆଣିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ପଲ୍ଲିସଭାକୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତ ପ୍ରତିନିଧିଙ୍କୁ ଅଧିକ କ୍ଷମତା ମିଳିବ। ଲୋକଙ୍କ ପ୍ରସ୍ତାବ ଅନୁସାରେ ଗାଁ ଓ ପଞ୍ଚାୟତର ବିକାଶ ହେବ। ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯିବ। ଲୋକଙ୍କ ଆଭିମୁଖ୍ୟକୁ ନେଇ ଗାଇଡ୍‌ଲାଇନ ଅଣାଯିବ। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିଲା। ଏହାକୁ ନେଇ ସେମାନେ ବିଭିନ୍ନ ସମୟରେ ଆପତ୍ତି ଉଠାଇବା ସହ ଆନ୍ଦୋଳନକୁ ଓହ୍ଲାଇ ଥିଲେ। କୋଭିଡ୍ ସମୟରେ ପୂର୍ବ ସରକାର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଜିଲାପାଳ କ୍ଷମତା ଦେଇଥିଲେ। ପରେ ଏହାକୁ ହଟାଇ ଦେଇଥିଲେ। କିନ୍ତୁ ଭାଜପା ସରକାର ଲୋକଙ୍କ ଅନୁସାରେ କାମ କରିବ। ପଞ୍ଚାୟତ ପ୍ରତିନିଧିମାନଙ୍କୁ ସଶକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।




ନୂଆଦିଲ୍ଲୀର କନ୍‌ଷ୍ଟିଟ୍ୟୁଶନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଶନିବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା'କୁ କଂଗ୍ରେସ ନେତା ଜୟରାମ ରମେଶ, ଡ.କରଣ ସିଂ, ଲେଖିକା ପଲ୍ଲଭୀ ରେବାପ୍ରଗଡା ଏବଂ ବିଶିଷ୍ଟ ସାମ୍ବାଦିକ ତଥା ଟିଭି ବ୍ୟକ୍ତିତ୍ୱ ରାଜଦୀପ ସରଦେଶାଇ ଉନ୍ମୋଚନ କରୁଛନ୍ତି।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୨୨ରେ ଲଘୁଚାପ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ଶନିବାର ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୨ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହୋଇପାରେ। ଲଘୁଚାପ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇ ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖରୁ ୩ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଉପକୂଳ ଓଡ଼ିଶା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ୨୩, ୨୪ ଓ ୨୫ ତାରିଖ ମଧ୍ୟରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ବାତ୍ୟା ନେଇ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଆକଳନ କରାଯାଇ ନାହିଁ। ଲଘୁଚାପ ସୃଷ୍ଟି ହେବା ପରେ ଏ ନେଇ ଚିତ୍ର ସ୍ପଷ୍ଟହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଏବେ ବାତ୍ୟା ଆକଳନ କରି ହେବନି। ଲଘୁଚାପ କ୍ଷେତ୍ର ହେବା ପରେ ଏହାର ଗତି ଓ ସ୍ଥିତି ନେଇ କିଛିଟା ଚିତ୍ର ସ୍ପଷ୍ଟ ହେବ। ଆସନ୍ତା ୨୨ରୁ ବଙ୍ଗୋପସାଗର ଅଶାନ୍ତ ରହିବ। ୨୧ ସୁଦ୍ଧା ମତ୍ସ୍ୟଜୀବୀଙ୍କୁ ସ୍ଥଳଭାଗକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୨୩ରୁ ୨୫ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବିଶେଷକରି ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହୋଇପାରେ। ଯେହେତୁ ଅକ୍ଟୋବର ମାସ ବାତ୍ୟାକୁ ସୁହାଇଥାଏ। କେତେକ ପାଣିପାଗ ମଡେଲ୍ ଏହାକୁ ନେଇ ପୂର୍ବାନୁମାନ କରିଛନ୍ତି। ତଥାପି ଏବେ ବାତ୍ୟା ସ୍ଥିତି ଆକଳନ କରି ହେବନି ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ଦୁଇ ତିନି ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। କେଉଁଠି ଅସରାଏ କିମ୍ବା ଦି' ଅସରା ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ।

# ଜାନୁଆରୀ ୮ରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହ

## ■ ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ■ ପରିଚାଳନା କମିଟି, ଉପକମିଟି ଗଠିତ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

୨୦୨୫ ଜାନୁଆରୀ ୮ରୁ ୧୦ ଯାଏ ସ୍ଥାନୀୟ ଜନତା ମଇଦାନରେ ପ୍ରବାସୀ ଭାରତୀୟ ଦିବସ ସମାରୋହ ଅନୁଷ୍ଠିତ ହେବ। ସମାରୋହ ଆୟୋଜନ ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ପ୍ରବାସୀ ଭାରତୀୟ ଦିବସରେ ପ୍ରାୟ ୫୦୦୦ ଅଂଶଗ୍ରହଣକାରୀ ଭାଗନେବେ। କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀ, ଦେଶବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରବାସୀ ଭାରତୀୟ ଯୋଗଦେବେ।

ସମ୍ମିଳନୀର ପ୍ରଥମ ଦିବସରେ 'ଯୁବ ପ୍ରବାସୀ ଭାରତୀୟ ଦିବସ', ୨ୟ ଦିବସରେ ୧୮ତମ ପ୍ରବାସୀ ଭାରତୀୟ ଦିବସର ମୁଖ୍ୟ ସମାରୋହ ଓ ୩ୟ ଦିବସରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସରେ ପ୍ରଧାନମନ୍ତ୍ରୀ ଯୋଗଦେଇ ପ୍ରବାସୀ ଭାରତୀୟ ତୀର୍ଥ ଏକ୍ସପ୍ରେସ୍‌ର ଡିଜିଟାଲ ଫ୍ଲାଗଅପ୍ କରିବା କାର୍ଯ୍ୟକ୍ରମ ରହିଛି। ସମସ୍ତ ଦିବସରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବ।

ସମାରୋହକୁ ସୁଚାରୁରୂପେ ଅନୁଷ୍ଠିତ କରିବା ପାଇଁ ପରିଚାଳନା କମିଟି (ଷ୍ଟିଅରିଂ କମିଟି) ଏବଂ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି। ପରିଚାଳନା କମିଟିରେ କେନ୍ଦ୍ର ସରକାରଙ୍କ ବାଣିଜ୍ୟିକ, ପାସ୍‌ପୋର୍ଟ ଏବଂ ଭିଜା ଡିଭିଜନ ତଥା ଆନ୍ତର୍ଜାତିକ ବ୍ୟାପାର ସଚିବ ଅଧ୍ୟକ୍ଷ ଥିବାବେଳେ ବିଭିନ୍ନ ମନ୍ତ୍ରଣାଳୟର ୭ଜଣ ସଚିବଙ୍କ ସମେତ ଓଡ଼ିଶାରୁ ମୁଖ୍ୟ ଶାସନ ସଚିବ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଦସ୍ୟ ରହିଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ କମିଟିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହବିଭାଗ) ଅଧ୍ୟକ୍ଷ ଥିବାବେଳେ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ ସଦସ୍ୟ ରହିଛନ୍ତି। ବିଭିନ୍ନ କାର୍ଯ୍ୟ ପାଇଁ ଉପକମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ କମିଟିରେ ଓଡ଼ିଶା ସମେତ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିଛନ୍ତି। ପ୍ରବାସୀ ଭାରତୀୟ ଏବଂ ଅତିଥିଙ୍କ ରହଣି, କାର୍ଯ୍ୟକ୍ରମସ୍ଥଳର ପ୍ରସ୍ତୁତି ଓ ପରିଚାଳନା, ସହର ସୌନ୍ଦର୍ଯ୍ୟକରଣ, ପରିବହନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା, ଜରୁରିକାଳୀନ ସହାୟତା, ଗଣମାଧ୍ୟମ ଓ ଲୋକସମ୍ପର୍କ, ପ୍ରଦର୍ଶନୀ, ବିଭିନ୍ନ ଦେଶର ଷ୍ଟଲ, ଅଭ୍ୟର୍ଥନା, ଅର୍ଥ, ଇ-ଗଭର୍ନାନ୍ସ ଓ ଆଇଟି, ଖାଦ୍ୟ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଅତିଥିମାନଙ୍କ ଯାତାୟାତ ଆଦିନିମନ୍ତେ ଉପ କମିଟିମାନ ଗଠନ କରାଯାଇଛି।

ସମାରୋହର ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁବାର ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ହେବା ଆମ ପାଇଁ ସମ୍ମାନର ବିଷୟ। ଯେପରି ଏହି ଦିବସ ସଫଳତାର ସହ ଆୟୋଜନ ହେବ, ସେଥିପାଇଁ ସମସ୍ତଙ୍କୁ ମିଳିତ ଭାବେ ଉଦ୍ୟମ କରିବାକୁ ପଡ଼ିବ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।






**ଆଜିର ମନ୍ତବ୍ୟ**

"କେବଳ ନିର୍ବାଚନ ଏକ ଦେଶକୁ ଗଣତନ୍ତ୍ର କରେ ନାହିଁ, ବରଂ ଜନସାଧାରଣଙ୍କ ମତକୁ ଗ୍ରହଣ କରାଯିବା ଦ୍ୱାରା ହିଁ ଏହା ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥାଏ। –ସୋନମ୍ ୱାଙ୍ଗ୍‌ଚୁକ୍, ଜଳବାୟୁ କର୍ମୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରଜାପତି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଗୀତା ଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସକାଳ ୬ଟା ୩୦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୩୦।
- ଏଆଇପିଏଚ୍ ୟୁନିଭର୍ସିଟି ପକ୍ଷରୁ ହିମାଲୟାନ ଯୋଗ ଅଲିମ୍ପିଆଡ, ସ୍ଥାନ: ଉତ୍କଳ ସିଗ୍‌ନେଚର ବିଲ୍ଡିଂ, ସମୟ: ସକାଳ ୯ଟା।
- ଭୂମି ପୂଜା, ସ୍ଥାନ: କସ୍ତୁରବା ଖେଳପଡ଼ିଆ, ନୟାପଲ୍ଲୀ, ସମୟ: ସକାଳ ୯ଟା।
- ବିଶିଷ୍ଟ ସମାଜସେବୀ, ବରିଷ୍ଠ ସଙ୍ଗଠକ ପ୍ରଫୁଲ୍ଲ କୁମାର ଦାସଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ରୋଟାରୀ ଭବନ, ୟୁନିଟ୍–୯, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ରାଜ୍ୟସ୍ତରୀୟ ସାହିତ୍ୟିକ ସମାବେଶ, ସ୍ଥାନ: ଶହୀଦ ନଗର ବିଷ୍ଣୁ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ ଓ ଚର୍ଚ୍ଚାଆସର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ବିକାଶ ପରିଷଦ ସମ୍ମିଳନୀ, ସ୍ଥାନ: ଆର୍‌ସିଏମ୍ ସଭାଗୃହ, କଳିଙ୍ଗ ହସ୍ପିଟାଲ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ କ୍ୟାମ୍ପ 'ଜୁହାର', ସ୍ଥାନ: ରାଜ୍ୟ ମୁଖ୍ୟାଳୟ, ୟୁନିଟ୍– ୩, ସମୟ: ପୂର୍ବାହ୍ନ ୧୧ଟା ୩୦।
- କବି ଗୁରୁପ୍ରସାଦ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ଅପରାହ୍ନ ୪ଟା ୩୦।
- ସର୍ଗମ ମ୍ୟୁଜିକ୍ କ୍ଲାସେସ୍‌ର ପ୍ରତିଷ୍ଠା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସମବାୟ ସମିତି ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ରାତି ୭ଟା

## କଟକ

- ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: କଟକ ସଦର ବ୍ଲକ ପରମହଂସ ପଞ୍ଚାୟତ ସଫିପୁର ଗ୍ରାମର ମା' କୋଚିଲେଇ ପୀଠ, ସମୟ: ସକାଳ ୯ଟା।
- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଓ ପ୍ରତିଭା ସମ୍ମାନ ସମାରୋହ–୨୦୨୪, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା।
- ମା'ଗଜଲକ୍ଷ୍ମୀଙ୍କ ରୌପ୍ୟ ଜୟନ୍ତୀ ପୂଜା ଉତ୍ସବ ଉଦ୍‌ଯାପନ, ସ୍ଥାନ: ଶଙ୍ଖାମେରୀ ଗ୍ରାମ (ପାଟଣା ସାହି), ବଡ଼ମ୍ବା, ସମୟ: ରାତି ୮ଟା।

## ପୁରୀ

- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସକାଳ ୬ଟା।
- ଲିଟିଲ୍‌ଷ୍ଟାର ଗ୍ରୁପର ୨୩ତମ କୁମାର ଉତ୍ସବ 'ଫୁଲ ବଉଳ ବେଣୀ' ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦେବୀ ମଣ୍ଡପ ପଡ଼ିଆ, ହାଟ ଛକ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ସୁରକ୍ଷା ମଞ୍ଚ ଜଟଣୀ ପକ୍ଷରୁ ସମାଜସେବୀ ଶିବପ୍ରସାଦ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରୱାଲ ଧର୍ମଶାଳା, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୋରମରା ଚୌଘରି ଖେଳପଡ଼ିଆ, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଶିଶୁ ନାଟକ ମହୋତ୍ସବ ରୌପ୍ୟ ଜୟନ୍ତୀର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବ୍ଲକ୍‌ସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ଗୁଆଗଡ଼ିଆସ୍ଥିତ ଆର୍‌ବିଭିଏମ୍, ବାସୁଦେବପୁର, ସମୟ: ସକାଳ ୯ଟା।
- ପୂର୍ବତନ ବିଧାୟକ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରବି ଗ୍ରହଙ୍କ ମନ୍ଦିରରେ ପୂଜା, ହୋମ, ସ୍ଥାନ: ଡ଼ଅଁର, ହାଟଡିହୀ ସମୟ: ସକାଳ ୭ ଟା।
- ୧୪ ତମ ଚକ୍ରଧର ମେମୋରିଆ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ରଜିଆ, ସମୟ: ପୂର୍ବାହ୍ନ ୧୦ ଟା।
- ସତ୍ୟସାଇ ସମିତି ତରଫରୁ ଆଧାତ୍ମିକ ବାଲ ବିକାଶ ଶିକ୍ଷା ଏବଂ ଆଲୋଚନା, ସ୍ଥାନ: ମରିଗାଁ, କପୁଣ୍ଡି, ଇଂଚୋଳ, ଡଅଁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା, ସ୍ଥାନ: ହାଟଡ଼ିହୀ କଲେଜ ଏବଂ ହାଇସ୍କୁଲ, ଛେନାପଦୀ ବିଶ୍ୱ ତାରିଣୀ ମହିଳା କଲେଜ, ଶାସଙ୍ଗ ପଞ୍ଚାୟତ ହାଇସ୍କୁଲ, ସୁଲଣ ହାଇସ୍କୁଲ, ମୁଗୁପୁର ଏବଂ କଳିଙ୍ଗା ହାଇସ୍କୁଲ, ବଂଚୋ ଏବଂ ଅକରୁଆ ସ୍କୁଲ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ପ୍ରଶାନ୍ତ ସ୍ମୃତି ପରିଷଦ ପକ୍ଷରୁ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ମେଣ୍ଢାଖାଇ ଅରୋବିନ୍ଦ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗଜ ଲକ୍ଷ୍ମୀ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା, ବୈରାଟପୁର ଗ୍ରାମ ଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## ବ୍ରହ୍ମପୁର

- ବିଇଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ମାନସ ଭବନ,ସମୟ: ଅପରାହ୍ନ ୪ଟା।
- ଜ୍ୟୋର୍ତିବିଦ ତ୍ରିନାଥ ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ସନ୍ତୋଷୀ ମା' କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ସାହିତ୍ୟ ସମାଜର ସାହତ୍ୟ ଆସର,ସ୍ଥାନ:ଉତ୍କଳ ଆଶ୍ରମ ସଭା କକ୍ଷ,ସମୟ: ଅପରାହ୍ନ ୫ଟା ୩୦।

## ଜଗତ୍‌ସିଂହପୁର

- ବଡିଘର ମହୋତ୍ସବର ଉଦ୍‌ଯାପନୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଙ୍ଗତ ଏମ୍‌ପି ପ୍ରଭାତ କୁମାର ସାମନ୍ତରାୟଙ୍କ ପାଇଁ ପାରାଦୀପ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ସମୟ: ଅପରାହ୍ନ ୪ଟା। ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନର ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ୟୁନିୟନ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ନୂଆବଜାର ବଣିକସଂଘ ଗଜଲକ୍ଷ୍ମୀ ପୂଜାଭସାଣି କାର୍ଯ୍ୟକ୍ରମ, ସ୍ଥାନ: ସ୍ୱତନ୍ତ୍ର ବିସର୍ଜନ ଜଳାଶୟ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାଆ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ମଢ଼ିଆଳ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଲୋକକଳା ଉତ୍ସବ, ସ୍ଥାନ: ବ୍ଲକ ରୋଡ଼, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ : ଯାଜପୁର ରୋଡ ସଂସ୍କୃତି ଭବନ, ସମୟ : ସକାଳ ୮ଟା୩୦।

## ନୟାଗଡ଼

- କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟନ ମ୍ୟାଚରେ ଅଶୋକ କିଙ୍ଗସ୍ ବନାମ ଥଣ୍ଡର ବାଲୁଙ୍କେଶ୍ୱର, ସ୍ଥାନ:କଣ୍ଟିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍‌ର ସନ୍ଧ୍ୟା ମ୍ୟାଚରେ ଦିପୁ କିଙ୍ଗସ୍ ବନାମ ଇଶାନ ରୟାଲ, ସ୍ଥାନ:କଣ୍ଟିଲୋ ପଲଟନ ପଡିଆ, ସମୟ: ଅପରାହ୍ନ ୨ଟା।
- ଗଜଲକ୍ଷ୍ମୀଙ୍କ ଭସାଣି ପର୍ବ, ସ୍ଥାନ: ନୟାଗଡ଼ ରାଜାବଗିଚା ଲକ୍ଷ୍ମୀ ବଜାର, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ଗୁଣପୁର ପ୍ରିମିୟର୍ ଲିଗ୍ ନେଇ ଖେଳାଳି ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ରାଜଶ୍ରୀ ବିକ୍ରମ ୱାର୍କର୍ସ କ୍ଲବର ସାଧାରଣ ପରିଷଦ ବୈଠକ, ସ୍ଥାନ: କୋରାପୁଟ ବ୍ଲକ ଗୌଡ଼ଗୁଡ଼ା ଗ୍ରାମ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଶ୍ରୀମତୀ ସମ୍ବଲପୁର–୨୦୨୪ ଅନ୍ୱେଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସଭାକକ୍ଷ, ସମୟ : ସକାଳ ୯ଟା।
- ଓଡ଼ିଶା ଜୋଟ ପରିବାର ସମାବେଶ, ସ୍ଥାନ: ବୁଢାରଜା ହାଇସ୍କୁଲ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- କବି କୁମାର ହାସନଙ୍କ ଜୀବନ ଓ ସାହିତ୍ୟକୁ ସ୍ମୃତିଚାରଣ ଏବଂ ଅନ୍ତରଙ୍ଗ ଆଲୋଚନା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଗଜଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣୀ ମହୋତ୍ସବର ଶୋଭାଯାତ୍ରା, ସ୍ଥାନ: ମୁଦିପଡା, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁରୀ ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ ସମ୍ବଲପୁରୀ ପାର୍କ ସ୍ଥିତ ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଜନକପୁର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ଗଜଲକ୍ଷ୍ମୀ ପୂଜାରମ୍ଭ ଓ ରାମାୟଣ ପାରାୟଣର ତୃତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜାର ଚତୁର୍ଥ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀପୂଜାର ଉଦ୍‌ଯାପନୀ, ସ୍ଥାନ:ଡୁଙ୍ଗୁରିପାଲି ଗଣ୍ଡାପଡ଼ା, ସମୟ :ପୂର୍ବାହ୍ନ ୧୧ଟା।
- ରାମାୟଣ ପାରାୟଣ ଉଦ୍‌ଯାପନୀ, ସ୍ଥାନ:ରାମପୁର , ଡୁଙ୍ଗୁରିପାଲି ବ୍ଲକ, ସମୟ: ଅପରାହ୍ନ ୩ ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁର ଦରବାରର ଚତୁର୍ଥ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼

- ସି.କେ ନାଇଡୁ କ୍ରିକେଟ୍ ଟ୍ରଫି (ଓଡ଼ିଶା ବନାମ୍ ମହାରାଷ୍ଟ୍ର), ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍, ସ୍ଥାନ: ସାହୁ ସମାଜ କଲ୍ୟାଣ ମଣ୍ଡପ, କଲଙ୍ଗାପାଲି, ଗାଇସିଲେଟ୍, ସମୟ: ସକାଳ ୯ଟା।
- ସେହି ତିନିଦିନ ପୁସ୍ତକ ଉନ୍ମୋଚନ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୩ଟା।
- ରାଜପୁତ୍ ସମାଜର ନୂଆଁଖାଇ ଭେଟଘାଟ୍, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ପ୍ରତିଯୋଗିତା ଉଦଘାଟନୀ ଉତ୍ସବ,ସ୍ଥାନ:ସୁନ୍ଦରଗଡ ଭବାନୀପୁର ଖେଳ ପଡିଆ,ସମୟ: ଅପରାହ୍ନ ୪ଟା।

## ରାଉରକେଲା

- କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା କମ୍ପ୍ୟୁଟର ଟ୍ରେନିଂ ଲ୍ୟାବ ଉଦ୍‌ଘାଟନ, ସ୍ଥାନ: ଟୁସୁ ଭବନ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ଗୋପବନ୍ଧୁପାଲୀ ଛଟ୍‌ଘାଟ ସଫେଇ, ସ୍ଥାନ: ଗୋପବନ୍ଧୁପାଲି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବନ୍ଧଭିତ୍ତିକ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତମଞ୍ଚ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସେକ୍ଟର–୬, ଦୁର୍ଗାପୂଜା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶାର ଶକ୍ତି ଉପାସନା ଓ ଓଡ଼ିଆ ସାହିତ୍ୟ ସମାବେଶ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍‌ର ଉଦ୍‌ଯାପନ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍ଲେଟିକ୍ ଷ୍ଟାଡ଼ିୟମ, ସମୟ : ସନ୍ଧ୍ୟା ୬ଟା।
- ଲାୟନ୍ସ କ୍ଲବ ଅଫ୍ ବେଦବ୍ୟାସ କୋହିନୂର ପକ୍ଷରୁ କରୱା ଚୌଥ୍ ପର୍ବ ପାଳନ, ସ୍ଥାନ: ସେକ୍ଟର–୧୯ ସରୋବର କୋର୍ଟ, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧି ଏକାଡେମୀ ପକ୍ଷରୁ ହେମନ୍ତ ମହୋତ୍ସବ, ସ୍ଥାନ : ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୫ଟା।
- ସୁରତରଙ୍ଗ ପକ୍ଷରୁ ଅକ୍ଷୟ ଏକ ଅମ୍ଳାନ ସ୍ମୃତି କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ପ୍ରେସମିଟ୍, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଢେଲ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଫୁଟବଲ ମ୍ୟାଚ ଉଦ୍‌ଘାଟନ, ସ୍ଥାନ: କଣ୍ଢେଲ ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ବଣିଆ ସାହି ଗଜଲକ୍ଷ୍ମୀ ପୂଜା ବିସର୍ଜନ, ସ୍ଥାନ: ବଣିଆ ସାହିରୁ ନଗର ପରିକ୍ରମା, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ ସ୍ଥାନ: ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବାରକୋଟ ବ୍ଲକ କଣ୍ଢେଲ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ଓ ବିଶ୍ରାମ, ଭୁବନେଶ୍ୱର ଆରୀୟଂଶ ଡ୍ୟାସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଅନ୍ନପ୍ରସାଦ ବଣ୍ଟନ, ସ୍ଥାନ: କଣ୍ଢେଲ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ହ୍ୱିଡିଏଭି ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା (ଫୁଟ୍‌ବଲ ଓ ତୀରନ୍ଦାଜ) ଉଦ୍‌ଯାପନ, ସ୍ଥାନ: ଲାଞ୍ଜିଗଡ ବେଦାନ୍ତ ଟାଉନଶିପ ଖେଳପଡିଆ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି ଓ ବିସର୍ଜନ, ସ୍ଥାନ: କୋମନା ବ୍ଲକ ବେଲଗାଁ, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ସନ୍ଧ୍ୟା ୭ଟା ୩୦।
- ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ରାତ୍ର ୩ଟା।

## ବୌଦ୍ଧ

- ଶ୍ରୀମଦ୍‌ଦେବୀ ଭାଗବତ ନବଦୀନାତ୍ମକ ପାରାୟଣ ଓ ପ୍ରବଚନର ତୃତୀୟ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୁଡ ମନ୍ଦିର, ବୌଦ୍ଧ , ସମୟ: ସକାଳ ୮ଟା।
- ରୌପ୍ୟ ଜୟନ୍ତୀ ସମାରୋହ ଓ ଗଜଲକ୍ଷ୍ମୀ ପୂଜା ପଞ୍ଚମ ଦିନ ଅବସରରେ ସୁନ୍ଦରାକାଣ୍ଡ ଓ ପାରାୟଣ, ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ମାଧ୍ୟମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଫିସ୍ କାମରେ କେତେକ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। କୌଣସି ଆତ୍ମୀୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ବାଚନିକ ସହାୟତା ପାଇବେ। ବୃହସ୍ପତିଙ୍କ ପ୍ରଭାବରେ ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ିଲେ ଅବଶ୍ୟ କୃତକାର୍ଯ୍ୟ ହେବେ।

**ବୃଷ** ସପ୍ତମ କେନ୍ଦ୍ରସ୍ଥ ଶୁକ୍ରହେତୁ କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବାହାରେ ଅଧିକାଂଶ ସମୟ କଟାଇବା କାରଣରୁ ସାମୟିକ ନିଃସଙ୍ଗତାବୋଧ କରିପାରନ୍ତି। କଳା, ସାହିତ୍ୟ, ସଂଗୀତ ଓ କ୍ରୀଡ଼ା କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ।

**ମିଥୁନ** ରବିଙ୍କ ଯୋଗୁ ସହକର୍ମୀଙ୍କ ଅସହଯୋଗ ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସାଧାରଣ କଥାରେ ଖଳ ଲୋକମାନଙ୍କ ଦ୍ୱାରା କଳହ ଘେରରେ ଆକ୍ରାନ୍ତ ହୋଇ ପାରନ୍ତି। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଜମିଜମା, ନିର୍ମାଣ, କଳ କାରଖାନା କ୍ଷେତ୍ରରେ ସମସ୍ୟା ଲାଗି ରହିବ।

**କର୍କଟ** ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପାପଗ୍ରହ ଦୃଷ୍ଟ ଶୁକ୍ରଜନିତ ପାରିବାରିକ କଳହ କାରଣରୁ ସାୟାହ୍ନେ ଟେନସନ୍ ବଢ଼ିଯିବ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। କୋର୍ଟ କଚେରି କାର୍ଯ୍ୟରେ ଶୁଭଫଳ ପ୍ରାପ୍ତି।

**ସିଂହ** କାର୍ଯ୍ୟବ୍ୟସ୍ତ ଯୋଗୁ ପରିବାରର କେତେକ ଅତ୍ୟାବଶ୍ୟକ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ନିର୍ମାଣ, କଳା, ସାହିତ୍ୟ, ଲେଖାପଢ଼ା ପ୍ରଭୃତି କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ପ୍ଲଟିଂ କାରବାର, ଏଜେନ୍ସି, ସାମ୍ବାଦିକତାରେ ଆଶାଜନକ ଫଳ ପାଇବେ। କେତୁଙ୍କ ସ୍ଥିତି କାରଣରୁ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହେବେ।

**କନ୍ୟା** ବୁଧଙ୍କ ପ୍ରଭାବରେ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଅଟକି ରହିବ। ପାଇବାକୁ ଥିବା ଟଙ୍କା ପଇସା ମଧ୍ୟ ଠିକ୍ ସମୟରେ ପାଇ ପାରିବେ ନାହିଁ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ ଓ ପ୍ରତ୍ୟେକ କଥାକୁ ଠିକ୍ ଭାବରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁ ଓ ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** କୌଣସି କଥା ଠିକ୍ ଭାବେ ବିଚାର ନ କରି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିବେ। ମଙ୍ଗଳ ହେତୁକ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଅପେକ୍ଷା କରିଥିବା କାମଟି ଶୀଘ୍ର ହୋଇଯିବାର ଶୁଭ ସୂଚନା ପାଇବେ। ବ୍ୟବସାୟ, ପରିବହନ, ମାଲିମକଦ୍ଦମା, ସଭାସମିତି କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେବ।

**ବିଛା** ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେତେ ପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ସନ୍ତାନହେତୁକ ଚିନ୍ତା ଟଳିବ।

**ଧନୁ** ମାନସିକ ସ୍ଥିତି ସୁଦୃଢ଼ ରହିବ ଓ ହାତକୁ ନେଇଥିବା କାମ ହାସଲରେ କିଛି ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସହଜ ହେବ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମ୍ମାନିତ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଦବିବାଦରେ ଆପୋସ ସମାଧାନ ଘଟିବ।

**ମକର** ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ସକାଳ ସମୟଟି ଭଲ। ସୁସ୍ଥତା ଫେରି ଆସିବ, କିନ୍ତୁ ପରିକଳ୍ପିତ ଯୋଜନା କାର୍ଯ୍ୟକାରୀ ହୋଇ ପାରିବନାହିଁ।

**କୁମ୍ଭ** ଆଜି ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭଲ ସମ୍ପର୍କ ନଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କାମ ସକାଶେ ପଡ଼ୋଶୀଙ୍କ ସହ ଆଲୋଚନା କରିପାରନ୍ତି।

**ମୀନ** ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ବିଭିନ୍ନ ସମସ୍ୟାକୁ ଡାକି ଆଣିବ। ଶିଳ୍ପ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆଜିର ଭ୍ରମଣ ସହିତ ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଦୂରବନ୍ଧୁ ସମ୍ପର୍କ ବଢ଼ିବ।

ଆଜି ଅକ୍ଟୋବର ୨୦ ତାରିଖ, ବିଶ୍ୱ ଅଷ୍ଟିଓ ପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁ ଦିବସ, କାର୍ତ୍ତିକ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ରାଶିନକ୍ଷତ୍ର ଦିବା ଘ.୦୮।୩୨ ଗତେ, ରୋହିଣୀ/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା. ଘ.୦୬।୩୨ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୭ ଗତେ ଘ.୦୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୯ ଗତେ ଘ.୦୫।୧୫ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ୧୨ ଘଣ୍ଟାରେ ୩୦ ...

ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ପ୍ରୋଟୋକଲ ଅନୁଯାୟୀ କର୍ତ୍ତୃପକ୍ଷମାନଙ୍କୁ ତୁରନ୍ତ ସଜାଗ କରିଦିଆଯିବା ସହ ଆବଶ୍ୟକ ସୁରକ୍ଷା ଗ୍ରହଣ କରାଯାଇଥିଲା ବୋଲି ଏୟାରଲାଇନ୍ସର ଜଣେ ମୁଖପାତ୍ର କହିଛନ୍ତି। ଉଦୟପୁରରୁ ମୁମ୍ବାଇ ଯାଉଥିବା ଭିସ୍ତାରା ବିମାନ ୟୁକେ୬୨୪କୁ ଖୋଲା ସ୍ଥାନକୁ ନିଆଯାଇ ବାଧ୍ୟତାମୂଳକ ଯାଞ୍ଚ କରାଯାଇଥିଲା। ବିମାନରେ ବୋମା ଥିବା ନେଇ ଲାଭାଟୋରିରୁ ଏକ ନୋଟ୍ ମିଳିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଇଣ୍ଡିଗୋର ମୁମ୍ବାଇ–ଇସ୍ତାନବୁଲ, ଦିଲ୍ଲୀ–ଇସ୍ତାନବୁଲ, ଯୋଧପୁର–ଦିଲ୍ଲୀ ଏବଂ ହାଇଦ୍ରାବାଦ–ଚଣ୍ଡିଗଡ଼ ବିମାନରେ ବୋମା ଥିବା ନେଇ ଧମକ ମିଳିଥିଲା। ଯୋଧପୁର–ଦିଲ୍ଲୀ ବିମାନ ଜାତୀୟ ରାଜଧାନୀରେ ଅବତରଣ କରିବା ପରେ ଯାତ୍ରୀମାନେ ଓହ୍ଲାଇଯାଇଥିଲେ। ସେହିପରି ହାଇଦ୍ରାବାଦ–ଚଣ୍ଡିଗଡ଼ ଫ୍ଲାଇଟ୍ ଅବତରଣ କରିବା ପରେ ଏହାକୁ ନିରୋଳା ସ୍ଥାନକୁ ନିଆଯାଇ ଯାତ୍ରୀମାନଙ୍କୁ ନିରାପଦରେ ସହ ଓହ୍ଲାଇ ଦିଆଯାଇଥିଲା। ସେଠାରେ ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଶୁକ୍ରବାର ମଧ୍ୟ ଭିସ୍ତାରାର ୩ଟି ଅନ୍ତର୍ଜାତୀୟ ଫ୍ଲାଇଟ୍‌କୁ ଅନୁରୂପ କଲ୍ ମିଳିଥିଲା। ଗତ କିଛିଦିନ ମଧ୍ୟରେ ବିମାନଗୁଡ଼ିକୁ ମିଳିଥିବା ଧମକପୂର୍ଣ୍ଣ ବାର୍ତ୍ତା ମିଥ୍ୟା ପ୍ରମାଣିତ ହୋଇଛି। ଏଭଳି ଧମକ ରୋକିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କଠୋର ନିୟମାବଳୀ ପ୍ରଣୟନ କରିବାକୁ ଯାଉଛି। ଏଭଳି ଧମକ ପଠାଉଥିବା ବ୍ୟକ୍ତିଙ୍କୁ ନୋ–ଫ୍ଲାଏ ତାଲିକାରେ ରଖିବାକୁ ନିଷ୍ପତ୍ତି ହୋଇଛି।

## ପ୍ରତି ଧମକପୂର୍ଣ୍ଣ କଲ୍ ...

ଧମକ ମିଳିବାରୁ ୨ ଘଣ୍ଟା ମଧ୍ୟରେ ଏହାକୁ ଦିଲ୍ଲୀ ଫେରାଇ ଅଣାଯାଇ ଜରୁରୀ ଅବତରଣ କରାଯାଇଥିଲା। ବିମାନରେ ୧୩୦ ଟନ୍ ଇନ୍ଧନ ସହ ଯାତ୍ରୀ ଓ ସେମାନଙ୍କ ଲଗେଜକୁ ମିଶାଇ ବିମାନର ଓଜନ ୩୪୦ରୁ ୩୫୦ ଟନ୍ ଥିଲା। ବୋଇଂ ୭୭୭ର ସର୍ବାଧିକ ଲ୍ୟାଣ୍ଡିଂ ଓଜନ ୨୫୦ ଟନ୍ ହୋଇଥିବାରୁ ସୁରକ୍ଷିତ ଅବତରଣ ପାଇଁ ଆକାଶରେ ୧୦୦ ଟନ୍ ଇନ୍ଧନ ଜାଳିବା ଆବଶ୍ୟକ ପଡ଼ିଥିଲା। ସେଥିପାଇଁ ପାଇଲଟ ବିମାନକୁ ଆକାଶରେ ଅନେକ ଘେରା ଉଡ଼ାଇ ୧ କୋଟି ଟଙ୍କାର ଇନ୍ଧନ ନଷ୍ଟ କରାଇଥିଲେ। ଏଥିସହିତ ଏୟାରପୋର୍ଟରେ ଅବତରଣ ଦେୟ, ୨୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ହୋଟେଲ ରହଣି ଖର୍ଚ୍ଚ, ଯୋଗାଯୋଗ ହୋଇ ନ ପାରିବା ପାଇଁ କ୍ଷତିପୂରଣ, ଅବତରଣ ପରେ ସୁରକ୍ଷା ଯାଞ୍ଚ, ସାନି କ୍ରିଉ ବ୍ୟବସ୍ଥା କରିବା ଆଦି ପାଇଁ ବିପୁଳ ଅର୍ଥ ବ୍ୟୟ ହୋଇଥିଲା। ସେହିପରି ରିଟର୍ନ ଫ୍ଲାଇଟ୍ ସମୟ ବ୍ୟାଘାତ ହେବା କାରଣରୁ ଏୟାରଲାଇନ୍ସକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ଏସବୁକୁ ମିଶାଇଲେ ଗୋଟିଏ ମିଥ୍ୟା ଧମକ ପାଇଁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିବାକୁ ପଡୁଥିବା କେତେଜଣ ବରିଷ୍ଠ ଅଧିକାରୀ ଆକଳନ କରିଛନ୍ତି। ଗତ ରବିବାରଠାରୁ ଗୁରୁବାର ମଧ୍ୟରେ ଏହିପରି ୪୦ ହୋକ୍ସ କଲ୍ ମିଳିଥିବାରୁ ପାର୍ବଣ ଋତୁରେ ଏୟାରଲାଇନ୍ସଗୁଡ଼ିକୁ ବହୁକୋଟି ଟଙ୍କା ହରାଇବାକୁ ପଡ଼ିଲାଣି ବୋଲି ଜଣେ ଅଧିକାରୀ କହିଛନ୍ତି।

ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଦୁବାଇରୁ ଜୟପୁର ଫ୍ଲାଇଟ୍‌କୁ ଇମେଲ୍ ଯୋଗେ ଧମକ ମିଳିବାରୁ ଶନିବାର ଏହା ଜରୁରୀ ଅବତରଣ କରିଥିଲା। ଯାଞ୍ଚ ପରେ ବୋମା ନ ଥିବା ସ୍ପଷ୍ଟ ହୋଇଥିଲା। ସେହିପରି ୧୫ ତାରିଖରେ ଦିଲ୍ଲୀରୁ ଶିକାଗୋ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୭୭କୁ ଧମକ ମିଳିବାରୁ ଏହାକୁ କାନାଡାର ଇକାଲୁଏଟ୍ ସହରରେ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା। ସେଠାରେ ୩ ଘଣ୍ଟା ୩୦ ମିନିଟ୍ ରହଣି ପରେ ବିମାନ ବିନା ଯାତ୍ରୀରେ ଶିକାଗୋ ଯାଇଥିବାବେଳେ ଯାତ୍ରୀମାନଙ୍କୁ କାନାଡା ବାୟୁସେନାର ଏ୩୩୦ ବିମାନରେ ଶିକାଗୋ ନିଆଯାଇଥିଲା। ଏ ବାବଦ ବ୍ୟୟ ଏୟାର ଇଣ୍ଡିଆକୁ ଭରଣା କରିବାକୁ ପଡ଼ିଥିଲା। ଉକ୍ତ ମିଥ୍ୟା ଧମକ ଯୋଗୁ ଯାତ୍ରୀମାନଙ୍କ ରହଣି ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା, ଅନେକ ଦିନ ବିମାନ ଅଟକି ରହିବା ଆଦିକୁ ହିସାବ କଲେ ୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି। ଏଭଳି ହୋକ୍ସ କଲ୍‌କୁ 'ଆର୍ଥିକ ଆତଙ୍କବାଦ' ବୋଲି ଜଣେ ବରିଷ୍ଠ ଏୟାରଲାଇନ୍ସ ଅଫିସର କହିବା ସହ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

## ଶ୍ୱେତାଶ୍ରୀ ମହାପାତ୍ର ...

କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୨୫୮ଜଣ ମହିଳା ଅଛନ୍ତି। ଫଳାଫଳର ସମ୍ପୂର୍ଣ୍ଣ ତାଲିକା ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ସୂଚନାଯୋଗ୍ୟ, ଓପିଏସ୍‌ସି ପକ୍ଷରୁ ୨୦୨୨ବର୍ଷ ପାଇଁ ମୋଟ ୬୮୩ ପଦବୀ ଲାଗି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା କରାଯାଇଥିଲା। ଏଥିପାଇଁ ସମୁଦାୟ ୯୨ହଜାର ୯୧୪ ପ୍ରାର୍ଥୀ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୪୦ହଜାର ୫୮୬ଜଣ ପ୍ରାରମ୍ଭିକ ପରୀକ୍ଷା ଦେଇଥିଲେ। ଗତ ଫେବୃଆରୀ ୨୫ରୁ ମେନ୍ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୩ରେ ସରିଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ପାଇଁ ଗତ ସେପ୍ଟେମ୍ବର ୧୦ରୁ ପର୍ସନାଲିଟି ଟେଷ୍ଟ ଆରମ୍ଭ ହୋଇ ଅକ୍ଟୋବର ୭ ପର୍ଯ୍ୟନ୍ତ ଚାଲିଥିଲା।

## ବାପପୁଅଙ୍କୁ ଏସିଡ୍ ...

ଶୁକ୍ରବାର ରାତିରେ ମୋହନ ଓ ତାଙ୍କ ପୁଅ ଅନୁଜ ଖାଇସାରି ଘରେ ଗୋଟିଏ ଖଟରେ ଶୋଇଥିଲେ। ରାତି ପ୍ରାୟ ୨ଟାରେ କେହି ଦୁର୍ବୃତ୍ତ ଘରେ ପଶି ବାପପୁଅଙ୍କ ଉପରେ ଏସିଡ୍ ଫିଙ୍ଗି ଦୌଡ଼ି ପଳାଇଥିଲେ। ମୋହନଙ୍କ ମୁହଁ, ଛାତି, ହାତ ଏବଂ ଅନୁଜଙ୍କ ଛାତିରେ ଏସିଡ୍ ପଡ଼ିଥିବାରୁ ଉଭୟେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ମୋହନଙ୍କ ସ୍ତ୍ରୀ ଏହା ଜାଣିବା ପରେ ଆମ୍ବୁଲାନ୍ସକୁ ଫୋନ କରି ତୁମୁଡିବନ୍ଧ ଡାକ୍ତରଖାନାକୁ ଆଣିଥିଲେ। ଅନ୍ଧାର ରାତିରେ କିଏ ଏସିଡ୍ ଫିଙ୍ଗି ଦୌଡ଼ି ପଳାଇଲା ଜାଣି ପାରିଲିନି ବୋଲି ମୋହନ କହିଛନ୍ତି। ଏ ନେଇ ଅଭିଯୋଗକ୍ରମେ ତୁମୁଡିବନ୍ଧ ଥାନାରେ ନଂ.୧୩୪/୨୪ରେ ମାମଲା ରୁଜୁ କରାଯାଇଛି। ଶନିବାର ଡିଏସ୍‌ପି କମଳ କୁମାର ପଣ୍ଡା ଓ ଅତିରିକ୍ତ ଏସପି ବଳଭଦ୍ର ଦୀପ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରବିବାର ସାଇଣ୍ଟିଫିକ ଟିମ ଆସି ଅଧିକ ଛାନଭିନ୍ କରିବା ପରେ ଆକ୍ରମଣକାରୀଙ୍କୁ ଧରାଯିବ ବୋଲି ଥାନାଧିକାରୀ ଆଶୁତୋଷ ଜେନା କହିଛନ୍ତି।

## ୫ ବର୍ଷରେ ୫ ଲକ୍ଷ ...

ପୂର୍ଣ୍ଣ ଭରସା ଦେଇଛନ୍ତି। କେବଳ ସେତିକି ନୁହେଁ, ପ୍ରଥମ ଥର ପାଇଁ କନ୍‌କ୍ଲେଭରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟକୁ ସାକାର କରିବା ଲକ୍ଷ୍ୟରେ ୟୁରୋପ ଏବଂ ସିଙ୍ଗାପୁରରେ ମଧ୍ୟ ରୋଡ୍ ଶୋ ଆୟୋଜନ କରିବାକୁ ମୁଖ୍ୟମନ୍ତ୍ରୀ ଯୋଜନା କରିଛନ୍ତି। ଗତ ୩ଟି କନ୍‌କ୍ଲେଭଠାରୁ ରାଜ୍ୟରେ ବହୁଗୁଣା ପୁଞ୍ଜିନିବେଶ ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ କେନ୍ଦ୍ର ସରକାରଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ୟ ହାସଲ କରିବାକୁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଶନିବାର ମୁମ୍ବାଇଠାରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପ ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ଆଧୁନିକ ଶିଳ୍ପ ହବ୍‌ରେ ପରିଣତ ହେବାକୁ ଯାଉଛି। ଭାରତର ବେଷ୍ଟ ସିକ୍ରେଟ ରାଜ୍ୟ ଓଡ଼ିଶା ଏବେ ଉନ୍ମୋଚିତ ହେବାକୁ ପ୍ରସ୍ତୁତ ହେଉଛି। ଏହାର ସୁଯୋଗ ନେବାକୁ ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଆସନ୍ତା ୫ ବର୍ଷରେ ରାଜ୍ୟକୁ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆଗାମୀ ଦିନରେ ହାଇଦ୍ରାବାଦ, ବେଙ୍ଗାଲୁରୁ, ୟୁରୋପ ଏବଂ ସିଙ୍ଗାପୁରରେ ଏଭଳି ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ'ର ଆୟୋଜନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଘରୋଇ ଉତ୍ପାଦର ଉଚ୍ଚ ଅଭିବୃଦ୍ଧି, ଭୌଗୋଳିକ ଅବସ୍ଥିତି, ପ୍ରାକୃତିକ ସମ୍ପଦ, ବିସ୍ତୀର୍ଣ୍ଣ ବେଳାଭୂମି, ଭିତ୍ତିଭୂମି ଓ ବନ୍ଦର ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟ ସରକାର ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ଭୁବନେଶ୍ୱର ଠାରେ ଉତ୍କର୍ଷ ଓଡ଼ିଶା–ମେକ୍ ଇନ କନ୍‌କ୍ଲେଭ–୨୦୨୫ ଆୟୋଜନ କରିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଯୋଗରେ ଓଡ଼ିଶା ପୂର୍ବ ଭାରତର 'ପୂର୍ବୋଦୟ ବିକାଶ'ର କେନ୍ଦ୍ରବିନ୍ଦୁ ସାଜିବ। ଦେଶର ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମ ରାଜ୍ୟ ଦେଶର ଶିଳ୍ପ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି। ପ୍ରାକୃତିକ ସମ୍ପଦଭରା ଏହି ରାଜ୍ୟରେ କେମିକାଲ ଓ ପେଟ୍ରୋକେମିକାଲ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ସୁଯୋଗ ନେବାକୁ ନିବେଶକମାନଙ୍କୁ ଆମନ୍ତ୍ରଣ କରିବା ସହ ବିକଶିତ ଓଡ଼ିଶା ଲକ୍ଷ୍ୟରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ ନୂତନ ଶିଳ୍ପ ଯୁଗର ଅୟମାରମ୍ଭ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ରୂପାନ୍ତରୀକରଣ ଯାତ୍ରା କେବଳ ସମ୍ପଦ ଆଧାରିତ ଶିଳ୍ପ ଉପରେ ପର୍ଯ୍ୟବସିତ ନୁହେଁ, ଆମ ରାଜ୍ୟ ବର୍ତ୍ତମାନ ଦକ୍ଷତା ଭିତ୍ତିକ କ୍ଷେତ୍ର ଆଡ଼କୁ ଅଗ୍ରସର ହେଉଛି। ଆଇଟି, ଇଲେକ୍ଟ୍ରୋନିକ୍ସ, ମାନୁଫାକ୍ଚରିଂ, ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ, ପେଟ୍ରୋକେମିକାଲ୍ସ, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ଦେଶର ଭବିଷ୍ୟତ ଆଗେଇ ନେବାରେ ଓଡ଼ିଶା ଅଗ୍ରଣୀ ଭୂମିକା ନେଉଛି। ରାଜ୍ୟ ସରକାର ଶିଳ୍ପଭିତ୍ତିକ ଭିତ୍ତିଭୂମି ନିର୍ମାଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ବେକାର ଯୁବତୀଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ରାଜ୍ୟରେ ଦକ୍ଷ ମାନବ ସମ୍ବଳ ଭରପୂର ରହିଛି। ଏହାର ସୁଯୋଗ ନେଇ ନିଯୁକ୍ତି ଭିତ୍ତିକ ଶିଳ୍ପ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି।




# ସାପକାମୁଡ଼ାରେ ବାପଝିଅ ମୃତ

## ୭ ବର୍ଷରେ ୫ହଜାର ଜୀବନ ଗଲାଣି

**ହରଭଙ୍ଗା/ଫୁଲବାଣୀ,୧୯।୧୦ (ନରେନ୍ଦ୍ର କୁମାର ସାହୁ/ ରାକେଶ କୁମାର ରାଉତ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ଚାରିଛକ ବଜାର ନିକଟସ୍ଥ ଠିଡ଼ିକାଯୋର ଗ୍ରାମରେ ସାପକାମୁଡ଼ାରେ ବାପଝିଅଙ୍କ ଜୀବନ ଯାଇଛି। ମୃତକ ହେଲେ ସୁଶାନ୍ତ କହଁର (୪୬) ଏବଂ ତାଙ୍କ ଝିଅ ଶୁଭସ୍ମିତା (୧୬)। ସୁଶାନ୍ତଙ୍କ ଘର କନ୍ଧମାଳ ଜିଲା ଗୁମାଗଡ଼ରେ ହୋଇଥିବାବେଳେ ସେ ଦୀର୍ଘ ୨୦ ବର୍ଷରୁ ଅଧିକ ହେବ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିଲେ। ବର୍ତ୍ତମାନ ସେ ହରଭଙ୍ଗା ବ୍ଲକର ମାର୍ଦ୍ଦିଙ୍ଗ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଠିଡ଼ିକାଯୋର ଗ୍ରାମରେ ଏକ ଭଡ଼ାଘରେ ପରିବାର ସହ ରହିଆସୁଥିଲେ। ଶୁକ୍ରବାର ରାତିରେ ଖଟ ଉପରେ ଶୋଇଥିବାବେଳେ ଏକ ସାପ ସୁଶାନ୍ତଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ଏଥିସହିତ ନିକଟରେ ତଳେ ଶୋଇଥିବା ଶୁଭସ୍ମିତାଙ୍କ ଗୋଡ଼କୁ ମଧ୍ୟ ସାପ କାମୁଡ଼ିଥିଲା। ସୁଶାନ୍ତଙ୍କ ସ୍ତ୍ରୀ ଟିକିଏ ଦୂରରେ ଶୋଇଥିବାରୁ ବର୍ତ୍ତିଯାଇଥିଲେ। ସାପ କାମୁଡ଼ିବାର କିଛି ସମୟ ପରେ ଶୁଭସ୍ମିତା ଉଠି ଛାତିରେ ଯନ୍ତ୍ରଣା ହେଉଥିବା କହିବା ପରେ ବାପା ସୁଶାନ୍ତ ମଧ୍ୟ ମୁଣ୍ଡ ବୁଲାଇ ହେଉଥିବା କହିଥିଲେ। ଗୋଡ଼ରେ ସାପ କାମୁଡ଼ା ଖଣ୍ଡିଆ ଦେଖି ପାଖରେ ରହୁଥିବା ଅନ୍ୟ ଜଣେ ଶିକ୍ଷକଙ୍କୁ ଖବର ଦେଇଥିଲେ। ରାତିରେ ଉଭୟଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା କ୍ଷଣି ଶୁଭସ୍ମିତାଙ୍କ ଓ କିଛି ସମୟ ପରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଶୁଭସ୍ମିତା ଏକ ବେସରକାରୀ ମହାବିଦ୍ୟାଳୟରେ ଯୁକ୍ତ ୨ ବର୍ଷର ଛାତ୍ରୀ ଥିବାବେଳେ ଦଶହରା ଛୁଟି ଥିବାରୁ ଘରକୁ ଆସିଥିଲେ। ସୁଶାନ୍ତଙ୍କ ପୁଅ ବାହାରେ ପଢୁଥିବାରୁ ଘରକୁ ଆସି ନ ଥିଲେ। ଶିକ୍ଷକଙ୍କ ମୃତ୍ୟୁ ଖବର ପାଇବା ପରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ନିଜ ଗ୍ରାମ ଗୁମାଗଡ଼ରେ ମୃତଦେହ ସତ୍କାର ହୋଇଛି। ଏହି ଘଟଣା ନେଇ ହରଭଙ୍ଗା ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଶୋକପ୍ରକାଶ କରାଯାଇଛି।

ଓଡ଼ିଶାରେ ସାପକାମୁଡ଼ା ଜନିତ ମୃତ୍ୟୁ ଏକ ଚିନ୍ତାର ବିଷୟ ହେଲାଣି। ରାଜ୍ୟରେ ବିପର୍ଯ୍ୟୟଜନିତ ମୃତ୍ୟୁକୁ ଦେଖିଲେ ସାପ କାମୁଡ଼ାରେ କେବଳ ୪୦ପ୍ରତିଶତଙ୍କ ମୃତ୍ୟୁ ଘଟୁଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାକୃତିକ ଦୁର୍ବିପାକ ସମ୍ପର୍କିତ ପ୍ରକାଶ ପାଇଥିବା ବାର୍ଷିକ ରିପୋର୍ଟ ଅନୁସାରେ ୨୦୨୧-୨୨ ବର୍ଷରେ ରାଜ୍ୟରେ ସାପ କାମୁଡ଼ାରେ ୮୪୪ଜଣଙ୍କ ମୃତ୍ୟୁ ଘଟିଛି। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ୨୦୧୫-୧୬ ରୁ ୨୦୨୨-୨୩ ଗତ ୭ବର୍ଷ ମଧ୍ୟରେ ରାଜ୍ୟରେ ୫ହଜାର ଲୋକଙ୍କ ସାପ କାମୁଡ଼ାରେ ଜୀବନ ଯାଇଛି।


ଶିକ୍ଷକ ଓ ତାଙ୍କ ଝିଅଙ୍କ ଫାଇଲ ଫଟୋ।

# ୨.୫ ଲକ୍ଷ ହେକ୍ଟର ଜମିରେ ଅଣଧାନ ଫସଲ ପାଇଁ ଆର୍ଥିକ ସହାୟତା ଦାବିକଲା ଓଡ଼ିଶା

## ଜାତୀୟ ରବି ଫସଲ ସମ୍ମିଳନୀ

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଡାଲି ଓ ତୈଳବୀଜ ଫସଲ ସକାଶେ ୨.୫ ଲକ୍ଷ ହେକ୍ଟର ଜମି ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜାତୀୟ ରବି ଫସଲ ସମ୍ମିଳନୀରେ ଯୋଗଦେଇ ଦାବି କରିଛନ୍ତି। ଏଥିସହ ସୂର୍ଯ୍ୟମୁଖୀ, ଚିନାବାଦାମ ଚାଷ ସହ ମହୁମାଛି ପାଳନ ନିମନ୍ତେ ହେକ୍ଟର ପ୍ରତି କ୍ଷେତ୍ର ପ୍ରଦର୍ଶନ ଖର୍ଚ୍ଚକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ନିକଟରେ ଦାବି ଉପସ୍ଥାପନା କରିଛନ୍ତି।



ରାଷ୍ଟ୍ରୀୟ ବିକାଶ ଯୋଜନା ଅନ୍ତର୍ଗତ କୃଷି ବନୀକରଣ କାର୍ଯ୍ୟକ୍ରମରେ ରାଜ୍ୟରୁ ପ୍ରଦାନ କରାଯାଇଥିବା ୮.୩୪ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟକ୍ରମ ଯୋଜନାକୁ ଅନୁମୋଦନ କରିବା, ଉପକୂଳ ଓଡ଼ିଶାରେ ଖାଲୁଆ ଅଞ୍ଚଳ କୃଷି ଗବେଷଣା କେନ୍ଦ୍ର ଏବଂ ପଶ୍ଚିମ ଓଡ଼ିଶାରେ କୃଷି ଯାନ୍ତ୍ରିକୀକରଣକୁ ନୂଆ ରୂପଦେବା ପାଇଁ ଏକ କୃଷି ଯନ୍ତ୍ରପାତି ବିକଶିତ, ତାଲିମ ଏବଂ ପରୀକ୍ଷଣ କେନ୍ଦ୍ର ସ୍ଥାପନା ପାଇଁ ମଧ୍ୟ ପ୍ରସ୍ତାବ ରଖିଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର କୃଷିମନ୍ତ୍ରୀ ଯୋଗଦେଇଥିଲେ। ଓଡ଼ିଶାରୁ ଏହି ସମ୍ମିଳନୀରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଏବଂ ନିର୍ଦ୍ଦେଶକ ଇମେଜ ରାଜେଶ ଦାସ ଯୋଗଦେଇଛନ୍ତି।

# କେନାଲରେ ବୁଡ଼ି ୩ ଛାତ୍ର ମୃତ

## କ୍ରିକେଟ ବଲ୍ ଆଣିବାକୁ ଯିବା କାଳ ହେଲା

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଝାରପୋଖରିଆ (ହରେକୃଷ୍ଣ ଦାସ), ୧୯।୧୦**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ନୂଆଗାଁ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ସୁବର୍ଣ୍ଣରେଖା କେନାଲରେ ପଡ଼ିଯାଇଥିବା କ୍ରିକେଟ ବଲ୍ ଆଣିବାକୁ ଯାଇ ୩ ଛାତ୍ରଙ୍କ ସଲିଳ ସମାଧି ଘଟିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଶିରଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ଛାତ୍ରମାନେ ହେଲେ ନୂଆଗାଁ ଗ୍ରାମର ଶ୍ରେୟାଂଶୁ ସାହୁ(୧୪), ମୁଣ୍ଡାକଟା ଗ୍ରାମର ମଦନ ମୋହନ ସାହୁ (୧୪) ଓ ସାରସକଣା ଗ୍ରାମର ସାଇ ଶଙ୍କର ସାହୁ(୧୪)। ସମସ୍ତେ ୯ମ ଶ୍ରେଣୀର ଛାତ୍ର।

ଖବର ଅନୁଯାୟୀ, ଅପରାହ୍ନ ୫ଟାରେ ସୁବର୍ଣ୍ଣରେଖା କେନାଲ ପାର୍ଶ୍ୱ ପଡିଆରେ ୧୪ଜଣ ଛାତ୍ର କ୍ରିକେଟ ଖେଳୁଥିଲେ। ବଲ୍‌ଟି କେନାଲରେ ପଡ଼ିଯିବାରୁ ୩ ଛାତ୍ର ହାତ ଧରାଧରି ହୋଇ ପାଣିକୁ ଓହ୍ଲାଇଥିଲେ। ଅସାବଧାନତାବଶତଃ ଉପରେ ଥିବା ଛାତ୍ରଙ୍କ ହାତ ଖସିଯିବାରୁ ତିନି ସାଙ୍ଗ କେନାଲ ପାଣିରେ ଖସିପଡିଥିଲେ। ଏମାନଙ୍କ ମଧ୍ୟରେ କୌଣସି ଛାତ୍ର ପହଁରା ଜାଣି ନ ଥିବାରୁ ଛାତ୍ରମାନେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ପାଟି କରିବା ସହ ସ୍ଥାନୀୟ ଲୋକଙ୍କୁ ଖବରଦେବା ପରେ ସେମାନଙ୍କୁ ପାଣିରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଶିରଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିବା ପରେ ଡାକ୍ତରଖାନା ପରିସରରେ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ଫାଟି ପଡିଥିଲା।

ପ୍ରକାଶଥାଉ କି, ମାସକ ମଧ୍ୟରେ ୭ ଛାତ୍ର କେନାଲରେ ବୁଡି ମୃତ୍ୟୁବରଣ କଲେଣି। ସେପ୍ଟେମ୍ବର ୧୩ ଓ ୧୭ରେ ଗଣେଶ ଓ ବିଶ୍ୱକର୍ମା ମୂର୍ତ୍ତି ଭସାଇବାକୁ ଯାଇ ୪ ଛାତ୍ର ପାଣିରେ ବୁଡି ପ୍ରାଣ ହରାଇଥିଲେ। ତେବେ ଏଭଳି ଘଟଣା ଜିଲାରେ ବାରମ୍ବାର ଘଟୁଥିବାରୁ ସାଧାରଣରେ ଆଲୋଡନ ସୃଷ୍ଟି କରିଛି।


## ADMISSION NOTICE-2024

Centre for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010
NAAC A+
nirf 47 Rank 2024

Centre for Distance & Online Education (DDCE, Utkal University)

**Management & Computer Science Courses**
(NOC from AICTE, New Delhi)

- BBA (3 Years)
- MBA (2 Years)
- MCA (2 Years)

(Contact MBA / BBA- 9437103110 / MCA - 9437157110 during office hour)

**POST GRADUATE COURSES**

- M.Com.
- M.A. in Economics
- M.A. in Education
- M.A. in English
- M.A. in Hindi
- M.A. in History
- M.A. in Odia
- M.A.in Pub. Admn.
- M.A. in Pol.Science
- M.A. in Sanskrit
- M.A. in Sociology
- M.S.W.

(For more contact - 9437156110 during office hour)

Salient Features.
- Online Admission Process
- Free Registration & No charges for appearing online test for Mgt. & Comp. Courses
- Provision for Online verification of forms & online payment
- Walk in Online Test / PI and Roll in Admission for MBA / BBA / MCA Courses (Limited Seats).

For Course details, eligibility, fees structure, selection process and important date lines and detailed contact classes visit our website : www.ddceutkal.ac.in

Last Date of Admission : 30.10.2024

DIRECTOR


# ହାତୀ ଶାବକର ସନ୍ଦେହଜନକ ମୃତ୍ୟୁ

**ଦେବଗଡ଼,୧୯।୧୦ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବନଖଣ୍ଡ ସଦର ରେଞ୍ଜ କଂସର ଫରେଷ୍ଟ ସେକ୍ସନ ଅନ୍ତର୍ଗତ କଂସର ସଂରକ୍ଷିତ ଜଙ୍ଗଲ ବାଲିଆମ ନିକଟରେ ଏକ ଦେଢ଼ ବର୍ଷ ହାତୀ ଶାବକର ମୃତ୍ୟୁ ଘଟିଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଅସୁସ୍ଥତା ଯୋଗୁ ମୃତ୍ୟୁ ଘଟିଥିବା ବନବିଭାଗ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ରାଉରକେଲା ଡିସିଏଫ୍ ବୈଦ୍ୟନାଥ ମାଝୀ, ଦେବଗଡ଼ ଡିଏଫ୍‌ଓ ମଗର ଧାନାଜି ରାଓସୋ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଅରୁଣ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ରିଆମାଳ ବ୍ଲକ ପ୍ରାଣୀ ଅଧିକାରୀ ହାତୀର ବ୍ୟବଚ୍ଛେଦ କରିଥିବା ଜଣାପଡ଼ିଛି। ହାତୀ ମୃତ୍ୟୁକୁ ନେଇ ବନବିଭାଗ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବାଲିଆମ ନିକଟ ରଞ୍ଜଣା ନାଳକୁ ହାତୀ ଶାବକ ପାଣି ପିଇବାକୁ ଯାଇଥିଲା। ମାତ୍ର କିଛି ସମୟ ପରେ ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ କିଛି ମାସ ତଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ ହାତୀ ଶାବକର ମା'ର ବାମରା ଅଞ୍ଚଳରେ ମୃତ୍ୟୁ ଘଟିଥିଲା।



# ଲାଇଟ୍ ହାଉସ୍ ପାଲଟିଛି ପର୍ଯ୍ୟଟନ କେନ୍ଦ୍ର

## ଲାଇଟ୍ ହାଉସ୍ ପର୍ଯ୍ୟଟନ ସମ୍ମିଳନୀ, ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବ ଆରମ୍ଭ

**ପୁରୀ,୧୯।୧୦ (ଅଜିତ କୁମାର ମହାନ୍ତି)**

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ପୁରୀରେ ଶନିବାର ଆୟୋଜିତ ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଲାଇଟ୍ ହାଉସ୍ ପର୍ଯ୍ୟଟନ ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ଅଧିକାରୀ, ପର୍ଯ୍ୟଟନ ବିଶେଷଜ୍ଞ, ସଂରକ୍ଷକ ଏବଂ ପ୍ରତିଯୋଗୀମାନେ ଯୋଗଦେଇଥିଲେ। ଲାଇଟହାଉସ୍ ପର୍ଯ୍ୟଟନର ବିପୁଳ ସମ୍ଭାବନା ଓ ଏହି ସାମୁଦ୍ରିକ ଢାଞ୍ଚାଗୁଡ଼ିକର ସଂରକ୍ଷଣ ପାଇଁ ରଣନୀତି ଅନୁସନ୍ଧାନ କରିବା, ପର୍ଯ୍ୟଟନ ବିକାଶକୁ ଐତିହ୍ୟ ସଂରକ୍ଷଣ ସହିତ ମିଶ୍ରଣ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ସମ୍ମିଳନୀରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଲୋକ ସଭା ସଦସ୍ୟ ସମ୍ବିତ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଉଦ୍‌ଘାଟନୀ ବକ୍ତବ୍ୟ ଦେଇ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଓ ଭାରତର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଲାଇଟ୍ ହାଉସ୍ ପର୍ଯ୍ୟଟନକୁ ଏକ ମାଧ୍ୟମ ଭାବେ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତର ସାମୁଦ୍ରିକ ଐତିହ୍ୟର ବିପୁଳ ସମ୍ଭାବନାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଐତିହାସିକ ଲାଇଟ୍ ହାଉସଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଏକ ପରିବର୍ତ୍ତନମୂଳକ ଯାତ୍ରା ଆରମ୍ଭ କରିଛି। ଦୀର୍ଘଦିନ ଧରି ସାମୁଦ୍ରିକ ଦିଗ ନିର୍ଣ୍ଣୟକାରୀ ସାଜିଥିବା ଏହି ଭବ୍ୟ ଢାଞ୍ଚା ଏବେ ପର୍ଯ୍ୟଟନ, ସଂସ୍କୃତି ଓ ଶିକ୍ଷଣ କେନ୍ଦ୍ରରେ ପରିଣତ ହେଉଛି। ଦେଶରେ ୭୫ଟି ଐତିହାସିକ ଲାଇଟ୍ ହାଉସ୍‌ର ବିକାଶ କେବଳ ଇତିହାସକୁ ସଂରକ୍ଷିତ କରୁନାହିଁ ବରଂ ମନୋରଞ୍ଜନ ଓ ଜନଭାଗିଦାରୀ ପାଇଁ ଜୀବନ୍ତ ସ୍ଥାନ ସୃଷ୍ଟି କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

# ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ାଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

**ଡେରାବିଶ,୧୯।୧୦ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ତଥା ବିଜେଡିର ପୂର୍ବତନ ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ାଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ସେ ଗତ କିଛି ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ଏକ ଆମ୍ବୁଲାନ୍ସରେ ନିଜ ଜନ୍ମମାଟି ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ବଡ଼ସଲାରସ୍ଥିତ ବାସଭବନକୁ ଅଣାଯାଇଥିଲା। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଏହାପରେ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ କଳିଙ୍ଗ କେଶରୀ ପରିଡ଼ା ମୁଖାଗ୍ନି ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍କଳଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।


ଉତ୍କଳ କେଶରୀ ପରିଡ଼ା

୧୯୬୧ ମସିହାରେ ବଡ଼ସଲାର ଗ୍ରାମରେ ଉତ୍କଳ କେଶରୀ ଜନ୍ମଗ୍ରହଣ କରିଥିଲେ। ୧୯୭୯ରେ ସାଲେପୁର କଲେଜ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ୧୯୯୦ରେ ଡେରାବିଶ ପଞ୍ଚାୟତ ସମିତିରେ ଅଧ୍ୟକ୍ଷ ହୋଇଥିଲେ। ୨୦୦୪ରେ ଓଡ଼ିଶା ଗଣ ପରିଷଦ ଦଳ ଟିକେଟରେ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ଭାଜପା ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କୁ ୬୦ ହଜାର ୮୪୮ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ତେବେ ପରବର୍ତ୍ତୀ ଅବସ୍ଥାରେ ସେ ଏନ୍‌ସିପିର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ବହନ କରିଥିଲେ। ଏହି ଦଳର ୪ ଜଣ ବିଧାୟକ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିବାରୁ ଉତ୍କଳଙ୍କ ନାମ ଜାତୀୟ ରାଜନୀତିରେ ଚର୍ଚ୍ଚାକୁ ଆସିଥିଲା। ପରେ ଉତ୍କଳ ଭାଜପାରେ ସାମିଲ ହୋଇ କିଛି ବର୍ଷ କାମ କରିବା ପରେ ବିଜୁ ଜନତା ଦଳରେ ଯୋଗ ଦେଇ ଜିଲା ସଭାପତି ଦାୟିତ୍ୱ ବହନ କରିଥିଲେ। ଏହା ସହିତ ଓଡ଼ିଶା ତୀରନ୍ଦାଜ ଆସୋସିଏଶନର ଉପ ସଭାପତି, ଜୁଟ୍ ମାର୍କେଟିଂ କୋ ଅପରେଟିଭ ସୋସାଇଟିର ନିର୍ଦ୍ଦେଶକ, ଚିଲିକା ଉନ୍ନୟନ ପରିଷଦର ଉପଦେଷ୍ଟା ଆଦି ଦାୟିତ୍ୱ ଦକ୍ଷତାର ସହ ତୁଲାଇଥିଲେ।

# ତାଡ଼ିବାଲସାରେ ନୂତନ ଭୋଟ ଗ୍ରହଣ କେନ୍ଦ୍ରକୁ ନିର୍ବାଚନ କମିଶନଙ୍କ ମୋହର

**ପଟ୍ଟାଙ୍ଗି, ୧୯।୧୦(ଶରତ ଧଳ)**

କୋରାପୁଟ ଜିଲା ଭୋଟରଙ୍କୁ ପଡ଼ୋଶୀ ଆନ୍ଧ୍ର ନିଜ ସପକ୍ଷରେ ପଞ୍ଚାୟତ ଓ ବିଧାନସଭା ନିର୍ବାଚନରେ ଭୋଟ ନେବା ଫାଇଦା ଉଠାଇ ଚାଲିଥିଲା। ଏପରି ସ୍ଥିତିରେ କୋରାପୁଟ ଜିଲା ପ୍ରଶାସନ ପାଇଁ ଏହା ଚିନ୍ତାର ବିଷୟ ହୋଇଥିଲା। ଗତ ବିଧାନସଭା ନିର୍ବାଚନ ପୂର୍ବରୁ କୋରାପୁଟ ଜିଲା ଗସ୍ତରେ ଆସିଥିବା ରାଜ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କୁ ସମସ୍ୟା ସମ୍ପର୍କରେ ଜିଲାପାଳ ଭି.କୀର୍ତ୍ତିଭାସନ ଏବଂ ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଅବଗତ କରାଇଥିଲେ। ଏହାକୁ ରାଜ୍ୟ ନିର୍ବାଚନ ଅଧିକାରୀ ବିଚାରକରି କୋରାପୁଟ ଜିଲା ସୀମାନ୍ତ ତାଡ଼ିବାଲସା ଗ୍ରାମକୁ ନୂତନ ଭୋଟ ଗ୍ରହଣ କେନ୍ଦ୍ର କରିବାକୁ କେନ୍ଦ୍ର ନିର୍ବାଚନ କମିଶନଙ୍କୁ ସୁପାରସ କରିଥିଲେ। ଏହା ଉପରେ ଗତ ବୁଧବାର କେନ୍ଦ୍ର ନିର୍ବାଚନ କମିଶନ ମୋହର ମାରିବା ପରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ଫଳରେ ତାଡ଼ିବାଲସାକୁ କେନ୍ଦ୍ର ନିର୍ବାଚନ କମିଶନଙ୍କ ପକ୍ଷରୁ ମୋହର ବାଜିବା ପରେ କୋଟିଆ ପଞ୍ଚାୟତରେ ୯ ବୁଥ୍ ବଦଳରେ ୧୦ ବୁଥ୍ ହୋଇଛି। ତାଡ଼ିବାଲସା କେନ୍ଦ୍ରରେ ୪୦୩ ଭୋଟର ରହିଛନ୍ତି। ଫଳରେ କୋଟିଆ ପଞ୍ଚାୟତର ନେରିଡ଼ିବାଲସା, ତାଡ଼ିବାଲସା, ଆର୍ଜୁବାଲସା ଓ ଧୂଳିପଦର ଆଦି ସୀମାନ୍ତ ଗ୍ରାମର ଭୋଟରମାନେ ମତଦାନ ପାଇଁ ଦୀର୍ଘ ୩୪ କି.ମି.ଦୂର ରଣାସିଂ ବୁଥ୍‌କୁ ଆସିବାକୁ ପଡୁଥିଲା। ତାଡ଼ିବାଲସାକୁ ନୂତନ ବୁଥ୍ ଭାବେ ଘୋଷଣାହେବା ପରେ ଏହାର ଦୂରତା ୧୦ କି.ମି.ହୋଇଥିବା ଜଣାପଡ଼ିଛି।


ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ — Union Bank of India — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୨୫୩୭୯୦୦

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)** {ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଢେଙ୍କାନାଳ ଶାଖା/ ଋଣଗ୍ରହୀତା/ ଜାମିନ୍‌ଦାର ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **ଋଣଗ୍ରହୀତା: ମେସର୍ସ ବି କେ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ,** ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ **ଜାମିନ୍‌ଦାର: ଶ୍ରୀମତୀ ସବିତା ସାହୁ,** ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁ, ସା/ପୋ.: ଟାଉନ୍ ପ୍ଲାନିଙ୍ଗ୍ କଲୋନୀ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୧୩ | **ସମ୍ପତ୍ତି-୧: ଶ୍ରୀମତୀ ସବିତା ସାହୁ,** ସ୍ୱାମୀ: ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୧୯୬/୩୦୫୮, ମ୍ୟୁଟେସନ୍ ଖାତା ନଂ.: ୫୩୫/୧୬୯୦, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ବନମାଳି ପ୍ରସାଦ, ଥାନା: ଢେଙ୍କାନାଳ ସଦର | ୨୩.୦୪.୨୦୨୪ / ୨୦.୦୭.୨୦୨୪ / ୧୯.୧୦.୨୦୨୪ |

ଏବଂ ନଂ. ୨, ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାମ ଚନ୍ଦ୍ର ସତପଥୀ, ପୂର୍ବ: ରାସ୍ତା, ପଶ୍ଚିମ: ବିଜୟ ସାହୁ

**ସମ୍ପତ୍ତି-୨: ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ** ନାମରେ ଥିବା ଘରବାରି ଫ୍ରିହୋଲ୍ଡ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୦୧୮/୨୨୩୧୩, ଖାତା ନଂ.: ୩୪୭୦/୩୮୧୦, ତହସିଲ: ଢେଙ୍କାନାଳ ସହର, ନଂ. ୦୧, ଓଡ଼ିଶା, ମୌଜା: ଢେଙ୍କାନାଳ ସହର, କ୍ଷେତ୍ର: ଏକର୦.୦୪୬ ଡିସିମିଲି କିମ୍ବା ୨୦୦୩.୭୬ ବର୍ଗଫୁଟ, ଏହର ଚାରିପାର୍ଶ୍ୱରେ ଉତ୍ତର: ଦୂର୍ଯ୍ୟୋଧନ ବେହେରା, ଦକ୍ଷିଣ: ଚନ୍ଦ୍ର ଶେଖର ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଶ୍ରୀମତୀ ସବିତା ସାହୁ, ଶ୍ରୀ ଶ୍ୟାମ ସୁନ୍ଦର ସାହୁଙ୍କ ସମ୍ପତ୍ତି ବିକ୍ରୟ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହିନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହାଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୦.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ଭୋଗିବାକୁ ବାଧ



ଆକାର ପଟେଲ

ଅନ୍ତର୍ଜାତୀୟ ନିୟମ-ଆଧାରିତ ବ୍ୟବସ୍ଥା ହେଉଛି ବାସ୍ତବରେ ଜଙ୍ଗଲୀ ଶାସନ ପାଇଁ ବ୍ୟବହୃତ ଏକ ବକ୍ରୋକ୍ତି ଏବଂ ଏହା ହିଁ ବୈଶ୍ୱିକ କ୍ଷମତା ରାଜନୀତିର ସଂଜ୍ଞା ନିରୂପଣକରେ। ପ୍ରାୟ ୨୪୦୦ ବର୍ଷ ପୂର୍ବେ ଲିଖିତ ଏକ ପ୍ରସିଦ୍ଧ ଇତିହାସ ବହି ଥିଲା ଅନ୍ତର୍ଜାତୀୟ ସମ୍ପର୍କ ସିଦ୍ଧାନ୍ତର ମୂଳଦୁଆ। ଏଥିରେ ଉଲ୍ଲେଖ ଅଛି 'ଶକ୍ତିଶାଳୀମାନେ ଯାହା କରିପାରିବେ ତାହା ହିଁ କରନ୍ତି ଏବଂ ଦୁର୍ବଳମାନେ ସେସବୁ କିଛି ସହ୍ୟ କରନ୍ତି, ଯାହା ସେମାନେ ଭୋଗିବାକୁ ବାଧ।' ମିଳିତ ଜାତିସଂଘ ଏବଂ ଏହାର ସୁରକ୍ଷା ପରିଷଦ ସମେତ ଅଗଣିତ ସଂସ୍ଥା ଥିବା ସତ୍ତ୍ୱେ ଆଜି ମଧ୍ୟ ଏହା ପ୍ରମାଣିତ ହେଉଛି। ଉଦାହରଣ ସ୍ୱରୂପ, ପାଲେଷ୍ଟିନୀୟ କିମ୍ବା ଲେବାନୀୟମାନଙ୍କୁ କହିବା ଦରକାର ଯେ ଏକ ଅନ୍ତର୍ଜାତୀୟ ବ୍ୟବସ୍ଥା ଥିବା ସତ୍ତ୍ୱେ ଏକପାଖିଆ ଯୁଦ୍ଧରେ ସେମାନଙ୍କର ପିଲାମାନଙ୍କୁ ହତ୍ୟା କରାଯାଉଛି। ୟୁକ୍ରେନୀୟ, ଇରାନୀୟ, କ୍ୟୁବାନ୍, ଭିଏତ୍‌ନାମ ଏବଂ ଆଫଗାନଙ୍କୁ ମଧ୍ୟ ସମାନ କଥା କୁହାଯିବା ଆବଶ୍ୟକ। ବାସ୍ତବତାକୁ ଦେଖିଲେ ଅନ୍ତର୍ଜାତୀୟ ବ୍ୟାପାର କ୍ଷେତ୍ରରେ ସ୍ୱଳ୍ପ କିମ୍ବା ଅଧିକାଂଶ ଦେଶ ନିଜ ସ୍ୱାର୍ଥପାଇଁ କାମ କରିବା ସ୍ୱାଭାବିକ, ଯାହା ଏବେ ଘଟୁଛି। ଭାରତ ବନ୍ଧୁ ବୋଲି କୁହାଯାଉଥିବା ଅନ୍ୟ ଦେଶର ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶଦେଇ ଏହି ବ୍ୟବସ୍ଥାକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ବାସ୍ତବତା ହେଉଛି ଯଦି ଭାରତ ଅନୁଭବ କରିବ ଯେ, ଅନ୍ୟ ଦେଶରୁ ବିପଦ ସୃଷ୍ଟି ହେଉଛି ଏବଂ ହୃଦ୍‌ବୋଧ କରିବ ଯେ ଏହାକୁ ଦୂରେଇଦେବା ପାଇଁ ନିଜେ ସୁଦୃଢ଼, ସେତେବେଳେ ପଦକ୍ଷେପ ନେବା ଦରକାର। ତେବେ ଏହାକୁ ନେଇ ଉଠୁଥିବା ଅନେକ ପ୍ରଶ୍ନରୁ ଆସନ୍ତୁ ଗୋଟିଏ ଅନୁଧ୍ୟାନ କରିବା। ଏହି ବିପଦ କ'ଣ ଯାହା ବିରୋଧରେ ଆମେ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି ଏବଂ ଏହା କେତେ ଭୟଙ୍କର? ଏ କ୍ଷେତ୍ରରେ ମୃତ୍ୟୁ ସମ୍ପର୍କିତ ତଥ୍ୟ ଆମକୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସୂଚିତକରେ। ଦକ୍ଷିଣ ଏସିଆ ଉଗ୍ରବାଦ ପୋର୍ଟାଲ ଦର୍ଶାଏ, ୧୯୮୪ରେ ଆରମ୍ଭ ହୋଇଥିବା ପଞ୍ଜାବ ହିଂସାରେ ସେତେବେଳେ ୪୫୬ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହି ବର୍ଷ ଅପରେଶନ ବ୍ଲୁ ଷ୍ଟାର୍ ପରେ ଜଣେ ପ୍ରଧାନମନ୍ତ୍ରୀ ହତ୍ୟାର ଶିକାର ହୋଇଥିଲେ। ୧୯୯୧ରେ ମୃତ୍ୟୁ ସଂଖ୍ୟା ବଢ଼ି ୫୦୦୦ରେ ପହଞ୍ଚିଥିଲା। ପରବର୍ତ୍ତୀ ବର୍ଷ ଏହା ଥିଲା ପ୍ରାୟ ୪୦୦୦ ଓ ପରେ ପୂରା କମିଗଲା। ୧୯୯୮ରୁ ୨୦୧୪ ପର୍ଯ୍ୟନ୍ତ ବାର୍ଷିକ ମୃତ୍ୟୁ ସଂଖ୍ୟା ଶୂନ୍ୟ ଥିଲା। ବିଗତ ୬ ବର୍ଷ ମଧ୍ୟରେ ଏହା ଏକକ ସଂଖ୍ୟାରେ ସୀମିତ ଏବଂ କୌଣସି ସୁରକ୍ଷା ଅଧିକାରୀଙ୍କ ମୃତ୍ୟୁ ଘଟିନାହିଁ। ସରକାର ଏବଂ ସୁରକ୍ଷା ପ୍ରତିଷ୍ଠାନ ଭାବୁଛନ୍ତି ଯେ ଉଗ୍ରବାଦ ଏବେ ବି ଜାତୀୟ ସୁରକ୍ଷା ପ୍ରତି ବଡ଼ ବିପଦ ଓ ଏଥିପାଇଁ ଅନ୍ୟ ଉପରେ ଅଭିଯୋଗ ଲଦି ଦିଆଯାଉଛି। ଘୃଣା ଅର୍ଥ ନୁହେଁ ଯେ, ସେମାନଙ୍କଠାରୁ ଜାତୀୟ ସୁରକ୍ଷା ପ୍ରତି ବିପଦ ଅଛି। ତେବେ ଜାତୀୟ ସୁରକ୍ଷା ପ୍ରତି ବିପଦ ସମ୍ପର୍କରେ ଆମ ସରକାର କ'ଣ କହୁଛନ୍ତି ତାହାର ଉତ୍ତର କୌଣସି ସ୍ଥାନରେ ନ ଥିବା ଜଣାପଡ଼େ। ଜାନୁୟାରୀ ୨୦୨୧ରେ ଏକ ଥିଙ୍କ୍ ଟ୍ୟାଙ୍କ୍ ଜଣେ ଅବସରପ୍ରାପ୍ତ ଜେନେରାଲଙ୍କ ଦ୍ୱାରା ଏକ ରିପୋର୍ଟ ପ୍ରକାଶ କରିଥିଲା। ସେଥିରେ ସେ ଲେଖିଥିଲେ, ସୈନ୍ୟବାହିନୀରେ ପ୍ରବର୍ତ୍ତିତ ପରିବର୍ତ୍ତନଗୁଡ଼ିକ ଅଗ୍ରଣୀ ଅଧିକାରୀଙ୍କୁ (ସେତେବେଳେ ଜେନେରାଲ ବିପିନ ରାୱତ) ନିଜର ରଣନୈତିକ ତଥା ସାମରିକ ବିଚକ୍ଷଣତା ପ୍ରଦର୍ଶନ କରିବାକୁ ଏକ ସୁଯୋଗ ଦେଇଥିଲା। ଦୁର୍ଭାଗ୍ୟବଶତଃ, ରିପୋର୍ଟ ସିଦ୍ଧାନ୍ତରେ ଦର୍ଶାଯାଇଛି ଯେ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏ ପର୍ଯ୍ୟନ୍ତ ପ୍ରତିରକ୍ଷା ରଣନୀତି ପ୍ରସ୍ତୁତ କରିନାହାନ୍ତି। ସମ୍ଭବତଃ ଏହା ପଛର ଏକ କାରଣ ହେଲା ବାସ୍ତବରେ ସମସ୍ୟାର ବିଶେଷତା କ'ଣ ତାହା ସରକାର ଏ ପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି।

୬ ବର୍ଷ ପୂର୍ବେ ୨୦୧୮ରେ ପ୍ରତିରକ୍ଷା ଯୋଜନା କମିଟି ସୃଷ୍ଟି ହୋଇଥିଲା। ଏହି କମିଟିର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଅଧ୍ୟକ୍ଷ ଥିବା ସହ ଏଥିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ସିଡିଏସ୍, ୩ ସେନା ମୁଖ୍ୟ ଏବଂ ଅର୍ଥ ମନ୍ତ୍ରଣାଳୟର ସଚିବମାନେ ଥିଲେ। ମନୋହର ପାରିକର ଇନ୍‌ଷ୍ଟିଚ୍ୟୁଟ ଫର୍ ଡିଫେନ୍ସ ଷ୍ଟଡିଜ ଏବଂ ଆନାଲିସିସ୍ ଅନୁଯାୟୀ ଏହା ଉପରେ ପ୍ରତିରକ୍ଷା ସମ୍ପର୍କିତ ଅନେକ ଦାୟିତ୍ୱ ରହିଥିଲା। କିନ୍ତୁ ୩ ମେ ୨୦୧୮ ରେ କେବଳ ଥରେ ଏହାର ବୈଠକ ବସିଥିଲା ଏବଂ ପରେ ଏହା ଆଉ ହୋଇନାହିଁ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଗୋଟିଏ ସରକାର ଏବଂ ଏକ ଦଳ ଜାତୀୟ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବା କହୁଛନ୍ତି। ଏହି ପ୍ରସଙ୍ଗରେ ଚଳିତ ବର୍ଷ ମେ' ମାସରେ ପ୍ରକାଶିତ ରିପୋର୍ଟର ଶୀର୍ଷକ ଥିଲା, 'ଲିଖିତ ଜାତୀୟ ସୁରକ୍ଷା ରଣନୀତି ନ ଥିବା ମାନେ ନୁହେଁ ଯେ ଭାରତରେ ଏକ ସିଡିଏସ୍ ନାହିଁ। ଏଥିରେ ପୂର୍ବତନ ଜେନେରାଲ ପ୍ରକାଶ ମେନନ୍ ଉଲ୍ଲେଖ କରିଥିଲେ ଯେ, ଅନେକ ଦଶନ୍ଧି ଧରି ସାମରିକ କ୍ଷେତ୍ରକୁ ଭାରତ ଯେଉଁ ରାଜନୈତିକ ମାର୍ଗଦର୍ଶନ କରିଆସିଛି ସେଥିରେ ପାକିସ୍ତାନକୁ ବଡ଼ ବିପଦ ଭାବେ ଦର୍ଶାଯାଇଛି। ଏବେ ଆମ ସାମ୍ନାରେ ଚାଇନା ବିପଦ ବୋଲି କୁହାଯାଉଛି। ବାସ୍ତବରେ ଏଭଳି ମାନସିକତାକୁ ପରିବର୍ତ୍ତନ କରିବାକୁ ପଡ଼ିବ। ୨୦୦୯ରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଏ.କେ. ଆଣ୍ଟୋନିଙ୍କ ଦ୍ୱାରା ଲିଖିତ 'ରକ୍ଷାମନ୍ତ୍ରୀଙ୍କ ଅପରେଶନାଲ ଡିରେକ୍ଟିଭ'ରେ ଜେନେରାଲ ମେନନ୍‌ଙ୍କ ମତ ଥିଲା ଯେ, ଏକ ସମନ୍ୱିତ ଜାତୀୟ ସୁରକ୍ଷା ରଣନୀତି ନ ଥିବାରୁ ସଫଳତା ମିଳିପାରୁ ନାହିଁ। ୨ ବର୍ଷ ପୂର୍ବେ ଏନ୍‌ଏସ୍‌ଏ ଦ୍ୱାରା ପରିଚାଳିତ ପ୍ରତିରକ୍ଷା ଯୋଜନା କମିଟିକୁ ଏହି କାର୍ଯ୍ୟ ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ଏଥିରେ କିଛି ବି ଅଗ୍ରଗତି ହୋଇନାହିଁ। ଶୀର୍ଷରେ ଥାଇ କୌଣସିଥିରେ ଆଗ୍ରହ ରଖୁ ନ ଥିବା ଜଟିଳ ସଂସ୍ଥାଗୁଡ଼ିକରେ ଏହା ଘଟୁଛି। ମହାଶକ୍ତି ହେବାକୁ ଆଶା କରୁଥିବା ଏକ ଦେଶର ଲିଖିତ ଜାତୀୟ ସୁରକ୍ଷା ରଣନୀତି ନ ଥିବାର କାରଣ ହେଉଛି କାର୍ଯ୍ୟର ବୌଦ୍ଧିକ ଦିଗଗୁଡ଼ିକ ଉପରେ କୌଣସି ନିୟନ୍ତ୍ରଣ କିମ୍ବା କଠିନ ଦାୟିତ୍ୱ ପ୍ରତି ଆଗ୍ରହ ନାହିଁ ଏବଂ ଅର୍ଥହୀନ ତଥା ରାଜନୈତିକ ତାମସା ଉପରେ ଅଧିକ ଗୁରୁତ୍ୱ ଦିଆଯିବା। ସମାନ ବିଷୟରେ ଆମେରିକା ଏବଂ କାନାଡା ପ୍ରତି ଆମର ବିପରୀତ ପ୍ରତିକ୍ରିୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ତେବେ ତାହା ହେଉଛି ଅନ୍ତର୍ଜାତୀୟ ବ୍ୟବସ୍ଥାର ସ୍ୱରୂପ ଯେଉଁଥିରେ ଶକ୍ତିଶାଳୀମାନଙ୍କ କାର୍ଯ୍ୟକୁ ଦୁର୍ବଳମାନେ ଭୋଗିବାକୁ ବାଧ ହେଉଛନ୍ତି।

Email:aakar.patel@gmail.com

# ଅଲୋଡ଼ା ଶିଶୁଙ୍କ ପ୍ରଶ୍ନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସ୍ରଷ୍ଟାଙ୍କ ସୃଷ୍ଟିରେ ଶିଶୁଟିଏ ବୋଧହୁଏ ବିଶ୍ୱର ସୁନ୍ଦରତମ ସୃଜନ। ଶିଶୁଟିଏ ଈଶ୍ୱରୀୟ ଆତ୍ମାର ଅମର ଅବତାର। ତା'ର ଜନ୍ମଦାତ୍ରୀ ଜନନୀ ପାଇଁ ଶିଶୁ ସନ୍ତାନଟିଏ ସବୁକାଳରେ ଏକ ବାଞ୍ଛିତ ବରଦାନ, ମାତୃତ୍ୱର ଏକ ମୁଗ୍ଧ ଅନୁଭବ। ଜୀବନର ସକଳ ପ୍ରାପ୍ତି ଓ ପ୍ରାଚୁର୍ଯ୍ୟ, ସଂସାରର ଯାବତୀୟ ସମ୍ପଦ ବି ଛୋଟ ପଡ଼ିଯାଏ ଶୈଶବର ଫୁଲଶଯ୍ୟାରେ ଶୋଇ ଦୁଃଖଶୋକହୀନ ଜଗତର ସ୍ୱର୍ଗୀୟ ସୌରଭରେ ସୁରଭିତ ହେଉଥିବା ଶିଶୁଟିର ଉଚ୍ଚତା ଆଗରେ!

ସନ୍ତାନଟିଏ ଜନ୍ମ ଦେଇ ମାଆ ବୋଲାଇଲେ ନାରୀତ୍ୱ କେମିତି ସାର୍ଥକ ହୁଏ, ତାହା ଅନୁଭବର କଥା। ଏହି ଦିବ୍ୟ ଅନୁଭବରୁ ବଞ୍ଚିତ ନାରୀ ଜଣେ ନିଜକୁ ଅଭିଶପ୍ତ ମନେକରେ, ନିଜ ଭାଗ୍ୟକୁ ନିନ୍ଦି ଆପଣାର ବନ୍ଧ୍ୟାତ୍ୱ ପାଇଁ ନୀରବରେ ଆଖିରୁ ଲୁହ ଗଡ଼ାଏ। ପରିସ୍ଥିତି ଏମିତି ହୁଏ ଯେ, କେଉଁଠି ନିଜକୁ ପରିପୂର୍ଣ୍ଣ କରିବାକୁ ଧନୀ ମହିଳା ଜଣେ କେଉଁ ଅନାଥାଶ୍ରମରୁ ପୋଷ୍ୟପୁତ୍ର ଗ୍ରହଣ କରନ୍ତି ତ ଅନ୍ୟ କେଉଁଠି ଗରିବ ନାରୀଟିଏ ସନ୍ତାନ ଚୋରି କରି ଆଣି ନିଜର ବୋଲାନ୍ତି। ବଡ଼ ବିଚିତ୍ର ଯେ ଅବସ୍ଥା! ସନ୍ତାନଟିଏ କୋଳରେ ନ ଥିଲେ ନାରୀତ୍ୱ ଅର୍ଥହୀନ, ଜୀବନ ପୁଣି ମୂଲ୍ୟହୀନ! ସେଥିପାଇଁ ବୋଧହୁଏ କେଇଦିନ ତଳେ ହସ୍ପିଟାଲ ବେଡ୍‌ରୁ ନବଜାତ ଶିଶୁଟିକୁ ଚୋରି କରି ଫେରାର ହୋଇଯାଇଥିବା ଜଣେ ନାରୀ ଘଟଣାର ପ୍ରାୟ ଦୁଇ ସପ୍ତାହ ପରେ ପୋଲିସ ହାତରେ ଧରାପଡ଼ି ନିନ୍ଦିତ ହେଉଥିଲା ବେଳେ କାନ୍ଦି କହି ନ ଥା'ନ୍ତେ– "ଏ ଅପମାନର ଦୁଃଖ ଓ ନିର୍ଯାତନାଠାରୁ ବନ୍ଧ୍ୟାନାରୀର ଦୁଃଖ ଯେ କେତେ ତୀବ୍ରତର ଏହା କେବଳ ଭୁକ୍ତଭୋଗୀ ହିଁ ଜାଣେ।" ମାଆ ପାଇଁ ସନ୍ତାନଟିଏ ସଂସାରର ସବୁଠୁ ବଡ଼ ସମ୍ପତ୍ତି।

ଅଥଚ ସେଇ ସନ୍ତାନଟି ପୁଣି କେଉଁ ମାଆ ପାଇଁ ହୋଇପାରେ ସଂସାରର ସବୁଠୁ ବଳି ବଡ଼ ବିପତ୍ତି। ଏମିତି ବିପତ୍ତି ଯେ, ତହିଁରୁ ନିସ୍ତାର ପାଇବା ପାଇଁ କେଉଁଠି ତାକୁ ଖତଗଦାରେ ପୋତି ଦିଆଯାଏ ତ ଅନ୍ୟ କେଉଁଠି ଡ୍ରେନ୍‌ରେ ଅବା ରାସ୍ତାକଡ଼ ଘଞ୍ଚ ବୁଦା ମଧ୍ୟକୁ ଫିଙ୍ଗି ଦିଆଯାଏ। ମାତୃଗର୍ଭର ଅଭୟ ଆଶ୍ରୟରୁ ଭୂପତିତ ହୋଇ ପୃଥିବୀର ପ୍ରଥମ ଆଲୋକ ଦେଖୁ ଦେଖୁ ସେ ସଂସାର ପାଇଁ ଏମିତି ବୋଝ ପାଲଟିଯାଏ ଯେ, ତାକୁ ନିର୍ବିକାରରେ ପରିତ୍ୟାଗ କରି ଯଥାଶୀଘ୍ର ବୋଝମୁକ୍ତ ହେବାକୁ ତା'ର ଜନ୍ମଦାତା ଜନ୍ମଦାତ୍ରୀମାନଙ୍କୁ ତର ସହେନାହିଁ। ଅକାଳରେ ଉଜୁଡ଼ିଯାଏ ଏକ ସ୍ୱପ୍ନମୟ ଶୈଶବ। ଅଦିନରେ ବିଳୟ ଘଟେ ଏକ ସମ୍ଭାବନାମୟ ଭବିଷ୍ୟତର। ସନ୍ତାନଟି ହୋଇପାରେ ବୈଦିକ ବା ବିଧିସମ୍ମତ ଭାବେ ଏକାତ୍ମ ହୋଇଥିବା କୌଣସି ଦମ୍ପତିଙ୍କ ବୈଧ ଶିଶୁ ଅବା ହୋଇପାରେ ଉଦ୍ଦାମ



ଯୌବନର ଉଜାଣି ସୁଅରେ ନିଜ ଦିଗ ହରାଇଥିବା କେହି କୁମାରୀ ମାଆର ଅବୈଧ ସନ୍ତାନ। ବୈଧ ହେଉ କି ଅବୈଧ, ଅଲୋଡ଼ା ଶିଶୁଟିର ଓଜନଦାର ବୋଝରୁ ମୁକ୍ତି ପାଇବାକୁ ନିର୍ମମ ଭାବେ ସଂଘଟିତ ହୁଏ ଏକ ଦେବଶିଶୁର ଅମାନବୀୟ ସଂହାରଲୀଳା। ମଣିଷର କି ପଶୁସୁଲଭ ନିଷ୍ଠୁରତା ସତେ!

କେଇବର୍ଷ ତଳେ ଯାଜପୁର ଜିଲ୍ଲାର ଏକ ଗାଁରେ ଜଣେ ବ୍ୟକ୍ତିଙ୍କ ଖତଗଦାର ଆବର୍ଜନା ମଧ୍ୟରୁ ଦୃଶ୍ୟମାନ ହୋଇଥିଲା କଅଁଳ ପାଦଟିଏ। ସେଇ ସୁନ୍ଦର କୁନିପାଦଟିର ଆକର୍ଷଣରେ ଯେତେବେଳେ ଗାଁଲୋକଙ୍କ ଭିଡ଼ ଜମିଲା, ସେତେବେଳେ ଜଣାପଡ଼ିଲା ଯେ ପାଦଟି ଗୋଟିଏ ସଦ୍ୟଜନ୍ମା ଶିଶୁର। ଅତି ସନ୍ତର୍ପଣରେ ଶିଶୁଟିକୁ ଅଳିଆ ମଧ୍ୟରୁ ଉଦ୍ଧାର କଲାପରେ ଯାହା ନଜରକୁ ଆସିଲା, ତାହା ଥିଲା ସମଗ୍ର ମଣିଷ ଜାତି ପାଇଁ ଦାରୁଣ ଲଜ୍ଜା ଓ ନିମ୍ନତମ ମଣିଷତ୍ୱ ପାଇଁ ଏକ ପ୍ରଚଣ୍ଡ ପ୍ରଶ୍ନବାଚୀ। ଶିଶୁଟି ଝିଅଟିଏ ଥିଲା ଓ ଆବର୍ଜନା ଗଦାରେ ପୋତା ହୋଇ ଶ୍ୱାସରୁଦ୍ଧ ଭାବେ ପ୍ରାଣ ହରାଇବାର ସମସ୍ତ ସମ୍ଭାବନା ସତ୍ତ୍ୱେ ତଥାପି ଜୀବିତ ଥିଲା। ପ୍ରକୃତରେ ଈଶ୍ୱରଙ୍କ ଲୀଳା ବଡ଼ ବିଚିତ୍ର। ବିଜ୍ଞାନ ଓ ବୌଦ୍ଧିକତାର ଚରମ ଉତ୍କର୍ଷ ସତ୍ତ୍ୱେ ଏଠି ବୁଝିବାକୁ କଷ୍ଟ ହୁଏ ଯେ ଅସାବଧାନତାବଶତଃ ମାଆ କାଖରୁ ତଳକୁ ପଡ଼ି ଯେଉଁଠି ଶିଶୁଟିଏ ପ୍ରାଣ ହରାଏ, ସେଠି ପୁଣି ଦଶମହଲା ଉପରୁ ପଡ଼ି ଶିଶୁଟିଏ ଅକ୍ଷତ ରହିପାରେ କେମିତି ବା ଖତଗଦା ମଧ୍ୟରେ ପୋତା ହୋଇ ଜୀବିତ ରହିପାରେ କେମିତି!

ଏବେ ଆସିବା ଆଉ ଏକ ଘଟଣାକୁ, ଯାହା କେଇ ବର୍ଷ ତଳେ ଘଟିଥିଲା ପଶ୍ଚିମ ଓଡ଼ିଶାର କୌଣସି ଏକ ଗାଁରେ। ସେ ଥିଲା ଏକ ସଦ୍ୟଜନ୍ମିତ ପୁତ୍ର ସନ୍ତାନ, ଯାହାକୁ ଜନ୍ମ ଦେଇ ତା'ର ଜନନୀ ରୂପେ ପରିଚିତ ହେବାକୁ ଚାହିଁ ନ ଥିବା ମାଆ ଜଣେ ତାକୁ ଗୋଟିଏ ଟୋକେଇରେ ଶୁଆଇ ଏକ ନାଳର ସୁଅରେ ଭସାଇ ଦେଇଥିଲା। ଏହା ଥିଲା ଆଉ ଜଣେ କୁନ୍ତୀଙ୍କ କାହାଣୀ, ଯିଏ ନିଜ ପ୍ରାକ୍ ବୈବାହିକ ଜୀବନର ପାପକୁ ଲୁଚାଇ ରଖିବାକୁ ସେଇ ଅଲୋଡ଼ା ସନ୍ତାନଟିକୁ ଟେକି ଦେଇଥିଲା ଅଦୃଷ୍ଟ ମହାକାଳ ହାତରେ। ନାଳରେ ଭାସି ଯାଉଥିବା ଛୋଟ ଭେଳାଟି ଭିତରୁ କୁଆଁ କୁଆଁ କାନ୍ଦ ଶୁଣି କେହି ଜଣେ ଉଦାର ପଥଚାରୀ ତାଙ୍କୁ ଉଦ୍ଧାର କରିଥିଲେ ଓ ଯାବତୀୟ ପ୍ରତିକୂଳ ମଧ୍ୟରେ ତଥାପି ବଞ୍ଚି ରହିଥିବା ଶିଶୁପୁତ୍ରଟିକୁ ହସ୍ପିଟାଲକୁ ନେଇଯାଇଥିଲେ। ଉପରେ ତାତିଲା ସୂର୍ଯ୍ୟ ଓ ତଳେ ଗଭୀର ଜଳରାଶି ଉପରେ ଭାସି ଆସିଥିବା କଅଁଳ ଶିଶୁଟି ତା' କୁନି କୁନି ଆଖି ଦିଓଟିରେ ତାକୁ ଚିକିତ୍ସା କରୁଥିବା ଡାକ୍ତର, ନର୍ସ ଓ ଆଗ୍ରହାତିଶଯ୍ୟରୁ ତା' ଦୁର୍ଭାଗ୍ୟକୁ ଉପଭୋଗ କରୁଥିବା ଦେଖଣାହାରିଙ୍କୁ ଚାହିଁ ଅଶ୍ରୁତ ଶବଦରେ ପଚାରୁଥିଲା ସଂସାରକୁ ଆସୁ ଆସୁ ମୋତେ ଏଠାରୁ ତଡ଼ିଦିଆଯାଉଥିଲା କାହିଁକି? ଜୀବନ ଜୀଉଁ ଜୀଉଁ ମୋତେ ମାରିଦିଆ ଯାଉଥିଲା କାହିଁକି?

ଅବିକଳ ଏମିତି ପ୍ରଶ୍ନଟିଏ ବି ପଚାରିଲା ସେଦିନ ଖତଗଦାର ଅଳିଆ ମଧ୍ୟରୁ ଉଦ୍ଧାର ପାଇଥିବା ସେଇ ସଦ୍ୟଜାତ ଝିଅଟି– "ମୋତେ ମାରିଦିଆଯାଉଥିଲା କାହିଁକି?" ଯେ କାହିଁକି କେବଳ ଯାଜପୁର ଅବା ପଶ୍ଚିମ ଓଡ଼ିଶାରୁ ପ୍ରତିଧ୍ୱନିତ ହୋଇଥିବା 'କାହିଁକି' ନୁହେଁ। ନବ୍ୟ ଆଧୁନିକତା ମଧ୍ୟରେ ନିଜ ମୁହଁ ଲୁଚାଇ ବଢ଼ି ଚାଲୁଥିବା ଅନୈତିକ ସମ୍ପର୍କରୁ ସୃଷ୍ଟି ହେଉଥିବା ବହୁ ଅବାଞ୍ଛିତ ସନ୍ତାନମାନଙ୍କଠୁ ଅନୁରଣିତ ହେଉଥିବା ଏକ ମାର୍ମିକ କୈଫିୟତ ତଲବର ଏ ସ୍ୱର କାହିଁକି! ଏ ସ୍ୱର କେବଳ କୁଆଁରୀ ମାଆ ଓ ତାଙ୍କ ସାଥୀଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ ନୁହେଁ। ସମଗ୍ର ମଣିଷସମାଜ ଉଦ୍ଦେଶ୍ୟରେ ଏ ପ୍ରଶ୍ନ। ଆଧୁନିକ ମଣିଷ ନିଜ ଅଭ୍ୟନ୍ତରକୁ ଟିକେ ନିରେଖି ଚାହାନ୍ତା ସିନା, ଜାଣନ୍ତା, ଆଧୁନିକତାର ସକଳ ଉପାଦାନ ଭରପୂର ଥାଇ ବି ମଣିଷ ତା'ର ନିମ୍ନତମ ମଣିଷପଣିଆ ଟିକକ କେଉଁଠି ହଜାଇ ଦେଇଛି। ପାଲଟି ଯାଇଛି ପଶୁଠାରୁ ଆହୁରି ଇତର, ଅଧିକ ନିର୍ମମ ଓ ହୃଦୟହୀନ!

ପଶୁମାନଙ୍କ ମଧ୍ୟରେ ଥିବା ମାତୃତ୍ୱର ମହକ କେବେ ଆଘ୍ରାଣ କରିଥିବେ କି ଖତଗଦା ବା ନାଳରେ ନିଜ ନିଜର ସଦ୍ୟଜନ୍ମା ସନ୍ତାନଙ୍କୁ ନିକ୍ଷେପ କରିଥିବା ମାଆମାନେ! ଗଭୀର ଖାତ ମଧ୍ୟକୁ ଖସି ପଡ଼ିଥିବା ହାତୀଛୁଆକୁ ଉଦ୍ଧାର କରିବାକୁ ମାଆ ହାତୀର ବିକଳ ଆର୍ତ୍ତନାଦ କେବେ ତାଙ୍କ କାନରେ ପଡ଼ିଥିବ କି? ସନ୍ତାନ ପାଇଁ ମାଆର ମମତାର ଅପୂର୍ବ ଦୃଷ୍ଟାନ୍ତ ଆଉ କାହାଣୀମାଳାର ବଉଳା ଗାଈ ଉପାଖ୍ୟାନଠୁ ଆଉ ଅଧିକ କେଉଁଠି ମିଳିପାରିବ। ବାଘ ମୁହଁରେ ପଡ଼ି ମରିବା ନିଶ୍ଚିତ ଜାଣି ନିଜ ସଦ୍ୟଜାତ ବାଛୁରୀକୁ କ୍ଷୀର ପିଆଇବା ପାଇଁ ବ୍ୟାକୁଳ ଭାବେ ବାଘକୁ କାକୁତିମିନତି ହେଉଥିଲା ବଉଳା ଗାଈଟି। ନିଜ ସନ୍ତାନ ପାଇଁ ଝରି ପଡୁଥିବା ମାଆ ଗାଈଟିର ମମତା ବାଘ ଭଳି ହିଂସ୍ର ପ୍ରାଣୀଟିକୁ ତରଳାଇ ଦେଇଥିଲା। ସେ ବଉଳାକୁ ଛାଡ଼ି ଦେଇଥିଲା। ପଶୁ ହେଲେ ବି ନିଜ ସତ୍ୟ ରକ୍ଷା କରି ବଉଳା ତା' ବାଛୁରୀକୁ କ୍ଷୀର ପିଆଇ ପୁଣି ଫେରି ଆସିଥିଲା ମରଣ ମୁହଁକୁ। ବଉଳା ପଶୁଟିଏ ନା! ଅଥଚ ନିଜ ସନ୍ତାନର ସୁରକ୍ଷା ଚିନ୍ତା ତାକୁ ଏତେ ବ୍ୟତିବ୍ୟସ୍ତ କରିଥିଲା ଯେ ସେ ଶାନ୍ତିରେ ମରିପାରୁ ନ ଥିଲା। ମାତ୍ର ମଣିଷ ମାଆମାନେ ନିଜ ଜୀବନର ଶାନ୍ତି ଓ ସୁରକ୍ଷା ପାଇଁ ଅନାୟାସରେ ନିଜ ସନ୍ତାନମାନଙ୍କୁ ମାରିଦେଇପାରନ୍ତି! ଛି...!

ପ୍ରଜ୍ଞା ନିଳୟ
ବିଦ୍ୟାପତି ନଗର, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ସରୋଗେଟ୍ ମଦର



ଡା. ଶୁଭଶ୍ରୀ ମିଶ୍ର

ସରୋଗେସୀ କରୁଥିବା ମହିଳା କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ସରୋଗେସୀ ଦ୍ୱାରା ମାତୃତ୍ୱ ଓ ପିତୃତ୍ୱ ପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଛୁଟି ପ୍ରଦାନ ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ ଦିନର ପିତୃତ୍ୱ ଛୁଟି ପ୍ରଦାନ ପାଇଁ ଆଇନତଃ ବ୍ୟବସ୍ଥା ହୋଇଛି। ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଦୁଇରୁ କମ୍ ଜୀବିତ ସନ୍ତାନ ଥିବା ରାଜ୍ୟ ସରକାରୀ ମହିଳା କର୍ମଚାରୀ ସରୋଗେଟ ମାତୃତ୍ୱ ଲାଭ କଲେ ହିଁ ସେମାନେ ୧୮୦ ଦିନର ମାତୃତ୍ୱ ଛୁଟି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହାସହ ଜଣେ ରାଜ୍ୟ ସରକାରୀ ପୁରୁଷ କର୍ମଚାରୀ ଯିଏ ୨ରୁ କମ୍ ଜୀବିତ ସନ୍ତାନ ଥାଇ ଅଧିଷ୍ଠାତା ପିତା ବା କମିସନିଂ ଫାଦର ହୁଅନ୍ତି ସେ ସନ୍ତାନ ଜନ୍ମ ତାରିଖରୁ ଛଅ ମାସ ମଧ୍ୟରେ ପନ୍ଦର ଦିନର ପିତୃତ୍ୱ ଛୁଟି ଲାଭ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ। ତେବେ ଏହି ଛୁଟି ଲାଭ କରିବାକୁ ସରୋଗେସୀ କ୍ଷେତ୍ରରେ ରହିଥିବା ରାଜିନାମା ସହିତ ପଞ୍ଜୀକୃତ ଡାକ୍ତର ଓ ସମ୍ପୃକ୍ତ ଡାକ୍ତରଖାନାରୁ ପାଇଥିବା ଚିକିତ୍ସା ସମ୍ବନ୍ଧିତ ସମସ୍ତ କାଗଜପତ୍ର ପ୍ରଦାନ କରିବାକୁ ପଡ଼ିବ।

'ସରୋଗେଟ୍ ମଦର' ବା (ଗର୍ଭାଶୟ ଭଡ଼ା ଦେଉଥିବା ମହିଳା) ବ୍ୟବସ୍ଥା ବର୍ତ୍ତମାନ ଭାରତର ମହାନଗରରେ ବଡ଼ ବ୍ୟବସାୟରେ ପରିଣତ ହୋଇଛି। ବିଦେଶରୁ ନିଃସନ୍ତାନ ଦମ୍ପତିମାନେ କମ୍ ଖର୍ଚ୍ଚରେ ସନ୍ତାନ ଲାଭ ପାଇଁ ଏଠାକୁ ଆସୁଛନ୍ତି। ଏହି କାରଣରୁ ବର୍ତ୍ତମାନ ସରକାର ସରୋଗେଟ୍ ଶିଶୁ ଜନ୍ମଜନିତ ଆଇନ ନିମନ୍ତେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି। ଭାରତୀୟ ମହିଳାଙ୍କ ଗର୍ଭରୁ ଜନ୍ମିତ ଯାଆଁଳା ସନ୍ତାନଙ୍କ ପାଇଁ ଜର୍ମାନ ଦମ୍ପତିଙ୍କ ପାସ୍‌ପୋର୍ଟ ଆବେଦନ ସମ୍ପର୍କରେ ନିକଟରେ ବିଚାର କରି ସୁପ୍ରିମକୋର୍ଟ କହିଛନ୍ତି, ଏହା କେବଳ ଦୁଇ ଶିଶୁଙ୍କର ସମସ୍ୟା ନୁହେଁ, ଏହା ଏକ ସାମାଜିକ ଓ ମାନବୀୟ ସମସ୍ୟା। ଏଥିସହ ସୁପ୍ରିମକୋର୍ଟ କହିଛନ୍ତି, ଯାଆଁଳା ଶିଶୁ ଦୁହିଁଙ୍କୁ ସରକାର ପାସ୍‌ପୋର୍ଟ ପ୍ରଦାନ କରିବା ପାଇଁ ଜର୍ମାନ ସରକାର ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବ ବୋଲି ଏକ ସତ୍ୟପାଠ ଯାଆଁଳା ପିଲାଦୁଇଟିର ପିତା ଜନ୍ ବ୍ଲାଜଙ୍କୁ ଦାଖଲ କରିବାକୁ ପଡ଼ିବ। ଏହାଛଡ଼ା ସେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କଲେଣି ନା କାହିଁ ତାହା ମଧ୍ୟ ଜଣାଇବା ପାଇଁ ସୁପ୍ରିମକୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ପାଇଁ ଚିନ୍ତାର ବିଷୟ ହେଉଛି ଉକ୍ତ ଶିଶୁଦ୍ୱୟଙ୍କ ପିତା ଭାରତୀୟ ପାସ୍‌ପୋର୍ଟ ଜରିଆରେ ସେମାନଙ୍କୁ ଜର୍ମାନ୍ ନେଇଯିବାକୁ ଚାହୁଁଛନ୍ତି। ଶିଶୁ ଦୁହିଁଙ୍କର ଭାରତୀୟ ନାଗରିକତ୍ୱ ନିମନ୍ତେ ତାଙ୍କର କୌଣସି ଆଗ୍ରହ ନାହିଁ। ମାତ୍ର ଜଣେ ବିଦେଶୀ ନାଗରିକ ଜଣେ ଭାରତୀୟ ମହିଳାଙ୍କ ଗର୍ଭରୁ ଜନ୍ମିତ ଶିଶୁକୁ ବିଦେଶ ନେଇଯିବେ ଏହା କେତେଦୂର ଯୁକ୍ତିଯୁକ୍ତ। ସେମାନେ ଶିଶୁକୁ ପୋଷ୍ୟ ଭାବରେ ଗ୍ରହଣ କରୁନାହାନ୍ତି କାହିଁକି ? ଆଇନତଃ ପୋଷ୍ୟ ସନ୍ତାନ ଗ୍ରହଣ ଦ୍ୱାରା ଅତିକମ୍‌ରେ ଶିଶୁର ଭବିଷ୍ୟତ ସୁରକ୍ଷିତ ରହିବ। ଶିଶୁକୁ ଦେଶହୀନ କରି କିପରି ଛାଡ଼ିଦେଇ ହେବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

ଆର୍ଟର୍ନି ଜେନେରାଲ ନୋଏଲ କିନ୍‌ଙ୍କୁ



ସରୋଗେସୀ ଆଇନର ଜନକ ବୋଲି କୁହାଯାଇପାରେ। ଚିକିତ୍ସାବିତ୍ ୱାରେନ୍ ଜେ ରିଙ୍ଗଓଲ୍ଡଙ୍କ ସହ ମିଶି ସେ ଏହି ଆଇନର ରୂପରେଖ ପ୍ରସ୍ତୁତ କରିଥିଲେ। ୧୯୮୬ ରେ ସରୋଗେସୀ ଦ୍ୱାରା ଜନ୍ମ ହୋଇଥିବା ଶିଶୁକନ୍ୟା ମେଲିସା ଷ୍ଟର୍ନଙ୍କୁ ତାଙ୍କର ସରୋଗେଟ୍ ମା' ମ୍ୟାରି ବେଥ୍ ହ୍ୱାଇଟ୍‌ହେଡ ତାଙ୍କର ପ୍ରକୃତ ମାତାପିତା ୱିଲିୟମ ଷ୍ଟର୍ନ ଓ ଏଲିଜାବେଥ ଷ୍ଟର୍ନଙ୍କୁ ପ୍ରଦାନ ନ କରିବାକୁ ଆମେରିକାର ସରୋଗେସୀ ଆଇନ ପ୍ରଣୟନ ହୋଇଥିଲା। ପ୍ରାୟତଃ ଦେଶ ଯେଉଁ ମହିଳାଙ୍କ ଗର୍ଭରୁ ସନ୍ତାନ ଜନ୍ମ ହୁଏ ତାଙ୍କୁ ଉକ୍ତ ଶିଶୁର ମା' ଭାବରେ ମାନନ୍ତି। ମାତ୍ର ଏବେ ଅନେକ ଦେଶରେ ସରୋଗେସୀ ଆଇନ ପ୍ରଣୟନ ହେଲାଣି। ଯେଉଁଠାରେ ଜନ୍ମଦାତ୍ରୀ ମା' ଓ ପ୍ରକୃତ ମାତାପିତା ଗୋଟିଏ ଦେଶର ସେ ସ୍ଥାନରେ ଶିଶୁ ନିମନ୍ତେ ପ୍ରାୟ ଆଇନଗତ ପ୍ରତିବନ୍ଧକ ନ ଥାଏ। ମାତ୍ର ଯେତେବେଳେ ସେମାନେ ଭିନ୍ନ ଦେଶର ନାଗରିକ ସେତେବେଳେ ଶିଶୁର ନାଗରିକତ୍ୱ ନେଇ ପ୍ରଶ୍ନ ଉଠେ। ଭାରତରେ ସରୋଗେଟ୍ ଶିଶୁ ଜନ୍ମ ମାନବୀୟ ସମସ୍ୟା ସୃଷ୍ଟି ନ କରୁ କିମ୍ବା ଭାରତୀୟ ମହିଳାମାନଙ୍କୁ ଶୋଷଣ ନ କରୁ ସେଥିପାଇଁ ଭାରତୀୟ ଆଇନ କମିଶନ ଏକ ପ୍ରସ୍ତାବ ଦେଇଛନ୍ତି। ସେହି ଅନୁଯାୟୀ – ସରୋଗେଟ୍ ଶିଶୁ ପାଇଁ ଉଭୟ ପକ୍ଷ ମଧ୍ୟରେ ଉପଯୁକ୍ତ ଚୁକ୍ତି ରହିବା ଆବଶ୍ୟକ। ଗର୍ଭଧାରିଣୀ ମହିଳାଙ୍କର ସହମତି, ତାଙ୍କ ସ୍ୱାମୀ ବା ପରିବାରର ସହମତି, ଗର୍ଭଧାରଣଠାରୁ ଶିଶୁ ଜନ୍ମ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ପ୍ରଦାନ, ଜନ୍ମ ପରେ ଶିଶୁ ହସ୍ତାନ୍ତର ଆଦି ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ। ଉକ୍ତ ଶିଶୁର ଜନ୍ମ ପୂର୍ବରୁ ମାତାପିତାଙ୍କର ମୃତ୍ୟୁ ଘଟିଲେ କିମ୍ବା ବିବାହ ବିଚ୍ଛେଦ ହେଲେ କିମ୍ବା ଶିଶୁ ଜନ୍ମ ପରେ ଉକ୍ତ ଶିଶୁକୁ ଦେବା ପାଇଁ ସେମାନେ ଅନାଗ୍ରହ ପ୍ରକାଶ କଲେ ଶିଶୁ ପାଇଁ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଗର୍ଭଧାରିଣୀ ମା'ର ଜୀବନ ବୀମା କରାଇବା ଆବଶ୍ୟକ। ସରୋଗେଟ୍ ଶିଶୁ ପାଇଁ ଆଗ୍ରହୀ ଦମ୍ପତିଙ୍କ ମଧ୍ୟରୁ ଅତିକମ୍‌ରେ ଜଣେ ଗର୍ଭଧାରଣ ପାଇଁ ଶୁକ୍ରାଣୁ ବା ଗର୍ଭାଣୁ ଦାନ କରିବା ଆବଶ୍ୟକ। କାରଣ ରକ୍ତର ସମ୍ପର୍କ ବନ୍ଧନକୁ ଅଧିକ ମଜଭୁତ୍ କରେ ଏବଂ ଶିଶୁକୁ ଦୁର୍ବ୍ୟବହାରରୁ ରକ୍ଷା କରେ। ଆଇନ ବ୍ୟବସ୍ଥା ସରୋଗେଟ୍ ଶିଶୁକୁ ତା'ର ମାତାପିତାଙ୍କ ବୈଧ ସନ୍ତାନ ଭାବରେ ସ୍ୱୀକୃତିଦେବା ଆବଶ୍ୟକ। ସରୋଗେଟ୍ ଶିଶୁର ଜନ୍ମ ପ୍ରମାଣ ପତ୍ରରେ ସରୋଗେଟ୍ ମା' ବଦଳରେ ପ୍ରକୃତ ମାତାପିତାଙ୍କ ନାମ ଉଲ୍ଲେଖ ରହିବା ଆବଶ୍ୟକ।

ଏହା ବ୍ୟତୀତ ଭାରତୀୟ ମହିଳାମାନଙ୍କୁ ସରୋଗେସୀ ନାମରେ ଶୋଷଣ କରାଯିବା ମଧ୍ୟ ଆଇନ କମିଶନଙ୍କୁ ବିବ୍ରତ କରିଛି। ଏହା ବ୍ୟତୀତ ସରୋଗେସୀକୁ ବ୍ୟବସାୟିକ ରୂପ ଦେବା ମଧ୍ୟ ଏକ ସମସ୍ୟା ରୂପେ ଉଭାହୋଇଛି। ଏହାଦ୍ୱାରା କେତେକ କ୍ଲିନିକ୍ ନିର୍ଦ୍ଦିଷ୍ଟ ମହିଳାଙ୍କୁ ବାରମ୍ବାର ଗର୍ଭଧାରଣ ନିମନ୍ତେ ପ୍ରବର୍ତ୍ତାଉଛନ୍ତି। ପ୍ରତି ୪୮ ଘଣ୍ଟାରେ ଜଣେ ବ୍ରିଟିଶ୍ ଦମ୍ପତିଙ୍କର ସରୋଗେଟ୍ ଶିଶୁ ଭାରତରେ ଜନ୍ମ ଗ୍ରହଣ କରୁଥିବା ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ଏ ସବୁର ନିରାକରଣ ନିମନ୍ତେ ଆସିଷ୍ଟେଡ ରିପ୍ରଡ୍‌କ୍ଟିଭ ଟେକ୍ନୋଲୋଜି ବିଲ୍ ପ୍ରଣୟନ କରାଯାଇ ଭାରତରେ ସରୋଗେଟ୍ ଶିଶୁ ଜନ୍ମକୁ ଉପଯୁକ୍ତ ଭାବରେ ନିୟନ୍ତ୍ରଣ କରାଯିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ
ମୋ:୯୮୬୧୪୬୩୪୦୬

## ଏଇ ଭାରତରେ

ଡାକ୍ତର ଚାକିରି ଛାଡ଼ି ପିଲାଙ୍କ ପାଇଁ କଣ୍ଢେଇ ତିଆରି କରୁଛନ୍ତି ଚଣ୍ଡିଗଡ଼ର ଡା. ଶ୍ୱେତା ଗୁପ୍ତା। ୧୨ବର୍ଷ ବୟସରୁ କମ୍ ବୟସର ପିଲାମାନଙ୍କ ପାଇଁ ସେ କନାରେ କଣ୍ଢେଇ ତିଆରି କରୁଛନ୍ତି ଏବଂ ଏହା ମଧ୍ୟ ତାଙ୍କ ରୋଜଗାରର ଏକ ଉତ୍ସ ହୋଇଯାଇଛି। ଏଥିରୁ ସେ ବର୍ଷକୁ ୧୫ ଲକ୍ଷ ଟଙ୍କା ମଧ୍ୟ ପାଉଛନ୍ତି। ଡା. ଶ୍ୱେତା ତିଆରି କରୁଥିବା କଣ୍ଢେଇଗୁଡ଼ିକ ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ତାଙ୍କ ହାତ ତିଆରି କଣ୍ଢେଇ ସମସ୍ତଙ୍କୁ ଆକର୍ଷଣ କରିପାରିଛି। ଏପରି କି ସୋନମ କପୁର, ସୋହା ଅଲ୍ଲି ଖାନ ଏବଂ ନେହା ଧୁପିଆ ଭଳି ଚଳଚ୍ଚିତ୍ର ତାରକାମାନେ ତାଙ୍କ ପ୍ରଶଂସକ ପାଲଟି ଯାଇଛନ୍ତି। ସେ ୨୦୨୨ରେ ଲିଟିଲ ଲାମ୍ବା ଷ୍ଟାର୍ଟଅପ ଗଠନ କରିଥିଲେ ଓ ପରେ ତା' ମାଧ୍ୟମରେ ସେ କଣ୍ଢେଇ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। କଣ୍ଢେଇଗୁଡ଼ିକର ମୂଲ୍ୟ ୭୦୦ରୁ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ୨୦୧୨ରେ ଶ୍ୱେତା ଏମ୍‌ବିବିଏସ୍ ଶେଷକରି ଗୁର୍‌ଗାଁଓର ମେଦାନ୍ତ ହସ୍ପିଟାଲରେ ଚାକିରି କରିଥିଲେ। ଦୀର୍ଘ ୧୦ ବର୍ଷ ଚିକିତ୍ସା ସେବାରେ ରହିବା ପରେ ତାହାକୁ ଛାଡି କଣ୍ଢେଇ ତିଆରି କାମକୁ ଅଦରି ନେଇଥିଲେ। ତଥାପି ଏହି କାମ ଭିତରେ ବି ସେ ରୋଗୀ ସେବା ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଅକ୍ଟୋବର ୧୯୭୫

- ଭାରତର ବିଶିଷ୍ଟ କର୍ଣ୍ଣାଟକୀ ସଙ୍ଗୀତଜ୍ଞ ଚିତ୍ତୁର ସୁବ୍ରମନିୟା ପିଲାଙ୍କ ୭୬ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ସରକାର ଆଦିବାସୀ ଓ ହରିଜନ ପ୍ରାର୍ଥୀଙ୍କ ପ୍ରାଇଭେଟ୍ ପାଇଲଟ୍ସ ଟ୍ରେନିଂ ନିମନ୍ତେ ୨୦ଟି ଛାତ୍ରବୃତ୍ତି ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି।
- ହିମାଚଳ ପ୍ରଦେଶ ଅନ୍ତର୍ଗତ ସୋଣ ନଦୀ ଉପତ୍ୟକାରେ ପ୍ରଥମଥର ୫୦ ହଜାର ବର୍ଷ ତଳର ପ୍ରସ୍ତର ଯୁଗୀୟ କେତେକ ସନ୍ଧାନ ମିଳିଛି।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 3 | | 6 | 8 | | |
| 6 | | | | 1 | | | | |
| | | | 8 | 4 | | 5 | 3 | |
| | 5 | 9 | | | | | | 7 |
| | | | 6 | | | | | |
| 4 | | | | 3 | | | 8 | |
| 9 | | | 4 | 5 | | 3 | | |
| | | 6 | | | 7 | 1 | | |
| | | | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 8 | 3 | 9 | 1 | 4 | 5 |
| 9 | 4 | 3 | 7 | 5 | 1 | 2 | 8 | 6 |
| 5 | 8 | 1 | 4 | 6 | 2 | 7 | 9 | 3 |
| 6 | 5 | 9 | 2 | 8 | 7 | 3 | 1 | 4 |
| 1 | 2 | 4 | 3 | 9 | 5 | 8 | 6 | 7 |
| 8 | 3 | 7 | 1 | 4 | 6 | 5 | 2 | 9 |
| 4 | 1 | 8 | 9 | 7 | 3 | 6 | 5 | 2 |
| 3 | 9 | 5 | 6 | 2 | 8 | 4 | 7 | 1 |
| 7 | 6 | 2 | 5 | 1 | 4 | 9 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରସୁଣ ଓ ପିଆଜର ମୂଲ୍ୟବୃଦ୍ଧି

ମହାଶୟ,

ସାରା ରାଜ୍ୟରେ ଏବେ ରସୁଣ ଓ ପିଆଜକୁ ନେଇ ହାଣ୍ଡିଶାଳରେ କଷଣ ବଢ଼ିଚାଲିଛି। ଅପରପକ୍ଷେ ଆଳୁ ଓ ଅଦା ଦର ଉଚ୍ଚା ରହିଛି। ରସୁଣ କିଲୋ ୪୦୦ ଟଙ୍କା ଛୁଇଁଲାଣି। ଏବେ ଆନ୍ଧ୍ରରେ ପ୍ରବଳ ଝଡ଼ବର୍ଷା ଯୋଗୁ ପିଆଜ ଅମଳ ବାଧାପ୍ରାପ୍ତ ହୋଇଛି। ପିଆଜ କିଲୋ ୬୦ ଟଙ୍କାରୁ ୬୫ ଟଙ୍କାରେ ବିକ୍ରୟ ଚାଲିଛି। ତେଣୁ ଗ୍ରାହକ ବାଧ ହୋଇ ଶହେ, ପଚାଶ ଗ୍ରାମ କିଣି ଚଳାଇ ନେଉଛନ୍ତି। ଗତ କିଛିଦିନ ହେବ ପିଆଜ ୬୦ରୁ ୬୫, ଆଳୁ ୩୦ରୁ ୩୫ ଟଙ୍କା, ଅଦା କିଲୋ ୨୦୦ରୁ ୨୫୦ ଟଙ୍କା ରହିଛି। ଆମ ରାଜ୍ୟରେ ଦୈନିକ ୧୫ଶହରୁ ୧୬ଶହ ଟନ୍ ପିଆଜ ଆବଶ୍ୟକ। ତେଣୁ ନାସିକ ସହ ଆନ୍ଧ୍ରପ୍ରଦେଶରୁ ଆସୁଥିବା ପିଆଜ ଆମର ଚାହିଦା ମେଣ୍ଟାଇଥାଏ। ଆମ ରାଜ୍ୟରେ ରସୁଣ ଉତ୍ପାଦନ ହେଉ ନ ଥିବାରୁ କାନପୁର ଓ ଗୁଜରାଟରୁ ରସୁଣ ଆସୁଛି। ଏବେ ପ୍ରବଳ ବର୍ଷା ଯୋଗୁ ମଧ୍ୟପ୍ରଦେଶରୁ ଉଚ୍ଚା ଦରରେ ରସୁଣ ଆସିବ। ରାଜ୍ୟ ବ୍ୟବସାୟୀ ମହାସଂଘ ଗଣମାଧ୍ୟମରେ କହିଛନ୍ତି, ରାଜ୍ୟରେ ଦରବୃଦ୍ଧି ପାଇଁ ଅନେକ କର୍ପୋରେଟ ହାଉସ ଦାୟୀ। କର୍ପୋରେଟ୍ ହାଉସ୍‌ଗୁଡ଼ିକ ଆଳୁ, ପିଆଜ, ରସୁଣ ଗଚ୍ଛିତ ରଖି ମନଇଚ୍ଛା ଦର ବଢ଼ାଉଛନ୍ତି।

–ଦେବଭକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଅତୀତର ଯେତେ କ୍ଷଣ
ନୀରବିଲା ଅକାରଣ
ବିତିଗଲା ଦିନ ଦୁଃଖ ସୁଖର
ହେଲା ନାହିଁ ଯାହା କେବେ ମୁଖର।
–(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୂଜାମଣ୍ଡପରେ ଗଜଲକ୍ଷ୍ମୀ


ଡେରାବିଶର ରଘୁନାଥପୁର ସିଂହସାହି କ୍ଲବ।


ଡେରାବିଶ୍ର ପଲେଇପାଟଣା ପୂଜା କମିଟି।


ଡେରାବିଶ୍ର ଜ୍ଞାନଜ୍ୟୋତି ପୂଜା ମଣ୍ଡପ।


କେନ୍ଦ୍ରାପଡାର ଅନ୍ନପୂର୍ଣ୍ଣା କ୍ଲବ୍।


କେନ୍ଦ୍ରାପଡାର ବଜରଙ୍ଗ କ୍ଲବ୍।


କେନ୍ଦ୍ରାପଡାର ବାଟମଙ୍ଗଳା।


କେନ୍ଦ୍ରାପଡାର କାଜଲ।


କେନ୍ଦ୍ରାପଡାର ଶିବଶକ୍ତି।


କେନ୍ଦ୍ରାପଡାର ଶୁଭଲକ୍ଷ୍ମୀ।


କେନ୍ଦ୍ରାପଡାର ଲକ୍ଷ୍ମୀ ନାରାୟଣ, ସୋବଲ


କେନ୍ଦ୍ରାପଡାର ପାଟକୁରା ଲକ୍ଷ୍ମୀପୂଜା।


କେନ୍ଦ୍ରାପଡାର ରାମସୀତା କ୍ଲବ୍।


କେନ୍ଦ୍ରାପଡାର ବଳରାମପୁର ସହର।


କେନ୍ଦ୍ରାପଡାର ସଦ୍‌ଭାବନ କ୍ଲବ୍, ଦୁହୁରିଆ।

# ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ଶୁଭଦର୍ଶିନୀ

ବରୀ,୧୯।୧୦(ମହେନ୍ଦ୍ର ସ୍ୱାଇଁ)



ବରୀ ବ୍ଲକ ଅଧୀନ ମନ୍ଦାରି ପଞ୍ଚାୟତର ଶୁଭଦର୍ଶିନୀ ଦାସ(ମାମା) ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏହି ପରୀକ୍ଷାରେ ୪୩ ତମ ସ୍ଥାନରେ ରହିଛନ୍ତି। ଏହି ସଫଳତା ପାଇଁ ଶୁଭଦର୍ଶିନୀ ତାଙ୍କ ବାପା ଶରତ କୁମାର ଦାସ ଓ ପ୍ରମିଳା ଦାସଙ୍କ ସହ ଶିକ୍ଷୟିତ୍ରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ଏହି ପରୀକ୍ଷାରେ ସଫଳ ହେବାରୁ ତାଙ୍କର ସ୍ୱପ୍ନ ଥିଲା। ସ୍ୱପ୍ନକୁ ସାକାର କରିବା ପାଇଁ ସେ ଦିନକୁ ୭/୮ ଘଣ୍ଟା କଠିନ ପରିଶ୍ରମ କରୁଥିଲେ ବୋଲି ମତ ରଖିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଦାଦା ଆଇନଜୀବୀ ପ୍ରଶାନ୍ତ ଦାସଙ୍କ ପ୍ରେରଣା ହିଁ ତାଙ୍କୁ ଏହି ସ୍ଥାନରେ ପହଞ୍ଚାଇ ପାରିଛି ବୋଲି ଶୁଭଦର୍ଶିନୀ କହିଛନ୍ତି।

# ନିଷ୍ପେଷିତଙ୍କ ପାଇଁ କାର୍ଯ୍ୟ କରିବି: ସ୍ନିଗ୍ଧା ମହାପାତ୍ର

## ଓଏଏସ୍ ପରୀକ୍ଷାରେ ସଫଳ ହେଲେ ଏମ୍‌ପିଙ୍କ ଝିଅ

କୁଜଙ୍ଗ,୧୯।୧୦(ମନୋଜ ପ୍ରଧାନ)



ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇଙ୍କ ବଡ଼ ଝିଅ ସ୍ନିଗ୍ଧା ମହାପାତ୍ର (ପୂଜା) ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୨୫୨ ର୍‍ୟାଙ୍କ ପାଇଛନ୍ତି। ପ୍ରଥମ ଚେଷ୍ଟାରେ ତାଙ୍କୁ ଏହି ସଫଳତା ମିଳିଛି। ସ୍ନିଗ୍ଧାଙ୍କ ଏହି ସଫଳତା ପାଇଁ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ଜେଜେ ପୂର୍ବତନ ଏମ୍‌ପି କୁଳମଣି ସାମଲ, ମଡେଲ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅଶୋକ ମହାନ୍ତି, ସହପାଠିନୀ ଦୁର୍ଗେଶନନ୍ଦିନୀ ପ୍ରଧାନ, ସୁଧେସିନା ମିଶ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସ୍ନିଗ୍ଧା ଖୁସିବ୍ୟକ୍ତ କରିବା ସହ ସମାଜର ନିଷ୍ପେଷିତ ଜନତାଙ୍କ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଆଗକୁ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କିପରି କୃତକାର୍ଯ୍ୟ ହେବେ ସେଥିପାଇଁ ପ୍ରସ୍ତୁତ ହେବେ ବୋଲି ପ୍ରକାଶ କରିଛନ୍ତି।


## Tender Notice

**BAIF Institute for Sustainable Livelihoods and Development**
Invites sealed quotations from reputed vendors for supply, installation & testing of **"Seeds & other agricultural inputs"** & **"Nylon mesh net"** in Korba Block, Korba district, Chhattisgarh. Refer **www.baif.org.in** & **www.baifodisha.org** for details.
**Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530**



## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELS-ANGL-OT-24-25-10

**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ଏକୀକୃତ ପ୍ରବନ୍ଧନ ପ୍ରଣାଳୀ (IMS) ଅର୍ଥାତ୍ ISO 9001:2015, ଗୁଣବତ୍ତା ପ୍ରବନ୍ଧନ ପ୍ରଣାଳୀ (QMS), ISO:14001-2015 ପର୍ଯ୍ୟାବରଣ ପ୍ରଣାଳୀ (EMS), ଏବଂ OHSAS 45001:2018ର କାର୍ଯ୍ୟାନ୍ୱୟନ ଏବଂ ସାର୍ଟିଫିକେସନ।

**ବିଜ୍ଞାପିତ ମୂଲ୍ୟ :** ₹1,12,362/-, EMD : ₹2,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 1,180/-/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା. 25.10.2024ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.08.11.2024ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର **www.ireps.gov.in**ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଏସ୍)/ ଅନୁଗୁଳ
PR-642/P/24-25



## PUBLIC NOTICE

I Purna Chandra Panda, declared here that, I am going to Purchase a House from Mr. Pabitra Mohan Mohanty, S/o Premananda Mohanty, bearing khata No. 619/4498, Mouza Bhubaneswar, Unit No. - 41, Chandrasekharpur, Tahasil - Bhubaneswar, Dist - Khurda. Mr. Pabitra Mohan Mohanty has already received the advanced amount through his bank. If anyone enter into any negotiation for the same house / pay any amount, I will not be responsible. If anyone have any query can contact : 6371964660.



## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमंडल, गोड्डा

**रद्द पत्र**

एतद् द्वारा सूचित किया जाता है कि समाचार पत्रों में प्रकाशित इस प्रमंडल से संबंधित अति अल्पकालीन ई–निविदा सं0 07/2024-25/R5/RWD/EE/GODDA दिनांक 09–10–2024 जिसका पी0 आर0 सं0 338792 Rural Work Departmennt (24-25)#D था, जिसे अपरिहार्य कारणवश अगले आदेश तक स्थगित की जाती है।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, गोड्डा

PR 339294 Rural Work Department(24-25)#D



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION : KORAPUT

No.O-394

Phone : Off : (06852) 251263, Email : eerwkoraput@yahoo.com

**e-Procurement for Road Works**
**Bid Identification No. : SERWKPT-Online-05/2024-25 Dtd-09.10.2024**

**Letter No. : 3314** **Dtd. : 09.10.2024**

1. Name of the Work : Special Repair Road Works For the Year 2024-25 2. Total Numbers of Works : 15 Nos.
3. Approximate Estimate Cost : Rs. 5.04 to Rs. 95.00 Lakhs (Approximately) 4. Class of Contractor : "B", "C" & "D" Class
5. Period of Completion : 2 Nos. of Work - 4 Month & 13 Nos. of Work - 2 Months 6. Other Details :

| Procurement Officer | Bid Identification No. | Availability of tender online bidding | |
|---|---|---|---|
| | | From | To |
| Superintending Engineer, R.W.Division, Koraput | Online Tender/05/RWD-KPT/2024-25 | 23.10.2024 at 11.00 A.M. | 05.11.2024 upto 5.30 P.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

**Sd./- Addl. Chief Engineer,**
**Rural Works Division, Koraput**

OIPR-25088/11/0005/2425



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

**(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)**
**(E-mail: serwbpr2004@yahoo.com, Tel No.: 0680-2404287)**

**NATIONAL COMPETITIVE BIDDING THROUGH e-Procurement**

**No. O-397** **Bid Identification No. Online Tender / 09-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2024-25/BPR | Road Works | 01 No. | Rs.100.84 lakhs | "B" Class & "A" Class as applicable | 04 (Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 09-2024-25/BPR | 21.10.2024 at 10.00 A.M. | 04.11.2024 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0012/2425 **Sd./- Chief Engineer, R.W. Circle, Berhampur**


## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମାଣିକ୍ୟ


@ ଶାନ୍ତନୁ


@ ଶୁଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## PANCHAYAT SAMITI, CHHENDIPADA
## INVITATION FOR BIDS (IFB)

**IDENTIFICATION No. : CHHB-02/2024-25**
E-mail address : ori-chendipada@nic.in

The Block Development Officer, Chhendipada on behalf of the Governor of Orissa invites Percentage rate bid in single cover system for the 3 no's of ACR Rooms & 5 nos of GPLF Building "C & D" & "B" & "C" contractors accordingly, registered with the State Government and contractors of equivalent grade / Class registered with Central Government / MES / Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If sucessful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e www.angul.nic.in.

**Sd./- Block Development Officer**
**Chhendipada**



## GOVERNMENT OF ODISHA
## OFFICE OF SUPERINTENDING ENGINEER
## MINOR IRRIGATION DIVISION, MALKANGIRI

No.A-430

E-mail ID : midivmalkangiri@gmail.com

**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 03/2024-25**

**Letter No. 1436** **Dt. 14.10.2024**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Double Cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1 | Name of the work | : | Improvement to canal lining of different MIPs in different Blocks of Malkangiri District under CAPEX Scheme 2024-25 |
| 2 | Total Number of work | : | 04 (Four) Nos. |
| 3 | Estimated cost | : | Approximately varies From Rs. 50.65 lakh to Rs. 78.27 lakh |
| 4 | Period of completion | : | 06 (Six) Calendar Months |
| 5 | Class of Contractor | : | "B" Class Contractor |
| 6 | Date and time of availability of bid documents in the portal | : | From 10.00 A.M. of 22.10.2024 to 5.00 P.M. of 12.11.2024 |
| 7 | Last date / time for receipt of bids in the portal | : | 5.00 P.M. on 12.11.2024 |
| 8 | Date of opening of bid | : | At 11.00 A.M. on 13.11.2024 in website (www.tendersorissa.gov.in) |
| 9 | Submission of Bids | : | Online mode |
| 10 | Name of the Officer inviting Bid | : | Superintending Engineer, Minor Irrigation Division, Malkangiri |
| 11 | Further details can be seen from the Government of Odisha Website - www.tendersorissa.gov.in | | |

**Sd./- Superintending Engineer**
**M.I.Division, Malkangiri**

OIPR-32364/11/0002/2425



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, KALAHANDI

No.A-424

**'e' Procurement Notice**
**Bid Reference No. SE MID BPT-3/2024-25**
E-mail : eemikldbpt@gmail.com

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil construction work |
| 2 | No. of Work | : | 10 (Ten) Nos. |
| 3 | Estimated cost | : | From Rs. 54.43 to 97.99 lakhs (Approximately) |
| 4 | Period of completion | : | 4 (Four) to 8 (Eight) calendar months |
| 5 | Date and Time of availability of bid documents in the portal | : | From 22.10.2024 (11.00 A.M.) to 05.11.2024 (5.00 P.M.) |
| 6 | Last date / time of receipt of bids in the portal | : | Dt. 05.11.2024 up to 5.00 P.M. |
| 7 | Date of opening of Bid | : | Dt. 06.11.2024 at 11.00 A.M. onwards |
| 8 | Date of Transparent Lottery (If required) | : | Dt. 18.11.2024 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

Further details can be seen from the e-Procurement market place http://tendersodisha.gov.in.

**Sd./- Er. Jagannath Mallik**
**Superintending Engineer**
**M.I.Division, Kalahandi**
**Bhawanipatna**

OIPR-32035/11/0002/2425

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମାଣିକ୍ୟ



@ ଶାନ୍ତନୁ



@ ଶୁଭ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ରୁ ୭ଜଣ ପାଇଲେ ଓଏଏସ୍

ନୟାଗଡ଼/ଖଣ୍ଡପଡ଼ା/ଓଡ଼ଗାଁ/ ଦଶପଲ୍ଲା, ୧୯।୧୦(ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା/ ଆଦର୍ଶ କୁମାର ପଟ୍ଟନାୟକ/ ପ୍ରକାଶ କୁମାର ପାଣି)

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୨ ମସିହାର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ)ପରୀକ୍ଷାରେ ରାଜ୍ୟରେ ୬୮୩ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ନୟାଗଡ଼ ଜିଲାର ୭ଜଣ ସଫଳତା ପାଇ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ରେଜଲ୍ଟ ପ୍ରକାଶ ପାଇବା ପରେ ନୟାଗଡ଼ ସହର ଖଣ୍ଡପଡା ରୋଡର ମିତାଲି ମଧୁସ୍ମିତା ମିଶ୍ର, ନୟାଗଡ଼ ବ୍ଲକ ବାଲୁଗାଁର ରଶ୍ମି ରଞ୍ଜନ ସ୍ୱାଇଁ ଓ ମାନ୍ଧତାପୁର ଗାଁର ସାର୍ଥକ ତାରିଣୀ ମିଶ୍ର, ଓଡ଼ଗାଁ ଏନଏସି କୁମ୍ଭାରସାହିର ଅଂଶୁମାନ ଦାସ, ଖଣ୍ଡପଡା ସହରାଞ୍ଚଳର ବିଶ୍ୱଜିତ ରାଉତ, ଖଣ୍ଡପଡା ବ୍ଲକ କଣ୍ଟିଲୋ ଖୁଦବେହେରା ପାଟଣା ସାହିର ଅମୀୟ ରଞ୍ଜନ ସାହୁ ଓ ଦଶପଲ୍ଲା ସହର ଦୁର୍ଗାବଜାର କଲୋନୀର ସୁଶ୍ରୀ



ବିଶ୍ୱଜିତ ରାଉତ



ଅଂଶୁମାନ୍ ଦାସ



ଅମିୟ ରଞ୍ଜନ ସାହୁ



ମିତାଲି ମଧୁସ୍ମିତା ମିଶ୍ର



ରଶ୍ମିରଞ୍ଜନ ସ୍ୱାଇଁ



ସାର୍ଥକ ତାରିଣୀ ମିଶ୍ର



ସୁଶ୍ରୀ ରଶ୍ମିତା ସାହୁ

ରଶ୍ମିତା ସାହୁଙ୍କୁ ସ୍ଥାନୀୟ ଲୋକମାନେ ଘରକୁ ଯାଇ ଶୁଭେଚ୍ଛା ଜଣାଇଛନ୍ତି।

ଖଣ୍ଡପଡା ରୋଡ଼ର ଗୀତାଞ୍ଜଳୀ ମିଶ୍ର ଓ ବିଶ୍ୱନାଥ ମିଶ୍ରଙ୍କର କନ୍ୟା ମିତାଲି ମଧୁସ୍ମିତା ମିଶ୍ର ୧୪୧ତମ ର୍ୟାଙ୍କରେ ସଫଳତା ପାଇଛନ୍ତି। ସେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଅଛନ୍ତି। ମାନ୍ଧତାପୁର ଗାଁର ସାର୍ଥକ ତାରିଣି ମିଶ୍ର ୧୫୦ତମ ସ୍ଥାନରେ ରହି ନିଜ ଗାଁ ଓ ଜିଲା ପାଇଁ ସୁନାମ ଆଣିଛନ୍ତି। ବରିଷ୍ଠ କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ରଙ୍କ ପୁଅ ସାର୍ଥକ ବାଙ୍ଗାଲୋରରେ ବିଟେକ୍ ଶିକ୍ଷା ସମାପ୍ତ ପରେ ଓପିଏସି ପରୀକ୍ଷା ଦେଇଥିଲେ। ଦଶପଲ୍ଲା ସହର ଦୁର୍ଗାବଜାର କଲୋନୀର ସୁଶ୍ରୀ ରଶ୍ମିତା ସାହୁ ୨୯୩ ର୍ୟାଙ୍କରେ ରହି ଦଶପଲ୍ଲାର ଟେକ ରଖିଛନ୍ତି। ଦୁର୍ଗାବଜାର କଲୋନୀର ସ୍ୱର୍ଗତ ରଘୁନାଥ ସାହୁ ଓ ମାତା ବାସନ୍ତୀ ସାହୁଙ୍କ କନ୍ୟା ରଶ୍ମିତା ଭୁବନେଶ୍ୱରର ଏକ ଘରୋଇ କୋଚିଂ ସେଣ୍ଟରରେ ଓଏଏସ୍ ପାଇଁ ପ୍ରସ୍ତୁତି କରୁଥିଲେ। କଣ୍ଟିଲୋ ଖୁଦବେହେରା ପାଟଣା ସାହିର ଅମୀୟ ରଞ୍ଜନ ସାହୁ (୨୮) ୨୯୮ ର୍ୟାଙ୍କରେ ପାସ୍ ହୋଇଛନ୍ତି। ବିଏ ବିଇଡି ପରେ ସେ ଓଏଏସ୍ ପରୀକ୍ଷା ଦେଇ ପ୍ରଥମ ସଫଳତା ପାଇଛନ୍ତି। ବାପା ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ ଓ ମାତା ମିତା ସାହୁ ଖୁସିରେ ବିଭୋର ହୋଇ ପଡିଛନ୍ତି। ବାଲୁଗାଁ ଗାଁର ରଶ୍ମୀ ରଞ୍ଜନ ସ୍ୱାଇଁ ୩୦୦ ର୍ୟାଙ୍କରେ ଅଛନ୍ତି। ସେ ବିଟେକ୍ କରିବା ପରେ ତୃତୀୟ ଥର ପରେ ସଫଳତା ପାଇଛନ୍ତି। ମାତା ଜ୍ୟୋତ୍ସ୍ନାରାଣୀ ଓ ପିତା ଦାଶରଥି ପୁଅର ସଫଳତା ପଛରେ ଖୁସି ହୋଇଛନ୍ତି। ଖଣ୍ଡପଡା ସହରାଞ୍ଚଳର ଯୁବକ ବିଶ୍ୱଜିତ ରାଉତ(୨୭) ନୂଆପଡା ଜିଲାରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଡୁଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ରାଉତଙ୍କ ଏକମାତ୍ର ପୁଅ ଅଟନ୍ତି। ବିଶ୍ୱଜିତ ପ୍ରଥମ କରି ଓଏଏସ୍ ପରୀକ୍ଷା ଦେଇ ୩୯୨ ସିରିଏଲରେ ଅଛନ୍ତି। ଓଡ଼ଗାଁ ଏନଏସି କୁମ୍ଭାରସାହିର ଅଂଶୁମାନ ଦାସ ୩୯୬ ର୍ୟାଙ୍କରେ ଅଛନ୍ତି। ପୁଅର ସଫଳତା ପଛରେ ବାପା ଦୁତିକୃଷ୍ଣ ଦାସ ଓ ମା'ସ୍ମୃତିପ୍ରଭା ଦାସ ଖୁସିବ୍ୟକ୍ତ କରିଛନ୍ତି।

# ନୟାଗଡ଼ର ବରପୁତ୍ରମାନଙ୍କୁ ଅଣଦେଖା

ନୟାଗଡ଼,୧୯।୧୦ (ଲୋକନାଥ ମିଶ୍ର)

■ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ତାଲିକାରେ ନୟାଗଡ଼ ଜିଲାର ନାଁ ନାହିଁ

■ରାଜ୍ୟରେ ସ୍ଥାପନ ହେବ ୨୦ ବରପୁତ୍ରଙ୍କ ପ୍ରତିମୂର୍ତ୍ତି

ରାଜ୍ୟର ୨୦ଟି ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ତେବେ ନୟାଗଡ଼ ଜିଲାର କୌଣସି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାର ତାଲିକାରେ ନାଁ ନାହିଁ। ରାଜ୍ୟରୁ ୨୦ ବରପତ୍ରଙ୍କ ନାମ ପ୍ରକାଶ ପରେ ଜିଲାବାସୀ ଏହାକୁ ଦୁର୍ଭାଗ୍ୟ କହି ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ନୟାଗଡ଼ ଜିଲାର ବରପୁତ୍ରମାନଙ୍କର ତାଲିକା ସଂଗ୍ରହ କରି ସ୍ଥାପନ କରିବାର ବ୍ୟବସ୍ଥା କରିବାକୁ ଦାବି ଉଠିଛି।

ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ନେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବିଭିନ୍ନ ଜନ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି, ଜିଲା ପ୍ରଶାସନଠାରୁ ମିଳିଥିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବାବେଳେ ନୟାଗଡ଼ ଜିଲା ତଥା ଓଡ଼ିଶାର ଗର୍ବ ଓ ଗୌରବ ଜ୍ୟୋର୍ତିବିଦ୍ ସାମନ୍ତ ଚନ୍ଦ୍ର ଶେଖର ମହାମହୋପାଧ୍ୟାୟ(ପଠାଣୀ ସାମନ୍ତ)ଙ୍କୁ ଉପେକ୍ଷିତ କରାଯାଇଛି। ସେହିପରି ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର, ଭକ୍ତ କବି ଭକ୍ତ ଚରଣ ଦାସ, ସଦାନନ୍ଦ କବି ସୂର୍ଯ୍ୟ ବହ୍ମା, ବିଶିଷ୍ଟ ସାରସ୍ୱତ ସାଧକ ବିନାୟକ ମିଶ୍ର, ଲାଇବ୍ରେରୀ ଆନ୍ଦୋଳନର ପୁରୋଧା ଦାଶରଥି ପଟ୍ଟନାୟକ, ଶହୀଦ ରଘୁ ଦିବାକର (ରଘୁନାଥ ମହାନ୍ତି ଓ ଦିବାକର ପରିଡା), ଶହୀଦ କଷ୍ଟି ଡାକୁଆ, ବିପ୍ଳବୀ ତଥା ସ୍ୱାଧିନତାର ସଂଗ୍ରାମୀ ଗୋବିନ୍ଦ ମିଶ୍ର ପ୍ରମୁଖ ଅନୁରୂପ ଭାବେ ଉପେକ୍ଷିତ କରାଯାଇଛି। ଏନେଇ ବିଶିଷ୍ଟ ପାଲା ଗାୟକ ମନୋଜ ମିଶ୍ର କୁହନ୍ତି ନୟାଗଡ଼ର ବରପୁତ୍ରମାନଙ୍କୁ ଅଣଦେଖା କରା ନ ଯାଉ। ରାଜ୍ୟର ବିଭିନ୍ନ ସ୍ଥାନ ପରି ନୟାଗଡ଼ରେ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି କହିଛନ୍ତି।



# ମା'ଗଜଲକ୍ଷ୍ମୀଙ୍କ ମେଲାଣି

ନୟାଗଡ଼, ୧୯।୧୦(ଲୋକନାଥ ମିଶ୍ର)

ନୟାଗଡ଼ ସହର ଏମ୍‌ଆଇ କଲୋନୀରେ ହୋଇଥିବା ଗଜଲକ୍ଷ୍ମୀ ମେଢ଼ଙ୍କର ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ ସହର ପରିକ୍ରମା ପରେ ମା'ଙ୍କୁ ବିସର୍ଜନ କରାଯାଇଛି।

# ୩ ମାସ ଧରି ବିଦ୍ୟାଳୟରେ ନାହିଁ ପିଇବାପାଣି



ଗଣିଆ,୧୯।୧୦ (ସନ୍ତୋଷ କୁମାର ପ୍ରଧାନ)

ମରାମତି ହେଉନି ସୋଲାର ନଳକୂପ

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତସ୍ଥିତ କୁଞ୍ଜବିହାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ପିଇବା ପାଣି ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି। ବିଦ୍ୟାଳୟ ପରିସରରେ ଥିବା ସୋଲାର ଚାଳିତ ନଳକୂପ ଗତ ୩ ମାସ ଧରି ଅଚଳ ହୋଇ ପଡିରହିଥିବାରୁ ଛାତ୍ରୀଛାତ୍ରମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ପାଚିକା ସହାୟିକାମାନେ ବାହାରୁ ପାଣି ଆଣି ରୋଷେଇ କରୁଛନ୍ତି। ଛାତ୍ରୀଛାତ୍ରମାନେ ପିଇବା ପାଇଁ ଘରୁ ପାଣି ବୋତଲ ସାଙ୍ଗରେ ଆଣିବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ ଅଚଳ ସୋଲାର ନଳକୂପକୁ ମରାମତି କରାଯାଉ ନ ଥିବା ପରିଚାଳନା କମିଟିର ସଭାପତି ଯଶୋବନ୍ତ ସାହୁ କହିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ସରପଞ୍ଚ ଏ ସମ୍ପର୍କରେ ବ୍ଲକ ପ୍ରଶାସନ , ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରିଥିବା କହିଛନ୍ତି।

୧୯୧୭ରେ ପ୍ରତିଷ୍ଠିତ ହୋଇଥିବା ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୪୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ମଧ୍ୟାହ୍ନ ଭୋଜନ ରୋଷେଇ , ପିଇବା ପାଣି ଓ ଛାତ୍ରୀଛାତ୍ରମାନେ ଶୌଚାଳୟ ବ୍ୟବହାର କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଦଳେଇ କହିଛନ୍ତି। ଏ ସମ୍ପର୍କରେ ଗଣିଆ ମଣ୍ଡଳ ଶିକ୍ଷାଅଧିକାରୀ ରବିନ୍ଦ୍ର କୁମାର ରାଉତରାୟଙ୍କୁ ପଚାରିବାରୁ ମୁଁ ଏ ସମ୍ପର୍କରେ ଅବଗତ ହୋଇନାହିଁ। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବା ପରେ କହିବି ବୋଲି କହିଛନ୍ତି।

# ଖଣ୍ଡପଡ଼ାରେ ଗଜଲକ୍ଷ୍ମୀଙ୍କ ଭସାଣୀ



ଖଣ୍ଡପଡ଼ା,୧୯।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରେ ୫ଟି ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ସମସ୍ତ ମେଢ଼ ଏକତ୍ରିତ ହେବା ପରେ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ମା'ଙ୍କର ମୂର୍ତ୍ତିକୁ ଖଣ୍ଡପଡା ସହର ପରିକ୍ରମା କରାଯାଇଥିଲା। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମେଢ଼ଗୁଡିକ ସହର ପରିକ୍ରମା କରିବା ପରେ ନିକଟସ୍ଥ ଜଳାଶୟରେ ମେଲାଣି ଦିଆଯାଇଥିଲା। ବାଜା, ବାଣ, ରୋଷଣି ଶୋଭାଯାତ୍ରାରେ ବିଭିନ୍ନ ପୂଜା କମିଟିର ସଦସ୍ୟ ଓ ଜନସାଧାରଣ ସାମିଲ ହୋଇଥିଲେ। ଜନସାଧାରଣ ରାସ୍ତାର ଦୁଇ ପାର୍ଶ୍ୱରେ ଉପସ୍ଥିତ ରହି ମା 'ଙ୍କର ଏହି ଭସାଣି ଯାତ୍ରାକୁ ଉପଭୋଗ କରିଥିଲେ।

**Tender Notice**

**BAIF Institute for Sustainable Livelihoods and Development**
Invites sealed quotations from reputed vendors for supply, installation & testing of **"Seeds & other agricultural inputs"** & **"Nylon mesh net"** in Korba Block, Korba district, Chhattisgarh. Refer **www.baif.org.in** & **www.baifodisha.org** for details.
**Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-24-25-10

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ଏକୀକୃତ ପ୍ରବନ୍ଧନ ପ୍ରଣାଳୀ (IMS) ଅର୍ଥାତ୍ ISO 9001:2015, ଗୁଣବତ୍ତା ପ୍ରବନ୍ଧନ ପ୍ରଣାଳୀ (QMS), ISO:14001-2015 ପର୍ଯ୍ୟାବରଣ ପ୍ରଣାଳୀ (EMS), ଏବଂ OHSAS 45001:2018ର କର୍ଯ୍ୟାନ୍ୱୟନ ଏବଂ ସାର୍ଟିଫିକେସନ।

ବିଜ୍ଞାପିତ ମୂଲ୍ୟ : ₹1,12,362/-, EMD : ₹2,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 1,180/-/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା. 25.10.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.11.2024ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଏସ୍)/ ଅନୁଗୁଳ
PR-642/P/24-25

**PUBLIC NOTICE**

I Purna Chandra Panda, declared here that, I am going to Purchase a House from Mr. Pabitra Mohan Mohanty, S/o Premananda Mohanty, bearing khata No. 619/4498, Mouza Bhubaneswar, Unit No. - 41, Chandrasekharpur, Tahasil - Bhubaneswar, Dist - Khurda. Mr. Pabitra Mohan Mohanty has already received the advanced amount through his bank. If anyone enter into any negotiation for the same house / pay any amount, I will not be responsible. If anyone have any query can contact : 6371964660.

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, गोड्डा**

**रद्द पत्र**

एतद् द्वारा सूचित किया जाता है कि समाचार पत्रों में प्रकाशित इस प्रमंडल से संबंधित अति अल्पकालीन ई–निविदा सं0 07/2024-25/R5/RWD/EE/GODDA दिनांक 09–10–2024 जिसका पी0 आर0 सं0 338792 Rural Work Departmennt (24-25)#D था, जिसे अपरिहार्य कारणवश अगले आदेश तक स्थगित की जाती है।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, गोड्डा

PR 339294 Rural Work Department(24-25)#D

**GOVERNMENT OF ODISHA** No.O-394
**OFFICE OF THE SUPERINTENDING ENGINEER**
**RURAL WORKS DIVISION : KORAPUT**
Phone : Off : (06852) 251263, Email : eerwkoraput@yahoo.com
**e-Procurement for Road Works**
**Bid Identification No. : SERWKPT-Online-05/2024-25 Dtd-09.10.2024**

**Letter No. : 3314** **Dtd. : 09.10.2024**

1. Name of the Work : Special Repair Road Works For the Year 2024-25
2. Total Numbers of Works : 15 Nos.
3. Approximate Estimate Cost : Rs. 5.04 to Rs. 95.00 Lakhs (Approximately)
4. Class of Contractor : "B", "C" & "D" Class
5. Period of Completion : 2 Nos. of Work - 4 Month & 13 Nos. of Work - 2 Months
6. Other Details :

| Procurement Officer | Bid Identification No. | Availability of tender online bidding | |
|---|---|---|---|
| | | From | To |
| Superintending Engineer, R.W.Division, Koraput | Online Tender/05/RWD-KPT/2024-25 | 23.10.2024 at 11.00 A.M. | 05.11.2024 upto 5.30 P.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd./- Addl. Chief Engineer, Rural Works Division, Koraput
OIPR-25088/11/0005/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା।
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-397 **Bid Identification No. Online Tender / 09-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2024-25/BPR | Road Works | 01 No. | Rs.100.84 lakhs | "B" Class & "A" Class as applicable | 04 (Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 09-2024-25/BPR | 21.10.2024 at 10.00 A.M. | 04.11.2024 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
OIPR-25071/11/0012/2425 **Sd./- Chief Engineer, R.W. Circle, Berhampur**

**PANCHAYAT SAMITI, CHHENDIPADA**
**INVITATION FOR BIDS (IFB)**
**IDENTIFICATION No. : CHHB-02/2024-25**
E-mail address : ori-chendipada@nic.in

The Block Development Officer, Chhendipada on behalf of the Governor of Orissa invites Percentage rate bid in single cover system for the 3 no's of ACR Rooms & 5 nos of GPLF Building "C & D" & "B" & "C" contractors accordingly, registered with the State Government and contractors of equivalent grade / Class registered with Central Government / MES / Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If sucessful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e www.angul.nic.in.

**Sd./- Block Development Officer Chhendipada**

**GOVERNMENT OF ODISHA** No.A-430
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID : midivmalkangiri@gmail.com
**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 03/2024-25**
**Letter No. 1436** **Dt. 14.10.2024**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Double Cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1 | Name of the work | : | Improvement to canal lining of different MIPs in different Blocks of Malkangiri District under CAPEX Scheme 2024-25 |
| 2 | Total Number of work | : | 04 (Four) Nos. |
| 3 | Estimated cost | : | Approximately varies From Rs. 50.65 lakh to Rs. 78.27 lakh |
| 4 | Period of completion | : | 06 (Six) Calendar Months |
| 5 | Class of Contractor | : | "B" Class Contractor |
| 6 | Date and time of availability of bid documents in the portal | : | From 10.00 A.M. of 22.10.2024 to 5.00 P.M. of 12.11.2024 |
| 7 | Last date / time for receipt of bids in the portal | : | 5.00 P.M. on 12.11.2024 |
| 8 | Date of opening of bid | : | At 11.00 A.M. on 13.11.2024 in website (www.tendersorissa.gov.in) |
| 9 | Submission of Bids | : | Online mode |
| 10 | Name of the Officer inviting Bid | : | Superintending Engineer, Minor Irrigation Division, Malkangiri |
| 11 | Further details can be seen from the Government of Odisha Website - www.tendersorissa.gov.in | | |

Sd./- Superintending Engineer M.I.Division, Malkangiri
OIPR-32364/11/0002/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KALAHANDI**
**'e' Procurement Notice**
**Bid Reference No. SE MID BPT-3/2024-25**
E-mail : eemikldbpt@gmail.com
No.A-424

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil construction work |
| 2 | No. of Work | : | 10 (Ten) Nos. |
| 3 | Estimated cost | : | From Rs. 54.43 to 97.99 lakhs (Approximately) |
| 4 | Period of completion | : | 4 (Four) to 8 (Eight) calendar months |
| 5 | Date and Time of availability of bid documents in the portal | : | From 22.10.2024 (11.00 A.M.) to 05.11.2024 (5.00 P.M.) |
| 6 | Last date / time of receipt of bids in the portal | : | Dt. 05.11.2024 up to 5.00 P.M. |
| 7 | Date of opening of Bid | : | Dt. 06.11.2024 at 11.00 A.M. onwards |
| 8 | Date of Transparent Lottery (If required) | : | Dt. 18.11.2024 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

Further details can be seen from the e-Procurement market place http://tendersodisha.gov.in.

Sd./- Er. Jagannath Mallik
Superintending Engineer
M.I.Division, Kalahandi
Bhawanipatna
OIPR-32035/11/0002/2425

# ମିଳିତ ଚଢ଼ାଉ, ବେଆଇନ ଖାଦାନ ଚିହ୍ନଟ

## ଧର୍ମଶାଳାରେ କଳାପଥର ଲୁଟ ପ୍ରସଙ୍ଗ

- ଅକ୍ଟୋବର ସୁଦ୍ଧା ମାଇନ୍ସ ମ୍ୟାନେଜର ନିଯୁକ୍ତି, ନଚେତ୍ ଉତ୍ତୋଳନ ବନ୍ଦ
- ଖଣି, ପୋଲିସ, ଜଙ୍ଗଲ ବିଭାଗରେ ସମନ୍ୱୟର ଅଭାବ
- ଅପେକ୍ଷାରେ ମାପଚୁପ, ଜରିମାନା ଡିମାଣ୍ଡ



ଯାଜପୁର,୧୯।୧୦(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ କଳାପଥର ଖାଦାନଗୁଡିକ ଉପରେ ଶନିବାର ଲଘୁ ଖଣି, ପୋଲିସ ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଏଥିରେ ଡଙ୍କାରୀ ପାହାଡ଼ର ସଇରାତ ନମ୍ବର ୨/୩ ପାଦଦେଶ ଏବଂ ବରଡା, ମାଳଗୋଡା ମୌଜା ଅଞ୍ଚଳରେ ଏକାଧିକ ଖାଦାନରୁ ବିପୁଳ ପରିମାଣର ମୂଲ୍ୟବାନ କଳାପଥର ଲୁଟ ହୋଇଥିବା ଚଢ଼ାଉରେ ଜଣାପଡିଛି। ଏନେଇ ଲଘୁ ଖଣି ବିଭାଗ ପକ୍ଷରୁ ସଂପୃକ୍ତ ବେଆଇନ କଳାପଥର ବ୍ୟବସାୟୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି। ଏହାବାଦ ଅକ୍ଟୋବର ୩୧ ତାରିଖ ସୁଦ୍ଧା କେନ୍ଦ୍ର ଖଣି ସୁରକ୍ଷା ନିର୍ଦ୍ଦେଶକ(ଡିଜିଏମ୍ଏସ୍)ଙ୍କ ନିର୍ଦ୍ଦେଶ ଅନୁସାରେ ଲିଜ୍ଧାରୀମାନେ ମାଇନ ମ୍ୟାନେଜର ନିଯୁକ୍ତି ନ ଦେଲେ ଚାଲିଥିବା କଳାପଥର ଖାଦାନଗୁଡିକୁ ବନ୍ଦ କରିଦିଆଯିବ ବୋଲି ଖଣି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ବେଆଇନ କଳାପଥର ଖାଦାନଗୁଡିକ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପୋଲିସ ପ୍ରଶାସନର ସହଯୋଗ ଲୋଡା ଯାଇଛି। ତେବେ ଖଣି, ପୋଲିସ, ଜଙ୍ଗଲ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବରୁ କଳାପଥର ଲୁଟ କାରବାର ନିୟନ୍ତ୍ରଣ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଚିଠି ମାଧ୍ୟମରେ ପଦକ୍ଷେପ ଏବଂ ଧରିତ୍ରୀରେ ଶନିବାର ବେଆଇନ ଖାଦାନ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରକାଶ ପାଇବା ପରେ ଖଣି ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇ ଉକ୍ତ ବେଆଇନ କାରବାର ନିୟନ୍ତ୍ରଣ ଦିଗରେ ତତ୍ପରତା ପ୍ରକାଶ ପାଇଛି ବୋଲି ଚର୍ଚ୍ଚା ହେଉଛି।

ଧର୍ମଶାଳା ବିଧାୟକ ସାହୁ ନିୟମିତ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବେଆଇନ କଳାପଥର ଖାଦାନ ଉପରେ ଅଧିକ ପାଟ୍ରୋଲିଂ କରି ଆଇନ ଅନୁସାରେ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ର ଲେଖି ଥିଲେ । ଏହାପରେ ଯାଜପୁର ଲଘୁ ଖଣି ବିଭାଗ ପକ୍ଷରୁ ଜେନାପୁର ଥାନା ପୋଲିସକୁ କଳାପଥର ଲୁଟକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦୁର୍ଗାପୂଜା ପୂର୍ବରୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଜେନାପୁର ଥାନା ପୋଲିସ ବେଆଇନ ଖାଦାନଗୁଡିକୁ ଚିହ୍ନଟ କରି ସୂଚନା ଦେବାକୁ ଖଣି ବିଭାଗକୁ ଅନୁରୋଧ କରିଥିଲେ। ଏହାପରେ ମିଳିତ ଚଢାଉରେ ଡଙ୍କାରୀ, ବରଡା, ରାହାଡପୁର ଇତ୍ୟାଦି ଅଞ୍ଚଳରେ ବେଆଇନ ଖାଦାନ ଓ ଲିଜ ଖାଦାନ ସଂକ୍ରାନ୍ତରେ ଖଣି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଗତ ୨ ମାସ ମଧ୍ୟରେ ଡଙ୍କାରୀ ପାଦଦେଶରୁ ପ୍ରାୟ ୫ କୋଟି ଟଙ୍କାର କଳାପଥର ଲୁଟ ହୋଇଥିବା ଅନୁମାନ କରାଯାଇଛି। ଏଭଳି ସ୍ଥିତିରେ ପୂର୍ବ ପଦକ୍ଷେପ ଅନୁସାରେ ଖଣି ବିଭାଗ ପକ୍ଷରୁ ଚିହ୍ନଟ ବେଆଇନ ଖାଦାନର ସାଟେଲାଇଟ ମାପଚୁପ କରି କେବେ ଜରିମାନା ନୋଟିସ ଦିଆଯାଉଛି ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି। ଏହାବାଦ ବିନା ମାଇନ ମ୍ୟାନେଜରରେ ଲିଜ୍ ଖାଦାନଗୁଡିକ ଚାଲିଥିବାରୁ ସେଠାରେ ଶ୍ରମିକମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, କଳାପଥର ଲୁଟ କାରବାରକୁ ନିୟନ୍ତ୍ରଣ କରିବାକୁ ପୋଲିସ ପ୍ରଶାସନର ସହଯୋଗ ନିତ୍ୟାନ୍ତ ଆବଶ୍ୟକ। ସେଥିପାଇଁ ସେ ଏସ୍ପିଙ୍କ ସହିତ ଆଲୋଚନା କରିଛନ୍ତି। ମାଇନ ମ୍ୟାନେଜର ନିଯୁକ୍ତି ହେବା ପରେ ପ୍ରାୟ ସବୁ ସମସ୍ୟାର ସମାଧାନ ହୋଇ ପାରିବ। ତେଣୁ ଅକ୍ଟୋବର ସୁଦ୍ଧା ମାଇନ ମ୍ୟାନେଜର ନିଯୁକ୍ତି ନ କଲେ କଳାପଥର ଖାଦାନ ଉତ୍ତୋଳନ ପ୍ରକ୍ରିୟାକୁ ବନ୍ଦ କରିଦିଆଯିବ।

# ହେଲ୍‌ଥ କେୟାର ହସ୍ପିଟାଲ ସିଲ୍



ପ୍ରଶାସନିକ ଅଧିକାରୀ ଡାକ୍ତରଖାନା ସିଲ୍ କରୁଛନ୍ତି।

କେନ୍ଦ୍ରାପଡ଼ା,୧୯।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହରସ୍ଥିତ ହେଲ୍‌ଥ୍ କେୟାର୍ ହସ୍ପିଟାଲକୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ସିଲ୍ କରାଯାଇଛି । ହସ୍ପିଟାଲ ଘରର ନିର୍ମାଣ ପ୍ଲାନ୍‌କୁ ଜାଲିଆତି କରା ଯାଇଥିବା ଅଭିଯୋଗ ପରେ ଏପରି କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଘର ନିର୍ମାଣ ପ୍ଲାନରେ ଜାଲିଆତି ହୋଇଥିବା ସମ୍ପର୍କରେ କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଉକ୍ତ ଘରୋଇ ହସ୍ପିଟାଲ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ ତଦନ୍ତ କରିବା ପରେ ଏଥିରେ ଜାଲିଆତି ହୋଇଥିବାର ଅନୁଭବ କରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ମାଜିଷ୍ଟ୍ରେଟ୍ ତାପସ ଦେଉରି, ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପୋଲିସ ଉପସ୍ଥିତିରେ ହେଲ୍‌ଥ୍ କେୟାର୍ ହସ୍ପିଟାଲକୁ ସିଲ୍ କରାଯାଇଛି ।

# ଭାରତୀୟ ବତିଘର ମହୋତ୍ସବ-୨୦୨୪

## ହୁକିଟୋଲା ବତିଘରକୁ ଜାତୀୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି

ମହାକାଳପଡ଼ା,୧୯।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଗଭୀର ସମୁଦ୍ରରେ ବଡ଼ ବଡ଼ ଜାହାଜ ଯାତାୟତ ପାଇଁ ଦିଗ ନିର୍ଣ୍ଣୟ କରିବା ବାଧକ ସାଜିଥିଲା। ଫଳରେ ଅଧିକାଂଶ ସମୟରେ ଜାହଜଗୁଡ଼ିକ ଦିଗହରା ହୋଇ ଦୁର୍ଘଟଣାଗ୍ରସ୍ତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ରିଟିଶ ଶାସକମାନେ ଦେଶର ବିଭିନ୍ନ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ବତୀଘର ନିର୍ମାଣ କରିଥିଲେ। ବତୀଘର ବା ଲାଇଟ୍ ହାଉସ ନିର୍ମାଣ ପରେ ଜାହାଜ ସମୁଦ୍ରରେ ଯାତାୟତ ସମୟରେ ଉଚ୍ଚ ଶିଖରରେ ଉଜ୍ଜ୍ୱଳ ଆଲୋକକୁ ଦେଖି ଦିଗ ନିର୍ଣ୍ଣୟ କରିବା ସହ ସୁବିଧାରେ ଚଳାଚଳ କରିଥିଲା। ଏହି ସ୍ମୃତିକୁ ନେଇ ଶନିବାର କେନ୍ଦ୍ରାପଡ଼ା ଜିଲା ସମୁଦ୍ର ଉପକୂଳ ମହାକାଳପଡ଼ାର ବତୀଘର ପଞ୍ଚାୟତ ଫଲ୍ସ ପଏଣ୍ଟ ବତୀଘର ପରିସରରେ ଭାରତୀୟ ବତୀଘର ମହୋତ୍ସବ - ୨୦୨୪ ଶୁଭାରମ୍ଭ ହୋଇଛି।

ଏହି କାର୍ଯ୍ୟକ୍ରମ ୨ ଦିନ ଚାଲିବ। ଏହି ମହୋତ୍ସବକୁ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବତୀଘର ନିର୍ମାଣ ହେବା ଦ୍ୱାରା ପାରାଦୀପ ବନ୍ଦର ସହିତ ମାଲ ପରିବହନ ଦେଶ ବିଦେଶରୁ ଆମଦାନୀ ରପ୍ତାନି ସହ ବାଣିଜ୍ୟ କାରବାର ବୃଦ୍ଧି ପାଇଛି। ଯାହା ଫଳରେ ଦେଶରେ ଆର୍ଥିକ ଅଭିବୃଦ୍ଧି ହୋଇ ପାରିଛି ବୋଲି ବିଧାୟକ ନାୟକ ମତବ୍ୟକ୍ତ କରିଛନ୍ତି। ସେହିପରି ହୁକିଟୋଲା ବତୀଘରକୁ ଜାତୀୟ ପର୍ଯ୍ୟଟନ କ୍ଷେତ୍ର , ବରୁଣେଇ ମୁହାଣ ସହିତ ବିଭିନ୍ନ ନଦୀ ନାଳ ପୋତି ହୋଇଯାଇଛି।

ଏହାକୁ ଖନନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କଠାରେ ସେ ଦାବି ଉପସ୍ଥାପନା କରାଯିବ ବୋଲି କହିଛନ୍ତି। ଏହି ମହୋତ୍ସବରେ ସମ୍ମାନିତ ଅତିଥି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ବିଡ଼ିଓ ସାଗର ରଞ୍ଜନ ନନ୍ଦ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ସରପଞ୍ଚ ଶିବାନୀ ବିଜୁଳି, ସମିତି ସଭ୍ୟ ଯୁବନେତା କ୍ରିଷ୍ଣପଦ ମଣ୍ଡଳ, ଶିବୁ ବିଜୁଳି, ହରିପଦ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରର ବତୀଘର ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ପରିବେଶ ସମ୍ପର୍କିତ ନୃତ୍ୟ,ସଙ୍ଗୀତ,ନାଟକ ପରିବେଷଣ କରିଥିଲେ। ମହୋତ୍ସବକୁ ବତୀଘର ଫଲ୍ସ ପଏଣ୍ଟ ପରିଚାଳକ ଜୟନ୍ତ କୁମାର ଚାଟାର୍ଜୀ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ଫଲ୍ସ ପଏଣ୍ଟ ବତୀଘର ବ୍ରିଟିଶ ଶାସକମାନେ ୧୮୩୬ରେ ନିର୍ମାଣ କରିଥିଲେ।

# ଇକୋ କ୍ଲବ୍ ତତ୍ତ୍ୱାବଧାରଙ୍କ ଏକଦିବସୀୟ ପ୍ରଶିକ୍ଷଣ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଯାଜପୁରଟାଉନ,୧୯।୧୦

(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ଜାତୀୟ ସବୁଜ ବାହିନୀ ଜିଲା କାର୍ଯ୍ୟକାରିଣୀ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଏକ ଦିବସୀୟ ଇକୋ କ୍ଲବ ତତ୍ତ୍ୱାବଧାରଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିସହିତ ଇକୋ କ୍ଲବ ଶିକ୍ଷକଙ୍କ ଦ୍ୱାରା କିପରି ଆଗାମୀ ପିଢ଼ିପାଇଁ ପରିବେଶ ସଚେତନତା ସୃଷ୍ଟି କରାଯାଇ ପାରିବ ତାହା ବର୍ଣ୍ଣନା କରିଥିଲେ। ଉଦ୍ୟାନ ଅଧି ନିରୀକ୍ଷକ ହରମୋହନ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ କିପରି ଉଦ୍ୟାନ ସୃଷ୍ଟି କରାଯାଇ ପରିବେଶ ସୁରକ୍ଷା କରାଯାଇ ପାରେ ତାହା କହିଥିଲେ। ଆବାହକ ଡ. ଶରତ କୁମାର ସାହୁ ଇକୋକ୍ଲବ ତତ୍ତ୍ୱାବଧାରକଙ୍କ ପ୍ରଶିକ୍ଷଣ ଶିବିର ଆୟୋଜନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଡ. ନୃସିଂହ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ୫ ବ୍ଲକରୁ ୫ଜଣ ଯଥା ଡ. ରାଜକିଶୋର ପଣ୍ଡା, ରଘୁନାଥ ମହାନ୍ତି, ଅଚ୍ୟୁତାନନ୍ଦ ପାତ୍ର, ଯୁଗପ୍ରଭା ସାବତ, ନବକିଶୋର ସାହୁଙ୍କୁ ପ୍ରକୃତି ବନ୍ଧୁ ଓ ୩ଟି ଅନୁଷ୍ଠାନକୁ ଯଥା ; ରିଜିଓନାଲ କଲେଜ, ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱକଳିଙ୍ଗ ଫାଉଣ୍ଡେସନକୁ ପ୍ରକୃତି ମିତ୍ର ପୁରସ୍କାର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପରିବେଶ ସମିତି ଓ ଜାତୀୟ ସବୁଜ ବାହିନୀର ମୁଖପତ୍ର 'ସବୁଜ ପରିବେଶ ପରିକ୍ରମା ଉନ୍ମୋଚିତ ହୋଇଥିଲା। ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ, ନୃସିଂହ ଚରଣ ବେହେରା, ବିଜୟ ମୋହନ ରାୟ, ବିଜୟ କୁମାର ସାହୁ, ରାଜକିଶୋର ପଣ୍ଡା ଓ ଆବାହକ ଡ. ଶରତ କୁମାର ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନୃସିଂହ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

# ପଟ୍ଟାମୁଣ୍ଡାଇ କଲେଜ ଅର୍ଥନୀତି ବିଭାଗର ସଫଳତା

ପଟ୍ଟାମୁଣ୍ଡାଇ,୧୯।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ଅର୍ଥ ନୀତି ବିଭାଗର+୩ଶେଷବର୍ଷ ଛାତ୍ର ଛାତ୍ରୀମାନେ ଚଳିତ +୩ ଅର୍ଥନୀତି ପରୀକ୍ଷାରେ ଅପୂର୍ବ ସଫଳତା ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ +୩ ଅର୍ଥନୀତି ଶେଷ ବର୍ଷ ପରୀକ୍ଷା ଫଳ ମେଧା ତାଲିକାରେ ଥିବା ପ୍ରଥମ ୧୦ଜଣଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ କଲେଜର ଶୁଭସନ୍ଧ୍ୟା ସାମଲ ୩ୟ,ସଞ୍ଜୀବ କୁମାର ଗାଇପାଇ ୫ମ, ସୌମ୍ୟାଶ୍ରୀ ସାହୁ ୬ଷ୍ଠ ଓ ସୁଚରିତା ରାଉଳ ୧୦ମ ସ୍ଥାନ ଅଧିକାର କରି ପଟ୍ଟାମୁଣ୍ଡାଇ କଲେଜ ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ଓ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଅଧ୍ୟାପକ ଶୁଭାଶିଷ ମିଶ୍ର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାର୍ଯ୍ୟ ସମୀକ୍ଷା

ପଟ୍ଟାମୁଣ୍ଡାଇ,୧୯।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ୨ ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହିତ ବିଭାଗୀୟ ଅଧିକାରୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ବିଧାୟକ ସାହୁ ପ୍ରଥମେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣଧୀନ ମାଳିପୁର-ବଳଭଦ୍ରପୁର ଭାୟା ରାଘବପୁର-ବାଲିପାଟଣା-ଖର୍ଦ୍ଦା-ପାଟଣା-ଛତ୍ରଧାରୀ ପାଟଣା ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହିତ ବିଭାଗୀୟ ଅଧିକାରୀ ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି । ବିଧାୟକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଅଧୀକ୍ଷଣ ଯନ୍ତ୍ରୀ ଇଂ.ସୁରଜ ବିଶ୍ୱାଳ ଓ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହନିର୍ବାହୀଯନ୍ତ୍ରୀ ଇଂ.ସୁବାସ ସାହୁ,ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତି ସଭ୍ୟ କୈଳାସ ପରିଡା,ଡାମରପୁର ସରପଞ୍ଚ ଅନୁସୂୟା ନାଥ, ପୂର୍ବତନ ସରପଞ୍ଚ ସୁବାସ ଦାସ, ପ୍ରମୁଖ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହି ରାସ୍ତାକୁ ଉତ୍ତମ ଗୁଣବତ୍ତା ସହିତ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବିଧାୟକ ସାହୁ ବିଭାଗୀୟ ଅଧିକାରୀଙ୍କ ସହିତ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ଅନୋଳି -ଅଳତାଙ୍ଗ ଭାୟା ବଉଳାଙ୍ଗ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ।

ଏହି ରାସ୍ତା ଦୁଇଟିର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣଙ୍କ ଠାରୁ ଅଭିଯୋଗ ପାଇବା ପରେ ବିଧାୟକ ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରି ଉତ୍ତମ ଗୁଣବତ୍ତା ସହିତ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଗ୍ରାମ୍ୟଉନ୍ନୟନ ବିଭାଗ ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜାତୀୟ ଜଳପଥ ପାଇଁ ୧୨ ହଜାର କୋଟି ବ୍ୟୟବରାଦ

କେନ୍ଦ୍ରାପଡ଼ା, ୧୯।୧୦ (ଜଗନ୍ନାଥ ଧଳ)



ଜାତୀୟ ଜଳପଥ ୫ ପାଇଁ ୧୨ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଖୁବ୍ ଶୀଘ୍ର ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏନେଇ ଭୁବନେଶ୍ୱରଠାରେ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଆୟୋଜିତ କର୍ମଶାଳାରେ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି। ଏସମ୍ପର୍କରେ ଜାଣିବା ପରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତରେ କଣ୍ଟିଆ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ସରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଅନ୍ତର୍ଗତ କଣ୍ଟିଆ ସେତୁ ୧୬ ବର୍ଷ ତଳେ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇନି।

ଏ ସମ୍ପର୍କରେ ସିଂହଗାଁ ଗ୍ରାମର ହରିହର ଜେନା କୁହନ୍ତି, ସହରଠାରୁ ସିଂହଗାଁ ମାତ୍ର ୨୬ କିମି ଦୂର। ଏହି ସିଂହଗାଁର ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେ ବି ଅପହଞ୍ଚ। ଗର୍ଭବତୀ ଭାର ସାହାଯ୍ୟରେ ୧୦ କିମି ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କିମି ଦୂର ଆଳି ସିଏଚ୍‌ସିକୁ ଯାଉଛନ୍ତି। ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଞ୍ଚି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବା ପାଇଁ କଣ୍ଟିଆ ନାଳ ବାଧା ସୃଷ୍ଟି କରୁଛି। ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଧୋୟା ଅଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜାତୀୟ ଜଳପଥ ନିର୍ମାଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ସିଂହଗାଁ ସେତୁ ନିର୍ମାଣ ହୋଇପାରିନାହିଁ। ଏସମ୍ପର୍କରେ ପଟ୍ଟାମୁଣ୍ଡାଇର ଉତ୍କମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ୨୦୦୮ରେ ଭାରତୀୟ ଆର୍ନ୍ତଦେଶୀୟ ଜଳପଥ ପ୍ରାଧୀକରଣ ଅଧୀନରେ ଥିବା ୬୨୩ କିମି ଲମ୍ବର ୫ ନଂ.ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏଥିମଧ୍ୟରୁ ପଶ୍ଚିମବଙ୍ଗରେ ୯୧ କିମି ଥିବା ବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କିମି ରହିଛି। ବ୍ରାହ୍ମଣୀ ନଦୀର ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ଉପଯୋଗୀ ପାଇଁ ଅର୍ଥ ଅନୁଦାନ ଦିଆଯାଇଛି। ଏହି ଜଳପଥ ପ୍ରକଳ୍ପ କେତେକ କାରଣରୁ ନିର୍ମାଣ ବନ୍ଦ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହାର ଅଗ୍ରଗତି ହୋଇ ପାରୁନାହିଁ। ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଟିଆ ନାଳ ଅର୍ନ୍ତଭୂକ୍ତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ ମସିହାରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅର୍ନ୍ତଭୂକ୍ତ ହେବାରୁ ତାହା ବନ୍ଦ ହୋଇଛି। ଜାତୀୟ ଜଳପଥ ନିର୍ମାଣର ଅହେତୁକ ବିଳମ୍ବ ଏବେ ଜିଲାର ଏହି ଧୋୟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ମଲିକ କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୩୦୦୦ରୁ ଅଧିକ ଅଧିବାସୀଙ୍କ ସମସ୍ୟା ତୁଟିଯିବ। କେନ୍ଦ୍ରାପଡ଼ା ସଦରକୁ ରାସ୍ତା ମିଳିବା ସହିତ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ସଂଯୋଗ ହେବ। ୨୦୦୮ ମସିହାରେ ସେତୁ ନିର୍ମାଣ ପାଇଁ କେତେକ ଜମି ସମସ୍ୟା ଦେଖା ଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ପ୍ରସ୍ତାବ ସମସ୍ୟାର ସମାଧାନ ହୋଇଛି। ଏହାପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି। କଣ୍ଟିଆ ନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସେତୁ ନିର୍ମାଣ ହୋଇଥିଲେ ସ୍ଥାନୀୟ ଲୋକଙ୍କ କୁମ୍ଭୀର ଆତଙ୍କ କମିଥାନ୍ତା। ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି।

ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିହଗାଁ ସେତୁ ନିର୍ମାଣ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବାଧା ସୃଷ୍ଟି କରିଛି। ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରୁନାହିଁ। ଜଳପଥ ପ୍ରକଳ୍ପ ବନ୍ଦ ହୋଇଥିବାରୁ ରାଜ୍ୟ ସରକାର ଏହି ସେତୁ ନିର୍ମାଣକୁ ଗୁରୁତ୍ୱ ଦେବା କଥା। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦାସ ପ୍ରକାଶ କରିଛନ୍ତି।

# ଦକ୍ଷତା ବିକାଶ ନିର୍ଦ୍ଦେଶକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଯାଜପୁରଟାଉନ,୧୯।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ସମୀକ୍ଷା ବୈଠକରେ ରାଜ୍ୟ ଦକ୍ଷତା ବିକାଶ ନିର୍ଦ୍ଦେଶକ ରଶ୍ମିତା ପଣ୍ଡା, ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏବଂ ଅନ୍ୟ ଅଧିକାରୀମାନେ।

ରାଜ୍ୟ ଦକ୍ଷତା ବିକାଶ ତଥା ନିଯୋଜନ ନିର୍ଦ୍ଦେଶକ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଯାଜପୁର ଜିଲା ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡା ୨ଦିନିଆ ଯାଜପୁର ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ସେ ଶୁକ୍ରବାର ପ୍ରଥମ ଦିନରେ ନଗଡ଼ା ଯାଇ ସେଠାକାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଆମ କଳିକା କେନ୍ଦ୍ରରେ ଶିଶୁଙ୍କ ସହିତ ଆଲୋଚନା କରିଥିଲେ। ପରେ ଦେଓଗାଁ ଆଶ୍ରମ ବିଦ୍ୟାଳୟ, ଚିଙ୍ଗୁଡ଼ିପାଳ ଆଶ୍ରମ ସ୍କୁଲ୍, କଙ୍କଡା ପାଳ ବାଇଓ ଫ୍ଲକ୍, କାଳିଆପାଣି ବାଇଓ ଡାଇଭରସିଟି ପାର୍କ, ସୁକିନ୍ଦା ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ବ୍ୟାସନଗର ସ୍କିଲ ଡେଭଲପମେଣ୍ଟ ସେଣ୍ଟର୍ ପରିଦର୍ଶନ କରିଥିଲେ। ଶନିବାର ଦ୍ୱିତୀୟରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ମାଗଣା ଔଷଧ ବିତରଣ କେନ୍ଦ୍ର, ଓପିଡି ଇତ୍ୟାଦି ପରିଦର୍ଶନ କରିଥିଲେ। ନିର୍ଦ୍ଦେଶିକା ପଣ୍ଡାଙ୍କ ପରିଦର୍ଶନ ସମୟରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସିଡିଏମ୍ଓ ଡା. ଶିବାଶିଷ ମହାରଣା, ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ସୀତାରାମ ମହାପାତ୍ର ଉପସ୍ଥିତ ଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହଠାରେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାପାଳ ବୈଠକରେ ଉପସ୍ଥିତ ରହି ଜିଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା, ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ନିର୍ଦ୍ଦେଶିକାଙ୍କୁ ଅବଗତ କରାଇଥିଲେ।

ବୈଠକରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ସେତୁବନ୍ଧ ଯୋଜନା, ପଂଚଶଖା ଶିକ୍ଷାସେତୁ, ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ୍ ସ୍କୁଲସ୍ ଫର୍ ରାଇଜିଂ ଇଣ୍ଡିଆ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଅନୁସୂଚିତ ଜନଜାତି ହଷ୍ଟେଲ, ସ୍ୱତନ୍ତ୍ର ଯୁବା ଉଦ୍ୟମ (ସ୍ୱୟଂ), ଅମୃତ ପ୍ରୋଜେକ୍ଟ, ଚାଷୀମାନଙ୍କଠାରୁ ଧାନ ସଂଗ୍ରହ, ମଣ୍ଡି ଭିତ୍ତିଭୂମି, ସାଧାରଣ ବଣ୍ଟନ ବ୍ୟବସ୍ଥା, ଜାତୀୟ ସାମାଜିକ ସୁରକ୍ଷା ଯୋଜନା, ମଧୁବାବୁ ପେନସନ, କୃଷକମାନଙ୍କ ପାଇଁ ରିହାତି ଋଣ, ଗ୍ରାମ୍ୟ ବିଦ୍ୟୁତିକରଣ, ଗ୍ରାମ୍ୟ ଶିଳ୍ପ ପାର୍କ, ଜିଲାସ୍ତର ଏବଂ ଉପ ଜିଲାସ୍ତରରେ ଅଭିଯୋଗ ଶୁଣାଣି, ଜନଶୁଣାଣି ପୋର୍ଟାଲରେ ଶୁଣାଣି ହୋଇ ନ ଥିବା ଅଭିଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ସୁଭଦ୍ରା ଯୋଜନାରେ ଶନିବାର ସୁଦ୍ଧା ୪୭୩୭୪୫ ଆବେଦନ ପଞ୍ଜୀକରଣ ହୋଇଥିବାବେଳେ ୭୯୭୬ ଆବେଦନ ଖାରଜ ହୋଇଥିବା ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ। ଖାରଜ ଆବେଦନ ଗୁଡ଼ିକ ବ୍ଲକସ୍ତରରେ ତନଖି କରାଯିବ ବୋଲି ସେ କହିଥିଲେ। ଚଳିତ ବର୍ଷ ଧାନକ୍ରୟ ନିମନ୍ତେ ୫୩,୧୭୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ୧୨୭ଟି କୃଷି ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ। ଧାନମଣ୍ଡିରେ ନୋଡାଲ ଅଧିକାରୀ ଓ ୪/୫ଟି ମଣ୍ଡିକୁ ନେଇ ସୁପରଭାଇଜର ନିଯୋଜିତ ହେବେ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ନୋଡାଲ ଅଧିକାରୀମାନେ ପ୍ରଚାର ପ୍ରସାର ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଇବେ ବୋଲି ଜଲାପାଳ ସ୍ପଷ୍ଟ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଶୁଭେନ୍ଦ୍ର ସାମଲ, ସପନ ନନ୍ଦ, ଜିଲା ପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ନିର୍ଦ୍ଦେଶିକା ପଣ୍ଡା ବରୁଆଁସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଠାରେ ବିଭିନ୍ନ ଶିଳ୍ପ ଅନୁଷ୍ଠାନଗୁଡ଼ିକର ଏଚ୍ଆର ଏବଂ ସିଏସ୍ଆର ମୁଖ୍ୟଙ୍କ ସହ ଜିଲାରେ ଦକ୍ଷତା ବିକାଶ ସମ୍ବନ୍ଧୀୟ ଆଲୋଚନା କରିଥିଲେ।

# ଜାତୀୟ ଜଳପଥ ପାଇଁ ୧୨ ହଜାର କୋଟି ବ୍ୟୟବରାଦ

- କଣ୍ଟିଆ ସେତୁର ଶୀଘ୍ର ନିର୍ମାଣ ଆଶା ତେଜିଲା
- ୩ ରାଜସ୍ୱ ଗ୍ରାମ ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ
- ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ମଧ୍ୟରେ ସଂଯୋଗ ସେତୁ



କେନ୍ଦ୍ରାପଡ଼ା, ୧୯।୧୦ (ଜଗନ୍ନାଥ ଧଳ)

ଜାତୀୟ ଜଳପଥ ୫ ପାଇଁ ୧୨ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଖୁବ୍ ଶୀଘ୍ର ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏନେଇ ଭୁବନେଶ୍ୱରଠାରେ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଆୟୋଜିତ କର୍ମଶାଳାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ଶୁକ୍ରବାର ସୂଚନା ଦେଇଛନ୍ତି। ଏସମ୍ପର୍କରେ ଜାଣିବା ପରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତରେ କଣ୍ଟିଆ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ସରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଅନ୍ତର୍ଗତ କଣ୍ଟିଆ ସେତୁ ଦୀର୍ଘ ୧୬ ବର୍ଷ ତଳେ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଅଦ୍ୟାବଧି ଶେଷ ହୋଇନି। ଯାହା ବର୍ଷାଋତୁ ସମେତ ବର୍ଷ ସାରା ସିଂହଗାଁ ପଞ୍ଚାୟତର ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧା ମିଳବ ବୋଲି ମତ ଦେଇଛନ୍ତି।

ଏ ସମ୍ପର୍କରେ ସିଂହଗାଁ ଗ୍ରାମର ହରିହର ଜେନା କୁହନ୍ତି, ସହରଠାରୁ ସିଂହଗାଁ ମାତ୍ର ୨୬କିମି ଦୂର। ଏହି ସିଂହଗାଁର ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେ ବି ଅପହଞ୍ଚ। ଗର୍ଭବତୀ ଭାର ସାହାଯ୍ୟରେ ୧୦ କିମି ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କିମି ଦୂର ଆଳି ସିଏଚ୍‌ସିକୁ ଯାଉଛନ୍ତି। ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଞ୍ଚି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବା ପାଇଁ କଣ୍ଟିଆ ନାଳ ବାଧା ସୃଷ୍ଟି କରୁଛି। ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଧୋୟା ଅଞ୍ଚଳରେ ଥିବା ଏହି ୩ ରାଜ୍ୟସ୍ୱ ଗ୍ରାମର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜାତୀୟ ଜଳପଥ ନିର୍ମାଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ସିଂହଗାଁ ସେତୁ ନିର୍ମାଣ ହୋଇପାରିନାହିଁ। ଏସମ୍ପର୍କରେ ପଟ୍ଟାମୁଣ୍ଡାଇର ଉତ୍କମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ୨୦୦୮ରେ ଭାରତୀୟ ଆର୍ନ୍ତଦେଶୀୟ ଜଳପଥ ପ୍ରାଧୀକରଣ ଅଧୀନରେ ଥିବା ୬୨୩ କିମି ଲମ୍ବର ୫ ନଂ.ଜାତୀୟ ଜଳପଥ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏଥିମଧ୍ୟରୁ ପଶ୍ଚିମବଙ୍ଗରେ ୯୧ କିମି ଥିବା ବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କିମି ରହିଛି। ବ୍ରାହ୍ମଣୀ ନଦୀର ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ଉପଯୋଗୀ ପାଇଁ ଅର୍ଥ ଅନୁଦାନ ଦିଆଯାଇଛି। ଏହି ଜଳପଥ ପ୍ରକଳ୍ପ କେତେକ କାରଣରୁ ନିର୍ମାଣ ବନ୍ଦ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହାର ଅଗ୍ରଗତି ହୋଇ ପାରୁନାହିଁ। ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଟିଆ ନାଳ ଅର୍ନ୍ତଭୂକ୍ତ ହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ ମସିହାରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅର୍ନ୍ତଭୂକ୍ତ ହେବାରୁ ତାହା ବନ୍ଦ ହୋଇଛି। ଜାତୀୟ ଜଳପଥ ନିର୍ମାଣର ଅହେତୁକ ବିଳମ୍ବ ଏବେ ଜିଲାର ଏହି ଧୋୟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ମଲିକ କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୩୦୦୦ରୁ ଅଧିକ ଅଧିବାସୀଙ୍କ ସମସ୍ୟା ତୁଟିଯିବ। କେନ୍ଦ୍ରାପଡ଼ା ସଦରକୁ ରାସ୍ତା ମିଳିବା ସହିତ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ସଂଯୋଗ ହେବ। ୨୦୦୮ ମସିହାରେ ସେତୁ ନିର୍ମାଣ ପାଇଁ କେତେକ ଜମି ସମସ୍ୟା ଦେଖା ଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ପ୍ରସ୍ତାବ ସମସ୍ୟାର ସମାଧାନ ହୋଇଛି। ଏହାପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି। କଣ୍ଟିଆ ନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସେତୁ ନିର୍ମାଣ ହୋଇଥିଲେ ସ୍ଥାନୀୟ ଲୋକଙ୍କ କୁମ୍ଭୀର ଆତଙ୍କ କମିଥାନ୍ତା। ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି।

ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିହଗାଁ ସେତୁ ନିର୍ମାଣ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବାଧା ସୃଷ୍ଟି କରିଛି। ଆବାସ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରୁନାହିଁ। ଜଳପଥ ପ୍ରକଳ୍ପ ବନ୍ଦ ହୋଇଥିବାରୁ ରାଜ୍ୟ ସରକାର ଏହି ସେତୁ ନିର୍ମାଣକୁ ଗୁରୁତ୍ୱ ଦେବା କଥା। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦାସ ପ୍ରକାଶ କରିଛନ୍ତି।

# ଓଏଏସ୍ ପାଇଲେ ସିଦ୍ଧାର୍ଥ, ସୂର୍ଯ୍ୟକାନ୍ତ



ସିଦ୍ଧାର୍ଥ ଆନନ୍ଦ ପଣ୍ଡା



ସୂର୍ଯ୍ୟକାନ୍ତ ପରିଡ଼ା

ରାଜକନିକା, ୧୯।୧୦ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ କୋରନ୍ଦ ଗାଁର ପୂର୍ବତନ ଭାରତୀୟ ବାୟୁସେନା ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା, ମା'ସବିତା ପଣ୍ଡାଙ୍କ ଏକମାତ୍ର ପୁତ୍ର ସିଦ୍ଧାର୍ଥ ଆନନ୍ଦ ପଣ୍ଡା ପ୍ରଥମଥର ଓଏଏସ ପରୀକ୍ଷାରେ ୯୬ ର୍ୟାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି। ବିନା କୋଚିଂରେ ସେ ପ୍ରତିଦିନ ୧୫ରୁ ୧୮ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଗୁରୁଦେବ ଓ ମାତାଜୀଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇଥିବା କହିଛନ୍ତି।

ସେହିପରି ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତର ହାବଳଗଣ୍ଡ ଗାଁର ଶରତ କୁମାର ପରିଡ଼ା ଓ ମା'ପୁଷ୍ପରାଣୀ ପରିଡ଼ାଙ୍କ ପୁଅ ସୂର୍ଯ୍ୟକାନ୍ତ ପରିଡ଼ା ଓଏଏସ ପରୀକ୍ଷାରେ ନଂ.୧୨୦ ସ୍ଥାନରେ ରହିଛନ୍ତି। ସେ ମାର୍ଚ୍ଚ ମାସରେ ରାଜକନିକା ବ୍ଲକ ପଧାନପଡା ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଚାକିରୀ କରୁଥିଲେ ମଧ ଦିନକୁ ୭ରୁ ୮ଘଣ୍ଟା ପ୍ରତିଦିନ ପରିଶ୍ରମ କରୁଥିଲେ । ଯାହା ଫଳରେ ତାଙ୍କର ଏହି ସଫଳତା ମିଳିଛି । ସେ ଆଗରୁ ଦୁଇ ଥର ଓଏଏସ୍ ପରୀକ୍ଷା ଦେଇଥିଲେ । ହେଲେ ସେଥିରେ ସେ ଅସଫଳ ହୋଇଥିଲେ ବି ହାର ମାନି ନ ଥିଲେ। ତୃତୀୟ ଥର ସଫଳତା ପାଇବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ୪ର୍ଥ ସ୍ଥାନରେ ସାତଭାୟାର ପ୍ରଜ୍ଞା

ରାଜନଗର, ୧୯।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାତଭାୟାର ଝିଅ ପ୍ରଜ୍ଞା ପାରଙ୍ଗମା ଓଏଏସ୍ ପରୀକ୍ଷାରେ ରାଜ୍ୟରେ ଚତୁର୍ଥ ସ୍ଥାନରେ ରହି ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଇନଜୀବୀ ବଲ୍ଲଭ ସାହୁଙ୍କ ଝିଅ ପ୍ରଜ୍ଞା ପାରଙ୍ଗମା ରେଭେନ୍ସାରେ ଜୁଲୋଜିରେ ପିଜି କରିବା ପରେ ୨୦୨୨ରେ ଓଏଏସ୍ ପରୀକ୍ଷା ଦେଇଥିଲେ। ପ୍ରଥମ ପ୍ରଚେଷ୍ଟାରେ ପ୍ରଜ୍ଞା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଜ୍ଞା ଆଇଏଏସ୍ ପାଇଁ ପ୍ରସ୍ତୁତ ହେଉଛନ୍ତି। ପ୍ରଜ୍ଞା ଭୁବନେଶ୍ୱରରେ ରୁହନ୍ତି। ସାତଭାୟାରେ ପୂର୍ବରୁ କେହି ଓଏଏସ୍ ପାଇ ନ ଥିଲେ। ପ୍ରଜ୍ଞା ସାତଭାୟାର ପ୍ରଥମ ଝିଅ ଭାବେ ଓଏଏସ୍ ପାଇଥିବାରୁ ସାତଭାୟାରେ ଖୁସିର ଲହରୀ ଖେଳି ଯାଇଛି।

# ୭୧ବର୍ଷରେ ବେଡାରୀ ଗଜଲକ୍ଷ୍ମୀ ପୂଜା

ପାଟକୁରା, ୧୯।୧୦ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମରେ ମା'ଗଜଲକ୍ଷ୍ମୀଙ୍କ ପୂଜା ୭୧ ବର୍ଷରେ ପହଞ୍ଚିଛି । ବୁଧବାର କୁମାର ପୂର୍ଣ୍ଣିମାଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ପୂଜା ଚାଲିବ। ପୂଜା ମଣ୍ଡପରେ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ଆକର୍ଷଣୀୟ ଦେଖାଯାଉଛନ୍ତି। ଦୈନିକ ଲକ୍ଷ୍ମୀପୂରାଣ ପାଠ ଓ ସନ୍ଧ୍ୟାରେ ଭଜନକୀର୍ତ୍ତନ ସାଙ୍ଗକୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଶକୁ ବେଶ ଉତ୍ସମୁଖରିତ କରୁଛି। ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଆସି ମା'ଙ୍କ ଦର୍ଶନ କରୁଛନ୍ତି। ବେଡାରୀଗଜଲକ୍ଷ୍ମୀ ପୂଜା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା କାର୍ଯ୍ୟ ସୁଚାରୁ ରୂପେ ହେଉଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ଦୈନିକ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି।

# ହେଲ୍‌ଥ କେୟାର୍ ହସ୍ପିଟାଲ ସିଲ୍

କେନ୍ଦ୍ରାପଡ଼ା, ୧୯।୧୦ (ଜଗନ୍ନାଥ ଧଳ)



ପ୍ରଶାସନିକ ଅଧିକାରୀ ଡାକ୍ତରଖାନା ସିଲ୍ କରୁଛନ୍ତି।

କେନ୍ଦ୍ରାପଡା ସହରସ୍ଥିତ ହେଲ୍‌ଥ୍ କେୟାର୍ ହସ୍ପିଟାଲକୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ସିଲ୍ କରାଯାଇଛି । ହସ୍ପିଟାଲ ଘରର ନିର୍ମାଣ ପ୍ଲାନ୍‌କୁ ଜାଲିଆତି କରା ଯାଇଥିବା ଅଭିଯୋଗ ପରେ ଏପରି କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଘର ନିର୍ମାଣ ପ୍ଲାନରେ ଜାଲିଆତି ହୋଇଥିବା ସମ୍ପର୍କରେ କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଉକ୍ତ ଘରୋଇ ହସ୍ପିଟାଲ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ ତଦନ୍ତ କରିବା ପରେ ଏଥିରେ ଜାଲିଆତି ହୋଇଥିବାର ଅନୁଭବ କରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ମାଜିଷ୍ଟ୍ରେଟ୍ ତାପସ ଦେଉରି, ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପୋଲିସ ଉପସ୍ଥିତିରେ ହେଲ୍‌ଥ୍ କେୟାର୍ ହସ୍ପିଟାଲକୁ ସିଲ୍ କରାଯାଇଛି ।

# ପଟ୍ଟାମୁଣ୍ଡାଇ କଲେଜ ଅର୍ଥନୀତି ବିଭାଗ ସଫଳତା

ପଟ୍ଟାମୁଣ୍ଡାଇ, ୧୯।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ଅର୍ଥ ନୀତି ବିଭାଗର ଯୁକ୍ତ୩ ଶେଷବର୍ଷ ଛାତ୍ର ଛାତ୍ରୀମାନେ ଚଳିତ ଯୁକ୍ତ୩ ଅର୍ଥନୀତି ପରୀକ୍ଷାରେ ଅପୂର୍ବ ସଫଳତା ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ଯୁକ୍ତ୩ ଅର୍ଥନୀତି ଶେଷ ବର୍ଷ ପରୀକ୍ଷା ଫଳ ମେଧା ତାଲିକାରେ ଥିବା ପ୍ରଥମ ୧୦ଜଣଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ କଲେଜର ଶୁଭସନ୍ଧ୍ୟା ସାମଲ ୩ୟ, ସଞ୍ଜୀବ କୁମାର ଗାଇପାଇ ୫ମ, ସୌମ୍ୟାଶ୍ରୀ ସାହୁ ୬ଷ୍ଠ ଓ ସୁଚରିତା ରାଉଳ ୧୦ମ ସ୍ଥାନ ଅଧିକାର କରି ପଟ୍ଟାମୁଣ୍ଡାଇ କଲେଜ ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁ ଓ ଅର୍ଥନୀତି ବିଭାଗ ମୁଖ୍ୟ ଅଧାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଅଧାପକ ଶୁଭାଶିଷ ମିଶ୍ର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନାଚକ୍ର

ଡେରାବିଶ, ୧୯।୧୦ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନାଚକ୍ରରେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ ମୁଖ୍ୟ ଅତିଥି, ଦାୟିତ୍ୱରେ ଥିବା ବ୍ଲକ ଉନ୍ନୟନ ଅଧିକାରୀ ତଥା କେନ୍ଦ୍ରାପଡ଼ା ବ୍ଲକ ଏବିଡିଓ ଅନିରୁଦ୍ଧ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ନୂତନ ଭାବେ କରାଯାଇଥିବା ଏହି ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମକୁ ସମସ୍ତ ବିଭାଗର ଶିକ୍ଷା କର୍ମୀମାନେ ଶ୍ରେଣୀରେ ଗୁରୁତର ସହ ପ୍ରୟୋଗ କରିବା ପାଇଁ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ କରିଥିଲେ।

ବ୍ଲକ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିନିୟର ଟିଚର ଏଜୁକେଟର ରାଜକିଶୋର ନାୟକ, ଜିଲାପରିଷଦ ସଭ୍ୟ ଅରବିନ୍ଦ ମଲିକ ଓ ଧନେଶ୍ୱର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବାବଦରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରର ପ୍ରାରମ୍ଭରେ ସହ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଆରସିସି ଦେବଦତ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ର ପରିଚାଳନାରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।




ଡେରାବିଶ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପାରାଦୀପ, ୧୯।୧୦ (ଶରତ ରାଉତ)

## ୨୦୨ଭିନ୍ନକ୍ଷମଙ୍କୁ ସଚେତନତା କରାଗଲା

ପାରଦୀପସ୍ଥିତ ମଧୁବନ ପୌର କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଞ୍ଚଳର ୨୦୨ ଭିନ୍ନକ୍ଷମଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆନୁଷଙ୍ଗିକ ଉପକରଣ, ଔଷଧ ଆଦି ଦିଆଯାଇଥିଲା। ପାରାଦୀପ ପୌରପରିଷଦ ପକ୍ଷରୁ ଆୟୋଜିତ ଏହି ଶିବିରରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଅନ୍ୟ ଅଧିକାରୀ କାଉନସିଲର ମାନେ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

ପଟ୍ଟାମୁଣ୍ଡାଇ, ୧୯।୧୦ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ୨ ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହିତ ବିଭାଗୀୟ ଅଧିକାରୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ବିଧାୟକ ସାହୁ ପ୍ରଥମେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣଧୀନ ମାଳିପୁର-ବଳଭଦ୍ରପୁର ଭାୟା ରାଘବପୁର-ବାଲିପାଟଣା-ଖର୍ଦ୍ଦା-ପାଟଣା-ଛତ୍ରଧାରୀ ପାଟଣା ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହିତ ବିଭାଗୀୟ ଅଧିକାରୀ ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି । ବିଧାୟକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଅଧୀକ୍ଷଣ ଯନ୍ତ୍ରୀ ଇଂ.ସୁରଜ ବିଶ୍ୱାଳ ଓ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହନିର୍ବାହୀଯନ୍ତ୍ରୀ ଇଂ.ସୁବାସ ସାହୁ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତି ସଭ୍ୟ କୈଳାସ ପରିଡା, ଡାମରପୁର ସରପଞ୍ଚ ଅନୁସୂୟା ନାଥ, ପୂର୍ବତନ ସରପଞ୍ଚ ସୁବାସ ଦାସ, ପ୍ରମୁଖ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ । ଏହି ରାସ୍ତାକୁ ଉତ୍ତମ ଗୁଣବତ୍ତା ସହିତ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବିଧାୟକ ସାହୁ ବିଭାଗଗୀୟ ଅଧିକାରୀଙ୍କ ସହିତ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ଅନୋଳି -ଅଳତାଙ୍ଗ ଭାୟା ବଉଳାଙ୍ଗ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ।

ଏହି ରାସ୍ତା ଦୁଇଟିର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣଙ୍କ ଠାରୁ ଅଭିଯୋଗ ପାଇବା ପରେ ବିଧାୟକ ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରି ଉତ୍ତମ ଗୁଣବତ୍ତା ସହିତ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଗ୍ରାମ୍ୟଉନ୍ନୟନ ବିଭାଗ ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଭାରତୀୟ ବତିଘର ମହୋତ୍ସବ-୨୦୨୪

## ହୁକିଟୋଲା ବତିଘରକୁ ଜାତୀୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି

ମହାକାଳପଡ଼ା, ୧୯।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଭାରତୀୟ ବତିଘର ମହୋତ୍ସବ -୨୦୨୪ରେ ମଞ୍ଚାସୀନ ଅତିଥି।

ଗଭୀର ସମୁଦ୍ରରେ ବଡ଼ ବଡ଼ ଜାହାଜ ଯାତାୟତ ପାଇଁ ଦିଗ ନିର୍ଣ୍ଣୟ କରିବା ବାଧକ ସାଜିଥିଲା। ଫଳରେ ଅଧିକାଂଶ ସମୟରେ ଜାହଜଗୁଡ଼ିକ ଦିଗହରା ହୋଇ ଦୁର୍ଘଟଣାଗ୍ରସ୍ତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ରିଟିଶ ଶାସକମାନେ ଦେଶର ବିଭିନ୍ନ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ବତୀଘର ନିର୍ମାଣ କରିଥିଲେ। ବତୀଘର ବା ଲାଇଟ୍ ହାଉସ ନିର୍ମାଣ ପରେ ଜାହାଜ ସମୁଦ୍ରରେ ଯାତାୟତ ସମୟରେ ଉଚ୍ଚ ଶିଖରରେ ଉଜ୍ଜ୍ୱଳ ଆଲୋକକୁ ଦେଖି ଦିଗ ନିର୍ଣ୍ଣୟ କରିବା ସହ ସୁବିଧାରେ ଚଳାଚଳ କରିଥିଲା।

ଏହି ସ୍ମୃତିକୁ ନେଇ ଶନିବାର କେନ୍ଦ୍ରାପଡ଼ା ଜିଲା ସମୁଦ୍ର ଉପକୂଳ ମହାକାଳପଡ଼ାର ବତୀଘର ପଞ୍ଚାୟତ ଫଲ୍ସ ପଏଣ୍ଟ ବତୀଘର ପରିସରରେ ଭାରତୀୟ ବତୀଘର ମହୋତ୍ସବ – ୨୦୨୪ ଶୁଭାରମ୍ଭ ହୋଇଛି।

ଏହି କାର୍ଯ୍ୟକ୍ରମ ୨ ଦିନ ଚାଲିବ। ଏହି ମହୋତ୍ସବକୁ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବତୀଘର ନିର୍ମାଣ ହେବା ଦ୍ୱାରା ପାରାଦୀପ ବନ୍ଦର ସହିତ ମାଲ ପରିବହନ ଦେଶ ବିଦେଶରୁ ଆମଦାନୀ ରପ୍ତାନି ସହ ବାଣିଜ୍ୟ କାରବାର ବୃଦ୍ଧି ପାଇଛି। ଯାହା ଫଳରେ ଦେଶରେ ଆର୍ଥିକ ଅଭିବୃଦ୍ଧି ହୋଇ ପାରିଛି ବୋଲି ବିଧାୟକ ନାୟକ ମତବ୍ୟକ୍ତ କରିଛନ୍ତି। ସେହିପରି ହୁକିଟୋଲା ବତୀଘରକୁ ଜାତୀୟ ପର୍ଯ୍ୟଟନ କ୍ଷେତ୍ର, ବରୁଣେଇ ମୁହାଣ ସହିତ ବିଭିନ୍ନ ନଦୀ ନାଳ ପୋତି ହୋଇଯାଇଛି।

ଏହାକୁ ଖନନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କଠାରେ ସେ ଦାବି ଉପସ୍ଥାପନା କରାଯିବ ବୋଲି କହିଛନ୍ତି। ଏହି ମହୋତ୍ସବରେ ସମ୍ମାନିତ ଅତିଥି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ବିଡ଼ିଓ ସାଗର ରଞ୍ଜନ ନନ୍ଦ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ସରପଞ୍ଚ ଶିବାନୀ ବିଜୁଳି, ସମିତି ସଭ୍ୟ ଯୁବନେତା କ୍ରିଷ୍ଣପଦ ମଣ୍ଡଳ, ଶିବୁ ବିଜୁଳି, ହରିପଦ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରର ବତୀଘର ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ପରିବେଶ ସମ୍ପର୍କିତ ନୃତ୍ୟ, ସଙ୍ଗୀତ, ନାଟକ ପରିବେଷଣ କରିଥିଲେ। ମହୋତ୍ସବକୁ ବତୀଘର ଫଲ୍ସ ପଏଣ୍ଟ ପରିଚାଳକ ଜୟନ୍ତ କୁମାର ଚାଟାର୍ଜୀ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ଫଲ୍ସ ପଏଣ୍ଟ ବତୀଘର ବ୍ରିଟିଶ ଶାସକମାନେ ୧୮୩୬ରେ ନିର୍ମାଣ କରିଥିଲେ।




ମହୋତ୍ସବ ଅବସରରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ବୁଗୁଡା,୧୯।୧୦(କାଳିଚରଣ ଦାଶ)

ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନପିଏସ୍ ସଂଘର ସଭାପତି ପୀତାମ୍ବର ଗୌଡ ଓ ସମ୍ପାଦକ ସନାତନ ପ୍ରଧାନଙ୍କ ସମେତ କମିଟିର ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ଆଲୋଚନା କରାଯାଇଥିଲା। ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନ, ଏମଏସିପି ପ୍ରଦାନ, ବିଦ୍ୟାଳୟ ଅନୁଦାନର ଖର୍ଚ୍ଚ ବିବରଣୀ ଦାଖଲରେ ଆବଶ୍ୟକୀୟ ନଥିପତ୍ରର ଚେକ୍ ଲିଷ୍ଟ ପ୍ରଦାନ, ମଧ୍ୟାହ୍ନ ଭୋଜନର ବକେୟା ଆର୍ଥିକ ଅନୁଦାନ ପ୍ରଦାନ ଆଦି ଦାବି ସମ୍ପର୍କରେ ଗତ ଅଗଷ୍ଟରେ ବୁଗୁଡା ବିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ସୁଦ୍ଧା ଏ ଯାଏ କୌଣସି ସମାଧାନ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ୧ ତାରିଖ ସୁଦ୍ଧା ସମସ୍ୟାଗୁଡ଼ିକର ସମାଧାନ ନ ହେଲେ ୨ ତାରିଖଠାରୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ମୁଖରେ ସଂଘର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଧାରଣାରେ ବସିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ପାତଳେଶ୍ୱର ଶୈବପୀଠରୁ ଚୋରି

ଦିଗପହଣ୍ଡି,୧୯।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି–ଘୋଡ଼ାହାଡ଼ ଡ୍ୟାମ ଛକ ନିକଟରେ ଥିବା ଶ୍ରୀପାତଳେଶ୍ୱର ଶୈବପୀଠରୁ ଚୋରି ହୋଇଛି। ଏନେଇ ଶୈବପୀଠ ପ୍ରତିଷ୍ଠାତା ପ୍ରମୋଦ ମିଶ୍ର ଥାନାରେ ଏତଲା ଦେଇଛନ୍ତି। ଗତ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଶୈବପୀଠ ପରିସର କଠୋରି ତାଲା ଭାଙ୍ଗି ସେଥିରେ ଥିବା ପ୍ରାୟ ୧୦ ହଜାର ଟଙ୍କା ଏବଂ ଦାନହୁଣ୍ଡିରୁ ପ୍ରାୟ ୩୦ ହଜାର ଟଙ୍କା ସହ ପିତ୍ତଳ ପୂଜା ସାମଗ୍ରୀ ଚୋରି କରି ନେଇ ଯାଇଛନ୍ତି।

### ୧୧ ଗାଈ ଉଦ୍ଧାର, ପିକ୍‌ଅପ୍ ଚାଳକ ଗିରଫ

ଭଞ୍ଜନଗର,୧୯।୧୦(ବାବୁଲା ପ୍ରଧାନ)– ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ଗ୍ରାମର କେତେଜଣ ଯୁବକ ଶନିବାର ଏକ ପିକଅପ ଭ୍ୟାନ୍‌କୁ ଅଟକାଇ ସେଥିରୁ ୧୧ଟି ଗାଈଙ୍କୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଗାଈଗୁଡ଼ିକୁ ଏକ ଗୋଶାଳାକୁ ପଠାଇଛି। ଏଥିସହ ଗାଡ଼ିର ଚାଳକ ଲାଠିପଡ଼ାର ରବୀନ୍ଦ୍ର ନାୟକଙ୍କୁ ଗିରଫ କରିଛି। ରବୀନ୍ଦ୍ର ସକାଳେ ବେଲଗୁଣ୍ଠା ଅଞ୍ଚଳରୁ ୧୧ଟି ଗାଈ ଧରି ସୋରଡ଼ା ଅଭିମୁଖେ ଯାଉଥିଲେ। ଗାଈଗୁଡ଼ିକୁ ଅମାନୁଷିକ ଭାବେ ଏକ ଛୋଟିଆ ଗାଡିରେ ନିଆ ଯାଉଥିବା ଦେଖି ଯୁବକମାନେ ଗାଡ଼ିକୁ ଅଟକାଇ ଥିଲେ।

### ବିଦେଶୀ ମଦ ଜବତ, ଜଣେ ଗିରଫ

ଭଞ୍ଜନଗର,୧୯।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡରେ ଚୋରା ଦେଶୀ, ବିଦେଶୀ ମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେକ ସ୍ଥାନରେ ଖୋଲାଖୋଲି ଭାବେ ଚୋରା ମଦ କାରବାର ହେଉଛି। ଶୁକ୍ରବାର ରାତିରେ ଭଞ୍ଜନଗର ପୋଲିସ କୌଣସି ସୂତ୍ରରୁ ସୂଚନାପାଇ ମୁଜାଗଡର ଏକ ମଦ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସ ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୨୧ ଲିଟର ବିଦେଶୀ ମଦ ଜବତ କରିଛି । ଅଭିଯୁକ୍ତଙ୍କୁ ଶନିବାର ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି।

# ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବାରେ ପୌର ପ୍ରଶାସନ ଫେଲ୍

ପାରଳାଖେମୁଣ୍ଡି,୧୯।୧୦(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଟ୍ରାଫିକ ସମସ୍ୟା ସୁଧାରିବାରେ ପୌର ପ୍ରଶାସନ ବିଫଳ ହୋଇଛି। ଜିଲା ସଦରମହକୁମା ହୋଇଥିବାରୁ ସରକାରୀ କାମ ଓ ବ୍ୟବସାୟ ସହ କ୍ରୟ ବିକ୍ରୟ ପାଇଁ ଏହା ଏକ ପେଣ୍ଠସ୍ଥଳ। ସ୍ଥାନୀୟ ଲୋକ ଏବଂ ଜିଲା ବାହାରୁ ମଧ୍ୟ ସହରରେ ଭିଡ ଜମେ। ପଡୋଶୀ ଆନ୍ଧ୍ର ପ୍ରଦେଶ ଗଜପତି ଜିଲାକୁ ଲାଗି ରହିଥିବାରୁ ବହୁ ମାତ୍ରାରେ ଆନ୍ଧ୍ର ପ୍ରଦେଶର ଗ୍ରାମଗୁଡ଼ିକର ବାସିନ୍ଦା ମଧ୍ୟ ପାରଳାଖେମୁଣ୍ଡି ସହର ଉପରେ ନିର୍ଭର କରନ୍ତି। ଫଳରେ ସହରରେ ସକାଳୁ ସନ୍ଧ୍ୟାଯାଏ ପ୍ରବଳ ଭିଡ ଲାଗିରହେ। ଭିଡକୁ ନଜରରେ ରଖି ବ୍ୟବସାୟୀମାନେ ମଧ୍ୟ ରାସ୍ତା କଡରେ ଠେଲାଗାଡି ସହ ଉଠା ଦୋକାନ କରୁଛନ୍ତି। ଦୋକାନ ଆଗରେ ଲୋକମାନେ ସାମଗ୍ରୀ କିଣିବା ସହ ଭିଡ ଜମାଉଛନ୍ତି। ନିଜ ସଙ୍ଗେ ଆଣିଥିବା ଗାଡିଗୁଡ଼ିକୁ ମଧ୍ୟ ଦୋକାନ ସମ୍ମୁଖରେ ରଖୁଛନ୍ତି। ସେପଟେ ପୌରପାଳିକା ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ ମୁଖ୍ୟ ବଜାର ନିକଟରେ ଏକ ପାର୍କିଂ ସ୍ଥାନ ନିରୂପଣ କରିଥିଲେ ମଧ୍ୟ ତାହା କାର୍ଯ୍ୟରେ ଲାଗୁନାହିଁ। ଲୋକମାନେ ମନଇଚ୍ଛା ମୁଖ୍ୟ ରାସ୍ତାରେ ଗାଡି ପାର୍କିଂ କରୁଥିବାରୁ ବଜାର ଛକରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଲୋକେ ଚାଲିଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଏ ଦିଗରେ ପଦକ୍ଷେପ ନ ନେଇ ପୌରପାଳିକା ନୀରବ ରହିଛି। ଅଣଓସାରିଆ ଏହି ମୁଖ୍ୟ ରାସ୍ତା ଅଞ୍ଚଳରେ ଯଦି କାହାର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ଅବା କେଉଁଠାରେ ଅଗ୍ନିକାଣ୍ଡ ଘଟିଲେ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡି ଯିବା କଷ୍ଟକର ହୋଇପଡ଼େ। ପୋଲିସର ଟ୍ରାଫିକ ପୋଷ୍ଟ ପଛପଟରୁ ବେଆଇନ ଦୁଇଚକିଆ ପାର୍କିଂ ଆରମ୍ଭ ହୋଇଥିଲେ ମଧ୍ୟ ଏଥିପ୍ରତି ଜିଲା ପ୍ରଶାସନର ଜିଲାପାଳଙ୍କଠାରୁ ଆରମ୍ଭ କରି ଏସ୍‌ପି, ପୌର ନିର୍ବାହୀ ଅଧିକାରୀଙ୍କ ସହ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁନି। ସମସ୍ତେ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଛନ୍ତି ଅଥଚ ଅବ୍ୟବସ୍ଥା ସୁଧାରିବାକୁ ପଦକ୍ଷେପ ନେଉନାହାନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ସେହିପରି ଚଳିତ ମାସରେ ମହାରାଜାଙ୍କ ପ୍ରତିମୂର୍ତ୍ତି ଚାରିପଟେ ପୌର ପରିଷଦ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରି ଆଲୋକୀକରଣ କରାଯାଇ ପୁନଃ ନିର୍ମାଣ କରାଯାଇଛି ଅଥଚ କେତେକ ବ୍ୟବସାୟୀ ଏହା ଚାରିପଟେ ଉଠା ଦୋକାନ ପକାଇ ଏହାର ସୌନ୍ଦର୍ଯ୍ୟ ଖରାପ କରୁଛନ୍ତି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଶଙ୍କର ପ୍ରସାଦ ବକ୍ସି, ନାସିର ବେଗ, ବିଷ୍ଣୁ ପ୍ରସାଦ ପାଢ଼ୀ କହିଛନ୍ତି। ଏ ନେଇ ପୌର ଅଧ୍ୟକ୍ଷା ନିର୍ମଳା ସେଠୀଙ୍କୁ ପଚାରିବାରୁ ସେ କହିଲେ, ସହରକୁ ସୁନ୍ଦର କରିବା ପାଇଁ ପୌର ପରିଷଦ ସର୍ବଦା ଗୁରୁତ୍ୱ ଦେଉଛି। ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ଆମେ ଯୋଜନା କରୁଛୁ ଆଗକୁ ପଦକ୍ଷେପ ନେବୁ। ଅନ୍ୟପକ୍ଷରେ ଉଠା ବ୍ୟବସାୟୀଙ୍କ ପାଇଁ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ କାର୍ଯ୍ୟକ୍ଷମ କରି ସେଠାକୁ ବ୍ୟବସାୟୀଙ୍କୁ ସ୍ଥାନାନ୍ତର ବ୍ୟବସ୍ଥା ପୌର ପ୍ରଶାସନ ପକ୍ଷରୁ କରିବୁ। ଏହା ହେଲେ ଟ୍ରାଫିକ ସମସ୍ୟା ଅନେକାଂଶରେ ସୁଧୁରିପାରିବ ବୋଲି ଅଧ୍ୟକ୍ଷା ସେଠୀ କହିଛନ୍ତି।



ମୁଖ୍ୟ ରାସ୍ତାରେ ବେନିୟମ ଭାବେ ଲୋକେ କରିଥିବା ଗାଡି ପାର୍କିଂ।

### ଗଞ୍ଜାମରେ ଧାନକିଣା ଶୃଙ୍ଖଳିତ କରିବାକୁ ଦାବି

ଛତ୍ରପୁର,୧୯।୧୦(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାରେ ପ୍ରତିବର୍ଷ ଧାନର ଅଭାବୀ ବିକ୍ରି ହେଉଛି। ଏଥିସହ ଧାନକିଣା ପ୍ରକ୍ରିୟାରେ ବହୁ ବ୍ୟତିକ୍ରମ ଦେଖାଦେଉଛି। ଚଳିତଥର ଧାନକିଣା ଶୃଙ୍ଖଳିତ କରିବାକୁ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି ଏ ନେଇ ସମବାୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିବା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି। ପ୍ରତି ଗ୍ରାମରେ ଧାନକିଣା କମିଟି ଗଠନ କରି ଧାନକିଣା କେନ୍ଦ୍ର ଖୋଲାଯାଇ କମିଟିର ପରାମର୍ଶରେ ସରକାରୀ ଦରରେ ଧାନ କିଣିବାକୁ ଦାବି ଉଲ୍ଲେଖ କରାଯାଇଛି। ଏଥିସହ ଧାନକିଣା କମିଟି ସଭ୍ୟାସଭ୍ୟମାନଙ୍କୁ ଏଫଏକ୍ୟୁ ମାନ ସଂପର୍କରେ ତାଲିମ ଦେବା, ପ୍ରତି ଧାନ କିଣା କେନ୍ଦ୍ରରେ ଧାନ କିଣି ରଖିବା ପାଇଁ ଗୋଦାମ ଗୃହ ନିର୍ମାଣ କରିବା, ଚାଷୀ ଓ ଭାଗ ଚାଷୀମାନଙ୍କ ଧାନ କିଣିବା ପାଇଁ ଗୁରୁତ୍ୱ ଦେବା, ଅଖା ଟଙ୍କା, ଗାଡ଼ି ଭଡ଼ା, ଲେବର ଖର୍ଚ୍ଚ ଦେବା, ଜିଲାସ୍ତରୀୟ ଟୋଲ ଫ୍ରି ନମ୍ବର ଜାରି କରି ଚାଷୀଙ୍କ ସମସ୍ୟା ସମାଧାନ କରିବା ଆଦି ଦାବି ରହିଛି ।

### ଭାରତ ସରକାରଙ୍କ ପରିବାର ମଙ୍ଗଳ ବିଭାଗ ପକ୍ଷରୁ ସର୍ଭେ

# ରୋଗ ଚିହ୍ନଟ କରି ସୁବିଧାରେ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟ

ଦାରିଙ୍ଗବାଡ଼ି, ୧୯।୧୦ (ଅରୁଣ ସାହୁ )

ଅନେକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ରକ୍ତଚାପ ହେଉ କି ଡାଇବେଟିସ କିମ୍ବା ଏଚ୍‌ଆଇଭି ହେଉ କି କ୍ୟାନ୍‌ସର ଭଳି ରୋଗ ଚିହ୍ନଟ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଦାରିଙ୍ଗବାଡ଼ିର ବିଭିନ୍ନ ଗ୍ରାମରେ ଏଥିପାଇଁ ଅନୁସନ୍ଧାନକାରୀ ଟିମ୍ ବୁଲି ଲୋକଙ୍କ ନିକଟକୁ ଯାଇ ରକ୍ତ ନମୁନା ସଂଗ୍ରହ କରୁଛନ୍ତି। ସର୍ଭେରେ ରିପୋର୍ଟ ଆସିବା ପରେ ରୋଗୀଙ୍କୁ ସହଜରେ ସରକାରୀ ସୁବିଧାରେ ଚିକିତ୍ସା କରାଯାଇପାରିବ ବୋଲି ଅନୁସନ୍ଧାନକାରୀ ଟିମ୍‌ର ରୋହିତ ଦୀପ କହିଛନ୍ତି। ସେ ସୂଚନା ଦେଇ ଆହୁରି କହିଛନ୍ତି ଯେ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ ଓ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର ପପୁଲେସନ ସାଇନ୍ସ (ମୁମ୍ବାଇ) ପକ୍ଷରୁ ଏହି ସର୍ଭେ କରାଯାଉଛି। ତେବେ ଦାରିଙ୍ଗବାଡ଼ି ବ୍ଲକର ବିଭିନ୍ନ ଗ୍ରାମରେ ଏହି ଟିମ୍‌କୁ ଦେଖି ଲୋକେ ଭୟଭୀତ ହେଉଛନ୍ତି। ଯେଉଁସବୁ ଅଞ୍ଚଳରେ ଏହି ଟିମ୍ ବୁଲୁଛନ୍ତି, ସେମାନଙ୍କୁ ସହଯୋଗ କରିବାକୁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗର କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଅଙ୍ଗନୱାଡି କର୍ମୀ କି ଆଶାକର୍ମୀ ସେମାନଙ୍କ ସହ ରହୁ ନ ଥିବାରୁ ଲୋକେ ଟିମ୍‌କୁ ସନ୍ଦେହ କରୁଛନ୍ତି। ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି, ଲୋକେ ଭୟ କରିବା କିଛି କାରଣ ନାହିଁ। ଏହି ସର୍ଭେ ଲୋକଙ୍କୁ ଅଧିକା ଫାଇଦା ଦେବ।


ଦାରିଙ୍ଗବାଡ଼ି ଅଞ୍ଚଳରେ ସର୍ଭେ କରୁଥିବା ଟିମ୍ ।

### କନ୍ଧମାଳରେ ଜଳଉତ୍ସ ଗଣନା କରିବ କେନ୍ଦ୍ରୀୟ ଟିମ୍

ଫୁଲବାଣୀ, ୧୯।୧୦(ରାକେଶ କୁମାର ରାଉତ)– କେନ୍ଦ୍ର ସରକାର ଜଳ ଶକ୍ତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ହେବାକୁ ଥିବା ବିଭିନ୍ନ ଜଳ ଉତ୍ସ ଭଣ୍ଡାର ଗଣନା କରିବାକୁ ଯାଉଛନ୍ତି। ଏଥିପାଇଁ ଓଡ଼ିଶାର କନ୍ଧମାଳ ଜିଲାକୁ ପାଇଲଟ୍ ଜିଲା ଭାବେ ନିଆଯାଇଛି । କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟରୁ ଏକ ୬ ଜଣିଆ ଟିମ୍ କନ୍ଧମାଳ ଜିଲାକୁ ଦୁଇଦିନିଆ ଗସ୍ତରେ ଆସି ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ସେମାନେ ଜଳ ଉତ୍ସ ଉପରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ବରିଷ୍ଠ ଅଧିକାରୀ ଅଜୟ ବକ୍ସିଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ସଦସ୍ୟ ଅରବିନ୍ଦ ସିଂହ, ନିହାରିକା ସିଂହ, ଗୀତିକା ସେଠୀ ତ୍ରିଲୋଚନ ସିଂହ , ଡ଼.ପିନକ ମିଶ୍ର ମୋବାଇଲ୍ ଆପ୍ ମାଧ୍ୟମରେ ହେବାକୁ ଥିବା ଜଳସେଚନ ପ୍ରକଳ୍ପ ଗଣନା ଠିକ୍ ଭାବରେ ହେଉଛି କି ନାହିଁ ତାହାର ପରୀକ୍ଷା କରିଥିଲେ। । ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ସରୋଜ ମୋହନ ପଣ୍ଡା, ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଅଶ୍ୱିନୀ ମଲ୍ଲିକ, ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଭୀମସେନ ବାର୍ଲା ପ୍ରମୁଖ ଖଜୁରୀପଡ଼ା, ଫୁଲବାଣୀ, ଫିରିଙ୍ଗିଆ ବ୍ଲକର ବିଭିନ୍ନ ଜଳଉତ୍ସ ଗସ୍ତକରି ମୋବାଇଲ୍ ଆପ୍ ଦ୍ୱାରା ପରୀକ୍ଷଣ କରିଥିଲେ । କ୍ଷେତ୍ର ପରିଦର୍ଶନରେ ପରିସଂଖ୍ୟାନ ଅଧିକାରୀ ବନମାଳୀ ମହାପାତ୍ର ସହଯୋଗ କରିଥିଲେ । ଏହି ଗସ୍ତ ଅବସରରେ କେନ୍ଦ୍ରୀୟ ଦଳ ଜିଲାପାଳ ଅମ୍ରିତ୍ ଋତୁରାଜଙ୍କୁ ସାକ୍ଷାତ କରି ଅଗାମୀ ଦିନରେ ହେବାକୁ ଥିବା କ୍ଷୁଦ୍ର ଜଳ ସେଚନ ଗଣନା ଯେଭଳି ଭାବେ ସୁଚାରୁରୂପେ ସଂପୂର୍ଣ୍ଣ ହୋଇପାରିବ ସେନେଇ ଆଲୋଚନା କରିଥିଲେ । ଆଲୋଚନା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଇଂ.ମନୋ ରଞ୍ଜନ ହାଂସଦା ଓ ଜଳସେଚନ ବିଭାଗର ଯନ୍ତ୍ରୀ ଇଂ. ହିତେଶ ସାହୁ ଉପସ୍ଥିତ ରହି ଗଣନାରେ ସଂପୂର୍ଣ୍ଣ ସହଯୋଗ କରାଯିବ ବୋଲି କେନ୍ଦ୍ରୀୟ ଟିମ୍‌କୁ ପ୍ରତିଶ୍ରୁତି ଦେଇଥିଲେ।

### ଅଭିଯୋଗ ଆଣିଲା ପରିଚାଳନା କମିଟି

# ମନ୍ଦିର ଉନ୍ନତୀକରଣ କାର୍ଯ୍ୟର ତଥ୍ୟ ମିଳୁନି

ଖଜୁରୀପଡ଼ା,୧୯।୧୦ ( ବିଦୁର ବେହେରା ) କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପାସ୍ଥିତ ପ୍ରସିଦ୍ଧ ମା’ ବରାଳ ଦେବୀ ମନ୍ଦିର ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ୨ କୋଟି ୯୯ ଲକ୍ଷ ୩ ହଜାର ଟଙ୍କା ଅନୁଦାନ ମିଳିଛି। ପୂର୍ତ୍ତ ବିଭାଗ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ହାତକୁ ନେଇଛି। ତେବେ ମନ୍ଦିରରେ କ’ଣ କାର୍ଯ୍ୟ କରାଯାଉଛି, ତାହା ଜଣାପଡୁ ନାହିଁ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ ଓ ସମ୍ପାଦକ ସଞ୍ଜୟ କହଁର ଅଭିଯୋଗ କରିଛନ୍ତି। ଉନ୍ନତୀକରଣ କାର୍ଯ୍ୟ ଡିପିଆର୍ ଅନୁଯାୟୀ ହେଉନାହିଁ। କେବଳ ପାଚେରି ନିର୍ମାଣ ହୋଇଛି। ତିନୋଟି ଘର ନିର୍ମାଣ କରାଯାଇଛି। ଏହାପରେ କ’ଣ କାମ ହେବ ପୂର୍ତ୍ତ ବିଭାଗ ତଥ୍ୟ ପ୍ରଦାନ କରୁନି। ଅନେକ ଥର ଅଫିସକୁ ଯାଇ ପଚାରିଛୁ। ଫୋନ କଲେ ଫୋନ ଉଠାଉନାହାନ୍ତି। କାର୍ଯ୍ୟବେଳେ ନିମ୍ନମାନର ଇଟା ବ୍ୟବହୃତ ହୋଇଥିବା ସଭାପତି ଓ ସମ୍ପାଦକ ଅଭିଯୋଗ କରିବା ପରେ ତାହା ବନ୍ଦ କରାଯାଇ ଅଲଗା ଇଟା ବ୍ୟବହୃତ ହୋଇଥିଲା । ଏ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ପ୍ରତାପ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଫୋନରେ କହିପାରିବି ନାହିଁ, ଡିଭିଜନ ଅଫିସକୁ ଆସନ୍ତୁ ବୋଲି କହିଥିଲେ।

# ଗଜଲ ସନ୍ଧ୍ୟାରେ ପଣ୍ଡିତ ଗୁରୁ ରଘୁନାଥଙ୍କ ସ୍ୱର




ପାରଳାଖେମୁଣ୍ଡି,୧୯।୧୦(ଗିରିଧାରୀ ପରିଛା) ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଏକ ଗଜଲ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଠାରେ ପାରଳାଖେମୁଣ୍ଡିର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପଣ୍ଡିତ ରଘୁନାଥ ପାତ୍ରଙ୍କ ସ୍ୱର ସଂଯୋଜନା ଓ ସଙ୍ଗୀତ ନିର୍ଦ୍ଦେଶନାରେ କେତେକ ଗଜଲ ଓ ପ୍ରସିଦ୍ଧ ହିନ୍ଦୀ ଗଜଲ ଗାୟକଙ୍କ ଅନେକ ଲୋକପ୍ରିୟ ଗଜଲକୁ କଣ୍ଠଶିଳ୍ପୀ ଡ. ଚନ୍ଦନ ଗନ୍ତାୟତ ଓ ଶିଳ୍ପୀ ବୈଷ୍ଣବୀ ଦେବୀ ଗାନ କରି ଶ୍ରୋତାଙ୍କ ମନ ମୋହିଥିଲେ। ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅରବିନ୍ଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିରକ୍ଷା ବିଭାଗର ବ୍ରିଗେଡିୟର ସୁଧାଂଶୁ ମୋହନ ପାଣିଗ୍ରାହୀ କଳାକାରମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ, ଗୁରୁ ବିଜୟ ଜେନା, ଗୁରୁ ନିଶିକାନ୍ତ ରାଉତରାୟ, ଗୁରୁ କୁଳମଣି ସାହୁଙ୍କ ସମେତ ବହୁ ସଙ୍ଗୀତପ୍ରେମୀ ଉପସ୍ଥିତ ଥିଲେ। ବିଭିନ୍ନ ବାଦ୍ୟ ଯନ୍ତ୍ରରେ ମନ୍ମଥ ରାଓ, ବସନ୍ତ ତିଆଡ଼ି, ପ୍ରେମ ଶଙ୍କର ଦାସ ସହଯୋଗ କରିଥିଲେ।

# କାଳିପଲିରେ ବଢୁଛି କିଡ୍‌ନୀ ରୋଗ

ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଛତ୍ରପୁର, ୧୯।୧୦(ସନ୍ତୋଷ ପାଢ଼ୀ )– ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ କାଳିପଲି ଗ୍ରାମରେ କିଡ୍‌ନୀ ରୋଗ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ବର୍ଷ ବର୍ଷ ଧରି ଲାଗି ରହିଥିଲେ ମଧ୍ୟ ଏହାକୁ ରୋକିବାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଛି। ଏପରିକି ଏହି ରୋଗ କାହିଁକି ବ୍ୟାପୁଛି ତା’ର କାରଣ ଏଯାଏ ଖୋଜିନି ବିଭାଗ। ଫଳରେ ଅନେକ କିଡ୍‌ନୀ ରୋଗରେ ପୀଡ଼ିତ ହେଉଛନ୍ତି। ଅନେକ ମଧ୍ୟ ଏଥିରେ ପ୍ରାଣ ହରାଇଲେଣି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଗ୍ରାମରେ କିଡ୍‌ନୀ ରୋଗ କାହିଁକି ବ୍ୟାପୁଛି ତାର ଅନୁଧ୍ୟାନ କରିଥିଲା। ପାଣି ନମୁନା ପରୀକ୍ଷା ପାଇଁ ନିଆଯାଇଥିଲା। ଏହା ଦୂଷିତ ଜଳ, ଏଥିପାଇଁ କିଡ୍‌ନୀ ରୋଗ ହେଉଥିବା କୁହାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ତେବେ ଏହା ପରେ ମଧ୍ୟ ଏହି ରୋଗ କମିନାହିଁ। ଅନ୍ୟ କୌଣସି କାରଣ ପାଇଁ ଏହି ରୋଗ ବ୍ୟାପୁଥିବା ସ୍ପଷ୍ଟ ହୋଇଛି। ଏନେଇ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇ ରୋଗର ପ୍ରକୃତ କାରଣ ଖୋଜି ବାହାର କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ଏହାକୁ ବିଚାରକୁ ନେଇ ପୁନଃ ଅନୁଧ୍ୟାନ ଓ ତଦନ୍ତ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଟିମ୍ ଦ୍ୱାରା କରିବାକୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଖବର ପ୍ରକାଶ ପରେ ପୋଲିସର ତତ୍ପରତା

## ଚୋରା ମଦ କାରବାର କରୁଥିବା ବ୍ୟବସାୟୀ ଫେରାର

ଦାରିଙ୍ଗବାଡ଼ି, ୧୯।୧୦ (ଅରୁଣ ସାହୁ )

ସିମନବାଡ଼ି ଅଞ୍ଚଳରେ ଚୋରାଦେଶୀ ମଦ ଓ ନକଲି ବିଦେଶୀ ମଦ ବିକ୍ରି ଅଭିଯୋଗ ସମ୍ପର୍କିତ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ଆରମ୍ଭ ହୋଇଛି। ଏହି ଘଟଣାରେ ଶନିବାର ଦାରିଙ୍ଗବାଡ଼ି ପୋଲିସ ଆଇଆଇସି ରମେଶ ପ୍ରଧାନ, ଏସ୍‌ଆଇ ଜୟନ୍ତ ସେଠୀ ସଦଳବଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। ଏହି ସମୟରେ ୪୦ ଲିଟର ଦେଶୀ ମଦ ଜବତ କରାଯାଇ ୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଇଆଇସି ପ୍ରଧାନ କହିଛନ୍ତି। ତେବେ କିଛି ବ୍ୟବସାୟୀ ଖବର ପ୍ରକାଶିତ ହେବା ପରେ ଘରେ ତାଲା ପକାଇ ଫେରାର ହୋଇଯାଇଥିବା ଜଣାପଡିଛି। ଆଉ କେତେ ଜଣ ଚୋରା ମଦ କାରବାରକୁ ପୋଲିସ ଭୟରେ ବନ୍ଦ କରିଥିବା ଦେଖିବାକୁ ମିଳିଛି। ସିମନବାଡ଼ି ଅଞ୍ଚଳରେ ‘ଚୋରାଦେଶୀ ମଦ ଓ ନକଲି ବିଦେଶୀ ମଦ ବିକ୍ରି ଅଭିଯୋଗ ଶୀର୍ଷକ ଖବର ଶନିବାର ଧରିତ୍ରୀରେ ପ୍ରକାଶ ପରେ ଦାରିଙ୍ଗବାଡ଼ି ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ତେବେ ଦାରିଙ୍ଗବାଡ଼ିରେ ଏହି କାରବାରକୁ ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ଅଧିକାରୀ ନିଯୁକ୍ତ କରାଯାଇଥିଲେ ସୁଦ୍ଧା ଏଯାବତ୍ ଅବକାରୀ ବିଭାଗର ନିଦ ଭାଙ୍ଗିନି। ପୋଲିସ ବିଭିନ୍ନ ପାନ ଦୋକାନ ସମେତ ଚୋରାମଦ ବିକ୍ରି କରାଯାଉଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ଚଢ଼ାଉ କରୁଛି।


ପୋଲିସ ବିଭିନ୍ନ ଦୋକାନରେ ଚଢ଼ାଉ କରୁଛି।

# ମହିଳାଙ୍କ ଟଙ୍କା ହଡ଼ପ କରି ଆଶାକର୍ମୀ ମା, ଝିଅ ଫେରାର

ପୁରୁଷୋତ୍ତମପୁର,୧୯।୧୦(ସିମାଞ୍ଚଳ ମିଶ୍ର)

## କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାରେ ବସିଲେ ମହିଳା

ଜଣେ ଆଶାକର୍ମୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆଳରେ ଦସ୍ତଖତ ନେଇ ସେମାନଙ୍କ ନାମରେ ବିଭିନ୍ନ ଫାଇନାନ୍ସ କମ୍ପାନୀଠାରୁ ଲକ୍ଷାଧିକ ଟଙ୍କାର ଋଣ ନେଇ ଫେରାର ହୋଇଯାଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରିଷିପୁର ଗ୍ରାମରେ। ଏହି ଘଟଣାକୁ ନେଇ ମହିଳାମାନେ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ କରିବାର ପାଞ୍ଚଦିନ ବିତିଥିଲେ ସୁଦ୍ଧା ପୋଲିସ ଘଟଣାପ୍ରତି ଗୁରୁତ୍ୱ ନ ଦେବାରୁ ଏହାର ପ୍ରତିବାଦ ରେ ମହିଳାମାନେ ଶନିବାର ଥାନାକୁ ଆସି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନାରେ ବସି ରହିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୬୬୭/୨୪ରେ ଆଶାକର୍ମୀ ଓ ତାଙ୍କ ଝିଅଙ୍କ ନାମରେ ମାମଲା ରୁଜୁ କରିଛି।

ରିଶିପୁର ଗ୍ରାମର ଶୁବାସିନୀ ପଟ୍ଟନାୟକ କରିଥିବା ଅଭିଯୋଗରୁ ଜଣାପଡିଛି, ଆମେ ୬୦ ଜଣ ମହିଳା ଏକାଠି ହୋଇ ଗ୍ରାମରେ ଗ୍ରୁପ କରିଥିବା ବେଳେ ସେଥିରେ ସଭାନେତ୍ରୀ ରୂପେ ଆଶାକର୍ମୀ କୁନି ପଟ୍ଟନାୟକ ଓ ତାଙ୍କ ଝିଅ ପିଙ୍କି ପଟ୍ଟନାୟକ ରହି ବୁଝାଶୁଝା କରୁଥିଲେ। ବିଭିନ୍ନ ଫାଇନାନ୍ସ କମ୍ପାନୀଠାରୁ ଟଙ୍କା ଆଣି କାରବାର କରୁଥିଲେ। ମାତ୍ର ଗତ କିଛି ମାସ ହେଲା ପିଙ୍କି ଆମମାନଙ୍କ ଅଜାଣତରେ ଆକାଉଣ୍ଟରୁ ଟଙ୍କା ଉଠାଇବା ସହ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର କରିନେଇ ଉଭୟେ ମା’ଝିଅ ଫେରାର ହୋଇଯାଇଛନ୍ତି। ଏହି ଋଣ ଟଙ୍କାର ମାସିକ କିସ୍ତି ପୈଠ ନ ହେବାରୁ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ କର୍ମଚାରୀମାନେ ମହିଳାମାନଙ୍କ ଘରକୁ ଆସିବା ପରେ ଘଟଣା ପଦାକୁ ଆସିଥିଲା। ମାଆ କୁନି ଗ୍ରାମର ଆଶାକର୍ମୀ ରହିଥିବା ହେତୁ ସ୍ୱାସ୍ଥ୍ୟ ସେବାର ଆଳ ଦେଖାଇ ବିଭିନ୍ନ ସମୟରେ କାହାଠାରୁ ଦସ୍ତଖତ ନେଉଥିବା ବେଳେ କାହାର ବ୍ୟାଙ୍କ ଆକାଉଣ୍ଟକୁ ସରକାରୀ ଯୋଜନାରେ ସହାୟତା ଆସିବ କହି ବ୍ୟାଙ୍କ ପାସ୍‌ବୁକ ନେଇ ଏଭଳି ଟଙ୍କା ହଡପ କରିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଚାଲିଛି, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କ୍ଷେତ୍ରମୋହନ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଗ୍ରାମରେ ଆଶାକର୍ମୀ ନ ଥିବା ହେତୁ ନବଜାତ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଦୁଇମାସ ହେଲା ଟିକାଦାନରୁ ବଞ୍ଚିତ ହୋଇଛନ୍ତି।

# ଜଙ୍ଗଲ ଜମିରେ କୁଷ୍ଠରୋଗୀଙ୍କ ଜୀବନ

ଯାଜପୁର,୧୯।୧୦(ହର୍ଷବର୍ଦ୍ଧନ ବେହେରା)

- ସ୍ୱତନ୍ତ୍ର ସ୍ଥାନରେ ବସତି ବ୍ୟବସ୍ଥା ନୈରାଶ୍ୟଜନକ
- ଆରୋଗ୍ୟ କୁଷ୍ଠରୋଗୀଙ୍କ ପ୍ଲାଷ୍ଟିକ ସର୍ଜରି ପ୍ରସ୍ତାବରେ ସୀମିତ
- ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଏସ୍‌ଇପିଡି ବିଭାଗ ପକ୍ଷରୁ ନିର୍ଦ୍ଦେଶ


ଯାଜପୁର ଜିଲାର ବ୍ୟାସନଗରରେ ଥିବା ଗାନ୍ଧୀନଗର କୁଷ୍ଠାଶ୍ରମ ।

ସମାଜରୁ ଏକ ପ୍ରକାର ବାସନ୍ଦ ହୋଇ କେଉଁଠି ଅନାବାଦୀ ଓ ଜଙ୍ଗଲ ଜମିରେ ତ ଅନ୍ୟ କେଉଁଠି ରେଳୱେ ଲାଇନ କଡ଼ରେ ଅକର୍ମଣ୍ୟ ଅବସ୍ଥାରେ କୁଷ୍ଠରୋଗୀମାନେ ଜୀବନ ବିତାଉଛନ୍ତି। ଗତ ପ୍ରାୟ ୭ ବର୍ଷ ହେବ କୁଷ୍ଠରୋଗୀମାନଙ୍କୁ ସ୍ୱତନ୍ତ୍ର ସ୍ଥାନରେ ବସତି ବ୍ୟବସ୍ଥା କରିବାକୁ ସରକାର ପ୍ରତିଶ୍ରୁତି ଦେଇ ଆସୁଛନ୍ତି। କିନ୍ତୁ ବସତି ତ ଦୂରର କଥା ସେମାନଙ୍କ କଟି ଯାଇଥିବା ହାତ, ଗୋଡ଼, ଆଙ୍ଗୁଠି ତଥା ଅନ୍ୟ ଅଙ୍ଗପ୍ରତ୍ୟଙ୍ଗର ପ୍ଲାଷ୍ଟିକ ସର୍ଜରୀ ବା ରିକନଷ୍ଟ୍ରକ୍ଟିଭ୍ ସର୍ଜରି (ଆରସିଏସ୍) ବ୍ୟବସ୍ଥା ନୈରାଶ୍ୟଜନକ ହୋଇଛି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ(ଏସ୍‌ଏସ୍‌ଇପିଡି) ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସମୀକ୍ଷା ବୈଠକରେ ଏହାର ପଦକ୍ଷେପ ସୀମିତ ରହିଛି। ରାଜ୍ୟର ଯାଜପୁର, ବାଲେଶ୍ୱର, ବରଗଡ଼, କଟକ, ଝାରସୁଗୁଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ ଓ ସୁନ୍ଦରଗଡ଼ ଜିଲାରେ ଏଯାଏ କୁଷ୍ଠ ରୋଗୀଙ୍କ ପାଇଁ ସ୍ଥାୟୀ ବସତି ବ୍ୟବସ୍ଥା ଉପଯୁକ୍ତ ଭାବେ ହୋଇ ପାରିନାହିଁ। ଏହି କ୍ରମରେ ଏସ୍‌ଏସ୍‌ଇପିଡି ପକ୍ଷରୁ ଅଧୀନସ୍ଥ ସଚିବ ଜେ. ପଦ୍ମିନୀ ଗତ ସମୀକ୍ଷା ବୈଠକର ବିବରଣୀ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କ ସମେତ ଉପରୋକ୍ତ ସମସ୍ତ ଜିଲାପାଳ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨-୨୩ରେ ପ୍ଲାଷ୍ଟିକ ସର୍ଜରୀ ପ୍ରକ୍ରିୟାକୁ ସୁଦୃଢ଼ୀକରଣ କରିବାକୁ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ପ୍ଲାନରୁ ବିଭିନ୍ନ ଯନ୍ତ୍ରପାତି କିଣିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାସହ ରାଜ୍ୟର ସମସ୍ତ ୩୦ ଜିଲା ସଦର ଡାକ୍ତରଖାନା ସମେତ କ୍ୟାପିଟାଲ ହସ୍‌ପିଟାଲରେ କୁଷ୍ଠ ରୋଗୀମାନଙ୍କ ପ୍ଲାଷ୍ଟିକ ସର୍ଜରୀ କରିବାକୁ ନିର୍ଦ୍ଦେଶ ହୋଇଥିଲା। ବେସରକାରୀ ଡାକ୍ତରଖାନାଗୁଡ଼ିକରେ ମାଗଣାରେ ପ୍ଲାଷ୍ଟିକ ସର୍ଜରି ସୁବିଧା ପାଇବାକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ମଜୁରୀ କ୍ଷତିର ଭରଣା ପାଇଁ ଚିକିତ୍ସାଧୀନ କୁଷ୍ଠରୋଗୀଙ୍କୁ ଏକ ସମୟରେ ୧୨ ହଜାର ଟଙ୍କା ସହାୟତା ସମେତ ୧୫୦୦ ଟଙ୍କା ଯିବା ଆସିବା ଖର୍ଚ୍ଚ ଏବଂ ଔଷଧ ଖର୍ଚ୍ଚ ବାବଦକୁ ୫୦୦୦ ଟଙ୍କା ପ୍ରଦାନ ବ୍ୟବସ୍ଥା ରହିଛି। ଏନେଇ କୁଷ୍ଠ ରୋଗୀମାନଙ୍କୁ ସଚେତନତା ସୃଷ୍ଟି କରିବାକୁ ଆଶା କର୍ମୀମାନଙ୍କୁ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ନ୍ୟାଶନାଲ ଲେପ୍ରୋସି ଏରାଡିକେଶନ ପ୍ରୋଗ୍ରାମ (ଏନ୍‌ଏଲ୍‌ଇପି)ରେ ୩ ମାସ ମଧ୍ୟରେ ଏହି ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ପ୍ଲାଷ୍ଟିକ ସର୍ଜରୀ ପ୍ରକ୍ରିୟା ଏଯାଏ ନୈରାଶ୍ୟଜନକ ରହିଛି।

ଏଠାରେ ଯାଜପୁର ଜିଲାର ବ୍ୟାସନଗର ସହରରେ ଥିବା ଅବହେଳିତ ଗାନ୍ଧୀନଗର କୁଷ୍ଠାଶ୍ରମକୁ ଉଦାହରଣ ଭାବେ ନିଆଯାଇପାରେ। ଏହି କଲୋନୀରେ ୧୫୬ ଜଣ ଅନ୍ତେବାସୀ ରହୁଛନ୍ତି। ଏଯାଏ ଜଣେ ବି କୁଷ୍ଠ ରୋଗୀଙ୍କ ପ୍ଲାଷ୍ଟିକ ସର୍ଜରୀ ହୋଇ ପାରି ନ ଥିବା ବସ୍ତିବାସିନ୍ଦାଙ୍କଠାରୁ ସୂଚନା ମିଳିଛି। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେଠାରେ ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାରେ ଝାଟିମାଟି କୁଡ଼ିଆ ଘରେ ସେମାନେ କାଳାତିପାତ କରୁଛନ୍ତି। ପକ୍କା ଘର ଏମାନଙ୍କ ପାଇଁ ସ୍ୱପ୍ନ ହୋଇଛି। ସ୍ୱତନ୍ତ୍ର ବସତି ସ୍ଥାପନ କରିବେ ବୋଲି ସରକାର କେବଳ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ କିଛି ସୁଫଳ ମିଳି ପାରିନାହିଁ ବୋଲି ଅଭିଯୋଗ ହେଉଛି। ଏହିକ୍ରମରେ ଗତ ଏସ୍‌ଏସ୍‌ଇପିଡିର ସମୀକ୍ଷା ବୈଠକରେ ଯାଜପୁର ଜିଲାପାଳ ସୂଚନା ଦେଇଛନ୍ତି, ଗାନ୍ଧୀନଗର କୁଷ୍ଠାଶ୍ରମ ଏଯାଏ ଜଙ୍ଗଲ ଜମିରେ ରହିଛି। ତେଣୁ ଜିଲା ପ୍ରଶାସନ ସେହି ଅନ୍ତେବାସୀମାନଙ୍କୁ ଜମି ଓ ଗୃହ ଯୋଜନାରେ ସାମିଲ କରି ପାରିନାହିଁ। ତେଣୁ ସେମାନଙ୍କ ପାଇଁ ଯେଉଁ ନୂତନ ଜମି ଚିହ୍ନଟ କରାଯାଇଛି ସେଠାରେ ଆବଶ୍ୟକ ବସତି ନିର୍ମାଣ କରି ସ୍ଥାନାନ୍ତରଣ ପାଇଁ ସଚେତନ କରିବାକୁ ଏସ୍‌ଏସ୍‌ଇପିଡିର ପ୍ରିନ୍ସିପାଲ ସେକ୍ରେଟାରୀ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ବରଗଡ଼ ଓ ମୟୂରଭଞ୍ଜ ଜିଲାରେ ଜମି ସମସ୍ୟାର ସମାଧାନ କରାଯାଇ ଗୃହ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ପୁରୀ ଜିଲାରେ କୁଷ୍ଠ ବସତି ନିର୍ମାଣ ପାଇଁ ୧.୧୯ କୋଟି ଟଙ୍କା ଗୃହ ଓ କୋଠାବାଡ଼ି ବିଭାଗକୁ ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲାରେ ୩୦ଟି ଗୃହ ନିର୍ମାଣାଧୀନ ରହିଛି। କିନ୍ତୁ ଯାଜପୁର ଜିଲାର ବ୍ୟାସ ସରୋବର ନିକଟରେ ରହୁଥିବା କୁଷ୍ଠରୋଗୀମାନଙ୍କ ବସତି ପାଇଁ ଏଯାଏ ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ। ପ୍ରାୟ ୭ ବର୍ଷ ହେଲା ବ୍ୟାସନଗର ପୌର ପ୍ରଶାସନ ପକ୍ଷରୁ ଯୋଡାବର ନିକଟସ୍ଥ ଗଣ୍ଡାନାଳ କୂଳରେ ଥଇଥାନ କରିବାକୁ ଯୋଜନା କରାଯାଇଛି। ତାହା ବି ଯୋଜନାରେ ସୀମିତ ରହିଛି। ଓଡିଶାର ୨୨ ଜିଲାର ୮୭ କଲୋନୀରେ ୮ ହଜାରରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଅବହେଳିତ ଅବସ୍ଥାରେ ରହିଛନ୍ତି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଯାଜପୁର ସଦର,୧୯।୧୦(ସମର ବିଜୟ ଶରଣ)



ଯାଜପୁର ବ୍ଲକ ଅନ୍ତର୍ଗତ ସାହସପୁର ପଞ୍ଚାୟତ ଉଅଁରକୁଳ ଗ୍ରାମର ବ୍ରଜକିଶୋର ସେନାପତିଙ୍କ ପୁତ୍ର ବିବେକ ସେନାପତି(୨୨)ଙ୍କ ଶନିବାର ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ବିଲରେ କାର୍ଯ୍ୟ କରୁଥିଲାବେଳେ ହଠାତ୍ ବିଜୁଳି ମାରିବାରୁ ବିଲମଝିରେ ଅଚେତ ହୋଇ ପଡ଼ିଯାଇଥଲେ। ପାଖ ବିଲରେ କାମ କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଦାଦା ରାଜେଶ ସେନାପତି ସଦର ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଏସ୍‌ଆଇ ଗୋବର୍ଦ୍ଧନ ନାୟକ ସୂଚନା ଦେଇଛନ୍ତି।

## ଟିକସ ଲାଭ ୨% ବୃଦ୍ଧି, ଘରୋଇ ବଜାରକୁ ନେଇ ଆଶା

### ଜିନ୍ଦଲ ଷ୍ଟେନ୍‌ଲେସ ଦ୍ୱିତୀୟ କ୍ୱାର୍ଟର ଆର୍ଥିକ ଫଳାଫଳ ଜାରି

ଯାଜପୁର,୧୯।୧୦(ହର୍ଷବର୍ଦ୍ଧନ ବେହେରା)

ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ)ର ବୋର୍ଡ ଅଫ୍ ଡାଇରେକ୍ଟର ଶୁକ୍ରବାର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ କ୍ୱାର୍ଟରର ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କ୍ୱାର୍ଟରରେ କମ୍ପାନୀର ଏକକ ମୋଟ ରାଜସ୍ୱ ୯,୭୪୬ କୋଟି ଟଙ୍କା ରେକର୍ଡ କରାଯାଇଛି। ସତନ୍ତ୍ର ଏବିଆଇଟିଡିଏ ୧,୦୦୭ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୫୮୯ କୋଟି ଟଙ୍କା ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ (ଇଣ୍ଟର କର୍ପୋରେଟ ଡିପୋଜିଟ ବ୍ୟତୀତ) ୨,୫୮୦ କୋଟି ଟଙ୍କାରେ ରେକର୍ଡ କରାଯାଇଥିଲା ଏବଂ ମୋଟ ଋଣ-ଇକ୍ୱିଟି ଅନୁପାତ ୦.୨ ରୁ ରହିଛି । ଏହି ତ୍ରୟମାସ ପାଇଁ ମୋଟ ଋଣ/ଇବିଆଇଟିଡିଏ ୦.୭ ହୋଇଛି, ଯେଉଁଥିରେ ନିମ୍ନ ଲିଭରେଜ ଅନୁପାତ ଏବଂ ସୁସ୍ଥ ବାଲାନ୍ସ ସିଟ ବଜାୟ ରଖିବା ଉପରେ ନିରନ୍ତର ଧ୍ୟାନ ଦିଆଯାଉଛି। ଅନ୍ୟପକ୍ଷରେ ସମନ୍ୱିତ ମୋଟ ରାଜସ୍ୱ କ୍ୱାର୍ଟର ଭିତ୍ତିରେ ୩.୬୮% ବୃଦ୍ଧି ପାଇ ୯,୭୭୭ କୋଟି ଟଙ୍କାରେ ପହଞ୍ଚିଛି। ସଂଯୁକ୍ତ ଇବିଆଇଟିଡିଏ ଏବଂ ପିଏଟି ଯଥାକ୍ରମେ ୧,୧୮୬ କୋଟି ଟଙ୍କା ଏବଂ ୬୦୯ କୋଟି ଟଙ୍କା ରେକର୍ଡ କରାଯାଇଛି। ଜୁଲାଇ-ସେପ୍ଟେମ୍ବର ଅବଧି ପାଇଁ ୯,୭୪୬ କୋଟି ଟଙ୍କା ଆୟ କରିଥିବା ବେଳେ ରିପୋର୍ଟରେ ଦର୍ଶାଯାଇଛି ଯେ ଚୀନ ଏବଂ ଭିଏତନାମାରୁ ଉତ୍ପାଦ ଡମ୍ପିଂ ମଧ୍ୟରେ କ୍ୱାର୍ଟର-ଅନ-କ୍ୱାର୍ଟର ଭିତ୍ତିରେ ୧.୬୮% ବୃଦ୍ଧି ପାଇଛି। ସମଗ୍ର କ୍ୱାର୍ଟରରେ ଘରୋଇ ବଜାର ସ୍ଥିର ଅଭିବୃଦ୍ଧି ପ୍ରଦର୍ଶନ ଜାରି ରଖିଛି। ପାଇପ ଓ ଟ୍ୟୁବ, ଲିଫ୍ଟ ଓ ଏଲେଭେଟର, ରେଳ କୋଚ ଓ ଅନ୍ୟାନ୍ୟ ବିଭାଗରୁ ଚାହିଦା ସ୍ଥିର ରହିଥିଲା। ପାର୍ବଣ ଋତୁ ପୂର୍ବରୁ ଘରୋଇ ଉପକରଣ ବଜାର ସ୍ୱାଭାବିକଠାରୁ ଭଲ ପ୍ରଦର୍ଶନ କରିଛି । ଶେଷ ପର୍ଯ୍ୟନ୍ତ ଶତେ ବଜାର (ଘରୋଇ ଉପକରଣ) ଏବଂ ଦୁଇ ଚକିଆ ଯାନ ସେଗମେଣ୍ଟରୁ ଅଭିବୃଦ୍ଧି ଜାରି ରହିବ ବୋଲି ଆଶା କରାଯାଉଛି। ସୁରକ୍ଷିତ ହାଲୁକା ଟ୍ରେନ, ଉପକୂଳବର୍ତ୍ତୀ ଅଞ୍ଚଳରେ ସଡ଼କ ଓ ପୋଲ, ଅନ୍ୟାନ୍ୟ ଭିତ୍ତିଭୂମି, ଜଳ ଓ ଇଥାନଲ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଷ୍ଟେନଲେସ ଷ୍ଟିଲର ଚାହିଦା ସମଗ୍ର ଆର୍ଥିକ ବର୍ଷରେ ସ୍ଥିର ରହିବ ବୋଲି ଆଶା କରାଯାଉଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଘରୋଇ ବଜାର ସର୍ବଦା ଫୋକସ କ୍ଷେତ୍ର ରହିଆସିଛି। ଆଶା କରୁଛୁ ଯେ ଆଗକୁ ଅଭିବୃଦ୍ଧି ଜାରି ରହିବ । ଚୀନ ଏବଂ ଭିଏତନାମାରୁ ରିହାତି ଦରରେ ନିମ୍ନମାନର ଆମଦାନୀ ସମସ୍ୟାର ସମାଧାନ ହେବ ବୋଲି ଆମେ ଆଶା କରାଯାଉଛି। ଯାହା ଫଳରେ ଭାରତୀୟ ଉତ୍ପାଦନକାରୀଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ସୃଷ୍ଟି ହୋଇପାରିବ।

## ସଂକ୍ଷେପରେ

### କେଲୁଅ ନଦୀରୁ ମହିଳାଙ୍କ ମୃତଦେହ ଜବତ

ଧର୍ମଶାଳା,୧୯।୧୦(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳି ପାରିନାହିଁ। ଅରାବଳ ପଞ୍ଚାୟତ ମୋହନପୁର ଗ୍ରାମର ଘୋଷାରପାଳ ଗାଧୁଆ ତୁଠ ନିକଟରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ବୟସ ପାଖାପାଖି ୪୫ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି। ମହିଳା ଜଣକ ଏକ କଳା ରଙ୍ଗର ହାପ ପ୍ୟାଣ୍ଟ, ହଳଦିଆ ରଙ୍ଗର ଗଞ୍ଜି ପିନ୍ଧିଥିଲେ। ଗଞ୍ଜି ପଛପଟେ ଡ୍ୟାନ୍ସ ଦିୱାନା ଲେଖାରହିଛି। ଏନେଇ ପୋଲିସ ନଂ.୨୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାର ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ମାରପିଟ ଅଭିଯୋଗରେ ଯୁବକ ଗିରଫ

ପାଣିକୋଇଲି,୧୯।୧୦(ବିକାଶ ମଲ୍ଲିକ)

ପାଣିକୋଇଲି ପୋଲିସ ମାରପିଟ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାଜପୁର ଗ୍ରାମର ଲମ୍ବୋଦର ବେହେରା। ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓରିନ୍ଦା ଗ୍ରାମର ସନ୍ତୋଷ ସମାଲଙ୍କୁ ଲମ୍ବୋଦର ମାରପିଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କରଦାରେ ରାବଣପୋଡ଼ି, ଆତସବାଜି ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ପାଣିକୋଇଲି,୧୯।୧୦(ବିକାଶ ମଲ୍ଲିକ)

କୋରେଇ ବ୍ଲକ୍ ଅନ୍ତର୍ଗତ କରଦା ହରିହାଟ ପଡ଼ିଆରେ ୯ମ ବାର୍ଷିକ ରାବଣପୋଡ଼ି ଓ ଆତସବାଜୀ ପ୍ରତିଯୋଗିତା ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ରାବଣ ପୋଡ଼ିରେ ୧୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା।

ସାମାଜିକ କର୍ମୀ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟି ପକ୍ଷରୁ କରଦା ମଠାଧୀଶ ବାବା କୃଷ୍ଣଚନ୍ଦ୍ର ଦାସଙ୍କ ଦ୍ୱାରା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ, ଅତିଥିଭାବେ କରଦା ସରପଞ୍ଚ ଅନିମା ମଲିକ, ସମିତିସଭ୍ୟା ପଙ୍କଜିନୀ ସାହୁ, ସାମାଜିକ କର୍ମୀ ସନ୍ତୋଷ କୁମାର ବେହେରା, ବନୋଜ କୁମାର ମଲ୍ଲିକ, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, କରଦା ହରିହାଟ କମିଟି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ଖବରଦାତା ମନୋଜ କୁମାର ସାହୁ, ପ୍ରଦୀପ କୁମାର ମାଝୀ, ଅଶୋକ କୁମାର ଦାସ, ସୁନିଲ ଓଝା, କାଜଲ ନାୟକ ଓ ଲଭଲୀ ସାହୁ ପ୍ରମୁଖ ଯୋଗେଦେଇଥିଲେ। କମିଟି ପକ୍ଷରୁ ସଭାପତି ଜନାର୍ଦ୍ଦନ ସେନାପତି(ଦନୁ) ଓ ସମ୍ପାଦକ ରମେଶ ସାହୁ (ଜଡା)ଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୋବର୍ଦ୍ଧନ ଜେନା ଓ ହଳଧର ଜେନାଙ୍କ ଦ୍ୱାରା ଆତସବାଜୀ ପ୍ରତିଯୋଗିତା କରାଯାଇଥିଲା। ମନପସନ୍ଦର ଆତସବାଜି ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ମଠାଧୀଶ ଓ ଅତିଥିଙ୍କ ଦ୍ୱାରା ରାବଣଙ୍କ ମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇଥିଲା। ଆନନ୍ଦ କୁମାର ରଣା ଓ ଅନିରୁଦ୍ଧ ମଲିକ ଧାରାବିବରଣୀ ପ୍ରଦାନ କରିଥିବାବେଳେ କମିଟି ପକ୍ଷରୁ ଅଶୋକ କୁମାର ବେହେରା, ପ୍ରଶାନ୍ତ ଦାଶ ଓ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଆତସବାଜି ପ୍ରତିଯୋଗୀଙ୍କୁ ଏହି ଅବସରରେ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଶାନ୍ତି ଶୃଙ୍ଖଳାରେ ରାବଣ ପୋଡି ଓ ଆତସବାଜୀ ପ୍ରତିଯୋଗିତା କରାଯାଇଥିବାରୁ ସମସ୍ତ ସହଯୋଗୀ, ପ୍ରାୟୋଜିତକାରୀ, ଦର୍ଶକ ଓ ପାଣିକୋଇଲି ପୋଲିସକୁ କମିଟି ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

## ଆହତ ଯୁବକଙ୍କଠାରୁ ନକଲି ବନ୍ଧୁକ ଜବତ

ପାଣିକୋଇଲି,୧୯।୧୦(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥରେ ଶନିବାର ମଧ୍ୟାହ୍ନରେ ୨ ଯୁବକ ଦୁର୍ଘଟଣାର ଶିକାର ହୋଇଛନ୍ତି। ତେବେ ସେମାନଙ୍କ ନିକଟରେ ନକଲି ବନ୍ଧୁକ ଥିବାରୁ ପୋଲିସ ପହଞ୍ଚି ଯୁବକ ଦ୍ୱୟଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ଯୁବକଦ୍ୱୟ ଷଠିପୁର ପଟୁ ପାଣିକୋଇଲିକୁ ବାଇକ ଯୋଗେ ଫେରୁଥିବା ସମୟରେ ଦୁଇ ହାଇୱା ଏକକାଳୀନ ରାସ୍ତା ଉପରେ ଯିବାରୁ ସେମାନେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ନିକଟରେ ବନ୍ଧୁକ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ ଥାନାକୁ ଆଣିବା ପରେ ବନ୍ଧୁକ ଜବତ କରିଥିଲା । ଉକ୍ତ ବନ୍ଧୁକ ଏକ ନକଲି (ଫାୟାର ଗନ) ବୋଲି ଜଣାପଡ଼ିଛି। କିନ୍ତୁ ସେମାନଙ୍କ କଥା ବାର୍ତ୍ତାରେ ପୋଲିସର ସନ୍ଦେହ ରହିଛି।

## ବାଲିଆ କଲେଜରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

ବରୀ,୧୯।୧୦(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅଧୀନ ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ. ଜିତେନ୍ଦ୍ର କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଯୋଗଦେଇ ବିଦ୍ୟାଳୟ ପରିସର ସହିତ ନିକଟସ୍ଥ ଗ୍ରାମ୍ୟ ରାସ୍ତା ସଫେଇ କରିଥିଲେ। ପରେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ। ଅଧାପକ ପ୍ରଦୀପ କୁମାର ମୁଦୁଲିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅଧ୍ୟାପକ ନିମାଇଁ ଚରଣ ଲେଙ୍କା, ଅଧ୍ୟାପିକା ରଶ୍ମିତା ସାହୁ, ଅଧ୍ୟାପିକା ଶ୍ରୁତି ପଟ୍ଟନାୟକ ଯୋଗଦେଇ ସହଯୋଗ କରିଥିଲେ।

## ପାଣିକୋଇଲି ଥାନା ପରିଦର୍ଶନକଲେ ଏସ୍‌ପି

ପାଣିକୋଇଲି,୧୯।୧୦(ବିକାଶ ମଲ୍ଲିକ)

ଯାଜପୁର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଯଶପ୍ରତାପ ଶ୍ରୀମଲ ନୂତନ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଣିକୋଇଲି ଥାନା ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଥାନା ଓ ଥାନା ଅଞ୍ଚଳରେ ଥିବା ସମସ୍ୟା ଏବଂ ଆଇନଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଛନ୍ତି। ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏସ୍‌ପିଙ୍କୁ ସ୍ୱାଗତ କରିବା ସହ ଥାନା ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି।

## ପୂଜାମଣ୍ଡପ ବୁଲିଲେ ବିଧାୟକ



ବଡ଼ଚଣା ବିଧାୟକ ଅମର କୁମାର ନାୟକ ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲି ଦେଖୁଛନ୍ତି।

ଛତିଆ,୧୯।୧୦(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବିଧାୟକ ଅମର କୁମାର ନାୟକ ଛତିଆ ବଜାରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିଛନ୍ତି। ସେ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରିବା ପରେ ବ୍ୟବସାୟୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଧାୟକଙ୍କ ଏହି କାର୍ଯ୍ୟକ୍ରମରେ ବିକାଶ ମହାପାତ୍ର, ରଞ୍ଜନ ସାହୁ, ସୁଶାନ୍ତ ସାହୁ, ଚିନ୍ମୟୀ ସାହୁ ଓ ଶିବରାମ ବାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ମନ ମୋହିଲା 'କଳଙ୍କ ମୋ ପାଇଁ ଚନ୍ଦନ ଟିପା'


ନାଟକ ପରିବେଷଣ କାର୍ଯ୍ୟକ୍ରମରେ ଅତିଥି ଉଦ୍‌ଘାଟନ କରୁଛନ୍ତି।

ପାଣିକୋଇଲି,୧୯।୧୦(ବିକାଶ ମଲ୍ଲିକ)

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଲକ୍ଷ୍ମୀପୂଜା ଅବସରରେ ମହାଲକ୍ଷ୍ମୀ ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ତ୍ରିଦ୍ୱିବସୀୟ ମୁକ୍ତାକାଶ ଖୋଲାମଞ୍ଚ ନାଟକ ପରିବେଷଣ କରାଯାଇଛି। ଏହାକୁ କୋରେଇ ବିଧାୟକ ଆକାଶ ଦାସ ନାୟକ ଉଦ୍‌ଘାଟନ କରିଥିଲେ। ଯୁବନେତା ଜହର ଅଲ୍ଲିଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥିଭାବେ ବିଷ୍ଣୁ ଚରଣ ରାଉତ, କଳ୍ପତରୁ ମହାପାତ୍ର, ସୂର୍ଯ୍ୟମଣି ପଣ୍ଡା, ବିଶ୍ୱନାଥ ଜେନା, ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ରାତ୍ରିରେ ନାଟକ କଳଙ୍କ ମୋ ପାଇଁ ଚନ୍ଦନ ଟିପା ଦର୍ଶକଙ୍କ ମନମୋହି ଥିଲା। ପ୍ରକାଶ ସେନାପତି, ମନ୍ମଥ ପଣ୍ଡା, ବ୍ରଜକିଶୋର ସ୍ୱାଇଁ, ପ୍ରଦୀପ ପଣ୍ଡା, ଅନିଲ ରାଉତ, ଶିବ ପରିଡ଼ା, ଅଜୟ ପରିଡ଼ା, ଅଶୋକ ପରିଡ଼ା, ଅଜିତ ରାଉତ, ଅଜିତ ରାଉତ, କଳ୍ପନା ପରଇଡା, ଆଶୀର୍ବାଦ ସ୍ୱାଇଁ, ବଚନ ସ୍ୱାଇଁ ପ୍ରମୁଖ ନାଟକ ଓ ସଭା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାରେ ସରପଞ୍ଚଙ୍କୁ ମିଶିବାକୁ ବିରୋଧ

ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବେଶ୍ କିଛିଦିନ ହେବ ଚର୍ଚ୍ଚାରେ ରହିଆସିଛି। ଗତ ସାଧାରଣ ନିର୍ବାଚନରେ ଏଠାରେ ବିଜେଡିର ପରାଜୟ ହୋଇଛି। ସ୍ୱାଧୀନ ପ୍ରାର୍ଥୀଭାବେ ହିମାଂଶୁ ଶେଖର ସାହୁ ନିର୍ବାଚନରେ ବିଜୟ ହୋଇ ଭାଜପାକୁ ସମର୍ଥନ କରୁଛନ୍ତି। ତେଣୁ ଭାଜପାର ନୀତିଆଦର୍ଶ ଓ ବିଧାୟକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ନିର୍ବାଚନମଣ୍ଡଳୀର ଅନେକ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଭାଜପାରେ ସାମିଲ ହୋଇଛନ୍ତି। ମାତ୍ର କାଏମା ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ କୁମୁଦିନୀ ମହାନ୍ତିଙ୍କୁ ଭାଜପାରେ ସାମିଲ କରାଇବା ପାଇଁ କାଏମା ଭାଜପା ନେତା ଓ କର୍ମୀ ବିରୋଧ କରି ଆସୁଛନ୍ତି। ଫଳରେ ସେ ଏବେ ବିଜେଡି ଶିବିରରେ ଅଛନ୍ତି। କିନ୍ତୁ ସେ ବିଜେଡି ଛାଡ଼ି ଭାଜପାରେ ସାମିଲ ହେବେ ବୋଲି ଶନିବାର ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କାଏମା ପଞ୍ଚାୟତ ରାଜନୀତି ସରଗରମ ହୋଇଛି। ଯଦି କାଏମା ସରପଞ୍ଚ ଭାଜପାରେ ମିଶିବେ ତେବେ ଅନେକ ଭାଜପା କର୍ମୀ ଦଳ ଛାଡ଼ିବେ ବୋଲି ଚେତାବନୀ ଦେଇଛନ୍ତି।

କାଏମା,୧୯।୧୦(ଶିବପ୍ରସାଦ ମହାନ୍ତି)

### କାଏମା ସରପଞ୍ଚ ମିଶିଲେ, ଦଳ ଛାଡ଼ିବେ ଭାଜପା କର୍ମୀ


ସରପଞ୍ଚ କୁମୁଦିନୀ ମହାନ୍ତି

ଏହି ନିର୍ବାଚନମଣ୍ଡଳୀରେ ଥିବା ୫୪ ପଞ୍ଚାୟତ ମଧ୍ୟରୁ ବଡ଼କାଏମା ଏକ ସ୍ୱାଭିମାନୀ ପଞ୍ଚାୟତ। ଗତ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତବାସୀ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ କୁମୁଦିନୀ ମହାନ୍ତିଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇଥିଲେ। ମାତ୍ର ସେ ସରପଞ୍ଚ ହେବା ପରେ ପଞ୍ଚାୟତର ଉନ୍ନତୀକରଣ କାର୍ଯ୍ୟ ଦିଗରେ ଯଥେଷ୍ଟ ଆଗକୁ ବଢ଼ି ପାରି ନ ଥିବା ଆଲୋଚନା ଜୋରଧରିଛି। ସେହିପରି ତାଙ୍କ ଦଳ ବଦଳାଇବାକୁ ନେଇ ଉଭୟ ବିଜେଡି ଓ ଭାଜପା ମଧ୍ୟରେ ନାନା ଆଲୋଚନା ଜାରି ରହିଛି।

ବିଜେଡିର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ସରପଞ୍ଚଙ୍କୁ ଅଣଦେଖା କରୁଥିବା ସେ କହିଛନ୍ତି। କୁମୁଦିନୀଙ୍କ କହିବା ଅନୁସାରେ, ସେ କଳ୍ପତରୁ ଦାସଙ୍କ ସମୟରୁ ରାଜନୀତି ସହ ସମ୍ପୃକ୍ତ ଅଛନ୍ତି। ମାତ୍ର ତାଙ୍କ ଶରୀର ଅସୁସ୍ଥ ଥିବା ସମୟରେ ପୂର୍ବତନ ବିଧାୟକ ଥରେ ହେଲେ ବି ତାଙ୍କୁ ଦେଖିବାକୁ ଆସି ନ ଥିଲେ। ନିକଟ ଏକ ଗାଁକୁ ଲକ୍ଷ୍ମୀ ପୂଜାକୁ ନିମନ୍ତ୍ରିତ ହୋଇ ଆସିବା ସମୟରେ ବି ସରପଞ୍ଚଙ୍କ କଥା ପଚାରି ନଥିଲେ। ଯାହାକି ତାଙ୍କ ପ୍ରତି ଅବହେଳା ଓ ଅଣଦେଖା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ଭାଜପାରେ ସାମିଲ ହେବା ପାଇଁ ଅନେକ ବାର ଯୋଗାଯୋଗ କରାଯାଇଛି। ତେଣୁ ସେ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। କାଏମାର ଭାଜପା ନେତା ଶିଶିର ମାହାଣା କହିଛନ୍ତି, କାଏମା ପଞ୍ଚାୟତ ପାଇଁ ବିଧାୟକ ଏକ ପାଞ୍ଚ ଜଣିଆ କମିଟି ଗଠନ କରିଛନ୍ତି। ମାତ୍ର କମିଟି ନିକଟରେ ଏ ବିଷୟରେ କୌଣସି ସୂଚନାନାହିଁ। ସରପଞ୍ଚଙ୍କୁ ଭାଜପାରେ ସାମିଲ ପାଇଁ ବାରମ୍ବାର ଯୋଗାଯୋଗ କରାଯିବା କଥା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ମତ ଦେଇଛନ୍ତି। ଅପରପକ୍ଷରେ ଯଦି କାଏମା ସରପଞ୍ଚ ଭାଜପାରେ ସାମିଲ ହେବେ ତେବେ ସେ ଓ ଅନେକ କର୍ମୀ ଦଳ ଛାଡ଼ିବେ ବୋଲି କହି ମାହାଣା ମତ ରଖିଛନ୍ତି। ଏନେଇ ବିଜେଡିର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ କହିଛନ୍ତି, ଦଳରେ କିଏ ରହିବେ ଓ ଯିବେ ତାହା ତାଙ୍କ ଇଚ୍ଛା। କାଏମା ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ତାଙ୍କୁ ଡକାଯାଇଥିଲା। ସରପଞ୍ଚଙ୍କୁ କ'ଣ ପାଇଁ ଖବର ଦିଆଯାଇ ଥାଆନ୍ତା। ଏହା କୌଣସି ପଞ୍ଚାୟତ କାର୍ଯ୍ୟ ନ ଥିଲା ଏବଂ ସରପଞ୍ଚ ଦଳ ଛାଡ଼ିବେ କି ନାହିଁ ଏ ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି ବଳବନ୍ତରାୟ ସ୍ପଷ୍ଟ କରିଛନ୍ତି। ସେହିପରି କାଏମା ବିଜେଡିର ବରିଷ୍ଠ ନେତା ବଟକୃଷ୍ଣ ରାଉତ କହିଛନ୍ତି, ସରପଞ୍ଚ ଦଳ ଛାଡ଼ିଲେ ପଞ୍ଚାୟତରେ କୌଣସି ପ୍ରଭାବ ପଡ଼ିବନାହିଁ।

# ଅପରାଧୀ ରଶ୍ମି ରଞ୍ଜନ ହତ୍ୟା ଘଟଣା, ୪ ଅଟକ

- ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ପୋଲିସର ତଦନ୍ତ
- ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ଼ ଜବତ

**ରାଜନଗର,୧୯।୧୦ (ଭାସ୍କର ରାଉତରାୟ)**


ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି ।

ରାଜନଗର ଥାନା ଅଧୀନ କୁରୁଣ୍ଟି ଗାଁ ମୁଣ୍ଡରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ଅପରାଧରେ ଜଡିତ ଥିବା ୨୨ବର୍ଷୀୟ ଯୁବକ ରଶ୍ମି ରଞ୍ଜନ ପରିଡ଼ାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଲୁହାରଡ଼ ଓ କୁରାଢ଼ିରେ ଅତି ନିର୍ମମ ଭାବେ ହାଣି ହତ୍ୟା କରାଯାଇଛି। କେତେଜଣ ଯୁବକ ଭୋଜିକରି ମଦ ପିଇବା ପରେ ଏହି ହତ୍ୟାକାଣ୍ଡ ଘଟିଛି। ରଶ୍ମି ରଞ୍ଜନଙ୍କ ବାପା ରଙ୍ଗାଧରଙ୍କ ଅଭିଯୋଗ ଆଧାରରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ମାଧ୍ୟମରେ ରାଜନଗର ପୋଲିସ ତଦନ୍ତକୁ ଜୋରଦାର କରିଛି। ଏ ନେଇ ରାଜନଗର ଥାନାରେ ଏକ ମାମଲା(ନଂ.୩୯୫/୨୪) ମାମଲା ରୁଜୁ ହୋଇଛି।

ହତ୍ୟାର ଶିକାର ହୋଇଥିବା ରାଜନଗର ବ୍ଲକ କୁରୁଣ୍ଟି ଗାଁର ରଶ୍ମି ରଞ୍ଜନଙ୍କ ବିରୋଧରେ ରାଜନଗର, ମାର୍ଶାଘାଇ, ଟାଙ୍ଗି ଆଦି ଥାନାରେ ଚୋରି ଓ ରାହାଜାନି ମାମଲା ରହିଛି। ସେ ଅଧିକାଂଶ ସମୟ ବାହାରେ ରହୁଥିଲେ। ଶୁକ୍ରବାର ସକାଳେ ସେ ଘରୁ ଭୁବନେଶ୍ୱର ଯିବି କହି ଗାଁ ଛକକୁ ଆସିଥିଲେ। ଏହାପରେ କେତେଜଣ ସାଙ୍ଗଙ୍କ ସହିତ ଖଣ୍ଡାମରା ଛକରେ ମାଂସ ରୋଷେଇ କରି ମଧ୍ୟାହ୍ନରେ ଖାଇବା ସହ ମଦ୍ୟପାନ କରିଥିଲେ। ସନ୍ଧ୍ୟାରେ ସେଠାରେ ରହୁଥିବା ଘୁଷୁରିଆ କେଳାଙ୍କ ସହିତ ରଶ୍ମି ରଞ୍ଜନଙ୍କ ଥିବା ବିବାଦ ସମାଧାନ ବୈଠକ ବସିଥିଲା। ସେ ବୈଠକରେ ରଶ୍ମି ରଞ୍ଜନଙ୍କ ବାପା ବି ଉପସ୍ଥିତ ଥିଲେ। ଏହି ବୈଠକ ପରେ ରାତି ପ୍ରାୟ ୮ଟା ସମୟରେ ଗାଁର ବାତ୍ୟା ଆଶ୍ରୟସ୍ଥଳୀରେ ଏହି ହତ୍ୟାକାଣ୍ଡ ଘଟିଛି। ରଶ୍ମି ରଞ୍ଜନଙ୍କ ବେକରେ ଲୁହାରଡ଼କୁ ଭୁସି ଦେବା ପରେ କୁରାଢିରେ ତାଙ୍କ ଡାହାଣ ପଟ କାନମୁଣ୍ଡକୁ ହାଣି ହତ୍ୟା କରାଯାଇଥିଲା । ହତ୍ୟାକାରୀମାନେ ଲୁହାରଡ଼କୁ ପାଖରେ ଥିବା ବିଦ୍ୟାଳୟ ପଛପଟ ନଳକୂପ ନିକଟରେ ପକାଇଥିବା ବେଳେ କୁରାଢିକୁ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଫୋପାଡି ଦେଇଥିଲେ। ଶନିବାର ସକାଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ତଦନ୍ତ ଚଳାଇଥିଲେ। ସନ୍ଧାନୀ କୁକୁର ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ଼କୁ ଠାବ କରିଥିଲା। ସାଇଣ୍ଟିଫିକ ଟିମ୍ ତଦନ୍ତ ସାରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ରାଜନଗର ଆଇଆଇସି ଅଜୟ କୁମାର ଜେନା ଓ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ୪ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛନ୍ତି ।

ମୃତ ରଶ୍ମି ରଞ୍ଜନଙ୍କ ବାପାଙ୍କ ଅଭିଯୋଗ ମୁତାବକ ରାତି ୭ଟା ୨୪ରେ ପୁଅ ସହ ଫୋନରେ କଥା ହୋଇଥିଲି। ଆନନ୍ଦ କଅଁର, ରାମ ଦାସ, ରସିଆ ମଙ୍ଗରାଜ, ଘୁଷୁରିଆ କେଳା ମୁନା, କୁନା ଓ ଦିଲୁ ମହାରଥା ମିଳିତ ଭାବେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି ।

# ମିଳିଲାନି ଆମ୍ବୁଲାନ୍ସ ସେବା: ଗୁରୁତରଙ୍କୁ ବାଇକ୍‌ରେ ପଠାଗଲା ଚିକିତ୍ସାଳୟ


ଦୁର୍ଘଟଣାରେ ଭାଙ୍ଗିଯାଇଥିବା ବାଇକ୍ ।

**କୁଜଙ୍ଗ,୧୯।୧୦(ମନୋଜ ପ୍ରଧାନ)**

କୁଜଙ୍ଗରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରହସନ ପାଲଟିଛି। ଆବଶ୍ୟକ ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ସେବା ମିଳିପାରୁନାହିଁ। କୁଜଙ୍ଗରୁ ତୈଳ ବିଶୋଧନାଗାରକୁ ସଂଯୋଗ କରୁଥିବା ସାଗର ରୋଡ୍‌ର ମାଳହୁଙ୍କା ନିକଟରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଶନିବାର ଅପରାହ୍ନ ପ୍ରାୟ ୫ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ବାଇକ ଆରୋହୀ ଓ ମହିଳା ସହଯାତ୍ରୀ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଘୋଡ଼ାମରା ଗ୍ରାମର ବିଚିତ୍ର ଜେନାଙ୍କ ପୁଅ ତନ୍ମୟ ଜେନା।ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗୋଟିଏ ବାଇକର ଟାୟାର ଓ ଟ୍ୟୁବ୍ ଫାଟି ଖଣ୍ଡେ ଦୂରରେ ପଡ଼ିଥିଲା। ମାତ୍ର ଆବଶ୍ୟକ ସମୟରେ ତନ୍ମୟଙ୍କୁ ଚିକିତ୍ସା ସେବା ନ ମିଳିବାରୁ ତାଙ୍କୁ ବାଇକ୍‌ରେ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ତନ୍ମୟ ଜେନା ଡିୟୁଟି ସାରି ଘରକୁ ଫେରୁଥିବାବେଳେ ଗଣ୍ଡକିପୁର ଗ୍ରାମର ବିଘ୍ନେଶ ସାମଲ ବିପରୀତ ଦିଗରୁ ଏକ ବାଇକ୍‌ରେ ଜଣେ ସମ୍ପର୍କୀୟା ମହିଳାଙ୍କୁ ବସାଇ ଯାଉଥିଲେ। ମାଳହୁଙ୍କା ବଜାର ନିକଟରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ତନ୍ମୟ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡିଯାଇଥିବାବେଳେ ବିଘ୍ନେଶ ଖଣ୍ଡିଆ ଖାବରା ହୋଇଥିଲେ। ମହିଳା ସହଯାତ୍ରୀଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ବହୁ ସମୟ ଧରି ଅପେକ୍ଷା କରିବା ସତ୍ତ୍ୱେ ଆମ୍ବୁଲାନ୍ସ ନ ଆସିବାରୁ ଗୁରୁତର ତନ୍ମୟଙ୍କୁ ସ୍ଥାନୀୟ ଲୋକେ ବାଇକ୍‌ରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତନ୍ମୟ ଜଣେ ଗରିବ ପରିବାରର ହୋଇଥିବାରୁ କଟକ ନେବା ନିମନ୍ତେ ପୁନର୍ବାର ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। ମାତ୍ର ନିରାଶ ହେବା ପରେ ଶେଷରେ ଏକ ଭଡ଼ା ଗାଡ଼ିରେ ତାଙ୍କୁ କଟକ ପଠାଯାଇଛି। ଏହି ଘଟଣା ପରେ ୧୦୮ ଆମ୍ବୁଲାନ୍ସ ସେବା କାହା ପାଇଁ ରହିଛି ବୋଲି ସାମାଜିକ କର୍ମୀ ଗୌରହରି ସ୍ୱାଇଁ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ଚିକିତ୍ସାଳୟର ଡାକ୍ତର ସତ୍ୟଜିତ୍ ପଧାନ କରିଛନ୍ତି, ଆମ୍ବୁଲାନ୍ସଟି ଅନ୍ୟ ରୋଗୀଙ୍କୁ ନେଇ ଯାଇଥିବାରୁ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିଲା।

# ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି


ନାରାୟଣ ବୀରବର ସାମନ୍ତ

**କୁଜଙ୍ଗ,୧୯।୧୦(ମନୋଜ ପ୍ରଧାନ)**

କବି ନାରାୟଣ ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି କୁଜଙ୍ଗ ତଥା ପାରାଦୀପରେ ସ୍ଥାପନ କରିବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଚିଠି ପଠାଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ବୀରବର କୁଜଙ୍ଗ ଗାନ୍ଧୀଭାବେ ପରିଚିତ। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସଂସ୍କୃତି ବିଭାଗ ଏକ ତାଲିକା ଗଣମାଧ୍ୟମରେ ପ୍ରକାଶ କରିଥିବାବେଳେ ବୀରବରଙ୍କ ନାମକୁ ସରକାର ଏଡ଼ାଇଯିବା ଦୁଃଖର ବିଷୟ। ବୀରବରଙ୍କ ଐତିହାସିକ ଯୋଗ୍ୟତାକୁ ଆଖିବୁଜି ଦେବାକୁ କୁଜଙ୍ଗର ଜନସାଧାରଣ ଗ୍ରହଣ କରିପାରୁନାହାନ୍ତି। ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଇଂରେଜ୍‌ମାନଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ରେଭେନ୍‌ଶା ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ଗାନ୍ଧିଜୀଙ୍କ ସମେତ ସୁଭାଷ ବୋଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେହେରୁଙ୍କ ଭଳି ଜାତୀୟ ନେତୃବୃନ୍ଦଙ୍କ ସହ ସମ୍ପର୍କ ରଖିଥିଲେ। ଗୋପବନ୍ଧୁ ଦାସ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ ଭଳି ସମସାମୟିକ ଜନନେତା ଭାବେ ଭାରତୀୟ ମୁକ୍ତି ସଂଗ୍ରାମ ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆନ୍ଦୋଳନର ବହ୍ନି ଜଳାଇ ବହୁବାର କାରାବରଣ କରିଥିଲେ। ତାଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ସାରା ଭାରତ ବର୍ଷରେ ଚର୍ଚ୍ଚାର ବିଷୟ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଦଳିତଙ୍କୁ ମନ୍ଦିର ପ୍ରବେଶ ପ୍ରସଙ୍ଗରେ ସାମନ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଶତାଧିକ ଦଳିତ ମହିଳା, ପୁରୁଷଙ୍କୁ ପାରାଦୀପଗଡସ୍ଥିତ ପାରେଶ୍ୱର ମନ୍ଦିରରେ ପ୍ରବେଶ କରାଇ ଗାନ୍ଧିଜୀଙ୍କ ପ୍ରିୟପାତ୍ର ହୋଇଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପାରାଦୀପରେ ଏକ ବନ୍ଦର ପ୍ରତିଷ୍ଠା ପାଇଁ ସେତେବେଳର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ପ୍ରବର୍ତ୍ତାଇ ଚଉମୁହାଣିଠାରୁ ଡ଼ଙ୍ଗା ସାହାଯ୍ୟରେ ଲୁହା ପଥର ରପ୍ତାନି କରି ପ୍ରାଥମିକ ଭିତ୍ତିଭୂମି ପକାଇଥିଲେ। ରାଜନୀତି କ୍ଷେତ୍ରରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭାବେ କାର୍ଯ୍ୟ କରି ନିଜର ଏକ ନିଷ୍କଳଙ୍କ ପରିଚୟ ସୃଷ୍ଟି କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ତରାଇ ଦାବି କରିଛନ୍ତି।

# ପାରାଦୀପର ପ୍ରତୀକ ବତିଘର


ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ବତିଘର ମହୋତ୍ସବ ଉଦ୍‌ଘାଟିତ

**ପାରାଦୀପ,୧୯।୧୦(ଶରତ ରାଉତ)**

ସମଗ୍ର ଦେଶର ପୂର୍ବ ଉପକୂଳରେ ଥିବା ବତିଘରଗୁଡିକୁ ନେଇ ୨ଦିନିଆ ମହୋତ୍ସବ ଶନିବାର ଆରମ୍ଭ ହୋଇଛି। ଏହା ରବିବାର ଶେଷ ହେବ। ଭାରତ ସରକାରଙ୍କ ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଏହା କରାଯାଇଛି। ଏହିକ୍ରମରେ ପାରାଦୀପରେ ଥିବା ବତିଘର ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବତିଘର ନିର୍ଦ୍ଦେଶକ ମୁମ୍ବାଇ ଜେଫି ଥୋମାସ, ପାରାଦୀପ ବତିଘର ଇନଚାର୍ଜ ପି.କେ. ଦତ୍ତ, ପାରାଦୀପ ବନ୍ଦର ହାଇସ୍କୁଲ ପ୍ରଧାନ ଶିକ୍ଷକ ପି.କେ. ଦାସ ପ୍ରମୁଖ ଯୋଗ ଦେଇଥିଲେ। ଦିନ ଥିଲା ଜାହାଜ ଚଳାଚଳ ଓ ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ପାଇଁ ବତୀଘର ଅତ୍ୟନ୍ତ ଆବଶ୍ୟକତା ଥିଲା। ଯଦିଓ ବୈଷୟିକ ଜ୍ଞାନକୌଶଳ ଯୋଗୁ ଏହାର ଗୁରୁତ୍ୱ କମିଛି କିନ୍ତୁ ବିପର୍ଯ୍ୟୟ ସମୟରେ ଏହି ବତିଘରର ଆବଶ୍ୟକତା ଅଛି। ଏପରିକି ପାରାଦୀପର ପ୍ରତୀକ ବତିଘର ବୋଲି ମୁଖ୍ୟ ଅତିଥି ତରାଇ କହିଥିଲେ। ପାରାଦୀପର ଯେକୌଣସି ପ୍ରତିକୃତି କରିବା ବେଳେ ପ୍ରଥମେ ବତିଘର ଫଟୋ ସ୍ଥାନିତ ହୋଇଥାଏ ବୋଲି ସେ କହିଥିଲେ।



# ମଇଁଷି ଗୋଠରେ ବଜ୍ରପାତ , ୫ ମଇଁଷି ମୃତ , ୩ ଜଗୁଆଳି ଗୁରୁତର

**କୁଜଙ୍ଗ,୧୯।୧୦(ମନୋଜ ପ୍ରଧାନ)**

ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଜଟାଧାର ବେଳାଭୂମି ବୋସ୍କାଲିସ ପଏଣ୍ଟଠାରେ ଶନିବାର ରାତି ପ୍ରାୟ ୭ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ବୋସ୍କାଲିସ ପଏଣ୍ଟରେ ଥିବା ଏକ ମଇଁଷି ଗୋଠରେ ବଜ୍ରପାତ ହେବାରୁ ସେଠାରେ ଥିବା ୫ ମଇଁଷିଙ୍କ ମୃତ୍ୟୁ ଘଟିଥିବାବେଳେ ୭ ମଇଁଷି ଗୁରୁତର ହୋଇଛନ୍ତି। ସେହିପରି ମଇଁଷିମାନଙ୍କୁ ଜଗିବାକୁ ଯାଇଥିବା ୩ ଜଗୁଆଳି ମଧ୍ୟ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଢ଼ିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମର ୨ ଭାଇ ଶ୍ରୀଧର ଦାସ ଓ କୁମର ଦାସ। ଅନ୍ୟ ଜଣେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ସମାଗୋଳ ଗ୍ରାମର ଚୈତନ୍ୟ ପରିଡ଼ା। ଗୁରୁତର ଜଗୁଆଳିମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅଠରବାଙ୍କୀସ୍ଥିତ ବିଜୁ ସ୍ମାରକୀ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ସାମାନ୍ୟ ବର୍ଷା ପବନରେ ୭ଘଣ୍ଟା ବିଦ୍ୟୁତ୍ କାଟ୍

**ପଟ୍ଟାମୁଣ୍ଡାଇ,୧୯।୧୦(କଳ୍ପତରୁ ନାୟକ)**

ସାମାନ୍ୟ ବର୍ଷା ପବନ ଯୋଗୁ ପଟ୍ଟାମୁଣ୍ଡାଇ ସହରରେ ୬ରୁ ୮ ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି । ସହର ଠାରୁ ଉପକଣ୍ଠ ଅବସ୍ଥା ଆହୁରି ଭୟଙ୍କର। ସାମାନ୍ୟ ବର୍ଷାରେ ଯଦି ଏମିତି, ତେବେ ବାତ୍ୟା ହେଲେ କି ଅବସ୍ଥା ହେବ ସେ ନେଇ ପ୍ରଶ୍ନ ଉଠିଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ଓ ଗ୍ରାହକସେବା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିବା କୁହାଯାଉଥିଲେ ମଧ୍ୟ ଏଭଳି ପରିସ୍ଥିତି ପୁଣି ଥରେ ବିଜୁଳି ଉପଭୋକ୍ତାଙ୍କୁ ଚିନ୍ତାରେ ପକାଇଛି। ବିଦ୍ୟୁତ୍ କଟିବା ଓ ଲୋକେ ଜଣାଇବାପରେ ମଧ୍ୟ ବହୁ ଘଣ୍ଟା ଧରି ସ୍ଥିତି ସ୍ୱାଭାବିକ ନ ହେବା ଚିନ୍ତାର ବିଷୟ ହୋଇଛି । ଶନିବାର ଅପରାହ୍ନ ୪ଟା ବେଳେ ବର୍ଷା ପବନ ଆରମ୍ଭ ହେଉ ହେଉ ପଟ୍ଟାମୁଣ୍ଡାଇ ସହର ସମେତ ଗ୍ରାମାଅଞ୍ଚଳରେ ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇଗଲା। ବର୍ଷା ଛାଡ଼ିବା ପରେ ମଧ୍ୟ ବିଜୁଳି ଆସିଲା ନାହିଁ। ଖବର ଲେଖା ହେବା ରାତି ସାଢ଼େ ୧୦ ପର୍ଯ୍ୟନ୍ତ ଲାଇନ ଆସିନାହିଁ। ପାଖାପାଖି ୭ଘଣ୍ଟା ଧରି ସମଗ୍ର ଅଞ୍ଚଳ ଅନ୍ଧାର ରହିଛି। କେବଳ ପଟ୍ଟାମୁଣ୍ଡାଇ ସହର ନୁହେଁ ପୌରାଞ୍ଚଳର ୨୦ ୱାର୍ଡ ସମେତ କଖାରୁଣୀ, ଖଡିଅଣ୍ଟା ନରସିଂହପୁର, ବାଲିପାଟଣା, ନୀଳକଣ୍ଠପୁର, ଶାସନ, ବାଛରା ଆଦି ପଞ୍ଚାୟତ ଅଞ୍ଚଳରେ ବିଜୁଳିସଂଯୋଗ ବିଚ୍ଛିନ୍ନ ହୋଇଛି। ପ୍ରବଳ ଗରମ ଓ ଗୁଳୁଗୁଳିରେ ଏହି ବିଦ୍ୟୁତ୍ କାଟ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଏ ନେଇ ସ୍ଥାନୀୟ ଜନସାଧାରଣଙ୍କ କହିବା କଥା, ବିଜୁଳି ଦର ବଢ଼ିଲା, ଲୋକଙ୍କୁ ୭ଦିନ ଭିତରେ ଦେୟ ପଇଠ କରିବାକୁ ବାଧ କରାଗଲା। ମାତ୍ର ସେବାରେ ଉନ୍ନତି ଘଟିଲା ନାହିଁ। ଅଭିଯୋଗ ପାଇଁ ଯେଉଁ ନମ୍ବର ଦିଆହେଲା ତାହା ଅନେକ ସମୟରେ କାମ କରୁନାହିଁ। ଲାଇନ କଟିବ ନାହିଁ ବୋଲି ଘୋଷଣା କରାଗଲା। ହେଲେ କିଛି ଲାଭ ହେଲାନାହିଁ। ବରଂ ଉପଭୋକ୍ତା କଲବଲ ହେଉଛନ୍ତି। ଏ ନେଇ ଟିପିସିଓଡିଏଲ ପକ୍ଷରୁ କୁହାଯାଇଛି, ଲାଇନ ନ କଟିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସମସ୍ୟା ପଛରେ ଅନେକ କାରଣ ରହିଛି।ପୁରୁଣା କେବୁଲ ପାଇଁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଘଟୁଛି । ଆଜି ମଧ୍ୟ ସେହି କେବୁଲ ପାଇଁ ବିଦ୍ୟୁତ କାଟ୍ ହୋଇଛି । ଏହାର ମରାମତି ପାଇଁ କେନ୍ଦ୍ରାପଡ଼ାରୁ ଇଏମ୍‌ଆଇ ଟିମ୍ ବିଳମ୍ବରେ ପହଞ୍ଚିଥିଲେ । କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୋଲିସ ପ୍ରୋଟେକ୍‌ଶନ ଦରକାର ପଡିବ ବୋଲି କହି ଘଣ୍ଟାଏ ବିଳମ୍ବ କରିଥିଲେ। ଫଳରେ ମରାମତି କରି ବିଦ୍ୟୁତ୍ ସଂଯୋଗ ଦେବାକୁ ସମୟ ଲାଗୁଛି। ଯଥାସମ୍ଭବ ଶୀଘ୍ର ମରାମତି କରାଯିବାକୁ ଉଦ୍ୟମ ଚାଲିଛି।

# ଡେରାବିଶର ଦୀପ୍ତିମୟୀ ପାଇଲେ ଓଏଏସ୍

**ଡେରାବିଶ,୧୯।୧୦(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ଅନ୍ତର୍ଗତ ଉଦିଆପଡା(ବନ୍ଧପଡା) ଗ୍ରାମର ପ୍ରକାଶ ପ୍ରଧାନଙ୍କ ଝିଅ ଦୀପ୍ତିମୟୀ ଓଡିଶା ପ୍ରଶାସନିକସେବା ପରୀକ୍ଷାରେ ୨୪୫ନମ୍ବର ପାହ୍ୟାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ସଫଳତା ଡେରାବିଶ ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସେ ଏବେ ରାଉରକେଲା ଇସ୍ପାତ କାରଖାନାରେ ଜଣେ



ବୈଷୟିକ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ଦିପ୍ତିମୟୀ ସଫଳତାର ସହ କୃତିତ୍ୱ ଅର୍ଜନ କରିଥିବା ବେଳେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଓୟୁଟି) ରେ ବିଜ୍ଞାନରେ ସ୍ନାତକ ପରୀକ୍ଷାକୁ ମଧ୍ୟ ସଫଳତାର ଉତ୍ତୀର୍ଣ୍ଣ ହୋଇଥିଲେ। ନିଜ ପ୍ରତିକ୍ରିୟାରେ ଦିପ୍ତିମୟୀ ସ୍ନାତକ ଶିକ୍ଷା ସମୟରେ ଟ୍ରେନିଂରେ ଥିବା ବେଳେ ରାୟଗଡ଼ା ଓ ଉପାନ୍ତ ଅଞ୍ଚଳକୁ ଗସ୍ତ କରିଥିଲେ। ସେଠାରେ ଆଦିବାସୀ ପରିବାରଙ୍କ ସହ ମିଶିବା ବେଳେ ସେମାନଙ୍କ ଚଳଣି ଓ ଅବହେଳିତ ଅବସ୍ଥା ଦେଖି ନିଜେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ସେମାନଙ୍କ ସେବା କରିବାର ସଂକଳ୍ପ ନେଇ ପ୍ରଶାସନିକ ସେବା ପରୀକ୍ଷା ପସ୍ତୁତି ଆରମ୍ଭ କରିଥିଲେ। ଏବେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ସେ ପ୍ରସ୍ତୁତି କରୁଥିବା ନେଇ ଦିପ୍ତିମୟୀ ପ୍ରକାଶ କରିଥିଲେ।

# 'ଜଗତ୍‌ସିଂହପୁର ନିର୍ମାଣର ବିନ୍ଧାଣି ଥିଲେ ଲକ୍ଷ୍ମଣ ମଲ୍ଲିକ'


ଲକ୍ଷ୍ମଣ ମଲ୍ଲିକଙ୍କ ଦଶମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ।

**ଜଗତ୍‌ସିଂହପୁର, ୧୯।୧୦ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ପାଇଁ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ତ୍ୟାଗ, ସ୍ନେହ, ଶ୍ରଦ୍ଧା ଅତୁଳନୀୟ ବୋଲି କହିଥିଲେ। ଜଗତସିଂହପୁର ସବ୍‌ଡିଭିଜନ, ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ବିଭିନ୍ନ ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ ନିର୍ମାଣରେ ସ୍ୱର୍ଗତ ଲକ୍ଷ୍ମଣଙ୍କ ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ। ସେ ଜଗତ୍‌ସିଂହପୁର ନିର୍ମାଣର ବିନ୍ଧାଣି ଥିଲେ ବୋଲି ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିଧାୟକ ତଥା ପ୍ରଥମ ଜିଲା ପରିଷଦ ସଭାପତି ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଦଶମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇ କଟକ-ବାରବାଟୀର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଇଂ.ମହମ୍ମଦ ମୋକିମ କହିଥିଲେ। ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି କମିଟିର ସଭାପତି ବିପ୍ଳବ ଚୌଧୁରୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ମୋକିମ ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମଣଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସବୁ କଂଗ୍ରେସ କର୍ମୀ ଏକଜୁଟ ହୋଇ ଦଳକୁ ମଜଭୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ଆର୍ଯ୍ୟ ସମାଜର ସଭାପତି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମଣଙ୍କ କଂଗ୍ରେସ ପ୍ରତି ଅବଦାନ ତଥା ଜଗତସିଂହପୁର ଅଞ୍ଚଳ ବିକାଶର ପ୍ରଜ୍ଞାପୁରୁଷ ଭାବେ ଅଭିହିତ କରିଥିଲେ। ସମ୍ମାନିତ ଅତିଥିଭାବେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ସ୍ମୃତି କମିଟି ଆବାହକ ତଥା ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଜିଲା ଓକିଲ ସଂଘ ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ.ହିମାଂଶୁ ଶେଖର ମଲ୍ଲିକ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ. ନଳିନୀ କୁମାର ସ୍ୱାଇଁ, ଆଇନଜୀବୀ ସୁଶାନ୍ତ କୁମାର କାନୁନ୍‌ଗୋ, ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ସ୍ୱର୍ଗତ ଲକ୍ଷ୍ମଣଙ୍କ କନ୍ୟା ସ୍ମୃତି କମିଟିର ସମ୍ପାଦିକା ପ୍ରତିମା ମଲ୍ଲିକ ପ୍ରମୁଖ ଯୋଗ ଦେଇ ଲକ୍ଷ୍ମଣଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ ବିନାୟକ ପଟ୍ଟନାୟକ, ଡ଼ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,ବିକ୍ରମ କେଶରୀ ପରିଡ଼ା, ଜଟାଧାରୀ ସାହୁଙ୍କୁ ସମ୍ମାନିତ କରାଯାଇଥିବାବେଳେ ବରିଷ୍ଠ ରାଜନୀତିଜ୍ଞ କୁଳମଣି ଦାଶଙ୍କ ପାଇଁ ମରଣୋତ୍ତର ସମ୍ମାନ ତାଙ୍କ ପୁତ୍ର ଗ୍ରହଣ କରିଥିଲେ। ସ୍ମୃତି କମିଟିର ଉପସଭାପତି ଅଭୟ କୁମାର ମହାନ୍ତି ସ୍ୱାଗତ ଭାଷଣଦେଇଥିବା ବେଳେ କମିଟିର ଅନ୍ୟତମ ଉପସଭାପତି ମାନସ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବଳରାମପୁର ଗ୍ରାମ ପଞ୍ଚାୟତର କଂଗ୍ରେସ ଦଳର ଯୁବ ନେତା ସଂଜିତ୍ କୁମାର ମହାନ୍ତି (ରୁନା)ଙ୍କ ଅକାଳ ବିୟୋଗରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାତଃ ସମୟରେ ସ୍ଥାନୀୟ ଗଣେଶ ଘାଟରେ ତିଳତର୍ପଣ କରାଯିବା ସହ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ଚୌଧୁରୀ, ପ୍ରଦୀପ୍ତ କୁମାର ସାହୁ, ଦେବୀ ପ୍ରସନ୍ନ ନାୟକ, ପ୍ରସନ୍ନ ସାମନ୍ତରାୟ, ବଂଶୀଧର ପଟ୍ଟନାୟକ, ଡ.ଜଗଦାନନ୍ଦ ବେହେରା, ଶରତଚନ୍ଦ୍ର ତ୍ରିପାଠୀ, ଭାସ୍କର ମଲ୍ଲିକ, ରବୀନ୍ଦ୍ର ଦାସ, ପ୍ରଶାନ୍ତ କୁମାର ମହାପାତ୍ର, ଅଦ୍ୱୈତ କୁମାର ଜେନା, ସୌମ୍ୟଜିତ ଦାଶ, ଅବନୀକାନ୍ତ ମହାରଣା, ମହନୀଚରଣ ରାଉତ, ସର୍ବେଶ୍ୱର ପଣ୍ଡା, ନିକୁଞ୍ଜ କିଶୋର ବେହେରା, ସୁଦର୍ଶନ ବେହେରା, ମିନୁ ଚୌଧୁରୀ, ଗଣେଶ୍ୱର ମାଣିଆ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

ଖଣ୍ଡପଡା,୧୯।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ୍ ଅଧିନ କୁମ୍ଭାରପଡା ପଞ୍ଚାୟତର ସୁର ନାୟକଙ୍କ ସ୍ତ୍ରୀ ପ୍ରତିମା ନାୟକ(୫) ସ୍ଥାନୀୟ ବଡହରିଜନ ସାହିର ମୋ ପୋଖରୀକୁ ସ୍ନାନ ପାଇଁ ଯାଇଥିବା ବେଳେ ତାଙ୍କର ଗୋଡଖସି ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ଶନିବାର ଅପରାହ୍ନରେ ଏହି ଦୁଃଖଦ ଘଟଣା ଘଟିଛି। ତାଙ୍କୁ ପାଣିରୁ ଉଦ୍ଧାର କରାଯାଇ ନିକଟସ୍ଥ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ପରିବାର ସୂତ୍ରରୁ ଜଣାପଡିଛି।

### ସୌରୀ ପାହାଡ଼ ଶୂନ୍ୟାଶ୍ରମରେ ଭାଗବତ ନାମଯଜ୍ଞ

ଖଣ୍ଡପଡ଼ା,୧୯।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତସ୍ଥିତ ହଟିଆପଲ୍ଲୀ ଗ୍ରାମ ନିକଟ ସୌରୀ ପାହାଡ ଶୂନ୍ୟାଶ୍ରମଠାରେ ଶୁକ୍ରବାର ଭାଗବତ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କଟକ ଓ ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳ ରତାପାଟ, ସିଧାମୂଳା, ଘଣାଶାଳିଆ, କୁମୁଣ୍ଡି, ନୂଆଗାଁ, ହଟିଆପଲ୍ଲୀ, ଗଣିଆ ଆଦି୨୦ଟି ଭାଗବତ ମଣ୍ଡଳ ଯୋଗଦେଇଥିଲେ। ବାବା ମଣି ଚରଣ ଦାସ ଓ ବାବା ବିରଞ୍ଚି ନାରାୟଣଙ୍କ ପ୍ରୟାସ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ, କଟକ ଓ ନୟାଗଡ ଜିଲାରୁ ବହୁସାଧୁ ତଥା ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ନୀଳମାଧବ ବିକାଶ ପ୍ରକଳ୍ପ କାମ ସରୁନି

ଖଣ୍ଡପଡ଼ା,୧୯।୧୦
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ଏବେ ଅବହେଳିତ ଅବସ୍ଥାରେ ରହିଛି। ବିଗତ ସରକାରଙ୍କ ଅମଳରେ ୨୦୨୨ ଏପ୍ରିଲରେ ଉକ୍ତ ପୀଠର ବିକାଶ ପାଇଁ 'ନୀଳମାଧବ ବିକାଶ ପ୍ରକଳ୍ପ'ଯୋଜନାରେ ୧୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ବିକାଶ କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ କରାଯିବ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ସେହି କାମ ସମ୍ପାଦନ ଦାୟିତ୍ୱ ଓଡ଼ିଶା ସେତୁ ନିଗମ(ଓବିସିସି)କୁ ପ୍ରଦାନ କରାଯାଇଥିଲା। ବଂଶଲ କମ୍ପାନୀ ନାମକ ଅନ୍ୟ ଏକ ସଂସ୍ଥା ଓଡ଼ିଶା ସେତୁ ନିଗମ ମାର୍ଫତରେ କାର୍ଯ୍ୟ ଆରମ୍ଭ କରିଥିଲା। ଇତିମଧ୍ୟରେ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ସେହି କାମ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ। ବାରମ୍ବାର ଅଭିଯୋଗ ପରେ ବି ସୂଚନା ଫଳକ ସ୍ଥାପନ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଠାକୁରଙ୍କ ଚନ୍ଦନ ପୋଖରୀ ଓ ଦୟଣାଚୋରୀ ବଗିଚାର କାର୍ଯ୍ୟଶୈଳୀ ଯେପରି ଭାବେ କରାଯାଇଛି, ତାହା ପୂର୍ବରୁ ଘୋଷଣା କରାଯାଇଥିବା ରଙ୍ଗୀନ ନକ୍ସାଠାରୁ ଭିନ୍ନ ବୋଲି ଦର୍ଶାଯାଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ତଦାରଖ ଓ ସମୀକ୍ଷା କରିବା ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନିକ



ଅବହେଳିତ ଅବସ୍ଥାରେ ଥିବା ଚନ୍ଦନ ପୋଖରୀ।

ଅଧିକାରୀମାନେ ପରିଦର୍ଶନରେ ଆସି କାର୍ଯ୍ୟ ନିର୍ବାହୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସୂଚନା ଫଳକ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେମାନଙ୍କ ପରାମର୍ଶ ଓ ନିର୍ଦ୍ଦେଶକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଏପରି କି କାର୍ଯ୍ୟ ଶୈଳୀ ଓ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଅଞ୍ଚଳବାସୀ, ବିଭିନ୍ନ ସଙ୍ଗଠନର ପ୍ରତିନିଧି, ନୀଳମାଧବ ପୂଜକ ସମାଜ, ପଞ୍ଚାୟତ ଲୋକପ୍ରତିନିଧି ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ ଦାବି କରୁ ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ପୋଖରୀର କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ଚନ୍ଦନ ପୋଖରୀରୁ ଆବଶ୍ୟକ ପଙ୍କ ଉଦ୍ଧାର କରାଯାଇ ନ ଥିଲା। ଖୋଳାଯାଇ ଥିବା ପଙ୍କକୁ ରାତାରାତି ପୋତି ପାଣି ଭରି କରିଦେବା ବିବାଦ ସୃଷ୍ଟି କରିଛି।

ସେହିପରି ଦୟଣାଚୋରୀ ବଗିଚାର କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଜଣେ ଜନ ପ୍ରତିନିଧିଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା କାର୍ଯ୍ୟ ବନ୍ଦ କରିବା ପରେ ମଧ୍ୟ ପୁରାତନ ପୋଖରୀକୁ ସଙ୍କୁଚିତ କରାଯାଇଛି। ଏହା ଠାକୁରଙ୍କ ନୀତିକାନ୍ତିରେ ବାଧକ ସାଜିବ ବୋଲି ପୂଜକ ସମାଜ ପକ୍ଷରୁ ଅଭିଯୋଗ କରାଯାଇ କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା କହିଛନ୍ତି, କାମ ଆରମ୍ଭରୁ ନିମ୍ନମାନର ହେଉଥିବା ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କିମ୍ବା କାର୍ଯ୍ୟ ସମ୍ପାଦନ କରୁଥିବା ଠିକାଦାର କର୍ଣ୍ଣପାତ କରି ନ ଥିଲେ। ଏଥିପାଇଁ କାର୍ଯ୍ୟ ନିର୍ବାହୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଉ। ବାଣପୁରର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା କହିଛନ୍ତି, ଚନ୍ଦନ ପୋଖରୀରେ ଦୀର୍ଘ ବର୍ଷରୁ ଜମି ରହିଥିବା ପଙ୍କକୁ ଉଦ୍ଧାର କରା ନ ଯାଇ ପଙ୍କକୁ ଖୋଳି ପୋଖରୀ ପରିସରରେ ଜମାଇ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ପଙ୍କକୁ ପୋଖରୀ ମଧ୍ୟରେ ସମତୁଲ କରିଦିଆଗଲା। ପୋଖରୀର ଚତୁପାର୍ଶ୍ୱରେ ଆବଶ୍ୟକ ଅନୁସାରେ ମେଜିଆ ପାଇଁ ମାଟି ଖୋଳା ନ ଯାଇ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇଛି। ଆଗାମୀ ଦିନରେ ତାହା ଭୁଷୁଡ଼ି ପଡିବାର ସମ୍ଭାବନା ରହିଛି। ଏ ନେଇ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। କଣ୍ଟିଲେ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା କୁହନ୍ତି, କାର୍ଯ୍ୟରେ ହୋଇଥିବା ତ୍ରୁଟିକୁ ସଂଶୋଧନ କରାଯାଇ କାମ କରାଯାଉ। ତୁରନ୍ତ କାମ ଶେଷ କରିବାକୁ ଠିକାସଂସ୍ଥା ଗୁରୁତ୍ୱ ଦିଅନ୍ତି। ଅଧାରୁ କାମକୁ ବନ୍ଦ କରା ନ ଯାଉ। କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ କୁହନ୍ତି, ନୀଳମାଧବ ପ୍ରକଳ୍ପ ଆରମ୍ଭ ହେବା ଦିନରୁ ପ୍ରକଳ୍ପର କାର୍ଯ୍ୟ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଗଲା ନାହିଁ କି ସୂଚନା ଫଳକ ଲାଗିଲା ନାହିଁ। ଗ୍ରାମବାସୀଙ୍କ ସହ ଆଲୋଚନା କରା ନ ଯାଇ ଠିକାଦାର ମନଇଚ୍ଛା କାମ କରିଛନ୍ତି। ଚନ୍ଦନ ପୋଖରୀ ଓ ଦୟଣାଚୋରୀ ବଗିଚା କାର୍ଯ୍ୟ ଅତି ନିମ୍ନମାନର ହୋଇଛି।

ନୀଳମାଧବ ପୂଜକ ସମାଜ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର କୁହନ୍ତି, ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଲାଇଟ ୪ମାସ ପରେ ଜଳୁନାହିଁ। ସବୁ କାମ ନିମ୍ନମାନର ହୋଇଛି। କଣ୍ଟିଲେ ବିକାଶ ପରିଷଦ ସଭାପତି ଯୁଗଳ କିଶୋର ନାୟକ କୁହନ୍ତି, ପୂର୍ତ୍ତ ବିଭାଗ ସଚିବ ବୀର ବିକ୍ରମ ଯାଦବ ପରିଦର୍ଶନରେ ଆସିଥିବା ବେଳେ ଚନ୍ଦନ ପୋଖରୀକୁ ତାଙ୍କୁ ନିଆଯାଇ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ପୋଖରୀ ପାର୍ଶ୍ୱରେ ଗଦା ହୋଇଥିବା ପଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରାତାରାତି ସେହି ପଙ୍କକୁ ପୋଖରୀରେ ବିଛାଇ ପାଣି ଭର୍ତ୍ତି କରାଯାଇଥିଲା। ଏହି ଅନିୟମିତତାର ଭିଜିଲାନ୍ସ ତଦନ୍ତ କରାଯାଉ।

### ଠାକୁରଙ୍କ ଚନ୍ଦନ ପୋଖରୀ,ଦୟଣାଚୋରୀ ବଗିଚା କାମ ନିମ୍ନମାନର

### ଆଜିଠୁ ସାଇକୃପା କେପିଏଲ୍ କମିଟି ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା,୧୯।୧୦(ଅଜୟ କୁମାର ମହାରଣା)

ପ୍ରତି ବର୍ଷ ପରି ରବିବାର ଠାରୁ ସାଇକୃପା କେପିଏଲ ପକ୍ଷରୁ କଣ୍ଟିଲୋ ମିନିଷ୍ଟାଡିୟମ ପଲଟନ ପଡିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ବୋଲି ଆୟୋଜକ ସରୋଜ କୁମାର ମହାରଣାଙ୍କ ଠାରୁ ସୂଚନା ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ଅଶୋକ କିଙ୍ଗସ, ଦିପୁ କିଙ୍ଗିସ, ଥଣ୍ଡର ବାଲୁକେଶ୍ୱର, ଶତପଥୀ ଲାୟନ୍ସ, ରାଜା ସୁପର ଷ୍ଟ୍ରାଇକର, ଦି ରୟାଲ କିଙ୍ଗ, ଇସାନ ରୟାଲ ଓ ବିକାଶ ୱାରିୟର ଏପରି ୮ଟି ଟିମ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ ରବିବାର ଠାରୁ ଆରମ୍ଭ ହୋଇ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

### ଖଣ୍ଡପଡ଼ାରେ ଝିପିଝିପି ବର୍ଷା

ଖଣ୍ଡପଡ଼ା,୧୯।୧୦(ଅଜୟ କୁମାର ମହାରଣା)

ଶନିବାର ଅପରାହ୍ନରୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଝିପ ଝିପ ବର୍ଷା ଲାଗି ରହିଛି। ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ କଳା ବାଦଲ ଡାଙ୍କି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ ସନ୍ଧ୍ୟା ସୁଦ୍ଧା ବଢିଛି। ଗତ ୨୫ ଦିନ ପରେ ଖଣ୍ଡପଡା ଅଞ୍ଚଳରେ ବର୍ଷା ହୋଇଥିବାରୁ ଚାଷୀକୁଳ ଆଶ୍ୱସ୍ତି ଲାଭ କରିଛି। ପାଣି ଅଭାବରୁ ଉଜୁଡି ଯିବାକୁ ବସିଥିବା ଧାନ ଫସଲ ସୁଧୁରି ଯିବାର ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷେ ବର୍ଷା ପରେ ପାଗ ପରିବର୍ତ୍ତନ ଯୋଗୁ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଛି।

## ବାଚସ୍ପତି, ପୁରୀ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା



ବାଚସ୍ପତି ଓ ପୁରୀ ଏମ୍‌ପିଙ୍କୁ ସମର୍ଥକମାନେ ସ୍ୱାଗତ କରୁଛନ୍ତି।

ଶରଣକୂଳ,୧୯।୧୦(ଦୀପକ କର)

ନୟାଗଡ଼ ଜିଲା ଶରଣକୂଳ ଥାନା ଡିମିଶର ଗ୍ରାମରେ ଶୁକ୍ରବାର ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ, ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଡିମିଶର ପଞ୍ଚାୟତ ପୂର୍ବତନ ସରପଞ୍ଚ ଭିକାରି ଚରଣ ଜେନା, ଡିମିଶର ଗ୍ରାମ ସଭାପତି ଗୋଦାବରୀ ନାୟକ, ଉପସଭାପତି ସୁରେନ୍ଦ୍ର ବିଶୋଇ, ଗୋଡ଼ିପଡ଼ା ଜୋନ୍ ତଥା ଆଖପାଖ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କୁ ଫୁଲମାଳ, ଫୁଲତୋଡା, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

## ସାନଗୋରଡ଼ାରେ ଭାଗବତ କଥାମୃତ ଆରମ୍ଭ

ଶରଣକୁଳ,୧୯।୧୦(ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ସାନଗୋରଡ଼ା ଗ୍ରାମରେ ବିଶ କଲ୍ୟାଣ ଉଦ୍ଦେଶ୍ୟରେ ଭାଗବତ ବାଣୀ ଓ ସତ୍‌ସଙ୍ଗର କୃପା ତଥା ଶ୍ରୀ ଜଗନ୍ନାଥ ଚେତନାର ପ୍ରସାର ପ୍ରଚାର ପାଇଁ ଅହରହ ଉଦ୍ୟମର ଫଳସ୍ୱରୂପ ଦ୍ୱାବିଂଶତମ ଭାଗବତ କଥାମୃତ ଶନିବାରଠାରୁ ଆରମ୍ଭ ହୋଇଛି। ନୈଷ୍ଠିକ ବ୍ରାହ୍ମଣମାନଙ୍କର ମନ୍ତ୍ରଧନୀ ସହ ଗ୍ରାମର ସମସ୍ତ ପୁରୁଷ ଓ ମହିଳା ନିକଟସ୍ଥ କୁସୁମୀ ନଦୀରୁ ନୂତନ କଳସୀରେ ଜଳ ଧରି ଭକ୍ତି ସହ ଗ୍ରାମର ଲଡୁକେଶର ମହେଶଙ୍କ ମନ୍ଦିର ପରିସର ମଧ୍ୟରେ ନିର୍ମାଣ ହୋଇଥିବା ଭାଗବତ କଥାମୃତ ଯଜ୍ଞବେଦୀ ସ୍ଥାନକୁ ଆଣି ସ୍ଥାପନା କରିଥିଲେ। ସାନଗୋରଡ଼ା ଚାରଣଗୋଷ୍ଠୀ ଏବଂ ସାନଗୋରଡ଼ା ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ୭ ଦିନବ୍ୟାପୀ ଏହି ଭାଗବତ କଥାମୃତ ଓ ପାରାୟଣ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଆବାହକ ସତ୍ୟନାରାୟଣ କର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ। ପଣ୍ଡିତ ଗୋପାଳ ରାଜଗୁରୁ, ପ୍ରଜ୍ଞା ସନାତନୀ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ, ପଣ୍ଡିତ ଅଶୋକ କୁମାର ଦାଶ, ବିଜୟ ରାଘବେନ୍ଦ୍ର ଦାଶ ମହାରାଜ ପ୍ରମୁଖ ଭାଗବତ କଥା ଆଲୋଚନା କରିବେ ବୋଲି ଜଣାଯାଇଛି। ଏତଦବ୍ୟତୀତ ଆନ୍ତର୍ଜାତୀୟ ଚାରଣଗୋଷ୍ଠୀ, ଜଗନ୍ନାଥ ଧାମ ପୁରୀର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଡ. ସୁରେଶ ଚନ୍ଦ୍ର ବରାଡ଼, ଜିଲା ସଙ୍ଗଠକ ଶୁକଦେବ ମହାରଣା, ଶିବରାମ ସାହୁ, ଜିଲା ସମ୍ପାଦକ ଡା. ପ୍ରମୋଦ କୁମାର ପାଳ, କେନ୍ଦ୍ର ସଦସ୍ୟ ରାମକୃଷ୍ଣ ସାହୁ ଏହି କଥାମୃତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ।



ଭାଗବତ କଥାମୃତ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।

## ପାଠ ପଢ଼ାଇଲେ ଜିଲାପାଳ



ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି।

ନୟାଗଡ଼/ରଣପୁର, ୧୯।୧୦ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶନିବାର ରଣପୁର ବ୍ଲକର ଗୋପାଳପୁର ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଛନ୍ତି। ଏପରି କି ସ୍କୁଲର ସମସ୍ୟା, ପାଠପଢ଼ା ସମ୍ପର୍କରେ ଅସୁବିଧା ନେଇ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଗୋପାଳପୁର ପଞ୍ଚାୟତର ସମୀକ୍ଷା କରିଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଗୋପାଳପୁର ଅଙ୍ଗନୱାଡି କେନ୍ଦ୍ରର ମୁଗ ଡାଲି ପାର୍କିଂ ସେଣ୍ଟର ବୁଲି ଦେଖିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସହ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏପରିକି ଅଧିକ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ

ଓଡଗାଁ, ୧୯।୧୦(ଆଦର୍ଶ କୁମାର ପଟ୍ଟନାୟକ)

ଶନିବାର ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ରାଜ ଭବନରେ ପରିସରରେ ଆଦିବାସୀ ସାହିତ୍ୟ ଉପରେ ଆଧାରିତ ଏକ ନୂତନ ପୁସ୍ତକ ଫ୍ରମ ଦ ଅନ ହିଅର୍ଡ଼ ଟୁ ହିଅର୍ଡ଼ ଉନ୍ମୋଚିତ ହୋଇଯାଇଛି। ରାଜଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଏହି ପୁସ୍ତକ ଉନ୍ମୋଚନ କରିଥିଲେ। ପ୍ରଫେସର ସିଲିମା ନନ୍ଦ, ଡ. ପ୍ରଜ୍ଞା ପାରମିତା ପଟ୍ଟନାୟକ ଓ ଓଡ଼ଗାଁ ସରକାରୀ ପଲିଟେକନିକରେ କାର୍ଯ୍ୟରତ ଅଧାପକ ଡ. ଶଶି ଭୂଷଣ ନାୟକଙ୍କ ଦ୍ୱାରା ପୁସ୍ତକଟି ସମ୍ପାଦିତ ହୋଇଛି। ସେମାନେ ଅଜ୍ଞାତ ଅଞ୍ଚଳକୁ ଯାଇ ଆଦିବାସୀମାନଙ୍କର ଆକର୍ଷଣୀୟ ଜୀବନ ଚର୍ଯ୍ୟାକୁ ଅନୁଧ୍ୟାନ କରିଛନ୍ତି। ପୁସ୍ତକରେ ଆଦିବାସୀମାନେ ଆଉ ବଞ୍ଚିତ ନୁହଁନ୍ତି, ସମାଜର ସଂସ୍କୃତି ଏବଂ ପରମ୍ପରାକୁ ସମୃଦ୍ଧ କରିବାରେ ସେମାନେ ଏବେ ସକ୍ରିୟ ସହଯୋଗୀ ଅଟନ୍ତି ବୋଲି ବର୍ଣ୍ଣନା କରାଯାଇଛି।

## ମଧ୍ୟାହ୍ନଭୋଜନ ବନ୍ଦ, ପ୍ରଧାନ ଶିକ୍ଷକଙ୍କୁ ଘେରିଲେ ଗ୍ରାମବାସୀ

ଗଣିଆ,୧୯।୧୦
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସକାଳୁ ମଧ୍ୟାହ୍ନ ଭୋଜନ ବନ୍ଦ ନେଇ ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କୁ ଘେରିବା ସହ ହୋହାଲ୍ଲା କରିଥିଲେ। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱହୀନତାକୁ ସ୍ଥାନୀୟ ଜନସାଧାରଣ ଦାୟୀ କରିଛନ୍ତି।

ସୂଚନା ଅନୁଯାୟୀ, ଜଗନ୍ନାଥପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୭୪ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରତିଦିନ ମଧ୍ୟାହ୍ନ ଭୋଜନ ରୋଷେଇ ରନ୍ଧନ ଗ୍ୟାସ ଯୋଗେ ହେଉଥିଲା। ଦଶହରା ଛୁଟି ପରେ ଶୁକ୍ରବାର ବିଦ୍ୟାଳୟ ଖୋଲିବା ଦିନ ରନ୍ଧନ ଗ୍ୟାସ ଶେଷ ହୋଇଯାଇଥିବା ପାଚିକା, ସହାୟିକାମାନେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ଶନିବାର ସକାଳେ ରୋଷେଇ ସାମଗ୍ରୀ ଯୋଗାଇଦେବା ବେଳେ ଜାଳେଣୀ ପାଇଁ ଗ୍ୟାସ କିମ୍ବା କାଠ ନ ଥିବା ପାଚିକାମାନେ ପୁନଶ୍ଚ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ହେଲେ ଗ୍ୟାସ ସିଲିଣ୍ଡର ଆଣୁଛି ବୋଲି କହି ପ୍ରଧାନଶିକ୍ଷକ କୌଣସି ବ୍ୟବସ୍ଥା କରି ନ ଥିଲେ। ଫଳରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନ ଥିଲା। ଖବରପାଇ ଅଭିଭାବକ ତଥା ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଘେରିବା ସହ ପାଟିତୁଣ୍ଡ କରିଥିଲେ। ଖବର ପାଇ ଗଣିଆ ମଣ୍ଡଳ ଶିକ୍ଷାଅଧିକାରୀ ରବିନ୍ଦ୍ର କୁମାର ରାଉତରାୟ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଅପରପକ୍ଷେ ପ୍ରଧାନଶିକ୍ଷକ ନିୟମିତ ବିଦ୍ୟାଳୟକୁ ଆସୁ ନାହାନ୍ତି, ଦିନ ଗୋଟାଏ ପରେ ବିଦ୍ୟାଳୟରୁ ପାଠ ନ ପଢାଇ ପଳାଇଯାଉଥିବା ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗଣିଆ ମଣ୍ଡଳ ଶିକ୍ଷା ଅଧିକାରୀ ରାଉତରାୟଙ୍କୁ ପଚାରିବାରୁ ସଂପୃକ୍ତ ପ୍ରଧାନଶିକ୍ଷକ ନିଜ କର୍ତ୍ତବ୍ୟରେ ବାରମ୍ବାର ଅବହେଳା କରିଆସୁଥିବା ଅଭିଯୋଗ ହୋଇ ଆସୁଥିଲା। ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଥିବା କଥା ସତ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



## ବିକାଶରେ ବାଧା ସାଜିଛି ଗୋଟିଏ ବ୍ଲକ୍‌କୁ ୨ ପ୍ରଶାସନ

- କୋର୍ କମିଟିରେ କେହି ରହି ପାରିଲେନି ସଦସ୍ୟ
- ବନ ବିଭାଗର ଅଣଦେଖା ଯୋଗୁ ରଣପୁର ରେଞ୍ଜ ଉପେକ୍ଷିତ
- ସଦସ୍ୟ କରାଇବାର ସୁଯୋଗ ଦେଲାନି ଖୋର୍ଦ୍ଧା ବନ ବିଭାଗ
- ରଣପୁର ନୟାଗଡ଼ ଜିଲାର ହୋଇଥିଲେ ହେଁ ରହିଛି ଖୋର୍ଦ୍ଧା ବନଖଣ୍ଡରେ

ନୟାଗଡ଼,୧୯।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ରଣପୁର ବ୍ଲକର ଦର୍ପନାରାୟଣପୁର, ଖଡିଆ, ଡମସାହି ଓ ରଙ୍କଦେଉଳି ପ୍ରମୁଖ ନୟାଗଡ଼ ବନଖଣ୍ଡର ପଞ୍ଚରିଡା ରେଞ୍ଜରେ ରହିଥିବାବେଳେ ଆଉ ଅବଶିଷ୍ଟ ଅଞ୍ଚଳ ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜରେ ରହିଛି। ଯଦିଓ ରଣପୁର ରେଞ୍ଜ ନୟାଗଡ଼ ଜିଲାର ତେବେ ଏହା ଖୋର୍ଦ୍ଧା ବନଖଣ୍ଡରେ ଆସୁଛି। ଏ ପରିପେକ୍ଷୀରେ ରଣପୁର ରେଞ୍ଜ ଉପରେ ନୟାଗଡ଼ ପ୍ରଶାସନର ଅଙ୍କୁଶ ଠିକରେ ରହୁନି। ରଣପୁର ରେଞ୍ଜ ଉପରେ ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ଦୁଇଟି ପ୍ରଶାସନ କାର୍ଯ୍ୟ ଯୋଗୁ ବିକାଶ ଆଗେଇ ପାରୁନି। ଯାହାକି ରଣପୁର ରେଞ୍ଜକୁ ଉପେକ୍ଷିତ ଓ ଅଣଦେଖା କରି ରଖିଛି ବୋଲି ଅଭିଯୋଗ ହୋଇ ଆସୁଛି। ଏଭଳିସ୍ଥଳେ ଦୁଇ ଜିଲାର ବନବିଭାଗର କୋର କମିଟିରେ ରଣପୁର ରେଞ୍ଜର କେହି ସଦସ୍ୟ ରହି ନ ପାରିବାରୁ ରଣପୁର ରେଞ୍ଜ ଉପେକ୍ଷିତ ହେବାର ଯୁକ୍ତି ଏବେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। କୋର କମିଟି ଗଠନ ପାଇଁ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ କରାଯାଇଥିବା ବୈଠକକୁ ରଣପୁର ରେଞ୍ଜର କୌଣସି ବ୍ୟକ୍ତି ବିଶେଷ ଏପରିକି ଜିଲା ପରିଷଦ ସଦସ୍ୟଙ୍କୁ ମଧ୍ୟ ସୂଚନା ଦିଆଯାଇନି। ରଣପୁର ଖୋର୍ଦ୍ଧା ବନଖଣ୍ଡରେ ଆସୁଥିବାରୁ ନୟାଗଡ଼ ବନଖଣ୍ଡର କୋର କମିଟିରେ ରଣପୁରର ବାସିନ୍ଦାମାନଙ୍କୁ ସ୍ଥାନିତ କରାଯାଇପାରିନାହିଁ।

ସୂଚନା ଅନୁଯାୟୀ, ବନବିଭାଗର କୋର କମିଟିରେ ସଦସ୍ୟ କେତେ ରହିବେ ସେନେଇ ନିର୍ଦ୍ଦିଷ୍ଟଭାବେ ସଂଖ୍ୟା ନାହିଁ। ତେବେ କୋର କମିଟିରେ ଯେ କେହି ରହି ପାରିବେ। ଏଣୁ ନୟାଗଡ଼ ବନ୍ୟପ୍ରାଣୀ ସପ୍ତାହରେ ନିଷ୍ପତ୍ତି ହୋଇଥିଲା ସମସ୍ତ ଜିଲା ପରିଷଦ ସଭ୍ୟମାନଙ୍କୁ ବନବିଭାଗର କୋର କମିଟିରେ ରଖାଯିବ। ଏଣୁ ନୟାଗଡ଼ ଜିଲାର ନୟାଗଡ଼ ବନଖଣ୍ଡ ଅଧୀନରେ ଆସୁଥିବା ୨୦ ଜିଲା ପରିଷଦ ସଭ୍ୟ କୋର କମିଟିରେ ସ୍ଥାନ ପାଇଛନ୍ତି। ତେବେ ଜିଲା ପ୍ରଶାସନ ଓ ଜିଲା ପରିଷଦମାନଙ୍କର ନିଷ୍ପତ୍ତିକୁ ଖୋର୍ଦ୍ଧା ବନବିଭାଗ ମାନି ନ ଥିବା ଜଣାପଡିଛି। ରଣପୁର ରେଞ୍ଜରେ ଥିବା ୪ଜଣ ଜିଲା ପରିଷଦ ସଭ୍ୟ ଖୋର୍ଦ୍ଧା ବନଖଣ୍ଡରେ ଗଠନ କରାଯାଇଥିବା କୋର କମିଟିରେ ସ୍ଥାନ ପାଇ ପାରିଲେ ନାହିଁ। ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ଗଠିତ କୋର କମିଟିରେ ଜିଲା ପରିଷଦ ସଭ୍ୟଙ୍କୁ ଅଣଦେଖା ପରେ ଅସନ୍ତୋଷ ଓ ଉଦ୍‌ବେଗ ବଢ଼ିଛି। ଯାହାକି ଆନ୍ଦୋଳନର ରୂପ ନେଇ ପାରେ ବୋଲି ଆଲେଚନା ହେଉଛି।

### ନୟାଗଡ଼ ବନଖଣ୍ଡରେ ରଣପୁର ରେଞ୍ଜ ସାମିଲ ଦାବି

ନୟାଗଡ଼ ବନଖଣ୍ଡକୁ ରଣପୁର ରେଞ୍ଜ ଫେରୁ ବୋଲି ଧିରେ ଧିରେ ଦାବି ଦ୍ୱାରାନ୍ୱିତ ହେବାରେ ଲାଗିଛି। ନୟାଗଡ଼ ଜିଲା ପରିଷଦର ୭ମ ଜିଲା ପରିଷଦ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଗତ ଅଗଷ୍ଟ ୧୪ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରଣପୁର ରେଞ୍ଜକୁ ଖୋର୍ଦ୍ଧା ବନଖଣ୍ଡରୁ ବାଦ୍ ଦେଇ ନୟାଗଡ଼ ବନଖଣ୍ଡକୁ ଆଣିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ରହିଥିବାରୁ ରଣପୁର ବ୍ଲକର ଜିଲା ପରିଷଦ ସଭ୍ୟମାନେ କୌଣସି ପ୍ରଶ୍ନର ଉତ୍ତର ପାଉ ନାହାନ୍ତି। ରଣପୁର ଅଞ୍ଚଳରେ ବିକାଶ ବାଟବଣା ହୋଇ ଯାଇଛି। ଜିଲା ପରିଷଦ ବୈଠକୁ ଖୋର୍ଦ୍ଧା ଡିଏଫ୍‌ଓ ଆସୁ ନାହାନ୍ତି। ରଣପୁର ରେଞ୍ଜରେ ବନବିଭାଗ କ'ଣ କାମ କରୁଛି କିଛି ଜାଣି ହେଉନି। ଏହିପରି ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରି ଜିଲା ପରିଷଦ ସଭ୍ୟମାନେ ରଣପୁରକୁ ନୟାଗଡ ଫେରାଇ ଆଣିବାକୁ ଯୁକ୍ତି ବାଢ଼ିଥିଲେ। ଖୋଦ୍ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମଧ୍ୟ ରଣପୁର ରେଞ୍ଜ ନୟାଗଡ଼ ବନଖଣ୍ଡକୁ ଫେରୁ ବୋଲି ଯୁକ୍ତି ବାଢ଼ି ପ୍ରସ୍ତାବ ରଖିଥିଲେ। ଏନେଇ ଜିଲା ପରିଷଦ ଅଧ୍ୟକ୍ଷ ତଥା ସୁନାଖଳା ଜିଲା ପରିଷଦ ସଭ୍ୟ ଦେବାଶିଷ ପଟ୍ଟନାୟକ କୁହନ୍ତି, ଖୋର୍ଦ୍ଧା ବନଖଣ୍ଡର କୋର କମିଟିରେ ରଣପୁର ରେଞ୍ଜର ସଦସ୍ୟ ସ୍ଥାନ ନ ପାଇବାରୁ ବନବିଭାଗର ଅଣଦେଖା ପ୍ରମାଣିତ ହେଉଛି। ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡରେ ଥିବାରୁ ନୟାଗଡ଼ ବନଖଣ୍ଡର କୋର କମିଟିରେ କେହି ସଦସ୍ୟ ରହି ପାରିଲେନି। କୋର କମିଟିରେ ସଦସ୍ୟ ହେବା ପାଇଁ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ କାହାକୁ ବି ସୂଚନା ନ ଦେବା ଅସନ୍ତୋଷର ବହ୍ନି ଜାଳିଛି। ଏଭଳିସ୍ଥଳେ ରଣପୁର ରେଞ୍ଜକୁ ନୟାଗଡ଼ ବନଖଣ୍ଡକୁ ଫେରାଇ ଦେବା ଠିକ୍ ହେବ ବୋଲି କହିଛନ୍ତି।

# ୭୦ ଆସନରେ ଲଢ଼ିବେ ଜେଏମ୍ଏମ୍-କଂଗ୍ରେସ



ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ଅବସରରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ତାଙ୍କ ସ୍ତ୍ରୀ କଳ୍ପନା ସୋରେନ୍ ।

ରାଞ୍ଚି,୧୯।୧୦

ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ମଧ୍ୟରୁ ୭୦ଟିରେ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ଏବଂ କଂଗ୍ରେସ ଏକାଠି ନିର୍ବାଚନ ଲଢ଼ିବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶନିବାର ଏହି ଘୋଷଣା କରିବା ପରେ ଅବଶିଷ୍ଟ ୧୧ ଆସନ ବଳୁଛି, ଯାହାକୁ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ସହଯୋଗୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ବାମଦଳଗୁଡ଼ିକ ଭାଗକରି ନେବେ। ଆର୍‌ଜେଡି ଏହାକୁ ଜେଏମ୍ଏମ୍-କଂଗ୍ରେସର ଏକତରଫା ନିଷ୍ପତ୍ତି ଦର୍ଶାଇ ଅସନ୍ତୋଷ ବ୍ୟକ୍ତ କରିଛି।

ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ପାଇଁ ନଭେମ୍ବର ୧୩ ଓ ୨୦ରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ୨୩ରେ ଭୋଟ ଗଣତି ପରେ ଫଳାଫଳ ଆସିବ। ପ୍ରଥମ ପର୍ଯ୍ୟାୟ ଭୋଟ ପାଖେଇ ଆସୁଥିବାବେଳେ ଭାଜପା ବିରୋଧରେ ଶାସକ ମେଣ୍ଟ ଏକାଠି ହୋଇଛି। ଶନିବାର ଜେଏମ୍ଏମ୍ ଏବଂ କଂଗ୍ରେସର ବରିଷ୍ଠ

## ଏକତରଫା ନିଷ୍ପତ୍ତିକୁ ନେଇ ଆର୍‌ଜେଡି କ୍ଷୁବ୍ଧ, ସବୁ ବିକଳ୍ପ ଖୋଲା

ନେତାଙ୍କ ମଧ୍ୟରେ ରାଞ୍ଚିରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଉକ୍ତ ବୈଠକରେ ଆର୍‌ଜେଡି ଏବଂ ବାମପନ୍ଥୀଙ୍କୁ ୧୧ ଆସନ ଛାଡ଼ିଦିଆଯାଇଛି। ଆର୍‌ଜେଡିର ରାଜ୍ୟ ସଭା ସଦସ୍ୟ ମନୋଜ ଝା ଏନେଇ ଗଣମାଧ୍ୟମରେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜେଏମ୍ଏମ୍ ଏବଂ କଂଗ୍ରେସ ନେଇଥିବା ଏକତରଫା ନିଷ୍ପତ୍ତିରେ ତାଙ୍କ ଦଳ ସହମତ ନୁହେଁ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ରାଞ୍ଚିରେ ଉପସ୍ଥିତ ଥିବା ସତ୍ତ୍ୱେ ମେଣ୍ଟର ଏହି ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ ଅବଗତ କରାଯାଇନାହିଁ। ୨୦୧୯ ବିଧାନସଭା ନିର୍ବାଚନ ବେଳେ ୫ ଆସନରେ ଆମ ଦଳର ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଥର ଆମକୁ ମାତ୍ର ୫ ସିଟ୍ ମିଳିଛି। ଝାଡ଼ଖଣ୍ଡରେ ଆର୍‌ଜେଡି ୧୨ରୁ ଅଧିକ ଆସନରେ ନିଜ ଦମ୍‌ରେ ଲଢ଼ିବାକୁ ସକ୍ଷମ। ତେଣୁ ଆମେ ସବୁ ବିକଳ୍ପ ଖୋଲା ରଖିଛୁ ବୋଲି ମନୋଜ କହିଛନ୍ତି।

ଏହା ପୂର୍ବରୁ ଶୁକ୍ରବାର ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଝାଡ଼ଖଣ୍ଡରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିଲା। ତଦନୁସାରେ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍ସ ୟୁନିୟନ୍ (ଏଜେଏସ୍ୟୁ) ୧୦, ସଂଯୁକ୍ତ ଜନତା ଦଳ (ଜେଡିୟୁ) ୨, ଲୋକ ଜନଶକ୍ତି ପାର୍ଟି (ଚିରାଗ ପାଶ୍ୱାନ ଗୋଷ୍ଠୀ) ୧ ଆସନରେ ଲଢ଼ିବାକୁ ଥିବାବେଳେ ଅବଶିଷ୍ଟ ୬୮ ଆସନରେ ଭାଜପା ପ୍ରାର୍ଥୀ ଦେବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ନିର୍ବାଚନ ସହପ୍ରଭାରୀ ହିମନ୍ତ ବିଶ୍ୱଶର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ, ନେତା ରାହୁଲ ଗାନ୍ଧୀଙ୍କୁ ମୁଖ୍ୟମନ୍ତ୍ରୀ ସୋରେନ୍ ଓ ତାଙ୍କ ସ୍ତ୍ରୀ କଳ୍ପନା ଭେଟିଥିଲେ। ସେମାନଙ୍କ ମଧ୍ୟରେ ଆସନ ବୁଝାମଣା ନେଇ ଆଲୋଚନା ହୋଇଥିବା କୁହାଯାଉଛି।

## ବିବାଦୀୟ ଡିଜିପିଙ୍କୁ ହଟାଇଲେ ଇସି

ଝାଡ଼ଖଣ୍ଡ ବିଧାନସଭା ଭୋଟ ପୂର୍ବରୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅନୁରାଗ ଗୁପ୍ତାଙ୍କୁ ନିର୍ବାଚନ କମିଶନ (ଇସି) ହଟାଇଦେଇଛନ୍ତି। ପୂର୍ବ ନିର୍ବାଚନଗୁଡ଼ିକରେ ଅନୁରାଗଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଥିବାରୁ ତାଙ୍କୁ ପଦରୁ ହଟାଯାଇଥିବା ଇସିଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ଗତ ଜୁଲାଇରେ ତତ୍କାଳୀନ ଡିଜିପି ଅଜୟ କୁମାର ସିଂଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ସ୍ଥାନରେ ଅନୁରାଗଙ୍କୁ ନିଯୁକ୍ତି ଦେଇଥିଲେ। ଏହାକୁ ନେଇ ସେତେବେଳେ ବିବାଦ ହୋଇଥିଲା। ଏପରି କି ସୁପ୍ରିମକୋର୍ଟଙ୍କୁ ମଧ୍ୟ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅନୁରାଗ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ଜଣେ ଘନିଷ୍ଠ ସହଯୋଗୀ। ୨୦୧୬ରେ ଝାଡ଼ଖଣ୍ଡ ରାଜ୍ୟ ସଭା ନିର୍ବାଚନ ବେଳେ ସେ ଘୋଡ଼ାବେପାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ୨୦୧୭ରେ ଏନେଇ ମାମଲା ରୁଜୁ ହୋଇଥିଲା। ତେବେ ଗତ ଜାନୁଆରୀରେ ପୋଲିସ ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା।

## ଝାଡ଼ଖଣ୍ଡ ନିର୍ବାଚନ: କିଛି ତଥ୍ୟ

➡୨୦୧୯ ନିର୍ବାଚନରେ ଜେଏମ୍ଏମ୍ ୪୩ ଓ କଂଗ୍ରେସ ୩୧ ଆସନରେ ମେଣ୍ଟ କରି ଲଢ଼ିଥିଲେ। କିନ୍ତୁ ଏଥର କଂଗ୍ରେସକୁ ୨୭ରୁ ୨୮ ଆସନ ମିଳିପାରେ। ଜେଏମ୍ଏମ୍ ଏଥର ନିଜ ଆସନ ସଂଖ୍ୟା ବଢ଼ାଇପାରେ ବୋଲି କୁହାଯାଉଛି।

➡ଗତଥର ଜେଏମ୍ଏମ୍ ୩୦ ଓ କଂଗ୍ରେସ ୧୬ ଆସନ ଦଖଲ କରିଥିବାବେଳେ ଆର୍‌ଜେଡି ଗୋଟିଏ ଆସନରେ ବିଜୟୀ ହୋଇଥିଲା। ଅନ୍ୟପକ୍ଷେ ଭାଜପା ୨୫ ଆସନ ଦଖଲ କରିଥିଲା, ଯାହାକି ୨୦୧୪ ତୁଳନାରେ ୩୭ କମ୍। ଏକୁଟିଆ ଲଢ଼ିଥିବା ଏଜେଏସ୍ୟୁକୁ ୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

➡ଏଥର ସିପିଆଇ-ଏମ୍ଏଲ୍ ଏବଂ ମାର୍କ୍ସିଷ୍ଟ କୋ-ଅର୍ଡିନେଶନ୍ କମିଟି (ଏମ୍‌ସିସି) ମଧ୍ୟ ଜେଏମ୍ଏମ୍-କଂଗ୍ରେସ ମେଣ୍ଟରେ ସାମିଲହେବାକୁ ଚାହୁଁଥିବା ସୂତ୍ରରୁ ଜଣାପଡ଼ିଛି।

➡ଆର୍‌ଜେଡି ଗତ ନିର୍ବାଚନରେ ୭ ଆସନରେ ଲଢ଼ିଥିବାବେଳେ ଏଥର କମ୍ ସିଟ୍‌ରେ ପ୍ରାର୍ଥୀ ଦେଇପାରେ।

➡ଝାଡ଼ଖଣ୍ଡ ଇତିହାସରେ କେବେ ୪ଟି ଦଳ ଏକାଠି ହୋଇ ନିର୍ବାଚନ ଲଢ଼ି ନ ଥିଲେ। କିନ୍ତୁ ଏଥର ଭାଜପା, ଏଜେଏସ୍ୟୁ, ଜେଡିୟୁ ଏବଂ ଏଲ୍‌ଜେପି (ଚିରାଗ ପାଶ୍ୱାନ ଗୋଷ୍ଠୀ) ଭାବେ ଲଢୁଥିବାରୁ ସଫଳତା ପାଇଁ ଏନ୍‌ଡିଏ ଆଶାବାଦୀ।

## ଭାଜପା ନିୟନ୍ତ୍ରଣରେ ଇସି, ସମ୍ବିଧାନ ପ୍ରତି ବିପଦ: ରାହୁଲ

ସମ୍ବିଧାନ ଉପରେ ଭାଜପାର ଆକ୍ରମଣ ଜାରି ରହିଛି। ଭାଜପା ନିୟନ୍ତ୍ରଣରେ ନିର୍ବାଚନ କମିଶନ (ଇସି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ରହିଥିବା ଦର୍ଶାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ରାଞ୍ଚିରେ ଆୟୋଜିତ 'ସମ୍ବିଧାନ ସମ୍ମାନ ସମ୍ମିଳନୀ'କୁ ସମ୍ବୋଧିତ କରି କହିଛନ୍ତି, ସମ୍ବିଧାନ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଚାରିଆଡୁ ଆକ୍ରମଣ ବିପଦ ରହିଛି। ଭାରତୀୟ ସମ୍ବିଧାନର ସମ୍ମାନ ରଖିବା ସମୟ ଉପନୀତ।

## ଭାଜପାର ୬୬ ଜଣିଆ ପ୍ରାର୍ଥୀ ତାଲିକା



ଚମ୍ପାଇ ସୋରେନ୍



ସୀତା ସୋରେନ୍

ଭାଜପା ଝାଡ଼ଖଣ୍ଡ ବିଧାନସଭାର ୬୮ ଆସନରେ ଲଢ଼ିବାକୁ ଥିବାବେଳେ ଶନିବାର ୬୬ ଜଣିଆ ପ୍ରାର୍ଥୀ ତାଲିକା ଜାରି କରିଛି। ତଦନୁସାରେ ଭାଜପା ରାଜ୍ୟ ସଭାପତି ବାବୁଲାଲ ମାରାଣ୍ଡି ଧନୱାର ଆସନରେ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଷଢ଼େଇକଳା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଭାଉଜ ସୀତା ସୋରେନ୍‌ଙ୍କୁ ଦଳ ଜାମତାରା ନିର୍ବାଚନମଣ୍ଡଳୀରୁ ଟିକେଟ ଦେଇଛି। ଗୀତା କୋଡ଼ା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଦର୍ଶନ ଭଗତଙ୍କୁ ମଧ୍ୟ ଭାଜପା ସୁଯୋଗ ଦେଇଛି।

# ଭାଜପାରେ ମିଶିଲେ ବରିଷ୍ଠ ବିଜେଡି ନେତା

ଭବାନୀପାଟଣା,୧୯।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡିର ବରିଷ୍ଠ ବିଜେଡି ନେତା ଡ. ଭବାନୀ ଶଙ୍କର ନିଆଲ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଥିବା ଡ. ନିଆଲ ନିକଟରେ ଦଳରୁ ଇସ୍ତଫା ଦେଇଥିଲେ। ଦଳ ଛାଡିବା ପରେ ସେ ଭାଜପାର ଜାତୀୟ ଓ ରାଜ୍ୟସ୍ତରୀୟ ନେତାଙ୍କ ସହିତ ଯୋଗାଯୋଗରେ ରହିଥିଲେ। ଶେଷରେ ସେ ଭାଜପାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି। ସଭାପତି ମନମୋହନ ସାମଲ ତାଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଡ. ନିଆଲଙ୍କୁ ଦଳରେ ସାମିଲ କରିବା ପାଇଁ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅନୁମୋଦନ କରିଥିଲେ। ତାଙ୍କ ସହ ଜିଲାର ବିଶିଷ୍ଟ ଶିକ୍ଷାବିତ୍ ଓ ସଂଗଠକ ପ୍ରବୀଣ କୁମାର ସିପକା ମଧ୍ୟ ଯୋଗଦେଇଛନ୍ତି। ତାଙ୍କୁ ମଧ୍ୟ ରାଜ୍ୟ ସଭାପତି ସାମଲ ସ୍ୱାଗତ କରିଥିଲେ। ପ୍ରକାଶ ଯେ, ଡ. ନିଆଲ ଜଣେ ଖ୍ୟାତିସମ୍ପନ୍ନ କବି ଓ ସମାଲୋଚକ ଭାବେ ପରିଚିତ। ତାଙ୍କର ଲେଖା ୨୪ଟି ଭାଷାରେ ଅନୂଦିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଭାଜପାରେ ଯୋଗଦେବା ପରେ ଡ. ନିଆଲ କଳାହାଣ୍ଡି ଓ ନୂଆପଡ଼ା ଜିଲା ତଥା ରାଜ୍ୟର ବିଭିନ୍ନ ବର୍ଗ ସମେତ ଅନୁସୂଚିତ ଜାତିଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।



ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ ଶନିବାର ଡ. ଭବାନୀ ଶଙ୍କର ନିଆଲଙ୍କୁ ଦଳକୁ ସ୍ୱାଗତ କରୁଛନ୍ତି।

# କଂଗ୍ରେସ ନୁହେଁ, ଭାଜପାରେ ମିଶିବ ବିଜେଡି: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ନିର୍ବାଚନ ପରାଜୟ ପରଠାରୁ ବିଜେଡି ନେତାମାନେ ପରସ୍ପର ବୟାନବାଜି ବିରୋଧୀ ଦଳକୁ ସୁହାଇଛି। ଭାଜପା ଓ କଂଗ୍ରେସ ନେତାମାନେ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳକୁ ନେଇ ମଧ୍ୟ ଟିପ୍ପଣୀ କରୁଛନ୍ତି। ଏହି କ୍ରମରେ ଭାଜପାର ବରିଷ୍ଠ ନେତା ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ବିଜେଡି ଆଉ ବେଶିଦିନ ତିଷ୍ଠିବ ନାହିଁ। ସେହି ଦଳ ଭାଙ୍ଗିଯିବ। କଂଗ୍ରେସ ନୁହେଁ, ଭାଜପାରେ ବିଜେଡି ମିଶିବ।

ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ବିଜେଡି ଆଉ ବେଶି ଦିନ ରହିବ ନାହିଁ। ସେହି ଦଳ ଭାଙ୍ଗିଯିବ। ଅଭିଜ୍ଞ ଅମର ଶତପଥୀଙ୍କ ବୟାନ ଦେଖିଲେ ବିଜେଡିରେ ଆଉ କିଛି ନାହିଁ। ଲୋକ ଅନୁଭବ କରି ଭାଜପାକୁ ସରକାରକୁ ଆଣିଛନ୍ତି। ବିଜେଡି ଯେ ରହିବ ନାହିଁ, ଏହା ସ୍ପଷ୍ଟ ଜଣାପଡ଼ି ଯାଉଛି। ଯିଏ ଆମ ଦଳକୁ ଆସିବେ, ଆମେ ତାଙ୍କୁ ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ସମସ୍ତଙ୍କୁ କ'ଣ ଗ୍ରହଣ କରିବେ ପ୍ରଶ୍ନରେ ରବି ନାଏକ କହିଛନ୍ତି, ଆମେ ରାଷ୍ଟ୍ରବାଦୀ ଲୋକ। ଆମେ ସର୍ବଂସହା ଧରିତ୍ରୀ। ଆମେ ସମସ୍ତଙ୍କୁ ଗ୍ରହଣ କରିପାରୁ। ଭାରତୀୟ ସଂସ୍କୃତି ସମସ୍ତଙ୍କୁ ଗ୍ରହଣ କରିଛି। ଆମେ ମଧ୍ୟ ସେହି ସଂସ୍କୃତିସମ୍ପନ୍ନ ରାଜନୈତିକ ଦଳ। ସେହି ଦୃଷ୍ଟିରୁ ଯିଏ ଆସିବେ ତାଙ୍କୁ ଗ୍ରହଣ କରିବୁ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।



ରବି ନାଏକ

## ନବୀନ ବୁଲିଥିଲେ ବିଜେଡି ଜିତିଥାଆନ୍ତା: ନୃସିଂହ ସାହୁ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ନିର୍ବାଚନ ବେଳେ ନବୀନ ପଟ୍ଟନାୟକ ଯଦି ସବୁ ଅଞ୍ଚଳ ବୁଲିଥାନ୍ତେ ତେବେ ଭଲ ରେଜଲ୍ଟ ହୋଇଥାନ୍ତା। ବିଜେଡି ପୁଣି ସରକାର ଗଢ଼ି ଥାଆନ୍ତା। ଭି.କେ. ପାଣ୍ଡିଆନ ଆଉ ନବୀନ ପଟ୍ଟନାୟକଙ୍କ ଭିତରେ ବହୁତ ଫରକ ରହିଛି। ନବୀନ ପଟ୍ଟନାୟକ ହାତ ହଲେଇ ଦେଲେ ଭୋଟ। ତେଣୁ ନବୀନ ପଟ୍ଟନାୟକ ନ ବୁଲି ଅନ୍ୟ ଯିଏ ପ୍ରଚାର କଲେ କେମିତି ହେବ ବୋଲି ବିଜେଡିର ବରିଷ୍ଠ ନେତା ନୃସିଂହ ସାହୁ କହିଛନ୍ତି। ଗଣମାଧ୍ୟମକୁ ନୃସିଂହ କହିଛନ୍ତି, ବିଭିନ୍ନ ସ୍ଥାନରେ ଟିକେଟକୁ ନେଇ ଅସନ୍ତୋଷ ଥିଲା। ରାଜ୍ୟସ୍ତରୀୟ ଫ୍ୟାକ୍ଟର ତାହା ନ ହେଲେ ବି କିଛି ସିଟ୍ ଟିକେଟ ଅସନ୍ତୋଷ ପାଇଁ ଆମ ହାତରୁ ଚାଲିଯାଇଛି। ଏଇଭଳି ବିଭିନ୍ନ କାରଣ ପାଇଁ ବିଜେଡି ତା'ର ନିର୍ବାଚନ ପ୍ରଦର୍ଶନ ବହୁତ ଖରାପ କରିଛି। ଆଉ ଲୋକ ପରିବର୍ତ୍ତନ ଚାହୁଁଥିଲେ। ତା'ର ପ୍ରତିଫଳନ ଏହି ନିର୍ବାଚନରେ ଦେଖିବାକୁ ମିଳିଛି ବୋଲି ନୃସିଂହ କହିଛନ୍ତି।



ନୃସିଂହ ସାହୁ

# ତାସ୍ ଘର ଭଳି ବିଜେଡି ଭୁଶୁଡ଼ି ଚାଲିଛି : ମୋକିମ୍

ଜଗତ୍‌ସିଂହପୁର, ୧୯।୧୦
(ପ୍ରମୋଦ କୁମାର ନାୟକ)

ବିଜେଡି ୨୪ ବର୍ଷ କାଳ ଶାସନ କଲା। ଶାସନରୁ ଯିବା ୩ ମାସ ହେଇଛି କି ନାହିଁ ବିଜେଡି ତାସ ଘର ଭଳି ଧୀରେ ଧୀରେ ଭୁଶୁଡ଼ି ଚାଲିଛି। ଏଥିରୁ ଅନୁମାନ କରିପାରୁଛେ କଂଗ୍ରେସ ନେତା ଓ କର୍ମୀଙ୍କର କେତେ ଧୈର୍ଯ୍ୟ ଓ ଦମ୍ଭ ଅଛି। କାରଣ ଦୀର୍ଘ ବର୍ଷ କ୍ଷମତାରେ ଥିବା ଦଳ ଦୁର୍ବଳ ହୋଇ ଯାଉଥିବାବେଳେ କଂଗ୍ରେସ ନେତା ଓ କର୍ମୀ ବିନା କ୍ଷମତାରେ ମଧ୍ୟ ଦଳକୁ ଜାବୁଡି ଧରିଛନ୍ତି। ବଡ କଥା ହେଲା ଆଜି ଲୋକଙ୍କ ମନରେ ଆସିଲାଣି ପୁଣି କଂଗ୍ରେସ ଫେରିବ। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଶନିବାର ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ୍ ଏହା କହିଛନ୍ତି। ସେ ବିଜେଡି ଆଡକୁ ଆଙ୍ଗୁଳି ଉଠାଇ କହିଥିଲେ ଯେଉଁ ଦଳ ଭାଜପା ସହ ମିଶି ୯ ବର୍ଷ ସରକାରରେ ଥିଲା ପରବର୍ତ୍ତୀ ସମୟରେ ସେହି ଦଳ ସହ ଅଘୋଷିତ ମେଣ୍ଟ କରିଥିଲା। ତାହା ପୁଣି ଭୟରେ। ତେବେ ବିଜେଡି ସରକାରରୁ ଯିବା ଖୁବ କମ ଦିନ ହେବ। ଏହା ଭିତରେ ବିଜେଡି ସାଂସଦ ଓ ଅନ୍ୟ ନେତାମାନେ କହିବା ଆରମ୍ଭ କଲେଣି ଯେ, କଂଗ୍ରେସ ସହ ମିଶି ଭାଜପା ସରକାରକୁ ହଟାଇବେ ବୋଲି ମୋକିମ କହିଛନ୍ତି। ଅନ୍ୟପଟେ ଭାଜପାକୁ ମଧ୍ୟ ସେ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଏହି ସରକାର ଆକ୍ସିଡେଣ୍ଟିଆଲି ଆସିଛି। ସରକାର କିପରି ଚାଲିବ ସେ ଅଭିଜ୍ଞତା ମଧ୍ୟ ଅନେକଙ୍କର ନାହିଁ। ମୁଖ୍ୟମନ୍ତ୍ରୀ ବାରମ୍ବାର ଦିଲ୍ଲୀ, ମୁମ୍ବାଇ ଯାଉଛନ୍ତି। ବଡ ବଡ ଶିଳ୍ପପତିଙ୍କ ସହ କଥା ହେଉଛନ୍ତି। କିନ୍ତୁ ଓଡ଼ିଶାରେ କେତେ ଶିଳ୍ପ ଅଛି, ସେଗୁଡିକ କିପରି ଚାଲିଛତାହା ମୁଖ୍ୟମନ୍ତ୍ରୀ ବୁଝିଲେଣି କି ବୋଲି ମୋକିମ କହିଛନ୍ତି। ତେବେ କଂଗ୍ରେସ କେବେ ହେଲେ ସାମ୍ପ୍ରଦାୟିକ ଶକ୍ତି ସହ ମିଶିବ ନାହିଁ। ଗାଁଠୁ ସହର ସବୁଠି କଂଗ୍ରେସ ଲୋକ ଅଛନ୍ତି। ସମୟ ଆସିଛି ଲକ୍ଷ୍ମଣ ମଲ୍ଲିକ ଓ ବାସୁଦେବ ମହାପାତ୍ରଙ୍କୁ ମନେ ପକାଇ କଂଗ୍ରେସକୁ ପୁଣି ମଜଭୁତ କରିବାକୁ ଚେଷ୍ଟା କଲେ ଅସମ୍ଭବ ବୋଲି କିଛି ନାହିଁ। ୧୯୮୦ ମସିହା ପରେ କଟକ ସହରରେ କଂଗ୍ରେସ ଆସି ନ ଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକ ୧୫ ବର୍ଷ ମୁଖ୍ୟମନ୍ତ୍ରୀ ଓ ବସନ୍ତ ବିଶ୍ୱାଳଙ୍କ ୫ ବର୍ଷ ଉପମୁଖ୍ୟମନ୍ତ୍ରୀ ସମୟରେ ସେମାନଙ୍କ କଟକରେ ଘର ଥାଇ ମଧ୍ୟ କଂଗ୍ରେସ ଜିତୁ ନ ଥିଲା। ବହୁ ବାଧାବିଘ୍ନ ସତ୍ତ୍ୱେ କଟକରେ ତାଙ୍କ ଉଦ୍ୟମରେ କଂଗ୍ରେସ ଜିତିଥିଲା। ଏବେ ବି ଜିତିଛି ବୋଲି ମୋକିମ୍ କହିଛନ୍ତି।




ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀରେ ମହମ୍ମଦ ମୋକିମ୍ ଓ ଅନ୍ୟମାନେ।

# ମହଙ୍ଗା ହୋଇପାରେ ହାତଘଣ୍ଟା, ଶସ୍ତା ହେବ ପାଣି

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଜିଏସ୍‌ଟି ଉପରେ ଗଠିତ ଗ୍ରୁପ୍ ଅଫ୍ ମିନିଷ୍ଟ୍ରି(ଜିଓଏମ୍) ଅନେକ ସ୍ଥାନରେ ଟିକସ ହାରରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ମାସରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହି ସବୁ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଆଯାଇପାରେ। ସାଇକେଲରୁ ଟ୍ୟାକ୍ସ ମଧ୍ୟ ହଟାଯାଇପାରେ। ଏହା ବ୍ୟତୀତ ଦାମୀ ଜୋତା ଏବଂ ଘଣ୍ଟା ଉପରେ ଟିକସ ବୃଦ୍ଧି କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହାସହ




ସିନ୍ ଟ୍ୟାକ୍ସ ବୃଦ୍ଧି ଉପରେ ମଧ୍ୟ ନିଷ୍ପତ୍ତି ନିଆଯାଇପାରେ। ଏହାର ସାହାଯ୍ୟରେ ସରକାର ୨୨ ହଜାର କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ହାସଲ କରିବେ। ଜିଓଏମ୍ ଅନୁଯାୟୀ, ଅନେକ ସ୍ଥାନରେ ଟିକସ ବୃଦ୍ଧି ଏବଂ ହ୍ରାସ କରିବାକୁ ସୁପାରିସ କରାଯାଇଛି। ଯଦି ସମସ୍ତ ସୁପାରିସ ଗ୍ରହଣ କରାଯାଏ, ତେବେ ୨୫,୦୦୦ରୁ ଅଧିକ ମୂଲ୍ୟ ହାତ ଘଣ୍ଟା ଉପରେ ଜିଏସ୍‌ଟି ୧୮ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି ହୋଇପାରେ । ଏହା ବ୍ୟତୀତ, ୧୫,୦୦୦ ରୁ ଅଧିକ ମୂଲ୍ୟର ଜୋତା ଉପରେ ଜିଏସ୍‌ଟି ମଧ୍ୟ ୧୮ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି ପାଇପାରେ । ଏହି ପ୍ରସ୍ତାବ ଅନୁଯାୟୀ, ୧୦,୦୦୦ ଟଙ୍କାରୁ ଶସ୍ତା ସାଇକେଲ ମଧ୍ୟ ବର୍ତ୍ତମାନ ୧୨ ପ୍ରତିଶତ ପରିବର୍ତ୍ତେ ୫ ପ୍ରତିଶତ ଜିଏସ୍‌ଟି ଅଧୀନରେ ଆସିପାରେ। ୨୦ ଲିଟରରୁ ଅଧିକ ବୋତଲ ପାଣି ମଧ୍ୟ ୧୮ ପ୍ରତିଶତ ପରିବର୍ତ୍ତେ ୫ ପ୍ରତିଶତ ଜିଏସ୍‌ଟି ସ୍ଲାବ୍‌ରେ ଯାଇପାରେ। ଅଭ୍ୟାସ ପୁସ୍ତକ ଉପରେ ଜିଏସ୍‌ଟି ମଧ୍ୟ ୧୨ ରୁ ୫ ପ୍ରତିଶତକୁ ହ୍ରାସ କରାଯାଇପାରେ। ସେହିପରି ଜିଓଏମ୍ ସିନ୍ ଟ୍ୟାକ୍ସ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଏହିପରି ଉତ୍ପାଦଗୁଡିକ ୧୮ ରୁ ୨୮ ପ୍ରତିଶତ ମଧ୍ୟରେ ନେବାକୁ କୁହାଯାଇଛି । ସିନ୍ ଦ୍ରବ୍ୟରେ ତମାଖୁ ଏବଂ ସିଗାରେଟ ଭଳି ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି। ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ସରକାର ବିଳାସପୂର୍ଣ୍ଣ ଜିନିଷ ଉପରେ ଟ୍ୟାକ୍ସ ବୃଦ୍ଧି କରି ଏହାର ରାଜସ୍ୱ ବୃଦ୍ଧି କରିବାକୁ ଚାହୁଁଛନ୍ତି।

# ଏସ୍‌ବିଆଇର ନୂଆ ଶାଖା ଖୋଲିଲା

ବଡଲା,୧୯।୧୦(ଦୁର୍ଗାପ୍ରସାଦ ଆୟଚ) /ଛେନାପଦି(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଛେନାପଦି ଛକରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଶାଖା କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ବିଆଇର ଚିଫ୍ ଜେନେରାଲ ମ୍ୟାନେଜର ଦିନେଶ ପୃଥ୍ୱୀ ଓ ଡିଜିଏମ୍ ଶୈଳେଶ ସିହ୍ନା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଆର୍‌ଏନ୍ କମଳଲୋଚନ ଷଡ଼ଙ୍ଗୀ, ଡିଭିଏସ୍ ଦିବାକର ନନ୍ଦେ, ଓପିଏସ୍ ରାଧାକାନ୍ତ ନାୟକ, ବ୍ରାଞ୍ଚ ମ୍ୟାନେଜର ଭବେଶ୍ ସେଠୀ, ସତ୍ୟନାରାୟଣ ମାଝୀ, ଅନିଲ ନାଇକ, ପ୍ରଶାନ୍ତ ବେହେରା,




ମ୍ୟାନେଜର ବିଶ୍ୱରଞ୍ଜନ ପୃଷ୍ଟି, ଏସ୍‌ବିଆଇ ଲାଇଫ୍‌ର ଦେବାଶିଷ ଦାସ, ସଞ୍ଜୟ ଜେନା, ପରିତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏସ୍‌ବିଆଇ ଶାଖା ଖୋଲିବା ପରେ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ଓ ସାଧାରଣ ଲୋକ ଏଥିରେ ସୁବିଧା ପାଇବେ ବୋଲି ଆଶା ରଖିଛନ୍ତି। ଏହି ସମୟରେ କେତେଜଣ ଗ୍ରାହକଙ୍କୁ ୟୁପିଆଇ ବଣ୍ଟନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରତିକାନ୍ତ ରାଉତ, ନିକୁଞ୍ଜ ଓଝା, ବିଦ୍ୟାଧର ବିଶ୍ୱାଳ, ସନାତନ ଓଝା, ସୁରେନ୍ଦ୍ର ନାୟକ, ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

# ଲାଲ୍‌ଚାନ୍ଦ୍‌ର ଧନ୍‌ତେରସ୍ ଅଫର ଆରମ୍ଭ

LALCHND
Trusted Brand Since 1948

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଧନ୍‌ତେରସ୍ ଅଫରର ଶୁଭାରମ୍ଭ କରାଯାଇଛି। ଧନ୍‌ତେରସ୍ ଉପଲକ୍ଷେ ଲାଲ୍‌ଚାନ୍ଦ୍‌ର ସମସ୍ତ ଶୋ'ରୁମ୍‌ରେ ଆଣ୍ଟିକ୍ ଏବଂ ହାଇପଲିସ୍‌ଡ୍ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଗହଣାର କଲେକ୍ସନ ଉପଲବ୍ଧ ରହିଛି। ଏହାର ଗଢ଼ା ମୂଲ୍ୟ ଗ୍ରାମ୍ ପିଛା ଫ୍ଲାଟ୍ ୭୯୯ଟଙ୍କା ରହିଛି। ଏହାସହ ନିର୍ଦ୍ଦିଷ୍ଟ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଗହଣାର ଗଢ଼ା ମୂଲ୍ୟ ଗ୍ରାମ ପିଛା ୧୦୦ଟଙ୍କା ରଖାଯାଇଛି । ସେହିପରି ହୀରା ଗହଣାର ଗଢ଼ାମୂଲ୍ୟକୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ ୫୦ ହଜାରରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୀରା ଅଳଙ୍କାର କ୍ରୟ ଉପରେ ୧୦୦ ମିଲିଗ୍ରାମ୍ ବିଶିଷ୍ଟ ୨ଟି ସ୍ୱର୍ଣ୍ଣ ମୁଦ୍ରା ଏବଂ ୧ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ହୀରା ଅଳଙ୍କାର କ୍ରୟ ଉପରେ ୧୦୦ ମିଲିଗ୍ରାମ୍ ବିଶିଷ୍ଟ ୫ଟି ସ୍ୱର୍ଣ୍ଣ ମୁଦ୍ରା ମାଗଣା ପ୍ରଦାନ କରାଯାଉଛି । ରୁପା ଅଳଙ୍କାର ଗଢ଼ାମୂଲ୍ୟ ଉପରେ ଫ୍ଲାଟ୍ ୫୦%, ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୨୦% ଏବଂ ବ୍ରାଣ୍ଡେଡ୍ ରୁପା ଆଇଟମ୍‌ର ମୂଲ୍ୟ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏସ୍‌ବିଆଇ କାର୍ଡଧାରୀମାନଙ୍କୁ ଅକ୍ଟୋବର୨୬ରୁ ୩୦ ମଧ୍ୟରେ କ୍ରୟ କଲେ ୪ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍ ବ୍ୟାକ୍ ମିଳିବ। ଗ୍ରାହକମାନେ ୧୦% ଅଗ୍ରିମ ପଇଠକରି ସୁନା ମୂଲ୍ୟକୁ ଲକ୍ କରିପାରିବେ। ପରେ ଲକ୍ ରେଟ୍‌ରେ କିମ୍ବା ଯେଉଁଦିନ କିଣିବେ ସେହି ଦିନର ମୂଲ୍ୟ ଯେଉଁଟି କମ୍ ହେବ, ସେହି ମୂଲ୍ୟରେ ଅଳଙ୍କାର କିଣିପାରିବେ। ଏହି ସୁବିଧା ଦୀପାବଳି ପର୍ଯ୍ୟନ୍ତ ଉପଲବ୍ଧ। ସେହିପରି ଶୋ'ରୁମ୍‌ରେ ସମସ୍ତ ଆକାର ଏବଂ ଓଜନ ବିଶିଷ୍ଟ ୯୯୯.୯ ଏମ୍‌ଏମ୍‌ଟିସି ସ୍ୱର୍ଣ୍ଣ ମୁଦ୍ରା ଏବଂ ଏମ୍‌ଏମ୍‌ଟିସି ରୁପା ମୁଦ୍ରା ରଖାଯାଇଛି। ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜ୍ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ସୂଚନା ଦିଆଯାଇଛି। ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ ଏପରି ଅଫର ଘୋଷଣା କରି ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଧନ୍‌ତେରସ୍ ସେଲ୍ ଗ୍ରାହକଙ୍କ ସହ ସମ୍ପର୍କ ଯୋଡ଼ିବାରେ ଏକ ମାଧ୍ୟମ ବୋଲି ହଂସ କହିଛନ୍ତି।

# ମାଲାବାରରର 'ଆର୍ଟିଷ୍ଟ୍ରି ଶୋ' ଉନ୍ମୋଚିତ




ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

**ଅକ୍ଟୋବର ୩୦ ଯାଏ ସ୍ୱତନ୍ତ୍ର ଅଫର**

ଅଗ୍ରଣୀ ଗହଣା ରିଟେଲ ଚେନ୍ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ଦୀପାବଳି ଅବସରରେ 'ଆର୍ଟିଷ୍ଟ୍ରି ଶୋ' ଶନିବାର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱର ଶହୀଦନଗରସ୍ଥିତ ଶୋ'ରୁମ୍‌ରେ ଏହି ପ୍ରଦର୍ଶନୀ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ ଏହାର ଉନ୍ମୋଚନ କରିଛନ୍ତି। ଭାରତୀୟ ଡିଜାଇନ ଉପରେ ଆଧାରିତ ମାଇନ୍ ଡାଇମଣ୍ଡ, ଏରା ଅନକଟ୍ ଡାଇମଣ୍ଡ, ପର୍ସିଆ ଜେମଷ୍ଟୋନ୍ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ସହ ଅନ୍ୟାନ୍ୟ ଗହଣାକୁ ଏଥିରେ ସାମିଲ କରାଯାଇଛି। ତେବେ ଏହି ପ୍ରଦର୍ଶନୀ ଅବଧି ମଧ୍ୟରେ କ୍ରୟ ଉପରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯିବ। ପ୍ରତି ୫୦ହଜାର ଟଙ୍କାର ସୁନା କ୍ରୟ ଉପରେ ୨୦୦ ମିଲିଗ୍ରାମ୍ ଗୋଲ୍ଡ କଏନ୍, ଷ୍ଟଡେଡ୍ ଗହଣା ଉପରେ ୩୦୦ ମିଲିଗ୍ରାମ ଗୋଲ୍ଡ କଏନ୍, ଅନକଟ୍ ବା ପୋଲକି ଜୁଏଲେରି ଉପରେ ୪୦୦ ମିଲିଗ୍ରାମର ଗୋଲ୍ଡ କଏନ୍ ପାଇପାରିବେ। ଏହି ଅଫର ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଲାଗୁହେବ। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ୍ ଏମ୍‌ପି ଅହମ୍ମଦ କହିଛନ୍ତି, ପ୍ରତ୍ୟେକ ଗହଣା ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ବ୍ରାଣ୍ଡ ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍‌କୁ ଗୁରୁତ୍ୱ ଦେଉଥିବା ଅହମ୍ମଦ କହିଛନ୍ତି।

# ଜାୱା ୪୨ ଏଫ୍‌ଜେ, ବିଏସ୍‌ଏ ଗୋଲ୍ଡ ଷ୍ଟାର ଉନ୍ମୋଚିତ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଭାରତର 'ନିଓ-କ୍ଲାସିକ୍' ମୋଟରସାଇକେଲ ବର୍ଗର ଅଗ୍ରଣୀ ଜାୱା ୟେଜ୍‌ଦି ମୋଟରସାଇକେଲ ପକ୍ଷରୁ ଶନିବାର ଭୁବନେଶ୍ୱରରେ ୪୨ ଲାଇଫ୍ ସିରିଜର ନୂତନ ୩୫୦ ଜାୱା ୪୨ ଏଫ୍‌ଜେର ଉନ୍ମୋଚନ କରାଯାଇଛି। ଏହି ଉନ୍ମୋଚନ ବ୍ରାଣ୍ଡ ଆଇକନିକ୍ ବିଏସ୍‌ଏ ଗୋଲ୍ଡ ଷ୍ଟାର ୬୫୦ର ଶୁଭାରମ୍ଭ କରିବା ସହ ଓଡ଼ିଶାର ସର୍ବବୃହତ୍ ଶୋ'ରୁମ୍‌କୁ ଉଦ୍‌ଘାଟନ କରିଛି। ଭୁବନେଶ୍ୱର ଖଣ୍ଡଗିରିରେ ଥିବା ଲକ୍ଷିତା ଅଟୋମୋବାଇଲ୍ସ ନାମକ ଏହି ନୂଆ ଶୋ'ରୁମ୍‌ରେ ଜାୱା, ୟେଜ୍‌ଦି ଓ ବିଏସ୍‌ଏ ମୋଟରସାଇକେଲର ସମ୍ପୂର୍ଣ୍ଣ ରେଞ୍ଜ ଉପଲବ୍ଧ ହେବ। ଏଥିସହ ଅତ୍ୟାଧୁନିକ ଡିଲରଶିପ୍‌ରେ ଦକ୍ଷ ଟେକ୍ନିସିଆନଙ୍କ ଦ୍ୱାରା ପରିଚାଳିତ ସର୍ଭିସ୍ ସେଣ୍ଟର ରହିଛି। ଜାୱା ୟେଜ୍‌ଦି ମୋଟରସାଇକେଲ୍ସ ଓଡ଼ିଶାରେ ଏହାର ଡିଲରଶିପ୍ ନେଟ୍‌ୱର୍କକୁ ୧୩ରୁ ୨୦ଟି ଆଉଟଲେଟ୍‌କୁ ବୃଦ୍ଧି କରିବ। ଏଥିପାଇଁ ଆଗାମୀ ଦିନରେ ଅତିରିକ୍ତ ୭ଟି ଟଚ୍ ପଏଣ୍ଟ ଖୋଲାଯିବ। ଏହି ଅବସରରେ କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥାରେଜା କହିଛନ୍ତି, ବ୍ରିଟିଶ୍ ଇଞ୍ଜିନିୟରିଂ ଉତ୍କର୍ଷର ପ୍ରତିନିଧିତ୍ୱ କରୁଥିବା ବିଏସ୍‌ଏ ଗୋଲ୍ଡ ଷ୍ଟାର ୬୫୦ ଏବଂ ଆକର୍ଷଣୀୟ ଜାୱା ୩୫୦- ୪୨ ଏଫ୍‌ଜେକୁ ଭୁବନେଶ୍ୱର ଆଣିବା ପାଇଁ ଆମେ ଉତ୍ସାହିତ। ୨୦୨୪ ଜାୱା ୪୨ ଏଫ୍‌ଜେ ଡିଜାଇନ-କେନ୍ଦ୍ରିତ ମୋଟରସାଇକେଲ ଇଞ୍ଜିନିୟରିଂ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ବେଳେ ଏହାର ମୂଲ୍ୟ ଏବଂ ନିର୍ମାଣ ଶୈଳୀର ଆଧୁନିକତାର ସୀମାକୁ ଆଗକୁ ବଢ଼ାଉଛି।



କାର୍ଯ୍ୟକ୍ରମରେ କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥାରେଜା, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଓ ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମେରିଲର 'ଟ୍ରିଟ୍‌ମେଣ୍ଟ ଜରୁରୀ ହେ' ପ୍ରଚାର ଅଭିଯାନ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ମେଡିକାଲ ଉପକରଣ କମ୍ପାନୀ ମେରିଲ ପକ୍ଷରୁ 'ଟ୍ରିଟ୍‌ମେଣ୍ଟ ଜରୁରୀ ହେ' ପ୍ରଚାର ଅଭିଯାନ ଆରମ୍ଭ ହୋଇଛି। କ୍ରିକେଟର ଏମ୍.ଏସ୍. ଧୋନୀଙ୍କ ଏଆଇ-ସଞ୍ଚାଳିତ ବ୍ୟକ୍ତିଗତ ଭିଡିଓ ବାର୍ତ୍ତାକୁ କେନ୍ଦ୍ରକରି ଏହାର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିନବ ପ୍ରଣାଳୀ ଠିକ୍ ସମୟରେ ମେଡିକାଲ ଚିକିତ୍ସା କରାଇବା ଏବଂ ବିଭିନ୍ନ ଚିକିତ୍ସା ସମ୍ବନ୍ଧୀୟ ଭୟ ଦୂରକରିବା ଦିଗରେ ରୋଗୀଙ୍କୁ ସଚେତନ କରୁଛି। ଏହି ପ୍ରଚାର ହୃଦ୍‌ରୋଗ, ଗଣ୍ଠି ପ୍ରତିରୋପଣ, ମେଦବହୁଳତା ଅସ୍ତ୍ରୋପଚାର ଏବଂ ଆହୁରି ଅଧିକ ସୁବିଧା ସହିତ ବ୍ୟାପକ ଚିକିତ୍ସା ସମ୍ପର୍କରେ ଅବଗତ କରାଉଛି। ଅଭିଯାନର ଟ୍ୟାଗ୍‌ଲାଇନ 'ଆପ୍‌କି ତକଲିଫ ସିର୍ଫ ଆପ୍‌କି ନେହି ହୋତି, ଇସିଲିୟେ ଟ୍ରିଟ୍‌ମେଣ୍ଟ ଜରୁରୀ ହେ' ରହିଛି। ଅର୍ଥାତ୍ ଆପଣଙ୍କ ସମସ୍ୟା କେବଳ ଆପଣଙ୍କର ନୁହେଁ, ସେଥିପାଇଁ ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ ବୋଲି ଭିଡିଓରେ ଦର୍ଶାଯାଇଛି। ମେରିଲ ସମୟୋଚିତ ଚିକିତ୍ସା ପାଇଁ ଉତ୍ସାହିତ କରିବାକୁ ଦେଶବ୍ୟାପୀ ଡାକ୍ତର ଏବଂ ହସ୍ପିଟାଲ ସହିତ ସହଭାଗିତା କରିଥିବା ସୂଚନା ରହିଛି। ମେରିଲର ମୁଖ୍ୟ ମାର୍କେଟିଂ ଅଧିକାରୀ ମନୀଷ ଦେଶମୁଖ କହିଛନ୍ତି, ମେରିଲରେ, ଏହି ପ୍ରଚାର ଅଭିଯାନଟି ସର୍ବଦା ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନକରି ଏକ ସୁସ୍ଥ ବିଶ୍ୱ ଗଠନ କରିବା ପାଇଁ ଉଦ୍ଦିଷ୍ଟ ।

## ଫୁର୍‌ସତ୍

# ସାମାଜିକ, ଅର୍ଥନୈତିକ ବିକାଶକୁ ଗୁରୁତ୍ୱ

**ବିଶ୍ୱ ପରିସଂଖ୍ୟାନ ଦିବସ**

୨୦ ଅକ୍ଟୋବରରେ ସାରା ବିଶ୍ୱରେ ପରିସଂଖ୍ୟାନ ଦିବସ ପାଳନ କରାଯାଏ। ମାତ୍ର ଭାରତରେ ଜାତୀୟ ପରିସଂଖ୍ୟାନ ଦିବସ ୨୯ ଜୁନ୍‌ରେ ପାଳନ କରାଯାଏ। ମିଳିତ ଜାତିସଂଘର ପରିସଂଖ୍ୟାନ ଆୟୋଗଙ୍କ ମାର୍ଗଦର୍ଶନରେ ବିଶ୍ୱ ପରିସଂଖ୍ୟାନ ଦିବସ ବିଶ୍ୱର ସାମାଜିକ ତଥା ଅର୍ଥନୈତିକ ବିକାଶ ପାଇଁ ପାଳନ କରାଯାଏ। ଏହା ପ୍ରତି ପାଞ୍ଚ ବର୍ଷରେ ପାଳନ କରାଯାଏ। ପ୍ରଥମେ ୨୦ ଅକ୍ଟୋବର ୨୦୧୦ରେ ଏହା ପାଳନ କରାଯାଇଥିଲା।

ମିଳିତ ଜାତିସଂଘ ଆୟୋଗ ୨୦୧୦ ଅକ୍ଟୋବର ୨୦କୁ ବିଶ୍ୱ ପରିସଂଖ୍ୟାନ ଦିବସ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲା। ସାଧାରଣ ସଭା ୩ ଜୁନ୍ ୨୦୧୦ର



୬୪/୨୬୭ ସଂକଳ୍ପ ଗ୍ରହଣ କଲା। ଯେଉଁଥିରେ ୨୦ ଅକ୍ଟୋବର ୨୦୧୦ରେ ସରକାରୀ ପରିସଂଖ୍ୟାନର ସଫଳତାକୁ ପାଳନ କରିବା ପାଇଁ ପ୍ରଥମ ଥର ପାଇଁ ବିଶ୍ୱ ପରିସଂଖ୍ୟାନ ଦିବସ ପାଳନ କରାଯାଇଥିଲା। ୨୦୧୫ରେ ରିଜୋଲ୍ୟୁଶନ ୯୬/୨୮୨ରେ ସାଧାରଣ ସଭା ୨୦ ଅକ୍ଟୋବର ୨୦୧୫କୁ ସାଧାରଣ ଥିମ୍ ବେଟର୍ ଡାଟା ବେଟର ଲାଇଭ୍ ଅଧୀନରେ ଦ୍ୱିତୀୟ ବିଶ୍ୱ ପରିସଂଖ୍ୟାନ ଦିବସ ଭାବରେ ସ୍ଥିର କରିବାକୁ ନିଷ୍ପତ୍ତି ନେଲା ଏବଂ ୨୦ ଅକ୍ଟୋବରରେ ପ୍ରତି ୫ ବର୍ଷରେ ବିଶ୍ୱ ପରିସଂଖ୍ୟାନ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା।

# 'ସ୍ତ୍ରୀ ୨': ଟିମ୍ ୱାର୍କକୁ ସଫଳତା

ମୁମ୍ବାଇ

ଗତ କିଛିଦିନ ଧରି ସୋସିଆଲ ମିଡିଆରେ 'ସ୍ତ୍ରୀ ୨' ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ସକ୍ସେସ୍ କ୍ରେଡିଟ୍ ୱାର୍ ଚାଲିଥିଲା। ଶନିବାର ଶ୍ରଦ୍ଧା ଏହି ବିତର୍କ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସେ କହିଛନ୍ତି, ସକ୍ସେସ କ୍ରେଡିଟ୍ ୱାର୍ ଭଳି କୌଣସି ଜିନିଷ ନ ଥାଏ। ପୂରା ଟିମ୍‌ର କଠିନ ପରିଶ୍ରମ ଯୋଗୁ 'ସ୍ତ୍ରୀ ୨'କୁ ସଫଳତା ମିଳିଛି। 'ସ୍ତ୍ରୀ' ଫ୍ରାଞ୍ଚାଇଜିର ପ୍ରଥମ ଭାଗ ଅପେକ୍ଷା ଏହାର ଦ୍ୱିତୀୟ ଭାଗକୁ ଦର୍ଶକଙ୍କଠାରୁ ବେଶି ଭଲ ପାଇବା ଓ ପ୍ରଶଂସା ମିଳିଛି, ଯାହା ଆଶାଠାରୁ ଅଧିକ ଥିଲା। ଶ୍ରଦ୍ଧା ଆହୁରି କହିଛନ୍ତି, ପ୍ରଥମତଃ ଫିଲ୍ମର ସିକ୍ୱେଲ ପାଇଁ ରାଜି ହୋଇଥିବାରୁ 'ସ୍ତ୍ରୀ ୨' ନିର୍ଦ୍ଦେଶକ, ଲେଖକ ଏବଂ ନିର୍ମାତାଙ୍କୁ ଧନ୍ୟବାଦ। ତେବେ କେବଳ ସିକ୍ୱେଲ ତିଆରି କଲେ ହେବ ନାହିଁ, ଭଲ କାହାଣୀ, ସଂଳାପ, ମନୋରଞ୍ଜନ, ଗୀତ ଆଦି ଦ୍ୱାରା ଦର୍ଶକଙ୍କୁ ପ୍ରେକ୍ଷାଳୟ ଆଣି ପାରିବା ଫିଲ୍ମ ନିର୍ମାତାଙ୍କ ପାଇଁ ଚ୍ୟାଲେଞ୍ଜର ବିଷୟ ହୋଇଥାଏ। 'ସ୍ତ୍ରୀ ୨' ନିର୍ମାତା ଉକ୍ତ ଚ୍ୟାଲେଞ୍ଜକୁ ସଫଳତାର ସହ ସାମ୍ନା କରିଛନ୍ତି। ଉକ୍ତ ସାକ୍ଷାତ୍‌କାରରେ ଶ୍ରଦ୍ଧାଙ୍କୁ 'ସ୍ତ୍ରୀ ୩' ବିଷୟରେ ପଚରାଯିବାରୁ ସେ କହିଛନ୍ତି, ନିର୍ଦ୍ଦେଶକ ଅମର କୌଶିକ 'ସ୍ତ୍ରୀ ୩' ପାଇଁ କାହାଣୀ ପ୍ରସ୍ତୁତ କରି ସାରିଛନ୍ତି। ଅମର ଖୋଦ ଏନେଇ ତାଙ୍କୁ ଜଣାଇଛନ୍ତି। 'ସ୍ତ୍ରୀ ୩'ରେ ମଧ୍ୟ ଅଭିନେତା ରାଜକୁମାର ରାଓ ନଜରକୁ ଆସିବେ ସେ ନିଜେ 'ସ୍ତ୍ରୀ ୩' ପାଇଁ ଖୁବ୍ ଉତ୍ସାହିତ ଥିବା ଶ୍ରଦ୍ଧା କହିଛନ୍ତି।




ଶ୍ରଦ୍ଧା କପୁର

# ଯବାନଙ୍କ ବଳିଦାନ ସ୍ମୃତିରେ ଜାତୀୟ ସଂହତି ଦିବସ

ପ୍ରତିବର୍ଷ ଅକ୍ଟୋବର ୨୦ରେ ଭାରତରେ ଜାତୀୟ ସଂହତି ଦିବସ ପାଳନ କରାଯାଏ।ଏହିଦିନ ଦେଶର ସୁରକ୍ଷା ପାଇଁ ଯୁଦ୍ଧ ସମୟରେ ଆମ ଲୋକଙ୍କ ଏକତା ଏବଂ ଅଖଣ୍ଡତାର ପ୍ରତୀକ ଅଟେ। ମତଭେଦ ସତ୍ତ୍ୱେ ପ୍ରତ୍ୟେକ ନାଗରିକଙ୍କୁ ଏକାଠି ଠିଆ ହେବାକୁ ଏହା ସ୍ମରଣ କରାଇଥାଏ। ଏହି ଦିବସ କେବଳ ଜାତୀୟ ଏକତାର ଭାବନାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଦେଶର ସୀମାକୁ ନିରବଚ୍ଛିନ୍ନ ଭାବରେ ରକ୍ଷା କରିବା ଏବଂ ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖୁଥିବା ଆମ ସଶସ୍ତ୍ର ବାହିନୀର ଯବାନମାନଙ୍କ ବଳିଦାନକୁ ମଧ୍ୟ ସମ୍ମାନ ଦେଇଥାଏ। ଏହି ଦିନ ସଶସ୍ତ୍ର ବାହିନୀର ସାହସ, ସମର୍ପଣ ଏବଂ ବଳିଦାନକୁ ସ୍ମରଣ କରେ। ୧୯୬୨ର ଭାରତ--ଚାଇନା ଯୁଦ୍ଧ ସମୟରେ ଆମ ସୈନିକମାନଙ୍କ ଭାବନାକୁ ମନେ ପକାଇଥାଏ, ଯେଉଁମାନେ ସାହସିକତାର ସହ ଆମ ସୀମାକୁ ରକ୍ଷା କରିଥିଲେ। ଏହା ଆମର ସଶସ୍ତ୍ର ସେବା ପ୍ରତି କୃତଜ୍ଞତା ଜ୍ଞାପନ କରିବା ଏବଂ ଆମ ଦେଶର ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇବାର ଦିନ।



# ମହିଳାଙ୍କ ପେଟରୁ ୧୨ ବର୍ଷ ପରେ ବାହାରିଲା କଇଁଚି

ଗ୍ୟାଙ୍ଗଟକ୍, ୧୯।୧୦

ସିକ୍କିମର ରାଜଧାନୀ ଗ୍ୟାଙ୍ଗଟକରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ୧୨ ବର୍ଷ ତଳେ ଜଣେ ମହିଳାଙ୍କ ଅସ୍ତ୍ରୋପଚାର ସମୟରେ ଡାକ୍ତରମାନେ ଅବହେଳା ବଶତଃ ତାଙ୍କ ପେଟରେ କଇଁଚି ଛାଡ଼ି ଦେଇଥିଲେ। ମହିଳା ଜଣଙ୍କ ବର୍ଷ ବର୍ଷ ଧରି ଏହି ଯନ୍ତ୍ରଣାକୁ ସହ୍ୟ କରି ରହିଥିଲେ। ଶନିବାର ଉକ୍ତ ମହିଳାଙ୍କ ପୁନଃ ଅସ୍ତ୍ରୋପଚାର କରାଯାଇ ତାଙ୍କ ପେଟରୁ କଇଁଚିକୁ ବାହାର କରି ଦିଆଯାଇଛି।

ସିକ୍କିମର ସାର୍ ଥୁଟୋବ ନାମଗ୍ୟାଲ ମୋମୋରିଆଲ (ଏସ୍‌ଟିଏନ୍‌ଏମ୍) ହସ୍ପିଟାଲରୁ ଏହି ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ମହିଳାଙ୍କ ସ୍ୱାମୀ କହିଛନ୍ତି, ୨୦୧୨ରେ ପୁରୁଣା ଏସ୍‌ଟିଏନ୍‌ଏମ୍ ହସ୍ପିଟାଲରେ ତାଙ୍କ ସ୍ତ୍ରୀଙ୍କର ଆପେଣ୍ଡିକ୍ସ(ପରିଶିଷ୍ଟ) ଅସ୍ତ୍ରୋପଚାର କରାଯାଇଥିଲା। ଏହି




ଅପରେଶନ ପରେ ତାଙ୍କ ସ୍ତ୍ରୀ ଲଗାତର ଭାବେ ଯନ୍ତ୍ରଣା ଅନୁଭବ କରୁଥିଲେ। ପରେ ପରେ ଏହି ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ତେବେ ସ୍ତ୍ରୀଙ୍କର ଏହି ପେଟ ଯନ୍ତ୍ରଣା ନେଇ ସେ ଅନେକ ଡାକ୍ତରଙ୍କର ପରାମର୍ଶ ନେଇଥିଲେ ମଧ୍ୟ କେହି ଏହାର ପ୍ରକୃତ କାରଣ କହିପାରି ନ ଥିଲେ। ତେବେ ଚଳିତ ମାସ ପ୍ରଥମ ସପ୍ତାହରେ ସେ ପୁଣି ଥରେ ଏସ୍‌ଟିଏନ୍‌ଏମ୍ ହସ୍ପିଟାଲ ଯାଇ ସ୍ତ୍ରୀଙ୍କ ପେଟ ଯନ୍ତ୍ରଣା ବିଷୟରେ ଜଣାଇଥିଲେ। ଡାକ୍ତର ମହିଳାଙ୍କ ପେଟର ଏକ୍ସ-ରେ କରିଥିଲେ। ଏକ୍ସ-ରେରୁ ମହିଳାଙ୍କ ପେଟରେ ଏକ ସର୍ଜିକାଲ କଇଁଚି ଥିବା ଜଣା ପଡ଼ିଥିଲା। ତେଣୁ ଅପରେଶନ ମାଧ୍ୟମରେ ଉକ୍ତ କଇଁଛି କାଢ଼ିବାକୁ ଡାକ୍ତର ନିଷ୍ପତ୍ତି ନେଇଥିଲେ। ଶନିବାର ମହିଳାଙ୍କର ଅପରେଶନ କରାଯାଇ ସଫଳତାର ସହ ସର୍ଜିକାଲ କଇଁଚିକୁ ପେଟରୁ କଢ଼ାଯାଇଛି। ଅପରେଶନ ପରେ ମହିଳାଙ୍କ ଅବସ୍ଥା ସ୍ଥିର ରହିଛି ଓ ସେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଏସ୍‌ଟିଏନ୍‌ଏମ୍ ହସ୍ପିଟାଲ ବିରୋଧରେ ସ୍ଥାନୀୟ ଲୋକଙ୍କର ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଏହି ଘଟଣାର ତଦନ୍ତ ଚଳାଇଛି।

# କଂଗ୍ରେସ ନେତାଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୯।୧୦ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବସ୍ତର ଜିଲା ଉସୁର ବ୍ଲକ୍ କଂଗ୍ରେସ ଉପାଧ୍ୟକ୍ଷ ତିରୁପତି ଭଣ୍ଡାରୀଙ୍କୁ ମାଓବାଦୀମାନେ ଶନିବାର ହତ୍ୟା କରିଛନ୍ତି। ତିରୁପତି କୌଣସି କାମ ପାଇଁ ଉସୁର ସହରକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ମାଓବାଦୀମାନେ ତାଙ୍କୁ ଆକ୍ରମଣକରି ଏକ ଛୁରିରେ ନିର୍ମମ ଭାବରେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ପଛରେ କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ। ପୋଲିସ ମୃତଦେହ ଜବତକରି ତଦନ୍ତ ଚଳାଇଛି।

# ଆଇଇଡି ବିସ୍ଫୋରଣରେ ୨ ଯବାନ ଶହୀଦ

ମାଲକାନଗିରି, ୧୯।୧୦ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଆଇଇଡି ବୋମା ବିସ୍ଫୋରଣରେ ୨ ଯବାନ ଶହୀଦ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଶହୀଦ ଯବାନ ହେଲେ ଅମର ପାନୱାର୍ ଓ କେ. ରାଜେଶ।

ନାରାୟଣପୁର ଜିଲାର ଓର୍ଚା, ମୋହାଣ୍ଡି ଏବଂ ଇରାକବତୀରୁ ଅଞ୍ଚଳରେ ଆଇଟିବିପି, ବିଏସ୍ଏଫ ଓ ଡିଆର୍‌ଜିର ଯବାନମାନେ ଶନିବାର ତଲାସି କରୁଥିଲେ। ଏମାନେ ଫେରିବା ବେଳେ ମୋହନ୍ଦି ଜଙ୍ଗଲରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ଘଟିଥିଲା। ଏଥିରେ ଆଇଟିବିପିର ୨ ଯବାନ ଗୁରୁତର ହୋଇଥିବା ବେଳେ ନାରାୟଣପୁର ଜିଲା ପୋଲିସର ୨ ଜଣ ଯବାନ ଆହତ ହୋଇଥିଲେ। ଗୁରୁତର ଦ୍ୱୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ନାରାୟଣପୁରକୁ ହେଲିକପ୍ଟର ଯୋଗେ ନିଆଯାଉଥିବା ବେଳେ ପାଗ ଖରାପ ଯୋଗୁ ଠିକ୍ ସମୟରେ ପହଞ୍ଚିପାରି ନ ଥିଲା। ଫଳରେ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଅନ୍ୟ ୨ଜଣ ଆହତ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି।

# ସ୍ପା'ରେ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟ ପାଇଁ ବାଧ

## ୨ କର୍ମଚାରୀଙ୍କୁ ଗିରଫ କଲା ପୋଲିସ, ସ୍ପା' ସିଲ୍

ଭୁବନେଶ୍ୱର, ୧୯।୧୦ (ସୂର୍ଯ୍ୟକାନ୍ତ ବେହେରା)








ଚାକିରି ଦେବା ଆଳରେ ଜଣେ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବାକୁ ଜୋରଜବରଦସ୍ତ ଉଦ୍ୟମ କରାଯାଇଛି। ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ରବି ଟକିଜ୍‌ସ୍ଥିତ ଏକ ସେଲୁନ ଆଣ୍ଡ ସ୍ପା'ରେ ଏଭଳି କାମ କରିବାକୁ ବାଧ କରାଯାଉଥିବା ବେଳେ ସମ୍ପୃକ୍ତ ନାବାଳିକା ମନା କରିବାରୁ ୨କର୍ମଚାରୀ ତାଙ୍କୁ ଏକ ଘରେ ତାଲା ପକାଇ ଦୀର୍ଘ ସମୟ ଅଟକ ରଖିଥିଲେ। ଏପରି କି ଉଦ୍ଧାର କରିବାକୁ ଆସିଥିବା ନାବାଳିକାଙ୍କ ସମ୍ପର୍କୀୟ ଭାଇ ଜିତୁଙ୍କୁ ମରଣାନ୍ତକ ଆକ୍ରମଣ କରି ଆହତ କରିଛନ୍ତି। ଖବର ପାଇ ବଡ଼ଗଡ଼ ପୋଲିସ ସୁନ୍ଦରପଦା ଥାନା କ୍ଷେତ୍ରପାଳ ଅଞ୍ଚଳରେ ରହୁଥିବା ଯାଜପୁରର ରାଜ ପଟ୍ଟନାୟକ(୨୧) ଓ ତାଙ୍କ ବାନ୍ଧବୀ କେନ୍ଦୁଝରର ପ୍ରତିଭାରାଣୀ ରାଉତ(୨୦)ଙ୍କୁ ଗିରଫ କରିଛି। ଅନ୍ୟପଟେ ଅଭିଯୁକ୍ତଙ୍କ କବଳରୁ ନାବାଳିକା ଓ ଆହତ ଜିତୁଙ୍କୁ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯିବା ସହ ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୬୮୫/୨୪) ରୁଜୁ କରି ରାଜ ଓ ପ୍ରତିଭାଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଉକ୍ତ ସ୍ପା'କୁ ସିଲ୍ କରିବା ସହ ଉକ୍ତ ଦୋକାନର ମାଲିକଙ୍କ ଏଥିରେ ସମ୍ପୃକ୍ତି ରହିଛି କି ନାହିଁ ସେନେଇ ଅଧିକ ତଦନ୍ତ କରୁଛି।

ସୂଚନାଯୋଗ୍ୟ, ନାବାଳିକା ତାଙ୍କର ଜଣେ ସମ୍ପର୍କୀୟ ଭଉଣୀଙ୍କ ସହାୟତାରେ ଅଭିଯୁକ୍ତଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ଅଭିଯୁକ୍ତଦ୍ୱୟ ଏକ ସ୍ପା'ରେ ନାବାଳିକାଙ୍କୁ କାର୍ଯ୍ୟ କରାଇବାକୁ କହିବା ପରେ ସେ ରାଜି ହୋଇ ଭୁବନେଶ୍ୱର ଆସିଥିଲେ। ଉକ୍ତ ସ୍ପା'ର ମାଲିକ ପୀଡ଼ିତାଙ୍କୁ ରିସେପ୍ସନରେ ମାସିକ ୧୦ହଜାର ଟଙ୍କା ଦରମାରେ କାର୍ଯ୍ୟ କରିବାକୁ ନିୟୋଜିତ କରିଥିଲେ। କିନ୍ତୁ ନାବାଳିକାଙ୍କୁ ରାଜ ଓ ତାଙ୍କ ବାନ୍ଧବୀ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିଥିଲେ। ନାବାଳିକା ଜଣଙ୍କ ମନାକରିବାରୁ ରାଜ ଓ ପ୍ରତିଭା ତାଙ୍କୁ ଶୁକ୍ରବାର ପୁରୀ ବୁଲାଇ ନେଇ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ନାବାଳିକା ଜଣଙ୍କ ଏଭଳି କାମ କରିବାକୁସିଧା ମନା କରିଦେଇଥିଲେ। ଏହାପରେ ରାଜ ଓ ପ୍ରତିଭା ତାଙ୍କୁ ଧମକ୍ ଦେବା ସହ ଏକ ଘରେ ତାଲା ପକାଇ ଦେଇଥିଲେ। ନାବାଳିକା ଜଣଙ୍କ ଚତୁରତାର ସହ ପାଖରେ ଥିବା ମୋବାଇଲ ସାହାଯ୍ୟରେ ଭାଇ ପାଖକୁ ଲୋକେଶନ ଶେୟାର କରିଦେଇଥିଲେ। ଏହାପରେ ନାବାଳିକାଙ୍କ ଭାଇ ରସୁଲଗଡ଼ରେ ରହୁଥିବା ସାଙ୍ଗ ଜିତୁଙ୍କୁ ଘଟଣା ବିଷୟରେ କହି ଯିବାକୁ କହିଥିଲେ। ଜିତୁ ଶନିବାର ସେଠାରେ ପହଞ୍ଚିନାବାଳିକାଙ୍କୁ ଉଦ୍ଧାର କରିବାବେଳେ ରାଜ ଓ ପ୍ରତିଭା ଗାଳିଗୁଲଜ କରିବା ସହ ତାଲା ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ନାବାଳିକା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଜିତୁ ଓ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାଜଙ୍କୁ ମାଡ଼ମାରି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ଜିତୁ ଓ ନାବାଳିକାଙ୍କୁ ଉଦ୍ଧାର କରିବା ସହ ରାଜ ଓ ପ୍ରତିଭାଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ୧୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଆର୍‌ଆଇ

ଧର୍ମଶାଳା/ଜେନାପୁର, ୧୯।୧୦ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବଳାରାମପୁର-୧ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସୁଶାନ୍ତ ସ୍ୱାଇଁ ଜମି ମ୍ୟୁଟେଶନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରାଜସ୍ୱ ନିରୀକ୍ଷକ ସ୍ୱାଇଁ କବାଟବନ୍ଧ ପଞ୍ଚାୟତ ଦଳଗାଁ ଅଞ୍ଚଳର ଶିକ୍ଷକ ବସନ୍ତ କୁମାର ସ୍ୱାଇଁଙ୍କ ସିକିମ ଜମି ମ୍ୟୁଟେଶନ କରିବାକୁ ୩୩ ହଜାର ଟଙ୍କା ନେଇଥିଲେ। ପରେ ଆଉ ୧୫ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଏନେଇ ଶିକ୍ଷକ ଜଣକ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ଶନିବାର ଅପରାହ୍ନ ୫ଟାରେ ଶିକ୍ଷକ ଜଣକ ରାଜସ୍ୱ ନିରୀକ୍ଷକଙ୍କୁ ଚଉଷଠିପଡ଼ାଠାରେ ୧୦ ହଜାର ଟଙ୍କା ଦେଉଥିବାବେଳେ କଟକ ଓ ଯାଜପୁର ଭିଜିଲାନ୍ସ ଟିମ୍ ଚଢ଼ାଉ କରି ରାଜସ୍ୱ ନିରୀକ୍ଷକଙ୍କୁ ଧରିବା ସହ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିବା ଯାଜପୁର ଭିଜିଲାନ୍ସ ଡିଏସ୍‌ପି ହୃଷି ଲେଙ୍କା ସୂଚନା ଦେଇଛନ୍ତି।

# ପରିବାର ଲୋକଙ୍କୁ ଅଟକ ରଖି ଲୁଟିନେଲେ ୨୦ଲକ୍ଷର ସୁନାଗହଣା

ବନ୍ଧମୁଣ୍ଡା/ରାଉରକେଲା, ୧୯।୧୦ (ସୁବ୍ରତ ଡେ/ସଙ୍ଗୀତା ଜେନା)




ପୋଲିସ ଘଟଣାସ୍ଥଳରେ ଛାନ୍‌ଭିନ୍ କରୁଛି।

ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡିଜେଲ କଲୋନିରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ରେଲୱେ କନିଷ୍ଠ ଯନ୍ତ୍ରୀଙ୍କ ପରିବାର ଲୋକଙ୍କୁ ଅଟକ ରଖି ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନାଗହଣା ଏବଂ ନଗଦ ୧୦ ହଜାର ଟଙ୍କା ଲୁଟ୍ ହୋଇଛି। ଶନିବାର ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୨୫/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାୟକ, ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ର, ବନ୍ଧମୁଣ୍ଡା ଥାନାଧିକାରୀ ଚିତ୍ତରଞ୍ଜନ ନାୟକ ଫୋରେନ୍ସିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ସେହିପରି ଆଖପାଖ ଅଞ୍ଚଳର ସିସିଟିଭିଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। କିଛି ସିସିଟିଭି ନଷ୍ଟ ହୋଇଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ ମୁହଁ ସ୍ପଷ୍ଟ ଦେଖାଯାଉଥିବା ଆଲୋଚନା ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ଡିଜେଲ କଲୋନି କ୍ୱାର୍ଟର ନମ୍ବର ଏଲ୍-୨୦୪/୧ରେ ରେଲୱେ ଜେଇ ଦିଲୀପ ପଣ୍ଡା ସପରିବାର ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଝରକା ରେଲିଂ କାଟି ତାଙ୍କ ଘରେ ପ୍ରବେଶ କରିଥିଲେ। ଦିଲୀପ ଏହି ଶବ୍ଦ ଶୁଣିବା ପରେ ଘରେ ୫ ଜଣ ଦୁର୍ବୃତ୍ତଙ୍କୁ ଦେଖି ଭୟଭୀତ ହୋଇପଡିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ୨ ଜଣ ଧାରୁଆ ମାରଣାସ୍ତ୍ରରେ ସମସ୍ତ ପରିବାର ଲୋକଙ୍କୁ ବନ୍ଦୀ କରିଦେଇଥିଲେ। ଅନ୍ୟ ଦୁର୍ବୃତ୍ତମାନେ ଆଲମାରିରେ ଥିବା ପ୍ରାୟ ୩୩ ଭରି ସୁନାଗହଣା ଓ ନଗଦ ୧୦ ହଜାର ଟଙ୍କା ଲୁଟିନେଇଥିଲେ। ଫେରାର ହେବାବେଳେ ଉକ୍ତ ଘଟଣା ସିସିଟିଭିରେ କଏଦ ହୋଇଥିବା ଜାଣିପାରି ଦୁର୍ବୃତ୍ତମାନେ ଏହାକୁ ଭାଙ୍ଗିଦେଇଥିଲେ। ଏ ନେଇ ଶନିବାର ସକାଳେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା।

# ବାଣ ଭିଡୁଥିବା ବେଳେ ବିସ୍ଫୋରଣ, ୪ ନାବାଳକ ଗୁରୁତର

ଖଲ୍ଲିକୋଟ, ୧୯।୧୦ (ପ୍ରଶାନ୍ତ କୁମାର ମିଶ୍ର)



ବିସ୍ଫୋରଣରେ ଘରେ ଛିନଛତ୍ର ହୋଇପଡିଥିବା ବିଭିନ୍ନ ଜିନିଷ।

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମ ସାତବନ୍ଧ ସାହିର ଏକ ଘରେ ଶନିବାର ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ ୪ ନାବାଳକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପ୍ରସାଦ ଗୌଡ଼, ବାଦଲ ଗୌଡ଼, ବାବୁଲା ଗୌଡ଼ ଓ ସମୀର ଦୁହୁଡି। ସମସ୍ତଙ୍କୁ ଉଦ୍ଧାର ପରେ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବାଦଲଙ୍କ ଗୋଟିଏ ଗୋଡ଼ ଓ ହାତ ନଷ୍ଟ ହୋଇଛି। ଘଟଣାସ୍ଥଳରେ ଫୋରେନସିକ୍ ଟିମ୍, ବମ୍ ସ୍କ୍ୱାଡ୍, ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୀପାବଳି ପାଇଁ ନାବାଳକମାନେ ବାଣ ତିଆରି କରୁଥିଲେ। କୌଣସି କାରଣବଶତଃ ହଠାତ୍ ବାଣ ବିସ୍ଫୋରଣ ହେବାରୁ ସେମାନେ ଗୁରୁତର ହୋଇ ପଡ଼ିଥିଲେ। ପ୍ରଚଣ୍ଡ ବିସ୍ଫୋରଣରେ ଘରର ଟିଣ ଉଡିଯାଇଥିବା ବେଳେ ବିଭିନ୍ନ ସରଞ୍ଜାମ ଛିନ୍ନଛତ୍ର ହୋଇ ପଡିଥିବା ଦେଖାଯାଇଛି। ନାବାଳକମାନେ ବାଣ ତିଆରି ପାଇଁ ବାରୁଦ ଓ ଅନ୍ୟାନ୍ୟ ସରଞ୍ଜାମ କେଉଁଠୁ ଆଣିଲେ ସେ ନେଇ ପୋଲିସ ଗାଁରେ ଖୋଳତାଡ଼ କରୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତା ବଦଳ ମଠ ପାଇଁ,**
**ଦଳ ବଦଳ ଭୋଟ ପାଇଁ।**

ପାରିବାରିକ ବା ସାମାଜିକ ଜୀବନଯାତ୍ରାରେ ଅସଫଳ ହେଲେ ଲୋକେ ଚିତାଚୈତନ୍ୟ କାଟି ମଠମନ୍ଦିରରେ ବାବାଜୀ ହୋଇ ରହିବାକୁ ପସନ୍ଦ କରିଥାନ୍ତି। ଏହିପରି ମଠ ସହ ଜଡ଼ିତ ଥିବା ବ୍ୟକ୍ତି ନିଜ ସୁବିଧା ଦେଖି ମଠ ଚୟନ କରୁଥିବାବେଳେ ଯେଉଁଠାରେ ରହିବା ଖାଇବାରେ ଅଧିକ ସୁବିଧା ସୁଯୋଗ ରହିଥାଏ ସେମାନେ ସେଭଳି ମଠକୁ ଅଗ୍ରାଧିକାର ଦେଇଥାନ୍ତି। ସେଥିପାଇଁ ସେମାନଙ୍କୁ ଚିତା ବଦଳାଇବାକୁ ପଡିଥାଏ। ସେହିପରି ନିର୍ବାଚନରେ ପ୍ରାର୍ଥୀ ଅଧିକ ଭୋଟରେ ବିଜୟୀ ହେବା ଆଶାରେ ଦଳବଦଳ କରିବାକୁ ପଛେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର,**
**ଚିରି ଭିତର ଦେଖ କି ନାରଖାର।**

ବାହ୍ୟ ଆଡ଼ମ୍ବରରେ ଶରୀର ଯେତେ ସୁନ୍ଦର ଦିଶେ ତା'ଭିତରେ ଯେ କେତେ ବ୍ୟାଧି, ଛନ୍ଦକପଟ, ମନ୍ଦ ଭାବନା ପରିପୂର୍ଣ୍ଣ ରହିଛି ତାହା ମଣିଷ ନିଜ ମୂଢ଼ତାରୁ ଜାଣି ପାରି ନ ଥାଏ। ଆକୃତି ଦେଖି ପ୍ରକୃତି ବିଷୟରେ ଠିକ୍ ଅନ୍ଦାଜ ଲଗାଇବା ଅତ୍ୟନ୍ତ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା: କୃତୀଙ୍କ ମୁହଁରୁ...

## ପରିଶ୍ରମର ଫଳ ପାଇବି ବୋଲି ଆଶା ଥିଲା



ପ୍ରଥମଥର ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଦେଇଥିଲି। ତାଲିକାରେ ଦ୍ୱିତୀୟ ର୍‍ୟାଙ୍କ୍‌ରେ ମୋ ନାଁ ଥିବା ଦେଖି ଖୁସିରେ କାନ୍ଦି ପକାଇଥିଲି। ଭଲରେ ପଢ଼ିଲେ, ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ। ମୁଁ ବି ଆଗରୁ ଅନେକ ପରୀକ୍ଷା ଦେଇଛି, ବିଫଳ ହୋଇଛି, ନିରୁତ୍ସାହିତ ହୋଇଛି, ମାତ୍ର କେବେ ଆଶା ଛାଡ଼ି ନ ଥିଲି। ୨ବର୍ଷ ମଧ୍ୟରେ ମୁଁ ଅନେକ ଥର ରିଜେକ୍ସନ ବି ପାଇଛି। ପରିଶ୍ରମର ଫଳ ଦିନେ ନା ଦିନେ ପାଇବି ବୋଲି ଆଶା ଥିଲା। ଏଥିପାଇଁ ନିଜେ ପ୍ରସ୍ତୁତ ହେଉଥିଲି ଓ ଜଣେ ସାର୍ ମୋତେ ଗାଇଡ୍ କରୁଥିଲେ। ମୋର ଏହି ସଫଳତା ପଛରେ ପରିବାର, ଶିକ୍ଷକ, ସାଙ୍ଗସାଥୀ ସମସ୍ତଙ୍କର ଅବଦାନ ରହିଛି। ଶିକ୍ଷା ଓ କୃଷିରେ ଓଡ଼ିଶା ଆହୁରି ଉନ୍ନତି କରିବା ଆବଶ୍ୟକ ଏବଂ ଏ କ୍ଷେତ୍ରରେ ମୋର ପ୍ରଚେଷ୍ଟା ଜାରି ରହିବ।

**- ପ୍ରିଙ୍କିଲ ପରବୀନ ପରିଡ଼ା, ର୍‍ୟାଙ୍କ ୨, ପୁରୀ ଜିଲା ନିମାପଡ଼ା**

## ଲକ୍ଷ୍ୟ ରଖି ପାଠ ପଢ଼ିଲେ ସଫଳତା ମିଳିବ



ଏହା ମୋର ଦ୍ୱିତୀୟ ଆଟେମ୍ପଟ୍ ଥିଲା। କ୍ୱାଲିଫାଏ କରିବାର ଆଶା ଥିଲା, ମାତ୍ର ୪ନମ୍ବର ର୍‍ୟାଙ୍କ ରହିବ କେବେ ଭାବି ନ ଥିଲି। ପରୀକ୍ଷାଫଳ ଶୁଣିବା ପରେ ମୋ ଭାଇକୁ ଧରି କାନ୍ଦିଥିଲି। ମା'ବି ଖୁସିରେ କାନ୍ଦିଲେ। ଏବେ ସମସ୍ତେ ଖୁସି। ମୁଁ ନିଜେ ପ୍ରସ୍ତୁତି ହେଉଥିଲି। ଦିନକୁ କେତେ ଘଣ୍ଟା ପାଠ ପଢ଼ିବି, ତାହାକୁ ଫୋକସ ନ ଦେଇ ଆଜି କେତେ ପଢ଼ିବି, ତାହାକୁ ଅଧିକ ଲକ୍ଷ୍ୟ ଦେଉଥିଲି। ଆଉ ଯେଉଁମାନେ ବି ପ୍ରସ୍ତୁତ ହେଉଛନ୍ତି ସେମାନେ ଟାର୍ଗେଟ ବେସ୍ ପାଠ ପଢ଼ିଲେ ହିଁ ଅଧିକ ଇଫେକ୍ଟିଭ ରହିବ।

**- ପ୍ରଜ୍ଞା ପାରଙ୍ଗମ, ର୍‍ୟାଙ୍କ ୪, ଭୁବନେଶ୍ୱର**

## ତୃତୀୟ ଚେଷ୍ଟାରେ ସଫଳତା ମିଳିଲା

ଇଞ୍ଜିନିୟରିଂ ସରିବା ପରେ ୨୦୧୯ରୁ ଓପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲି। ଏହା ମୋର ତୃତୀୟ ଆଟେମ୍ପ୍ଟ ଥିଲା। ପୂର୍ବ ୨ଥର ଇଣ୍ଟରଭ୍ୟୁରେ କଟିଯାଇଥିଲି। ମାତ୍ର ଏଥର ମୋତେ ସଫଳତା ମିଳିଛି। ଏଥିପାଇଁ ଭଗବାନ ଏବ ମା' ବାପାଙ୍କୁ ଶ୍ରେୟ ଦେବି। ଦୁଇଥର ବିଫଳ ହେବା ପରେ ମା', ବାପା ମୋତେ ବହୁତ ସପୋର୍ଟ କରିଥିଲେ। ବିଫଳତାକୁ ସାଇଡ୍ କରି ପ୍ରସ୍ତୁତି ଉପରେ ଫୋକସ୍ କରିଥିଲି। ବାସ୍ତବରେ ସଫଳତା ଓ ବିଫଳତା ଯାତ୍ରାର ଏକ ଅଂଶ। ପ୍ରଥମେ ଅନ୍‌ଲାଇନ୍‌ରୁ କୋଚିଂ ନେଇଥିଲି, ପରେ ନିଜେ ହିଁ ପ୍ରସ୍ତୁତି ଆରମ୍ଭ କରିଥିଲି। ନିଜ ଅଭିଜ୍ଞତାରୁ ଏତିକି ଜାଣିଲି ଯେ, ବିଫଳତାକୁ ସବୁବେଳେ ସୁଯୋଗ ଭାବେ ବ୍ୟବହାର କରିବା ଦରକାର।



**-ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ର୍‍ୟାଙ୍କ ୮, ରଘୁନାଥପୁର, ଭୁବନେଶ୍ୱର**

## ଏବେ କାର୍ଯ୍ୟକ୍ଷେତ୍ରର ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବି



ପ୍ରଥମ ଚେଷ୍ଟାରେ ସଫଳତା ପାଇଛି। ରେଜଲ୍ଟ ଡେରି ହେଉଥିବାରୁ ଟିକେ ଡର ଲାଗୁଥିଲା। ମାତ୍ର ଏବେ ବହୁତ ଖୁସି ଲାଗୁଛି। ତେବେ ଆଗକୁ ଆହୁରି ଚ୍ୟାଲେଞ୍ଜ ଅଛି। ବିଶେଷକରି କାର୍ଯ୍ୟ କ୍ଷେତ୍ରରେ ଆସିବାକୁ ଥିବା ଚ୍ୟାଲେଞ୍ଜକୁ କେମିତି ମୁକାବିଲା କରିବି ସେ ନେଇ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡିବ। ସଫଳତାର ଶ୍ରେୟ ମୋ ପରିବାର ସଦସ୍ୟ, ମେଣ୍ଟର ଓ ଭାଇ ଭଉଣୀ ସମସ୍ତଙ୍କୁ ଦେବି। ଗତ ୨ବର୍ଷ ଧରି ୟୁପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲି, ସେହି ପ୍ରସ୍ତୁତିକୁ ହିଁ ଓପିଏସ୍‌ସି ପାଇଁ କଣ୍ଟିନ୍ୟୁ କରିଥିଲି। ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି।

**- ନୁରି ପର୍‌ବିନ୍, ର୍‍ୟାଙ୍କ-୧୩, ସୁନ୍ଦରଗଡ଼ ଟାଉନ୍**

## ଶୃଙ୍ଖଳିତ ଭାବେ ବିନା ଟେନ୍‌ସନରେ ପଢ଼ିବା ଦରକାର



ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ମୁଁ କୌଣସି କୋଚିଂ ନେଇ ନ ଥିଲି। ନିଜେ ଅନ୍‌ଲାଇନ୍ ଏବଂ ଷ୍ଟାଣ୍ଡାର୍ଡ ବୁକ୍‌କୁ ପଢି ସଫଳତା ପାଇଛି। ଅଏଲ୍ ଆଣ୍ଡ୍ ନାଚୁରାଲ୍ ଗ୍ୟାସ୍ କର୍ପୋରେଶନ୍‌ରେ କ୍ଲାସ୍ ୱାନ୍ ଅଫିସର ଅଛି। ତେଣୁ ପଢାପଢି କରିବାକୁ ଏତେ ସମୟ ମିଳୁ ନ ଥିଲା। ଦିନକୁ ମାତ୍ର ୨/୩ ଘଣ୍ଟା ପଢୁଥିଲି। ପରୀକ୍ଷା ପାଇଁ କିଛି ଡିସିପ୍ଲିନ୍ ରଖିବା ସହିତ ବିନା ଟେନ୍‌ସନରେ ପଢ଼ିବା ଦରକାର। ବାସ୍ତବରେ ଓପିଏସ୍‌ସି, ୟୁପିଏସ୍‌ସି ଏତେ କଷ୍ଟ ନୁହେଁ। କିନ୍ତୁ ଏଥିପାଇଁ ଦିନକୁ ୧୦-୧୨ ଘଣ୍ଟା ପଢିବାକୁ ପଡିବ ଏବଂ ଏହା ବହୁତ କଷ୍ଟ ବୋଲି ସମସ୍ତେ ଭାବନ୍ତି। ତେଣୁ ପିଲାମାନେ ବହୁତ ପ୍ରେସର ନେବା ସହିତ ଡରି ଯାଆନ୍ତି ଓ ସେମାନଙ୍କ ଆତ୍ମବିଶ୍ୱାସ କମିଯାଏ।

**- ବିକାଶ କୁମାର ସାହୁ, ର୍‍ୟାଙ୍କ୍ ୨୨୨, ତୁରୁମୁଙ୍ଗା, କେନ୍ଦୁଝର**

## କଠିନ ପରିଶ୍ରମ, ଆତ୍ମବିଶ୍ୱାସ ଜରୁରୀ



ପ୍ରଥମ ଚେଷ୍ଟାରେ ସଫଳତା ହାସଲ କରି ଖୁସି ଲାଗୁଛି। ଦୈନିକ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। କଠିନ ପରିଶ୍ରମ କଲେ ଏବଂ ନିଜ ଉପରେ ବିଶ୍ୱାସ ରଖିଲେ ନିଶ୍ଚିତ ସଫଳତା ମିଳିବ। ଏହା ଶ୍ରେୟ ମୁଁ ମୋ ମା' ବାପା ଏବଂ ପରିବାରବର୍ଗଙ୍କୁ ଦେବି। ଆଗକୁ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହେବି। ଭବିଷ୍ୟତରେ ଜଣେ ଆଇଏଫ୍‌ଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି।

**-ଅମ୍ବିକା ଭୂୟାଁ, ର୍‍ୟାଙ୍କ୍ ୨୧, ଗୋପୀନାଥପୁର, ବାଲେଶ୍ୱର**

## ସଫଳ ଅଧିକାରୀ ହେବାକୁ ଚେଷ୍ଟା କରିବି



ରେଜଲ୍ଟ ଶୁଣିବା ପରେ ବହୁତ ଖୁସି ଲାଗୁଛି। କଠିନ ପରିଶ୍ରମ, ନିଷ୍ଠା ଓ ଏକାଗ୍ରତା ଯୋଗୁ ପ୍ରଥମ ଥରରେ ହିଁ କୃତକାର୍ଯ୍ୟ ହୋଇପାରିଛି। ମୋ ସଫଳତା ପାଇଁ ମା', ବାପା, ଅଜା ଓ ମାମୁଙ୍କୁ ଶ୍ରେୟ ଦେବାକୁ ଚାହିଁବି। ପରିବାର ଓ ବନ୍ଧୁ ପ୍ରିୟଜନଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇପାରିଛି। ବର୍ତ୍ତମାନ ଜାମଦା ବ୍ଲକ୍‌ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛି। ଆଗକୁ ନୂଆ ଚାକିରିରେ ନିଜକୁ ଜଣେ ସଫଳ ଅଧିକାରୀ ଭାବେ ପ୍ରମାଣିତ କରିବାକୁ ଚେଷ୍ଟା ରହିବ।

**- ମୁନ୍‌ମୁନ୍ ଗିରି, ର୍‍ୟାଙ୍କ-୩୭, ମାଳିହାତୀ, ମୟୂରଭଞ୍ଜ**

## ପ୍ରଥମଥରରେ କ୍ଲିଅର କରିଥିବାରୁ ଖୁସି ଲାଗୁଛି

ମୋ ପରିବାର ଲୋକ ଓ ସାଙ୍ଗସାଥୀଙ୍କ ଭଲପାଇବା, ଆଶୀର୍ବାଦ ପାଇଁ ଆଜି ଏହି ସଫଳତା ପାଇଛି। ପ୍ରଥମ ଥରରେ ଓପିଏସ୍‌ସି ପରୀକ୍ଷା କ୍ଲିଅର କରିଥିବାରୁ ବହୁତ ଖୁସି ଲାଗୁଛି। ଏଥିପାଇଁ ନିଜେ ପ୍ରସ୍ତୁତି କରିଥିଲି। ମାତ୍ର ମେନ୍ସ କ୍ଲିଅର ପରେ ଶ୍ରେୟାନ୍ସ ଆଇଏଏସ୍ ଏକାଡେମୀରୁ ଇଣ୍ଟରଭ୍ୟୁ ପାଇଁ ପ୍ରସ୍ତୁତି କରିଥିଲି, ଯାହାକି ମୋ ପାଇଁ ଗେମ୍ ଚେଞ୍ଜର୍‌ର କାମ କରିଥିଲା। ଦିନରେ ୭-୮ଘଣ୍ଟା ପରିଶ୍ରମ କରୁଥିଲି। ଆଗକୁ ଚ୍ୟାଲେଞ୍ଜ ଆସିବ, ସେଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡିବ।



**- ଇପ୍ସିତା ପ୍ରିୟଦର୍ଶିନୀ, ର୍‍ୟାଙ୍କ୍ ୬୭, ଲ' କଲେଜ କଲୋନି, କେନ୍ଦ୍ରାପଡ଼ା**

## ପୂର୍ବଥର ମାତ୍ର ୨ମାର୍କ ପାଇଁ କଟିଯାଇଥିଲି



ଲିଷ୍ଟ ଚେକ୍ କରି ଚାଲିଥାଏ, ୫୦ ଟପିଲାଣି ତଥାପି ନାଁ ନାହିଁ। ମନରେ କୌତୂହଳ ବଢୁଥାଏ, ଫାଇନାଲି ମୋ ନାମ ୧୧୨ ର୍‍ୟାଙ୍କ୍‌ରେ ପାଇଲି। ପୂର୍ବଥର ମାତ୍ର ୨ମାର୍କ ପାଇଁ କଟିଯାଇଥିଲି। ବହୁତ ମନ ଦୁଃଖ ହୋଇଥିଲା। କିଛିଦିନ ପରେ ପୁଣି ପ୍ରସ୍ତୁତି ଆରମ୍ଭ କରିଥିଲି। ଘରେ ହିଁ ପ୍ରସ୍ତୁତ ହେଉଥିଲି। ପ୍ରାୟ ୬ରୁ ୮ଘଣ୍ଟା ପଢୁଥିଲି। ଯେଉଁମାନେ ବି ପ୍ରସ୍ତୁତ ହେଉଛନ୍ତି ଆମ ପାଖେ ଥିବା ତଥ୍ୟ ଓ ସୁବିଧାକୁ ଠିକ୍ ବାଟରେ ବ୍ୟବହାର କରି ସଫଳତା ପାଇପାରିବେ।

**- ସଞ୍ଜୟ ମିଶ୍ର, ର୍‍ୟାଙ୍କ୍ ୧୧୨, ଭୁବନେଶ୍ୱର**

## ଚାକିରିରେ ରହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲି



ତୃତୀୟ ଚେଷ୍ଟାରେ ମୁଁ ୨୯୬ ର୍‍ୟାଙ୍କ୍‌ରେ ରହିଛି। ମୁଁ ଚାକିରି କରିବା ସହ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲି। ଯେତିକି ସମୟ ଫାଙ୍କା ମିଳୁଥିଲା, ସେତିକି ସମୟ ପ୍ରସ୍ତୁତିରେ ଦେଉଥିଲି। ପ୍ରଥମଥର ଓଡ଼ିଆ ବିଷୟକୁ କ୍ଲିଅର କରିପାରି ନ ଥିଲି। ପରେ ମୁଁ ଅଧିକ ଫୋକସ୍ ଦେଲି ଓ ମାତ୍ର ୨୦ ମାର୍କ ପାଇଁ ଦ୍ୱିତୀୟ ଆଟେମ୍ପଟ୍‌ରେ ବି ବିଫଳ ହେଲି। ହେଲେ ଚେଷ୍ଟା ଜାରି ରଖିଥିଲି। ମୋ ଭିତରେ କନ୍‌ଫିଡେନ୍ସ ମଧ୍ୟ ବଢୁଥିଲା। ଏଥର ଲିଷ୍ଟରେ ନାଁ ଦେଖି ବହୁତ ଖୁସି ଲାଗୁଛି।

**- ସୌରଭ ପାଣିଗ୍ରାହୀ, ର୍‍ୟାଙ୍କ ୨୯୬, ଭଦ୍ରକ**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରଣଜୀ ଟ୍ରଫି: ଓଡ଼ିଶାର ଦୃଢ଼ ଜବାବ

**ଭୁବନେଶ୍ୱର,୧୯।୧୦(ସରୋଜ ଜେନା)**

କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଓଡ଼ିଶାର ଅଧିନାୟକ ଗୋବିନ୍ଦ ପୋଦ୍ଦାର। ଅବଦୁଲ ସମଦଙ୍କ ଶତକ ବଳରେ ଜମ୍ମୁ କଶ୍ମୀର ୨୭୦ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଓଡ଼ିଶା ୫ ଉଇକେଟ ହରାଇ ୧୯୮ ରନ୍ କରିଛି। ଦଳ ହାତରେ ୫ ଉଇକେଟ ରହିଥିବା ବେଳେ ଏହା ୭୨ ରନ୍ ପଛରେ ରହିଛି। ୬୯.୧ ଓଭରରେ ବର୍ଷା କାରଣରୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୫/୧ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅନୁରାଗ ଷଡଙ୍ଗୀ(୩୫) ଓ ସନ୍ଦୀପ ପଟ୍ଟନାୟକ (୨୬) ତୃତୀୟ ଉଇକେଟରେ ୫୦ ରନ୍ ଯୋଡିଥିଲେ। ସନ୍ଦୀପଙ୍କୁ ଆଉଟ କରି ସାହିଲ ଲୋତ୍ରା ଏହି ଯୋଡି ଭାଙ୍ଗିଥିଲେ। ପରେ ଅଧିନାୟକ ଗୋବନ୍ଦ ପୋଦ୍ଦାର କ୍ରିଜରେ ଯୋଗ ଦେବା ସହ ଚତୁର୍ଥ ଉଇକେଟରେ ଅନୁରାଗଙ୍କ ସହ ୪୫ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୯୭ ରନ୍‌ରେ ଅନୁରାଗ ଆଉଟ ହୋଇଥିଲେ। ପରେ ଭେଟେରାନ୍ ବିପ୍ଳବ ସାମନ୍ତରାୟ(୧) ଓ ଯୁବ ତାରକା କାର୍ତ୍ତିକ ବିଶ୍ୱାଳ(୪) ସହଜରେ ଆଉଟ ହେବାରୁ ଓଡ଼ିଶା ୧୦୬ ରନ୍‌ରେ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଉଭୟ ଖେଳାଳିଙ୍କୁ ଆବିଦ୍ ମୁସ୍ତାକ ଆଉଟ କରିଥିଲେ।

ସଙ୍କଟ ମୟ ପରସ୍ଥିତିରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ୧୪୮ ବଲ୍ ଖେଳି ଅପରାଜିତ ୮୭ ରନ୍ କରିଥିବା ବେଳେ ଉଇକେଟ୍ କିପର ଆଶୀର୍ବାଦ ସ୍ୱାଇଁ(୨୫*)ଙ୍କ ସହ ଯୋଡିଛନ୍ତି ଅବିଭାଜିତ ୯୨ ରନ୍। ଗୋବିନ୍ଦଙ୍କ ଇନିଂସରେ ୮ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ଆଶୀର୍ବାଦ ୯୩ ବଲ୍ ଖେଳି ୨ ଚୌକା ସହ ୨୫ ରନରେ ବ୍ୟାଟିଂ କରୁଛନ୍ତି। ଜମ୍ମୁ କଶ୍ମୀର ପକ୍ଷରୁ ଆବିଦ ମୁସ୍ତାକ ୨, ଆକ୍ୱିବ୍ ଦର, ଉମର ନାଜିର ଓ ସାହିଲ ଲୋତ୍ରା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

### ଗୋବିନ୍ଦ ପୋଦ୍ଦାରଙ୍କ ଅପରାଜିତ ଅର୍ଦ୍ଧଶତକ



**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ ୨୭୦/୧୦। ଓଡ଼ିଶା ପ୍ରଥମ ଇନିଂସ ୬୯.୧ ଓଭରରେ ୧୯୮/୫ (ଗୋବିନ୍ଦ ପୋଦ୍ଦାର-୮୭*, ଅନୁରାଗ ଷଡଙ୍ଗୀ-୩୫, ସନ୍ଦୀପ ପଟ୍ଟନାୟକ-୨୬, ଆବିଦ୍ ମୁସ୍ତାକ-୨/୫୨, ସାହିଲ ଲୋତ୍ରା-୧/୨୫, ଉମର ନାଜିର-୧/୨୯, ଆକ୍ୱିବ ଦର-୧/୨୭)।

# ଶ୍ରୀହାନ୍, ସ୍ନେହାଯୁକ୍ତା ଟପ୍‌ସିଡ୍

**ଭୁବନେଶ୍ୱର, ୧୯।୧୦ (ବିଜୟ ରଣା):** ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷ ଗେଟ୍ ହଲ୍ ପରିସରରେ ରାଜ୍ୟ ୧୪ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ଓ ବରିଷ୍ଠ ସଦସ୍ୟ (କଟକ ଜିଲା ଚେସ୍ ସଂଘ) ପ୍ରଦ୍ୟୁମ୍ନ କେଶରୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଚେସ୍ ସଂଘର ମୁଖ୍ୟ ଉପଦେଷ୍ଟା ରଞ୍ଜନ ମହାନ୍ତି, ଫନିନ୍ଦ୍ରନାଥ ମହାନ୍ତି (ଉପଦେଷ୍ଟା), ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, କ୍ରୀଡ଼ା ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବିଶୋଇ, ସମ୍ପାଦକ ଅଜୟ କୁମାର ନାୟକ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ସୁଦ୍ଧା ବାଳିକା ବର୍ଗରେ ସ୍ନେହାଯୁକ୍ତା ବେହେରା, ଜୟଲକ୍ଷ୍ମୀ ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଇଶାନି ଦାସ ପ୍ରମୁଖ ୨ ପଏଣ୍ଟ ସହ ଅଗ୍ରଣୀ ଲାଭ କରିଛନ୍ତି। ସେହିପରି ଓପନ ବର୍ଗରେ ଶ୍ରୀହାନ ସାବତ, ସ୍ୱସ୍ତିକା ଶୁଭମ ପଟ୍ଟନାୟକ, ପ୍ରତ୍ୟାଶା ଜେନା, ଆର୍ୟ୍ୟନ ବେହେରା, ଆଦିତ୍ୟ ବିକ୍ରମ, ଲଳିତ ରଞ୍ଜନ ସାହୁ, ବିଶ୍ୱଜିତ ରାୟ, ଦେବର୍ପିତ ମିଶ୍ର, ସନ୍ଦିପା ପ୍ରିୟଦର୍ଶିନୀ ସାହୁ, ରିତ୍ୱିକ ରାଜ ମିଶ୍ର, କେ. ସାଇକ୍ରିଷ୍ଣା ଦୋରା, ଈଶାନ ପାଣିଗ୍ରାହୀ ପ୍ରମୁଖ ମିଳିତ ଅଗ୍ରଣୀ ଲାଭ କରିଛନ୍ତି।

# ୧୧୮ ଖେଳାଳିଙ୍କ ଅଂଶଗ୍ରହଣ


ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ଭୁବନେଶ୍ୱର,୧୯।୧୦(ସରୋଜ ଜେନା)**

### ୟୋନେକ୍ସ ସନ୍‌ରାଇଜ ମିନି ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ

ଭୁବନେଶ୍ୱରର ପୋଖରୀପୁଟରେ ଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅଲ ଓଡ଼ିଶା ୟୋନେକ୍ସ ସନ୍‌ରାଇଜ ମିନି (୧୧ ବର୍ଷରୁ କମ୍), ସବ୍‌ଜୁନିୟର(୧୩ ବର୍ଷରୁ କମ୍) ବାଳିକା ଓ ବାଳକ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ବର୍ଷିୟାନ ବ୍ୟାଡ୍‌ମିଣ୍ଟନ ଖେଳାଳି କମଲ ଦାସ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୧ ବର୍ଷ ବୟସ ବର୍ଗରେ କଟକର ଅର୍ଣ୍ଣବ ସାହୁ ୨୧-୧୨, ୨୧-୧୪ରେ ଭୁବନେଶ୍ୱରର ଆୟୁଷ ମିଶ୍ରଙ୍କୁ, ୧୧ ବର୍ଷ ବାଳିକା ଡବଲ୍ସରେ ସମ୍ବଲପୁରର ଆରଣି ବେହେରା ଏବଂ ଅଲିନାରାଜ ୨୧-୧୬, ୨୧-୧୧ରେ କଟକ-ଭୁବନେଶ୍ୱର ଯୋଡି ଅମ୍ରିତା ରାଉତ ଓ ସାଇପ୍ରିୟା ସୁବୁଦ୍ଧିକୁ ହରାଇଛନ୍ତି। ୧୩ ବର୍ଷ ବୟସ ବାଳକ ସିଙ୍ଗଲ୍ସରେ ପୀୟୁଷ ରଞ୍ଜନ ବେହେରା, ନମନ ଗୁପ୍ତା, ଖୋର୍ଦ୍ଧାର ପୁନିତ ବେହେରା, ସମ୍ବଲପୁରର ଲିସ୍ବମ ବାର, ଆଦିତ୍ୟ ପଧାନ, ଆଦିତ୍ୟ ସାହୁ, ଅନୁରୂପ ସାହୁ, ଆୟୁଷ ମିଶ୍ର, ଅଦ୍ୱୈତ ଦ୍ୱିବେଦୀ, ଆୟୁଦ୍ଧ ପଟ୍ଟନାୟକ, ଭଦ୍ରକର ସାଇଜ୍ୟୋତି ପରିଡା, ହେମକେଶ ମହାପାତ୍ର, ଋତୁରାଜ ପଟେଲ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୩ ବର୍ଷ ବୟସ ବାଳିକା ସିଙ୍ଗଲ୍ସରେ ଆଦ୍ୟାଶା ସାହୁ, ଶୁଭସ୍ମିତା ଛତ୍ରିଆ, ସରାୟା ପିନିତି, ସମୃଦ୍ଧିରାଜ ବିଶ୍ୱାଳ, ରିଷିକା ଦାଶ, ଆରାଧନା ବେବର୍ତ୍ତା, ତମନ୍ନା ତାରା ସାହୁ ଓ ଦର୍ଶନା ଜଗଦ୍ଦେବ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୟପ୍ରକାଶ ଜେନା, ନିରଞ୍ଜନ ବିଶ୍ୱାଳ, ଅଜିତ ମହାନ୍ତି, ଅବଦୁଲ ହାକିମ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

# ୨୨ରୁ ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୧୯।୧୦ (ସରୋଜ ଜେନା)**

ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଞ୍ଚେଶ୍ୱରସ୍ଥିତ ପୂର୍ବତଟ ରେଳବାଇ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୨୨ରୁ ୨୫ତାରିଖ ଯାଏ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ୧୪ଟି ପୂର୍ବାଞ୍ଚଳ ରାଜ୍ୟର ୧୦୦ରୁ ଅଧିକ ଖେଳାଳି ଯୋଗଦେବେ। ମହାଲେଖାକାର ବିଶ୍ୱନାଥ ସିଂହ ଜାଡ଼ନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ସଞ୍ଜୟ କୁମାର, ସଚିନ କ୍ରିଷ୍ଣା କୌଶିକ, ବାଲକ୍ରୀଷ୍ଣା ନାଲ୍ଲାମୋଥୁ, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପୁରୁଷୋତ୍ତମ ବଳ, ସହକାରୀ ଅଡିଟ ଅଫିସର ଚିତ୍ରସେନ ମହାନ୍ତି ଯୋଗଦେଇଥିଲେ ।

# ରାଜମାତା ଜିଜାବାଈ ଟ୍ରଫି: ବିଜୟରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର,୧୯।୧୦(ସରୋଜ ଜେନା)**

### ପ୍ୟାରୀ, ସୁଭଦ୍ରାଙ୍କ ଡବଲ୍ ଗୋଲ୍

ରାଜମାତା ଜିଜାବାଈ ଟ୍ରଫି ସିନିୟର ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଲଦାଖକୁ ୭-୦ରେ ହରାଇ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଦଳ ପକ୍ଷରୁ ପ୍ୟାରୀ ଖାଖା(୨୭ ଓ ୩୫) ଓ ସୁଭଦ୍ରା ସାହୁ(୨୨ ଓ ୪୧) ମିନିଟରେ ଡବଲ୍ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଳତୀ ମୁଣ୍ଡା (୭୧ ମିନିଟ), ମନୀଷା ନାୟକ(୬୮ ମିନିଟ) ଓ ଦୀପା ନାୟକ(୮୪ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ପ୍ରଥମରୁ ଓଡ଼ିଶା ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଦଳ ପକ୍ଷରୁ ପ୍ରଥମ ହାଫ୍‌ରେ ହିଁ ପ୍ୟାରୀ ଖାଖା ଓ ସୁଭଦ୍ରା ଦୁଇଟି ଲେଖାଏ ଗୋଲ୍ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଓଡ଼ିଶା ୪-୦ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଦଳ ଆଉ ୩ ଗୋଲ ସ୍କୋର କରିଥିଲା।

# ଭାରତରେ ଏସୀୟ ମହିଳା ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୧୯।୧୦ (ପି.ଟି.):** ଭାରତରେ ପ୍ରଥମ ଥର ଏସୀୟ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ହେବାକୁ ଯାଉଛି। ଡିସେମ୍ବର ୧ରୁ ୧୦ ଏହା ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟ କାଜାଖସ୍ତାନର ଅଲ୍‌ମାଟିଠାରେ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଟୁର୍ଣ୍ଣାମେଣ୍ଟର ସ୍ଥାନ ପରିବର୍ତ୍ତନ କରାଯାଇଛି। ଏଥିରେ ଭାଗ ନେଉଥିବା ହେଭିୱେଟ ଦଳଗୁଡ଼ିକ ମଧ୍ୟରେ ଭାରତ ବ୍ୟତୀତ ଇରାନ, ଦକ୍ଷିଣ କୋରିଆ, ଚାଇନା, ଜାପାନ, କାଜାଖସ୍ତାନ, ହଂକଂ ଓ ସିଙ୍ଗାପୁର ରହିଛି। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ୪ ଦଳ ଆସନ୍ତାବର୍ଷ ଜର୍ମାନୀ ଓ ନେଦରଲାଣ୍ଡଠାରେ ହେବାକୁଥିବା ଆଇଏଚ୍‌ଏଫ୍ ବିଶ୍ୱ ମହିଳା ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହି ଏସୀୟ ଟୁର୍ଣ୍ଣାମେଣ୍ଟରେ ଭାରତ ୮ଥର ଭାଗ ନେଇଛି। ଦଳ ୨୦୦୦ ଓ ୨୦୨୨ରେ ଶ୍ରେଷ୍ଠ ପ୍ରଦର୍ଶନ ସହ ୬ଷ୍ଠ ସ୍ଥାନ ଅଧିକାର କରିଥିଲା।

# ଜାପାନକୁ ହରାଇ ଭାରତର ଅଭିଯାନ

**ଜୋହର, ୧୯।୧୦ (ପି.ଟି.):** ଭାରତ ୪-୨ ଗୋଲ୍‌ରେ ଜାପାନକୁ ହରାଇ ଏଠାରେ ଚାଲିଥିବା ସୁଲ୍‌ତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ଅମିର ଅଲି (୧୨ତମ ମିନିଟ), ଗୁର୍‌ଜୋତ ସିଂ (୩୬ତମ), ଆନନ୍ଦ ସୌରଭ କୁଶାହା (୪୪ତମ) ଓ ଅଙ୍କିତ ପାଲ୍ (୪୭ତମ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଟିସୁବାସା ଟାନାକା (୨୬ତମ) ଓ ରାକୁସି ୟାମାନାକା (୫୭ତମ) ଜାପାନ ପକ୍ଷରୁ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଗୋଲ ସୁଯୋଗ ଲକ୍ଷ୍ୟରେ ରହିଥିଲା। ୧୨ତମ ମିନିଟରେ ଦଳ ଜାପାନ ଡିଫେନ୍ସକୁ ଭେଦ କରିବାରେ ସଫଳ ରହିଥିଲା। ଅମିର ଅଲି ଏକ ଚମତ୍କାର ଗୋଲ୍ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଜାପାନ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ରହିଥିଲା। ୨୬ତମ ମିନିଟରେ ଟିସୁବାସା ଟାନାକାଙ୍କ ଗୋଲ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ଏହା ସତ୍ତ୍ୱେ ଭାରତ ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲା। ମଧ୍ୟାନ୍ତରର ୬ମିନିଟ୍ ପରେ ଗତମାସରେ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସିନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଗୁର୍‌ଜୋତ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ସ୍କୋର କରି ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ରବିବାର ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବ।


# Classified Everyday
0674-2580101, 2549949




**BRIDE WANTED**

Carpenter Boy 30 B.Tech, PSU Engineer, required qualified girl. 9040877205. D-1603

**GROOM WANTED**

Beautiful Gopal girl 1993, 5'3", B.Tech Serving Tata Steel Jamshedpur. SUNASANSAR-9937512659. D-76000




**5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668.** D-75999

Reputed Construction Company Wanted 2 Acre Gharabari Yellowzone Land with 30' Road on Sharing Basis for Duplex Projects. 9938219397, 9861022055. D-1694

Puri Seabeach location a Hotel for sale contact me. 8018702198. D-1695

**3 BHK Garden-Facing flat in Vipul Garden, near Sum hospital in Kalinga Nagar, Bhubaneswar with study and servant room, 4 balconies, furnished with wardrobes and a modular kitchen is available for sale @ Rs.1.55 cr., Please contact: 8104625041.** D-1697

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1692

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

 କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **plot** କିଣନ୍ତୁ। **9078699286.** D-75998

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

(Sale/ Sharing), ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋ ହାଇସ୍କୁଲ ନଡ଼ିଆପୋଖରୀ ଚଣ୍ଡୀମନ୍ଦିର ରାସ୍ତାରେ ଗାଡ଼ୱାଲ, ବାଉଣ୍ଡରି, ରାସ୍ତା, ବିଦ୍ୟୁତ୍ ସଂଯୋଗ ଥାଇ ଶାନ୍ତି ଓ ସୁସ୍ଥ ପରିବେଶରେ ୨ଏକର ଘରବାରି ଜାଗା ଓ ପ୍ଲଟ୍ ବିକ୍ରି କରାଯିବ। ଇଚ୍ଛୁକ ବ୍ୟକ୍ତି ସଙ୍ଗେସଙ୍ଗେ ରେଜିଷ୍ଟ୍ରେଶନ ସହ ଘର କରି ରହିପାରିବେ। ଯୋଗାଯୋଗ ନଂ.- 8917664737, 9937281897. D-1656

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-1693




**Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856.** D-1449

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits SPA special offer @ 799 Bapujinagar. 8018429809. D-76164

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

**AFFIDAVIT**

Affidavit before Executive Magistrate, Khallikote, I, K. Chimnaya Patra (59), S/o- K. Dandasi Patra (As per Aadhaar Card), At- Kharinipada, P.O.- Bania, P.S./Tahasil- Khallikote State that my name wrongly recorded Voter Identity Card vide No.- DXH0997858 as K. Lachhiga Patra, S/o- K. Dandasi Patra and my Bank account recorded as Locheya Patra, S/o- Dandasi Patra. Both K. Lachhiga Patra, Locheya Patra and K. Chimnaya Patra, S/o- K. Dandasi Patra one and same person. D-1700

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Jaipur City, Rajasthan dated 23.08.2024 I, Lipsa Mohanty, W/o Jyotiranjan Nayak, Address- Plot No.- 1098, Satyabhama Building, Nayapalli, Bhubaneswar- 751012, declare that I have changed my daughter's name from Kavya Krishnatmika Nayak to KRISHNAATMIKA NAYAK. Henceforth, she shall be known as KRISHNAATMIKA NAYAK for all purposes. D-1699

By virtue of an affidavit No.-69AA 532448 sworn before the Executive Magistrate, Kalahandi, dated 18.10.2024 I, Abilash Ganesh Kanna, resident of 23 ¼ Ottar Street, Old Ayakudi, Ayakudi Dindigul, Tamilnadu-624613, At/pr- Residence of Superintendent of Police, Kalahandi, Bhawnipatna declare that, I have changed my name from Abilash G to Abilash Ganesh Kanna. Henceforth, I shall be known as Abilash Ganesh Kanna for all purposes. (Abilash Ganesh Kanna) D-1703

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନେ ପଡ଼ନ୍ତି

**୪୦ ଦିନର ଶୋକ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସଲୋମନ ଲିମା**

ଆବିର୍ଭାବ: ୧୭।୦୩।୧୯୪୧
ତିରୋଧାନ: ୧୧।୦୯।୨୦୨୪

ହଁ ବାପା ତୁମେ ପରମେଶ୍ୱରଙ୍କ ସହ ଅବସ୍ଥାନ କରିବାକୁ ଗଲ। ତୁମ ବିହୁନେ ଆମେ ଏହି ନଶ୍ୱର ସଂସାରରେ ଆଧ୍ୟାତ୍ମିକତାରେ ଅନାଥ ହେଲୁ। ତୁମେ ଦେଇଯାଇଥିବା ସଂସ୍କାର, ନୈତିକ ଶିକ୍ଷା ସଂକ୍ଷେପ, ଧ୍ୟାନ ମାର୍ଗରେ ଅଗ୍ରସର ହେବାକୁ ଚେଷ୍ଟିତ। ଆତ୍ମମାନଙ୍କ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ପରମେଶ୍ୱରଙ୍କୁ ଗୁହାରୀ କର। ପ୍ରଭୁଙ୍କ ଚିରଶାନ୍ତି ପାଅ ବୋଲି ଆମ ପରିବାର ପ୍ରାର୍ଥନାରେ ସ୍ମରଣ କରୁଛୁ।

ସୌଜନ୍ୟ: ଅନୁଗ୍ରହ ପରିବାର ପ୍ରାର୍ଥନା ଦଳସଭ୍ୟ ସଭ୍ୟା, ବନ୍ଧୁ ସମ୍ପର୍କୀୟ ଲିମା ପରିବାରବର୍ଗ।

ଧ-୧୬୮୪

**ଏକାଦଶାହ ଉପଲକ୍ଷେ**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୬ କୃତ୍ତିବାସ ମହାପାତ୍ର**

(ଅବସରପ୍ରାପ୍ତ ବାଣିଜ୍ୟ କର ଅଧିକାରୀ)
ନୂଆପଡା, ନୂଆବଜାର, କଟକ

ଆବିର୍ଭାବ: ୨୫.୧୦.୧୯୫୧
ତିରୋଧାନ: ୧୦.୧୦.୨୦୨୪

ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମ ସଭିଙ୍କୁ ବ୍ୟଥାତୁର କରୁଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମ କାରୁଣିକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭେମାନେ ପ୍ରାର୍ଥନା କରୁଅଛୁ।

**- ଶୋକ ସନ୍ତପ୍ତ -**

ସହଧର୍ମିଣୀ-ମୀନା, ସାନ ଭାଇ- ବୋହୂ: ସୁନି-ଜ୍ୟୋତ୍ସ୍ନା, ଭଉଣୀ-ଭିଣୋଇ:ଜିନା-ବିଜୟ ଓ ଟିକି-କ୍ଷେତ୍ର ମୋହନ, ପିଲାମାନେ: ଆଲୁ-ଲୁସି, ଲୁଲୁ-ଅନୁ, ବେବୀ-ମୁନା, ଟୁଲୁ-ଲିଜା, ପିଲୁ-କଣ୍ଢେଇ, ଇଲୁ-ଅନ୍ନପୂର୍ଣ୍ଣା, ନାତି ନାତୁଣୀ: ଟିକି, ଗୁଡୁ, ଚୁନୁମୁନି, ଗୁଡୁ, ଖୁସି, ତ୍ରିସା, ଇଶାନ, ଇହାନ୍

ଧ-୧୬୯୮

# ପାଣିପାଗ ପରିବର୍ତ୍ତନ

**କେତେବେଳେ ପ୍ରବଳ ଗରମ, ଗୁଳୁଗୁଳି ତ ଆଉ କେତେବେଳେ ଜୋର୍ ବର୍ଷା। ହଠାତ୍ ଏଭଳି ପାଣିପାଗ ପରିବର୍ତ୍ତନ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ଏମିତିରେ ନିଜକୁ ଫିଟ୍ ରଖିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ...**









ସରିଆସିଲାଣି ଅକ୍ଟୋବର। ହେଲେ ଏଯାଏ କମୁନି ଖରାର ପ୍ରକୋପ। ଏମିତିକି ରାତିରେ ବି ଅନୁଭବ ହେଉଛି ଗରମ। ପୁଣି କେବେ ହଠାତ୍ ହେଉଛି ପ୍ରବଳ ବର୍ଷା। ଏଭଳି ପାଣିପାଗ ପରିବର୍ତ୍ତନ ଅନେକଙ୍କ ସ୍ୱାସ୍ଥ୍ୟ ଉପରେ ପକାଉଛି ନକାରାତ୍ମକ ପ୍ରଭାବ। ତେଣୁ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...

**ରୁହନ୍ତୁ ସତର୍କ:** ପ୍ରବଳ ଖରା ପୁଣି ହଠାତ୍ ବର୍ଷା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ବର୍ତ୍ତମାନ ଚାଲିଥିବା ଅଦିନିଆ ବର୍ଷା ବାହାରକୁ ବାହାରିବାରେ ଅସୁବିଧା ସୃଷ୍ଟି କରୁଛି ଏବଂ ବର୍ଷାପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଅଧିକାଂଶଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ତେଣୁ ବାହାରକୁ ଯିବା ବେଳେ ହଠାତ୍ ବର୍ଷାରୁ ରକ୍ଷା ପାଇବା ଲାଗି ପାଖରେ ରେନିକୋଟ୍, ଛତା ରଖନ୍ତୁ। ପାଖରେ ହଳେ ଏକ୍ସଟ୍ରା ଡ୍ରେସ୍ ରଖିଲେ ଭଲ। ଯଦି ବର୍ଷାରେ ଭିଜିଯାଆନ୍ତି, ତେବେ ତୁରନ୍ତ ଭଲ ଭାବେ ପୋଛି ହୋଇ ଶୁଖିଲା ପୋଷାକ ପିନ୍ଧନ୍ତୁ, ନଚେତ୍ ଦେହରେ ଅଧିକ ସମୟ ଓଦା ପୋଷାକ ରହିବା ଯୋଗୁ ଥଣ୍ଡା, କାଶ, ଜ୍ୱର ସହ ଚର୍ମରୋଗ ବିଶେଷକରି ଫଙ୍ଗାଲ ଇନ୍‌ଫେକ୍ସନ ହେବାର ଆଶଙ୍କା ବଢ଼ିପାରେ।

**ଶରୀରକୁ ହାଇଡ୍ରେଟ୍ ରଖନ୍ତୁ:** ଗୁଳୁଗୁଳି ଯୋଗୁ ଅଧିକ ଝାଳ ହେଉଥିବାରୁ ଅନେକଙ୍କଠାରେ ଜଳୀୟାଂଶ କମିଯାଇ ଡିହାଇଡ୍ରେଶନ୍ ସହ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ। ହେଲେ ଏଦିନେ ବର୍ଷାରେ ଏହି ସମସ୍ୟା ଅଧିକ ବଢ଼ିଯାଏ। ଏହାର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳ ଅଧିକ ଶୁଷ୍କ ଥିବାରୁ ଧୂଳିକଣା ଆକାରରେ ଥିବା କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ, ଯାହାକି ବର୍ଷା ଆକାରରେ ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ୍ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ। ଏସବୁ ଦୂର କରିବା ଲାଗି ଶରୀରକୁ ହାଇଡ୍ରେଟ୍ ରଖିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରଚୁର ପରିମାଣରେ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

**ଖାଦ୍ୟ ବଢ଼ାଇବ ଇମ୍ୟୁନିଟି ପାୱାର:** ବର୍ତ୍ତମାନ ଅନେକଙ୍କଠାରେ ଥଣ୍ଡା, ଜ୍ୱର, କାଶ ଆଦି ଭଳି ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ଗରମରୁ ଥଣ୍ଡା କିମ୍ବା ଲଘୁଚାପ, ହଠାତ୍ ଝଡ଼ତୋଫାନ ଆଦି ଯୋଗୁ ହେଉଥିବା ପାଣିପାଗ ପରିବର୍ତ୍ତନ। ତେଣୁ ଏଭଳି ସିଜ୍‌ନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡରଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ। ମସଲାଯୁକ୍ତ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଏହାବ୍ୟତୀତ ଭିଟାମିନ୍ ବି-୬, ଏ, ସି, ଇ ସହିତ ଜିଙ୍କ୍, ପୋଟାସିୟମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ।

**କରନ୍ତୁ ଶାରୀରିକ ବ୍ୟାୟାମ:** କିଛିଦିନ ହେବ ସକାଳୁଆ ଖରାର ପ୍ରକୋପ ଏତେ ଅଧିକ ରହୁଛି ଯେ, ବାହାରକୁ ଯାଇ ଏକ୍ସରସାଇଜ୍, ସାଇକ୍ଲିଂ କରିବା କଷ୍ଟ ହୋଇ ପଡୁଛି। ପୁଣି କେତେବେଳେ ହଠାତ୍ ବର୍ଷା ମଧ୍ୟ ଏଥିପାଇଁ ବାଧକ ସାଜୁଛି। ହେଲେ ଯଦି ବାହାର ଖୋଲା ଜାଗାରେ ଏକ୍ସରସାଇଜ୍ ନ କରୁଛନ୍ତି, ତେବେ ଘର ଭିତରେ ବିଭିନ୍ନ ଯୋଗ, ବ୍ୟାୟାମ କରି ନିଜକୁ ଫିଟ୍ ରଖନ୍ତୁ। କାରଣ ଏଭଳି ପାଣିପାଗ ପରିବର୍ତ୍ତନ ଭିତରେ ନିଜକୁ ଫିଟ୍ ରଖିବାର ସବୁଠୁ ବଡ଼ ବଡ଼ ମନ୍ତ୍ର ହେଉଛି ଯୋଗ ଏବଂ ବ୍ୟାୟାମ।

**ସତର୍କତା ଅବଲମ୍ବନ ଜରୁରୀ:** ପାଣିପାଗ ପରିବର୍ତ୍ତନ, ଲଘୁଚାପ ଏବଂ ଏଥିପାଇଁ ବାତ୍ୟା ହେବାକୁ ନେଇ ବର୍ତ୍ତମାନ ବାରମ୍ବାର ସତର୍କ ସୂଚନା ଦିଆଯାଉଛି। ତେଣୁ ବର୍ତ୍ତମାନର ସମ୍ବେଦନଶୀଳ ସମୟରେ ସର୍ବଦା ବାହାରକୁ ଯିବା ପୂର୍ବରୁ ରେଡିଓ, ଟିଭି, ଇଣ୍ଟରନେଟ୍ ଆଦିରୁ ପାଣିପାଗ ସୂଚନା ଦେଖିବାକୁ ଭୁଲନ୍ତୁ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜୋର୍ ବର୍ଷା ଏବଂ ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ୍‌ରେ କଥା ହେବାଠାରୁ ଦୂରେଇ ରୁହନ୍ତୁ। ଏହାର ଡାଟା ଅନ୍ ଥିଲେ ଅଫ୍ କରନ୍ତୁ, ଚାର୍ଜରେ ବସିଥିଲେ ତୁରନ୍ତ କାଢ଼ିଦିଅନ୍ତୁ। ଫୋନ୍ ସୁଇଚ୍‌ଅଫ୍ କରିଦେବା ଭଲ। ନଚେତ୍ ଏହା ବ୍ଲାଷ୍ଟ ହେବା ଯୋଗୁ ଜୀବନ ଯିବାର ବି ଆଶଙ୍କା ରହିଛି।







## ଏ ସପ୍ତାହର ପ୍ରଶ୍ନ

୧- ............ ପକ୍ଷରୁ ଯୁବ ସଂଗମ ପୋର୍ଟାଲ୍ ଆରମ୍ଭ କରାଯାଇଛି ?
୨- ଫ୍ରୁଟ୍‌ରଟ୍ ରୋଗ .......... ଯୋଗୁ ହୋଇଥାଏ ?
୩- ମାଉଣ୍ଟ ଧଉଳିଗିରି ............ରେ ଅବସ୍ଥିତ ?
୪- ମାଇଣ୍ଡ ଫୁଲ୍‌ନେସ୍ ଇଣ୍ଡିଆ ସମିତି .........ଠାରେ ଆୟୋଜିତ ହୋଇଥିଲା ?
୫- ୨୦୨୪ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ବିଜୟୀ ସାଉଥ୍ କୋରିଆର ବିଶିଷ୍ଟ ଲେଖକ ............. ?

## ଗତ ଥରର ଉତ୍ତର

୧ ପେରୁ
୨ ଆବୁଧାବି
୩ ସ୍ପାଇରାଲ୍ ଗାଲାକ୍ସି
୪ ସିକନ୍ଦରାବାଦ
୫ ବାଲ୍ ଗଙ୍ଗାଧର ତିଲକ

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଭାଗ୍ୟଶ୍ରୀ ହଂସ
କଳାହାଣ୍ଡି



ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦାମୀ ଆକ୍ୱାରିୟମ୍ ମାଛ



୧- ପ୍ଲାଟିନମ୍ ଆରୋୱାନା............................ ୪୦୦.୦୦୦ ଡଲାର
୨- ଫ୍ରେଶ୍ ୱାଟର ପୋଲ୍‌କାଡଟ୍ ଷ୍ଟିଙ୍ଗରେ ............. ୧୦୦, ୦୦୦ ଡଲାର
୩- ପିପରମିଣ୍ଟ ଆଞ୍ଜେଲ୍‌ଫିଶ୍ .......................... ୩୦,୦୦୦ ଡଲାର
୪- ମାସ୍କଡ୍ ଆଞ୍ଜେଲ୍‌ଫିଶ୍............................... ୨୦,୦୦୦ ଡଲାର
୫- ବ୍ଲେଡ୍‌ଫିନ୍ ବାସ୍‌ଲେଟ୍ ............................... ୧୦,୦୦୦ ଡଲାର
୬- ଗୋଲ୍ଡେନ୍ ବାସ୍‌ଲେଟ୍ ............................... ୮,୦୦୦ ଡଲାର
୭- ନେପ୍‌ଚ୍ୟୁନ୍ ଗ୍ରୁପର୍.................................... ୬,୦୦୦ ଡଲାର
୮- ଅଷ୍ଟ୍ରେଲିଆନ୍ ଫ୍ଲାଟ୍‌ହେଡ୍ ପର୍ଚ......................... ୫,୦୦୦ ଡଲାର
୯- ରଟ୍ ଆଇରନ୍ ବଟରଫ୍ଲାଏ ଫିଶ୍ ..................... ୨,୭୦୦ ଡଲାର
୧୦- କ୍ଲାରିଅନ୍ ଆଞ୍ଜେଲ୍‌ଫିଶ୍ ........................... ୨,୫୦୦ ଡଲାର

## ଜାଣନ୍ତୁ ଦୁନିଆ

### କାନାଡା

**ଉତ୍ତର ଆମେରିକାର ଏକ ବଡ଼ ଦେଶ ହେଉଛି କାନାଡା। ପ୍ରାକୃତିକ ସୌନ୍ଦର୍ଯ୍ୟ, ସାଂସ୍କୃତିକ ବିବିଧତା, ଶାନ୍ତିପ୍ରିୟ ନୀତି, ଉଚ୍ଚ ଜୀବନଶୈଳୀ ପାଇଁ ଏହି ଦେଶ ବିଶ୍ୱ ଦରବାରରେ ବେଶ୍ ପ୍ରସିଦ୍ଧ। ଏହା ସମ୍ପର୍କରେ କିଛି ତଥ୍ୟ...**

■ କ୍ଷେତ୍ରଫଳ ହିସାବରେ କାନାଡା ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ଦେଶ।

■ ଏହି ଦେଶରେ ପୃଥିବୀର ପ୍ରାୟ ୨୦ଭାଗ ତାଜା ପାଣି ଗଚ୍ଛିତ ରହିଛି। ଅନ୍ୟ ସବୁ ଦେଶଠାରୁ ଅଧିକ ସଂଖ୍ୟକ ଅର୍ଥାତ୍ ପ୍ରାୟ ୩୧,୭୦୦ରୁ ଊର୍ଦ୍ଧ୍ୱ ହ୍ରଦ ଏଠାରେ ରହିଛି। ୨୦୨,୦୮୦ କିଲୋମିଟର ବିଶିଷ୍ଟ ଦୁନିଆର ସବୁଠାରୁ ବଡ଼ ତଟରେଖା ଏହି ଦେଶରେ ରହିଛି।

■ ଏହି ଦେଶରେ ମୁଖ୍ୟତଃ ଇଂଲିଶ୍ ଏବଂ ଫ୍ରେଞ୍ଚ୍ ଦୁଇଟି ସରକାରୀ ଭାଷା ଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ମାତୃଭାଷା ବ୍ୟବହୃତ ହୋଇଥାଏ।

■ ଏହି ଦେଶରେ ପ୍ରାୟ ୧.୪ରୁ ଊର୍ଦ୍ଧ୍ୱ ଆଦିବାସୀ ବାସ କରନ୍ତି।

■ ଏହି ଦେଶରେ ସାକ୍ଷରତା ହାର ଦୁନିଆରେ ସବୁଠୁ ଅଧିକ, ଅର୍ଥାତ୍ ଏଠାରେ ୯୯% ବାସିନ୍ଦା ଶିକ୍ଷିତ।

■ ୧୯୭୧ ମସିହାରେ କାନାଡା ସରକାରୀ ସ୍ତରରେ ଆପ୍ରବାସନ ନିୟମ (ଓପନ ଇମିଗ୍ରେଶନ୍ ପଲିସି) ଆରମ୍ଭ କରିଥିଲା। ସେବେଠୁ ପୃଥିବୀର ବିଭିନ୍ନ ଦେଶର ଲୋକେ ଏଠାରେ ଘର କରିବା ଆରମ୍ଭ କଲେ।



■ କାନାଡା ଏବଂ ସଂଯୁକ୍ତ ରାଷ୍ଟ୍ର ଆମେରିକା ମଧ୍ୟରେ ଥିବା ସୀମା ପୃଥିବୀର ସର୍ବବୃହତ୍ ସେନାବିହୀନ ସୀମା।

■ ପୃଥିବୀର ସର୍ବବୃହତ୍ ଦ୍ୱୀପ୍ ଗ୍ରୀନ୍‌ଲାଣ୍ଡ କାନାଡାରେ ଅବସ୍ଥିତ।

■ ଏହା ଏକ ଥଣ୍ଡା ଦେଶ। ଏଠାରେ ଥିବା ୟୁକୋନ ନାମକ ସ୍ଥାନରେ ୧୯୪୭ ମସିହା ଫେବୃଆରୀ ୩ ତାରିଖରେ ସବୁଠାରୁ କମ୍-୬୩ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା।

■ ପୃଥିବୀର ସର୍ବବୃହତ୍ ଜାତୀୟ ରାଜପଥ (ନ୍ୟାଶନାଲ୍ ରୋଡ୍) ରହିଛି କାନାଡାରେ, ଯାହାର ନାମ ଟ୍ରାନ୍ସ କାନାଡା ହାଇୱେ। ଏହାର ଲମ୍ବ ୪୮୬୦ ମାଇଲ୍।



## ଯୁଥ୍ ଆଲର୍ଟ

# ଚଷମା ବ୍ୟବହାର କରୁଥିଲେ

**ଚକ୍ଷୁ ସମସ୍ୟା କାରଣରୁ ହେଉ କିମ୍ବା ଧୂଳି, ସୂର୍ଯ୍ୟକିରଣ, କମ୍ପ୍ୟୁଟର ରେଡିଏଶନ୍ ଆଦିରୁ ଚକ୍ଷୁକୁ ସୁରକ୍ଷା ଦେବା ଅବା ଫ୍ୟାଶନ୍ ଲାଗି ବର୍ତ୍ତମାନ ଅଧିକାଂଶ ଯୁବତୀ ଯୁବକ ଚଷମା ବ୍ୟବହାର କରୁଛନ୍ତି। ହେଲେ ଏହାକୁ ବ୍ୟବହାର କରୁଥିଲେ କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ରଖିବା ଆବଶ୍ୟକ...**

⏭ ଚଷମା କିଣିବା ପୂର୍ବରୁ ପ୍ରଥମେ ଏହାକୁ ପିନ୍ଧି ଚେକ୍ କରନ୍ତୁ ଏହା ଆଖିକୁ କ୍ଲିଅର୍ ଏବଂ କମ୍ଫର୍ଟେବଲ୍ ଭିଜନ୍ ଦେଉଛି ନା ନାହିଁ। ବିଶେଷକରି ପାୱାର ଚଷମା କିଣୁଥିଲେ ପ୍ରଥମେ ଆଖିର ପାୱାର୍ ଠିକ୍ ଭାବେ ଚେକ୍ କରନ୍ତୁ। ନହେଲେ ଏହାଦ୍ୱାରା ପରବର୍ତ୍ତୀ ସମୟରେ ଆଖି ଉପରେ ପ୍ରେସର ପଡ଼ିବା ସହ ବିଭିନ୍ନ ସମସ୍ୟା ଉପୁଜିପାରେ।

⏭ ଚଷମାକୁ ସବୁବେଳେ ଦୁଇ ହାତରେ ଧରି ପିନ୍ଧନ୍ତୁ ଏବଂ କାଢନ୍ତୁ। କାରଣ ଗୋଟିଏ ହାତରେ ଧରିଲେ ଫ୍ରେମ୍ ବଙ୍କା ହୋଇଯିବାର ଆଶଙ୍କା ରହିଛି, ଯଦ୍ୱାରା ଆଖିରେ ମଧ୍ୟ ପ୍ରେସର ପଡ଼ିଥାଏ।

⏭ ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ଡିଜାଇନ୍ ଫ୍ରେମ ଥିବା ଚଷମା ଉପଲବ୍ଧ। ହେଲେ ଷ୍ଟାଇଲିସ୍ ଦେଖାଯିବା ନିଶାରେ ଅଧିକ ଭାରି ଫ୍ରେମ୍ ଥିବା ଚଷମା ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ଏହା ନାକ ଏବଂ କାନ ଉପରେ ଚାପ ପକାଉଥିବାରୁ ପରବର୍ତ୍ତୀ ସମୟରେ ଯନ୍ତ୍ରଣା ସୃଷ୍ଟି କରିଥାଏ।



⏭ ଚଷମା ଗ୍ଲାସ୍‌ରେ ବିଭିନ୍ନ ପ୍ରକାରର କୋଟିଂ ଆସୁଛି। ଏହାକୁ ମନଇଚ୍ଛା ନ କିଣି ଡାକ୍ତରଙ୍କ ପରାମର୍ଶକ୍ରମେ କିଣନ୍ତୁ। ଯେପରି ଅଧିକ ସମୟ କମ୍ପ୍ୟୁଟରରେ କାମ କରିବାକୁ ହେଉଥିଲେ ଏହାର ହାନିକାରକ ଲାଇଟ୍‌ରୁ ସୁରକ୍ଷା ପାଇଁ ଆଣ୍ଟିଗ୍ଲେୟାର୍ କୋଟିଂଯୁକ୍ତ ଲେନ୍ସ, ବାରମ୍ବାର ବାହାରକୁ ଯିବାକୁ ହେଉଥିଲେ ସୂର୍ଯ୍ୟ କିରଣରେ ଆସୁଥିବା ଅଲ୍ଟ୍ରାଭାଓଲେଟ୍ ଲାଇଟ୍‌ରୁ ସୁରକ୍ଷା ପାଇଁ ଫୋଟୋକ୍ରୋମିକ୍ ଲେନ୍ସ ବ୍ୟବହାର କରିପାରିବେ।

⏭ ଗ୍ଲାସ୍ ଲେନ୍ସ ଥିବା ଚଷମାର ଓଜନ ଅଧିକ ହେବା ସହ ସ୍କ୍ରାଚ୍ ହେବା ଓ ପଡ଼ିଗଲେ ଶୀଘ୍ର ଭାଙ୍ଗିଯିବାର ଆଶଙ୍କା ଥାଏ। ସେହିପରି ପ୍ଲାଷ୍ଟିକ୍ ଲେନ୍ସ ହାଲୁକା ହୋଇଥିଲେ ହେଁ ଶୀଘ୍ର ସ୍କ୍ରାଚ୍ ହୋଇଥାଏ। ତେଣୁ ଏହା ବଦଳରେ ରେଜିନ୍ ଲେନ୍ସ କିମ୍ବା ଟ୍ରିପ୍ଲେକ୍ସ ଲେନ୍ସ ବ୍ୟବହାର କରନ୍ତୁ, ଯାହାକି ହାଲୁକା ଲାଗିବା ସହ ପଡ଼ିଗଲେ ସହଜରେ ଭାଙ୍ଗି ନ ଥାଏ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୦/୨୦୨୪ Bhubaneswar, Sunday, October 20/ 2024

# ନ୍ୟୁଜିଲାଣ୍ଡକୁ ଆବଶ୍ୟକ ୧୦୭ ରନ୍

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

### ■ ସର୍ଫରାଜଙ୍କ ପ୍ରଥମ ଶତକ





ଶତକ ହାସଲ ପରେ ସର୍ଫରାଜ ଖାଁ। ଶଟ୍ ଖେଳୁଛନ୍ତି ଋଷଭ ପନ୍ତ।

ବେଙ୍ଗାଲୁରୁ, ୧୯।୧୦(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟର ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସମ୍ମୁଖରେ ମାତ୍ର ୧୦୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଚତୁର୍ଥ ଦିନରେ ସର୍ଫରାଜ ଖାଁ ୧୫୦ ଓ ଋଷଭ ପନ୍ତ ୯୯ ରନ୍ କରିବାରୁ ଭାରତ ୧୦୬ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଅନ୍ତିମ ଦିନରେ ନ୍ୟୁଜିଲାଣ୍ଡକୁ ବିଜୟ ପାଇଁ ୧୦୭ ରନ୍‌ର ଆବଶ୍ୟକତା ଥିବା ବେଳେ ଭାରତକୁ ୧୦ ଉଇକେଟ ଆବଶ୍ୟକ। ଉଲ୍ଲେଖଯୋଗ୍ୟ ଯେ, ଚତୁର୍ଥ ଇନିଂସରେ ୧୦୭ ରନ୍ ଲକ୍ଷ୍ୟ ଡିଫେଣ୍ଡ କରିବାର ରେକର୍ଡ ମଧ୍ୟ ଭାରତ ନାମରେ ରହିଛି। ଭାରତ ପ୍ରଥମ ଇନିଂସରେ ମାତ୍ର ୪୬ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୪୦୨ ରନ୍ ସ୍କୋର କରିଥିଲା। ୩୫୬ ରନ୍‌ରେ ପଛୁଆ ଥିବା ଭାରତ ୪୬୨ ରନ୍ କରିବା ସହ ୧୦୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି।

ତୃତୀୟ ଦିନର ଅସମାପ୍ତ ସ୍କୋର ୨୩୧/୩ରୁ ଖେଳ ଆରମ୍ଭ କରିଥିଲା ଭାରତ। ପୂର୍ବ ଦିନର ଅପରାଜିତ ବ୍ୟାଟର ସର୍ଫରାଜଙ୍କ ସହ କ୍ରିଜ୍‌ରେ ଯୋଗଦେଇଥିଲେ ଋଷଭ ପନ୍ତ। ଉଭୟ ସକାରାତ୍ମକ କ୍ରିକେଟ ଖେଳିବା ସହ ଚତୁର୍ଥ ଉଇକେଟରେ ଯୋଡ଼ିଥିଲେ ୧୭୭ ରନ୍। ସର୍ଫରାଜ ଚମତ୍କାର ବ୍ୟାଟିଂ କରି ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ସେ ୧୯୫ ବଲ୍ ଖେଳି ୧୮ ଚୌକା ଓ ୩ ଛକା ସହ ୧୫୦ ରନ୍ କରି ଚତୁର୍ଥ ଖେଳାଳି ଭାବରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ଋଷଭ ପନ୍ତ କାଉଣ୍ଟର ଆଟାକ କରି ୯୯ ରନ୍ କରିଥିଲେ। ଦ୍ୱିତୀୟ ଦିନର ଖେଳ ସମୟରେ ଆଣ୍ଠୁରେ ଆଘାତ ଲାଗିଥିଲେ ମଧ୍ୟ ବ୍ୟାଟିଂ କରିବାକୁ ଆସି ନ୍ୟୁଜିଲାଣ୍ଡ ବୋଲରଙ୍କୁ ପଡ଼ିଆର ଚତୁର୍ଦ୍ଦିଗକୁ ମାରିଥିଲେ। ୧୦୫ ବଲ୍ ଖେଳି ୯ ଚୌକା ଓ ୫ ଛକା ସହ ସେ ୯୯ ରନ୍ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ସର୍ଫରାଜ ଓ ପନ୍ତ ଆଉଟ ହେବା ପରେ ଭାରତୀୟ ଇନିଂସ ତାସ ପତା ପରି ଭୁଶୁଡି ପଡିଥିଲା। ଏକଦା ୪୦୮/୩ ଥିବା ଭାରତୀୟ ଦଳ ଏହାର ଅନ୍ତିମ ୭ ଉଇକେଟ ମାତ୍ର ୫୪ ରନ୍‌ରେ ହରାଇଥିଲା। ପୁରୁଣା ବଲରେ ଭାରତୀୟ ବ୍ୟାଟର ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ନୂଆ ବଲ୍ ନେବା ପରେ ନ୍ୟୁଜିଲାଣ୍ଡ ବୋଲର ଚମତ୍କାର ପ୍ରଦର୍ଶନ କରିଥିଲେ। ଟିମ୍ ସାଉଦି ସର୍ଫରାଜଙ୍କୁ ଆଉଟ କରିବା ପରେ ଜଣକ ପରେ ଜଣେ ଭାରତୀୟ ବ୍ୟାଟର ପ୍ୟାଭିଲିୟନ ଫେରିଥିଲେ। ଲୋକେଶ ରାହୁଲ ୧୨, ରବୀନ୍ଦ୍ର ଜାଡେଜା ୫, ରବିଚନ୍ଦ୍ରନ ଅଶ୍ୱିନ ୧୫, କୁଲଦୀପ ଯାଦବ ୬ ରନ୍ କରିଥିବା ବେଳେ ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଖାତା ଖୋଲିପାରି ନ ଥିଲେ। ଅନ୍ୟପକ୍ଷରେ ଚତୁର୍ଥ ଦିନରେ ଭାରତୀୟ ଇନିଂସର ପତନ ଘଟିଥିବା ସମସ୍ତ ୭ ଉଇକେଟ ପେସ୍ ବୋଲରଙ୍କ ଖାତାକୁ ଯାଇଥିଲା। ୱିଲିୟମ ଓରୁର୍କେ ଓ ମ୍ୟାଟ୍ ହେନରୀ ୩ଟି ଲେଖାଏ ଏବଂ ଟିମ୍ ସାଉଦି ୧ ଉଇକେଟ ନେଇଥିଲେ। ପୂର୍ବରୁ ତୃତୀୟ ଦିନରେ ଏଜାଜ ପଟେଲ ୨ ଓ ଗ୍ଲେନ୍ ଫିଲିପ୍ସ ୧ ଉଇକେଟ ନେଇଥିଲେ।

ନ୍ୟୁଜିଲାଣ୍ଡ ଏହି ଦ୍ୱିତୀୟ ଇନିଂସ ଖେଳ ଆରମ୍ଭ କରିଥିବା ବେଳେ ମାତ୍ର ୪ ବଲ୍‌ର ଖେଳ ସମ୍ଭବ ହୋଇଥିଲା। ୪ ବଲ୍ ପରେ ଖରାପ ଆଲୋକ କାରଣରୁ ମ୍ୟାଚ୍‌କୁ ରୋକା ଯାଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ନ୍ୟୁଜିଲାଣ୍ଡ କୌଣସି ରନ୍ ସ୍କୋର କରି ନାହିଁ। ଅନ୍ୟପକ୍ଷରେ ଅନ୍ତିମ ଦିନ ବର୍ଷାର ସମ୍ଭାବନା ରହିଥିବା ବେଳେ ମ୍ୟାଚ୍ ବର୍ତ୍ତମାନ ରୋଚକ ସ୍ଥିତିରେ ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ-୪୬/୧୦। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-୪୦୨/୧୦। ଭାରତ ଦ୍ୱିତୀୟ ଇନିଂସ ୯୯.୩ ଓଭରରେ ୪୬୨/୧୦ (ସର୍ଫରାଜ ଖାଁ-୧୫୦, ଋଷଭ ପନ୍ତ-୯୯, ବିରାଟ କୋହଲି-୭୦, ୱିଲିୟମ ଓରୁରକେ-୩/୯୨, ମ୍ୟାଟ ହେନରୀ-୩/୧୦୨, ଏଜାଜ ପଟେଲ-୨/୧୦୦)।

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ-ଦକ୍ଷିଣ ଆଫ୍ରିକା

## ମହିଳା ଟି୨୦ ବିଶ୍ୱକପ




ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ୍ ପୂର୍ବରୁ ଟ୍ରଫି ସହ ଉଭୟ ଦଳର ଅଧିନାୟିକା।

ଦୁବାଇ, ୧୯।୧୦(ପି.ଟି.)

ଆଇସିସି ମହିଳା ଟି୨୦ ବିଶ୍ୱକପ ଫାଇନାଲ ରବିବାର ଖେଳାଯିବ। ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଉଭୟ ଦଳ ପ୍ରଥମ ଟାଇଟଲ ଲକ୍ଷ୍ୟରେ ରହିଛନ୍ତି। ଗତ ସଂସ୍କରଣର ରନରଅପ୍ ରହିଥିବା ଦକ୍ଷିଣ ଆଫ୍ରିକା କ୍ରମାଗତ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ତୃତୀୟ ଥର ଫାଇନାଲରେ ପ୍ରବେଶ କରିଛି। ୨୦୦୯ ଓ ୨୦୧୦ରେ ରନରଅପ୍ ରହିଥିବା ନ୍ୟୁଜିଲାଣ୍ଡ ୧୦ ମ୍ୟାଚ୍‌ରେ କ୍ରମାଗତ ପରାଜୟ ସହ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲା। ତେବେ ପ୍ରଭାବୀ ପ୍ରଦର୍ଶନ କରିବା ସହ ଏହା ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ଦଳ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚଳିତ ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଛି। ଦଳ ଉଭୟ ବ୍ୟାଟ ଓ ବଲ୍ ଜରିଆରେ ସନ୍ତୁଳିତ ପ୍ରଦର୍ଶନ ଦେବାରେ ସମର୍ଥ ହୋଇଛି। ସେମି ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ସହ ଦକ୍ଷିଣ ଆଫ୍ରିକାର ମନୋବଳ ବେଶ୍ ଉଚ୍ଚରେ ରହିଛି।




# ଏଚ୍ଆଇଏଲ୍ ବିଶ୍ୱର ଶ୍ରେଷ୍ଠ ଲିଗ୍: ଦିଲୀପ




ଟିମ୍ ଗୋନାସିକାର ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା। (ଫଟୋ: ବିକାଶ ନାୟକ)

### ■ ଟିମ୍ ଗୋନାସିକା ଲୋଗୋ ଉନ୍ମୋଚିତ
### ■ ବୈତରଣୀର ଉତ୍ପତ୍ତିସ୍ଥଳକୁ ଗୁରୁତ୍ୱ: ତାରିଣୀ ପ୍ରସାଦ

ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)

ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)। ୨୦୧୭ ପରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ହକିର ଏହି ଚର୍ଚ୍ଚିତ ପ୍ରତିଯୋଗିତା। ଏହା ଡିସେମ୍ବର ୨୮ରେ ଆରମ୍ଭ ହୋଇ ଫେବୃଆରୀ ୧ରେ ଶେଷ ହେବ। ଏଥର ପୁରୁଷ ଲିଗ୍ ସହିତ ପ୍ରଥମଥର ପାଇଁ ମହିଳା ହକି ଲିଗ୍ ଯୋଡ଼ି ହୋଇଛି। ସବୁଠାରୁ ଖୁସିର କଥା ହେଲା ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶାରୁ ଦଳ ଅଂଶଗ୍ରହଣ କରୁଛନ୍ତି। ପୁରୁଷ ଲିଗ୍‌ରେ ୨ଟି ଦଳରେ ଓଡ଼ିଶା ଛାପ ରହିଛି। ବେଦାନ୍ତ ମାଲିକାନାରେ ଓଡ଼ିଶା ଲାନ୍ସର୍ସ ଆଗାମୀ ଲିଗ୍‌ରେ ଖେଳିବାକୁ ଯାଉଥିବାବେଳେ ବିଶାଖାପାଟଣା ଭିତ୍ତିକ ହୋଇଥିଲେ ହେଁ ଓଡ଼ିଶା ମାଲିକଙ୍କ ଅଧୀନରେ ଟିମ୍ ଗୋନାସିକା ଦ୍ୱିତୀୟ ଦଳଭାବେ ଏଥର ଏଚ୍ଆଇଏଲ୍‌ରେ ପଦାର୍ପଣ କରିବାକୁ ଯାଉଛି। ଶନିବାର ଦଳର ମାଲିକ ତାରିଣୀ ପ୍ରସାଦ ମହାନ୍ତି, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଅର୍ଜୁନ ପୁରସ୍କାର ବିଜେତା ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ଜଗବୀର ସିଂ ଓ ହକି କିମ୍ବଦନ୍ତୀ ଏମ.ଏମ. ସୋମୟାଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଟିମ୍ ଗୋନାସିକାର ଲୋଗୋ ଉନ୍ମୋଚନ ସହ ଦଳ ଘୋଷଣା ହୋଇଛି। ଜଗବୀର ସିଂ କୋଚ୍ ଏବଂ ସୋମୟା ଦଳର ମେଣ୍ଟର ନିଯୁକ୍ତ ହୋଇଛନ୍ତି। "କେନ୍ଦୁଝରର ଯୋଡ଼ାରେ ଆମ ଘର। ଗୋନାସିକା ଏକ ତୀର୍ଥସ୍ଥାନ ଏବଂ ପର୍ଯ୍ୟଟନସ୍ଥଳୀ। ଏହା ହେଉଛି ପବିତ୍ର ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ। ତେଣୁ ଏହାକୁ ଗୁରୁତ୍ୱ ଦେବାକୁ ଯାଇ ମୁଁ ଦଳର ନାମ ଗୋନାସିକା ରଖିବାକୁ ନିଷ୍ପତ୍ତି ନେଲି" ବୋଲି ତାରିଣୀ ପ୍ରସାଦ ପ୍ରକାଶ କରିଛନ୍ତି। ମାଇନିଂ ଲିଡରରୁ ହକି ଲଭର ପାଲଟି ଯାଇଥିବା ତାରିଣୀ ମହାନ୍ତି ଆଗାମୀ ଦିନରେ ହକି ସହିତ ଯୋଡ଼ିହୋଇ ରହିବା ସହ ଏହାର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ଲୋଗୋ ଉନ୍ମୋଚନ ଅବସରରେ କହିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏଚ୍ଆଇଏଲ୍‌କୁ ବିଶ୍ୱର ଶ୍ରେଷ୍ଠ ଲିଗ୍‌ର ମାନ୍ୟତା ଦେଇଛନ୍ତି। "ବିଶ୍ୱର ସବୁ ଦଳର ଖେଳାଳି ଏବେ ଏଚ୍ଆଇଏଲ୍‌ରେ ଭାଗନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଆଗାମୀ ସଂସ୍କରଣରେ ଦେଶର ଶ୍ରେଷ୍ଠ ଏବଂ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ସମେତ ବିଶ୍ୱର ଅନେକ ନାମୀ ତାରକା ସାମିଲ ହୋଇଛନ୍ତି। ବିଶେଷ କରି ହକିର ବିକାଶ ପାଇଁ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଏବଂ କର୍ପୋରେଟ ସଂସ୍ଥା ଆଗେଇ ଆସିବା ନିଶ୍ଚିତ ଶୁଭ ସଙ୍କେତ। ଏଚ୍ଆଇଏଲ୍ ଆୟୋଜନ ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ୱିଣ୍ଡୋ ପ୍ରଦାନ କରିଛି। ଏହା ବିଶ୍ୱର ଶ୍ରେଷ୍ଠ ହକି ଲିଗ୍‌ରେ ପରିଣତ ହୋଇଛି" ବୋଲି ଦିଲୀପ ପ୍ରକାଶ କରିଛନ୍ତି। କ୍ରେଗ୍ ଫୁଲଟନ କୋଚ୍ ଦାୟିତ୍ୱ ନେବାପରେ ଭାରତୀୟ ପୁରୁଷ ହକି ଦଳ ଠିକ୍ ପଥରେ ଅଗ୍ରସର ହୋଇଛି। ଆମେ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବଜାୟ ରଖିଛୁ ଏବଂ ଦୀର୍ଘ ୫୨ ବର୍ଷ ବ୍ୟବଧାନରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ସକ୍ଷମ ହୋଇଛୁ ବୋଲି ସେ କହିଛନ୍ତି।

ମ୍ୟାନେଜର ଏବଂ କୋଚ୍ ଜଗବୀର ସିଂ ଗୋନାସିକା ଦଳର ଟିମ୍ କମ୍ବିନେଶନକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ନିଲାମ ସମୟରେ ଚାହିଁବା ମୁତାବକ ସବୁ ଖେଳାଳି ମିଳି ନ ଥାନ୍ତି। ମାତ୍ର ମିଳିଥିବା ଖେଳାଳିଙ୍କୁ ନେଇ ମୁଁ ସନ୍ତୁଷ୍ଟ ଏବଂ ଆମେ ଆଗାମୀ ଲିଗ୍‌ରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଆଶା ରଖିଛୁ। ଦଳରେ ତାରକା ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ମନପ୍ରୀତ ସିଂ ଓ ବେଲଜିୟମର ଅଭିଜ୍ଞ ଖେଳାଳି ଟମ୍ ବୁନ୍ ରହିଛନ୍ତି। ତେଣୁ ଆମେ ପରିସ୍ଥିତି ଅନୁସାରେ ବିଭିନ୍ନ ମ୍ୟାଚ ପାଇଁ ଅଧିନାୟକ ବାଛିବୁ ବୋଲି ଜଗବୀର କହିଛନ୍ତି। ଏଥିସହ ଆଗାମୀ ଲିଗ୍‌ରେ ସେ ଗୋନାସିକା ଦଳର ଦୁଇ ଅଧିନାୟକ ସପକ୍ଷରେ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଇଂଲଣ୍ଡର ପଲ୍ ରେଭିଙ୍ଗଟନ ଟିମ୍ ଗୋନାସିକା ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଜଗବୀର ମ୍ୟାନେଜର ଏବଂ ଅନ୍ୟତମ କୋଚ୍ ଦାୟିତ୍ୱ ନିର୍ବାହ କରିବେ।

### ନିଲାମରେ କିଣାଯାଇଥିବା ଖେଳାଳି

| ଖେଳାଳି | ମୂଲ୍ୟ(ଲକ୍ଷରେ) |
|---|---|
| ମନପ୍ରୀତ ସିଂ | ୪୨.୦୦ |
| ଅରାଇଜିତ ସିଂ ହୁଣ୍ଡାଲ | ୪୨.୦୦ |
| ଅମିର ଅଲୀ | ୩୪.୦୦ |
| ଟମ୍ ବୁନ୍ (ବେଲଜିୟମ) | ୨୬.୦୦ |
| ମନଦୀପ ସିଂ | ୨୫.୦୦ |
| ସୁରଜ କରକେରା | ୨୨.୦୦ |
| ଜେରନ ହର୍ଜବର୍ଜର (ନେଦରଲାଣ୍ଡ) | ୨୧.୦୦ |
| ଟିମୋଥି ହୋୱାର୍ଡ (ଅଷ୍ଟ୍ରେଲିଆ) | ୨୦.୦୦ |
| ବିଷ୍ଣୁକାନ୍ତ ସିଂ | ୨୦.୦୦ |
| ନିଲମ ସଞ୍ଜୀପ ଖେସ୍ | ୧୭.୦୦ |
| ଓଲିଭର ପେନି (ଗ୍ରେଟ୍ ବ୍ରିଟେନ) | ୧୫.୦୦ |
| ନିକ୍କିନ ଥିମ୍ମାୟା ଚେଣ୍ଡାଣ୍ଡା | ୧୩.୦୦ |
| ଉଥପ୍ପା କୁଶଲାପ୍ପା ସନ୍ନଭନ୍ଦା | ୧୩.୦୦ |
| ଯୋଗେମ୍ବର ରାୱତ | ୧୧.୦୦ |
| ବୀରେନ୍ଦ୍ର ଲାକ୍ରା | ୧୦.୦୦ |
| ଲୀ ମୋର୍ଟନ (ସ୍କଟଲାଣ୍ଡ) | ୧୦.୦୦ |
| ଜ୍ୟାକ ୱାଲର (ଗ୍ରେଟ ବ୍ରିଟେନ) | ୧୦.୦୦ |
| ସୁନୀଲ ସୋମରପେଟ | ୧୦.୦୦ |
| ଅନମୋଲ ଏକ୍କା | ୯.୨୦ |
| ଯଶଦୀପ ସିୱାଚ | ୯.୦୦ |
| ମୁସ୍ତାଫା କାସିମ (ଦକ୍ଷିଣ ଆଫ୍ରିକା) | ୭.୨୦ |
| ଦୀପସାନ ତିର୍କୀ | ୬.୬୦ |
| ଜ୍ୟାକବ ଡ୍ରାପର (ଗ୍ରେଟ ବ୍ରିଟେନ) | ୫.୦୦ |
| କମଲବୀର ସିଂ | ୨.୦୦ |




Take home your favorite Kia this festive season and experience cutting edge technology fused with inspirational design on wheels. Add to that unmatched privileges and benefits, and you'd find it hard to resist. So, walk into the nearest dealership today.

Exclusive ownership benefits

Exchange & Loyalty Benefits* up to ₹60 000 (On Seltos) | Extended Warranty** up to 5 years (On Seltos and Carens) | Additional Benefits^ up to ₹60 000 (On Seltos, Sonet and Carens)

Hassle-free exchange services: New car with old EMI#-packaged exchange deal on your new car | Car evaluation at your convenience | Best price for your old car | Hassle-free transfer of ownership | Complete assurance of your car going into the right hands

Additional benefits for select corporates (consumer, accessory, extended warranty and maintenance package benefits).
Kia cars are now available through Canteen Stores Department (CSD) & Kendriya Police Kalyan Bhandar (KPKB).

For more information, visit our dealership or contact:
1800 108 5000 | 093195 91407 | www.kia.com/in | Book Kia | kiacare@kiaindia.net | Look for "Kia India" @

Terms & condition apply. ~Source : 2024 CEI Survey by FADA in Collaboration with Frost & Sullivan. *Exchange and loyalty benefits is a split of ₹40 000 exchange benefit and loyalty benefit up to ₹20 000 for existing Kia customers. **Limited period offer. Applicable on all trims of Seltos and select trims of Carens. 3 years standard warranty and 2 years extended warranty. ^Additional benefit amount is for highest variant and same may vary from model to model. #Depending on the old car age & quality, old car price to be considered as down payment. Balance will be converted into EMI for full tenure, combined with finance & insurance benefits. The product shown is for representation purposes only. Actual features, colors, and specifications may not be part of standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. These are meant to keep you safe on the roads. Visit your nearest Kia dealership for more details. Kia urges you to follow traffic rules.

**Central Kia :** Pahal, Bhubaneswar, Tel: 7440002919 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Gugnani Kia:** DLF Cyber City, Infocity Road, Patia, Bhubaneswar,Tel: 9777064777, 9124401544 **Central Kia :** Near Srusti Hospital, Ring Road, Mangalabag, Cuttack -753001, Tel: 9237304769 **Trupti Kia:** Keonjhar, Tel: 7064414005

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ